RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-95 ◆MONDAY ◆28 SEPTEMBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୯୫ ◆ସୋମବାର ◆୨୮ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ମନ୍‌ଷ୍ଟର୍: ସୁଟିଂ ପୂର୍ବରୁ ୧୦୦ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...

ହୀରାକୁଦ ଖୋଲିଲା ୨୮ ଫାଟକ

ମହାନଦୀରେ ବନ୍ୟା

ଆଜି ମୁଣ୍ଡଳୀ ଛୁଇଁବ ୮ ଲକ୍ଷ କ୍ୟୁସେକ୍ ଜଳ

■ ଭୁବନେଶ୍ୱର/ସମ୍ବଲପୁର, ୨୭।୯ (ସମିସ): ବୈତରଣୀ ଓ ସାଳନ୍ଦୀ ନଦୀରେ ବନ୍ୟା ଯୋଗୁଁ ଭଦ୍ରକ, ଯାଜପୁର ଜିଲ୍ଲା ପ୍ରଭାବିତ ହୋଇଥିବାବେଳେ ଏବେ ମହାନଦୀରେ ଆସୁଛି ଆଉ ବନ୍ୟା। ଅବବାହିକାରେ ପ୍ରବଳ ବର୍ଷା ଯୋଗୁଁ ମହାନଦୀରେ ଜଳସ୍ତର ବଢ଼ିଛି।

ମହାନଦୀ ତଳିମୁଣ୍ଡରେ ବନ୍ୟା ପରିସ୍ଥିତି ଦେଖାଦେଇପାରେ। ଯାହାକୁ ନେଇ ଡ୍ୟାମ କର୍ତ୍ତୃପକ୍ଷ ସତର୍କ କରିଛନ୍ତି। ୨୮ଟି ଗେଟ୍ ଦେଇ ବନ୍ୟାପାଣି ନିଷ୍କାସିତ ହେଉଥିବା ନେଇ ସୂଚନା ଜାରି କରିଛନ୍ତି। ଉପର ମୁଣ୍ଡରୁ ବନ୍ୟାପାଣି ଅଧିକ ଆସୁଥିବାରୁ ହୀରାକୁଦ ଡ୍ୟାମ୍‌ର ଜଳସ୍ତର ବୃଦ୍ଧି ପାଉଛି। ଏହାକୁ ନଜରରେ ରଖି ଡ୍ୟାମ୍ କର୍ତ୍ତୃପକ୍ଷ ଆଜି ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ଖୋଲିଛନ୍ତି। ଏବେ ମୋଟ ୨୮ଟି ଗେଟ୍‌ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ସନ୍ଧ୍ୟା ସାଢେ ୬ଟାର ରିପୋର୍ଟ ଅନୁସାରେ ଏବେ ହୀରାକୁଦ ଜଳସ୍ତର ୬୨୮.୩୯ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୯ଟି ଏବଂ ଡାହାଣପାର୍ଶ୍ୱ ୦୯ଟି ଏହିପରି ମୋଟ୍ ୨୮ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫,୨୨,୯୯୨ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ସ୍ପିଲୱେ ଦେଇ ୪,୫୬,୮୭୬ କ୍ୟୁସେକ୍ ଜଳ

ପ୍ରବାହିତ ହେଉଛି। ରବିବାର ରାତିରେ ମୁଣ୍ଡଳୀ ଦେଇ ପ୍ରାୟ ୭ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ। ସୋମବାର ସକାଳ ୯ଟା ବେଳକୁ ଏହା ବୃଦ୍ଧି ପାଇ ୮ ଲକ୍ଷ କ୍ୟୁସେକରେ ପହଞ୍ଚିବ। ଫଳରେ ମହାନଦୀ ଅବବାହିକାର ୪ ଜିଲ୍ଲାର ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିବା ଆଶଙ୍କା ରହିଛି।

ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସୂଚନା ଅନୁସାରେ ମହାନଦୀର ଶାଖା ଲୁଣା, କେରାଣ୍ଡିଆ, ଚିତ୍ରୋତ୍ପଳା, ଦୟା, ଭାର୍ଗବୀ, କାଠଯୋଡ଼ି, କୁଆଖାଇ, ଦେବୀ, କୁଶଭଦ୍ରା, ରାଜୁଆ, ମକରା ଆଦି ନଦୀ ଗୁଡ଼ିକରେ ସୋମବାର ସକାଳ ପରଠାରୁ ବନ୍ୟା ଜଳ ବଢ଼ିବ। ଏହାଦ୍ୱାରା କଟକ ଜିଲ୍ଲାର ବଡ଼ମ୍ବା, ବାଙ୍କୀ, ଆଠଗଡ଼, ପୁରୀ ଜିଲ୍ଲାର କଣାସ, ନିମାପଡ଼ା ଓ ଗୋପ, ଜଗତସିଂହପୁରର ଏରସମା, ବାଲିକୁଦା ଏବଂ କେନ୍ଦ୍ରାପଡାର ପାଟକୁରାର ତଳିଆ ଅଞ୍ଚଳରେ ବନ୍ୟା ପାଣି ପସିବ। ଏହି ବନ୍ୟା ସ୍ଥିତି ଅନ୍ୟୁନ୨୪ ଘଣ୍ଟା ଧରି ବଳବତ୍ତର ରହିବ। ମୁଣ୍ଡଳୀ ଦେଇ ▶ପୃଷ୍ଠା-୭

ଖଣି ଆଇନ ସଂଶୋଧନକୁ ବିରୋଧ

ଆଜି ବିଜେଡିର ମହାବିକ୍ଷୋଭ

■ ଭୁବନେଶ୍ୱର, ୨୭।୯ (ସମିସ): ରାଜ୍ୟର ହିତ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୋଧୀ ସଂଶୋଧିତ ଖଣି ଆଇନ ପ୍ରତ୍ୟାହାର ଦାବିରେ ଆସନ୍ତାକାଲି ରାଜଧାନୀ ଭୁବନେଶ୍ୱରରେ ବିକ୍ଷୋଭ ସହ ବିଧାନସଭା ଘେରାଉ କରିବ ବିଜେଡି। ଏହି ବିଶାଳ ବିକ୍ଷୋଭରେ ଦଳର ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଯୋଗ ଦେବେ। ଏହି ବିକ୍ଷୋଭରେ ଦଳର ସବୁ ବରିଷ୍ଠ ନେତାଙ୍କ ସହ ସାଂସଦ, ବିଧାୟକମାନେ ମଧ୍ୟ ଉପସ୍ଥିତ ରହିବେ।

କାର୍ଯ୍ୟକ୍ରମରେ ସାମିଲ ହେବେ ନବୀନ ପଟ୍ଟନାୟକ

ଖଣି ଓ ଖଣିଜ ସାମଗ୍ରୀ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ବିବାଦୀୟ ଏମ୍‌ଏମ୍‌ଡ଼ିଆର୍ ସଂଶୋଧନ ଆଇନରେ ରାଜ୍ୟର ଅଧିକାରକୁ କ୍ଷୁର୍ଣ୍ଣ କରିବା ଓ ରାଜ୍ୟ ପାଇବାକୁ ଥିବା ଟିକସକୁ ଖଣି ମାଲିକଙ୍କୁ ଉପହାର ଦେବା ପ୍ରତିବାଦରେ ବିଜେଡି ପକ୍ଷରୁ ଏହି ଆନ୍ଦୋଳନ କରାଯାଉଛି । ୨୦୨୪ ମସିହା ଜୁଲାଇ ୨୫ରେ ଖଣି ଓ ଖଣିଜ ଜମି ଉପରେ ରାଜ୍ୟମାନେ ଟିକସ ଓ ଲେଭି ଲଗାଇ ପାରିବେ ଓ ୨୦୦୫ ମସିହାରୁ ଏହାର ବକେୟା ଆଦାୟ କରି ପାରିବେ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ଓଡ଼ିଶା ବକେୟା ବାବଦକୁ ଏକ ଲକ୍ଷ କୋଟି ଓ ବର୍ଦ୍ଧିତ ରାଜସ୍ୱ ବାବଦକୁ ୧୨,୦୦୦ କୋଟି ଟଙ୍କା ପାଇବାର ▶ପୃଷ୍ଠା-୭

ଆଜିଠୁ ତିନି ଦିନ ବ୍ୟାଙ୍କ ଧର୍ମଘଟ

■ ଭୁବନେଶ୍ୱର, ୨୭।୯ (ଏଜେନ୍ସି): ସୋମବାଠାରୁ ବୁଧବାର ପର୍ଯ୍ୟନ୍ତ ସାରା ଦେଶରେ ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ। କାରଣ ବ୍ୟାଙ୍କ କର୍ମଚାରୀମାନେ ଚଳିତ ମାସ ୨୮ରୁ ୩୦ ତାରିଖ ତିନି ଦିନ ଧରି ଧର୍ମଘଟ କରିବାକୁ ଯାଉଛନ୍ତି। ସପ୍ତାହରେ ୫ ଦିନ କାର୍ଯ୍ୟ ଦିବସ ଦାବି କରି ବ୍ୟାଙ୍କ କର୍ମଚାରୀମାନେ ଧର୍ମଘଟ କରିବେ। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ସ (ୟୁଏଫ୍‌ବିୟୁ) ପକ୍ଷରୁ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ହେଲେ ରବିବାର ସାରା ଦେଶରେ ବ୍ୟାଙ୍କ ଖୋଲା ରହିଥିଲା। ଧର୍ମଘଟ ପୂର୍ବରୁ ଶନିବାର ଏବଂ ରବିବାର ଛୁଟି ପଡୁଥିବା ଯୋଗୁ ଗ୍ରାହକଙ୍କୁ ଯେପରି କୌଣସି ସମସ୍ୟା ଉପୁଜିବନାହିଁ, ସେଥିପାଇଁ ସରକାର ରବିବାର ବ୍ୟାଙ୍କ ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଲୋକେ ଆଜି ଟଙ୍କା ବଦଳାଇବା, ଜମା କରିବା ଏବଂ ଉଠାଇବା ଓ ଚେକ୍ ଜମା ପାଇଁ ଶାଖାଗୁଡିକରେ ଧାଡ଼ି ଲଗାଇଥିଲେ। ଦୀର୍ଘ ୧୦ ବର୍ଷ ପରେ ସାଧାରଣ ଲୋକଙ୍କ ପାଇଁ ରବିବାର ବ୍ୟାଙ୍କ ଖୋଲାଯାଇଥିଲା। ଏହାପୂର୍ବରୁ ଚଳିତମାସ ୧୧ରେ ବ୍ୟାଙ୍କ କର୍ମଚାରୀମାନେ ଉପରୋକ୍ତ ▶ପୃଷ୍ଠା-୭

ଭାଙ୍ଗିଲେ ଆଉ ଏକ ପ୍ରତିଶ୍ରୁତି

ଏ ବର୍ଷ ବି ହେବନି ଛାତ୍ର ସଂସଦ ନିର୍ବାଚନ

■ ଭୁବନେଶ୍ୱର, ୨୭।୯ (ସମିସ): ସରକାରକୁ ଆସିଲେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି । ମାତ୍ର ପ୍ରଥମ ଦୁଇବର୍ଷ ପରେ ତୃତୀୟ ବର୍ଷ ଅର୍ଥାତ୍ ଚଳିତ ବର୍ଷ ବି ଛାତ୍ରସଂସଦ ନିର୍ବାଚନ ହେବ ନାହିଁ । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କରେ ସ୍ୱଷ୍ଟ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ସମୟ ଅତିକ୍ରମ କରିଯାଇ ଥିବାରୁ ଏ ବର୍ଷ ଛାତ୍ରସଂସଦ ନିର୍ବାଚନ ନ ହେବା ଅପାତତଃ ନିଶ୍ଚିତ ବୋଲି କୁହାଯାଉଛି।

ସାଧାରଣତଃ ଦୁର୍ଗାପୂଜା ଛୁଟି ପୂର୍ବରୁ କ୍ୟାମ୍ପସ୍‌ରେ ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ଅକ୍ଟୋବର ୧୭ ତାରିଖ ଠାରୁ ପୂଜା ଛୁଟି ଆରମ୍ଭ ହେବ ଏଥିପାଇଁ ଆଉ ମାତ୍ର ୧୯ ଦିନ ବାକି ରହିଛି। ମାତ୍ର ଏଯାଏ ଛାତ୍ରସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ସାଧାରଣତଃ ବିଜ୍ଞପ୍ତି ପ୍ରକାଶର ୨ ଦିନ ପରେ ମତଦାତାଙ୍କ ସୂଚୀ ପ୍ରକାଶିତ ହୁଏ ଓ ଏ ସଂକ୍ରାନ୍ତରେ ଆପତ୍ତି ଅଭିଯୋଗ ପାଇଁ ୩ ଦିନ ସମୟ ଦିଆଯାଇଥାଏ। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ନାମାଙ୍କନ ପାଇଁ ୩ଦିନ ସମୟ ମିଳେ। ଏହାପରେ ପ୍ରାର୍ଥୀପତ୍ର ଯାଞ୍ଚ, ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରାଯାଏ। ନାମାଙ୍କନ ପ୍ରତ୍ୟାହାର କରିବାକୁ ଚାହୁଁଥିବା ପ୍ରାର୍ଥୀମାନେ ଏହାର ପରବର୍ତ୍ତୀ କାର୍ଯ୍ୟଦିବସରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପରେ ଚୁଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥାଏ। ପ୍ରଚାର କରିବା ପାଇଁ ପ୍ରାୟ ସପ୍ତାହେ ସମୟ ଦେବାର ନିୟମ ଥିବାରୁ ସମସ୍ତ ପ୍ରକ୍ରିୟା ପାଇଁ ଅତି କମ୍‌ରେ ୨୦ ରୁ ୨୨ ଦିନ ସମୟ ଆବଶ୍ୟକ। ମାତ୍ର ଏହି ପ୍ରକ୍ରିୟା ନିମନ୍ତେ ଆଉ ସମୟ ନ ନଥିବାରୁ ଚଳିତ ବର୍ଷ ବି ଛାତ୍ରସଂସଦ ନିର୍ବାଚନ ହେବ ନାହିଁ ବୋଲି ସୂଚନା ମିଳିଛି ।

ନିର୍ବାଚନ ପୂର୍ବରୁ ବିଜେପି ନେତାମାନେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସରକାର ଗଠନ ▶ପୃଷ୍ଠା-୭

ମାଫିଆଙ୍କୁ ଧରିବାକୁ କାର୍ ଛାତରେ ୪୦ କିମି ଝୁଲିଲେ ପୁଲିସ

କୋଏମ୍ବାଟୁର,୨୭।୯ (ଏଜେନ୍ସି): ତାମିଲନାଡୁର କୋଏମ୍ବାଟୁର ନିକଟରେ ନିଷିଦ୍ଧ ଗୁଟଖା ଓ ତମାଖୁ ଚାଲାଣ କରୁଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଗାଡ଼ି ଯାଞ୍ଚ ସମୟରେ ଏକ ଏସୟୁଭିର ଯାତ୍ରୀମାନେ ପୁଲିସ କର୍ମଚାରୀଙ୍କୁ ଠେଲି ଦେଇ ଖସି ପଳାଇବାକୁ ଚେଷ୍ଟା କରିଥିବା ଜଣାପଡ଼ିଛି। ଏହି ସମୟରେ ହେଡ୍ କନଷ୍ଟେବଳ ଭେଲମୁରୁଗନ ସାହସିକତା ଦେଖାଇ ଗାଡ଼ିର ଛାତ ଉପରକୁ ଡେଇଁ ପଡ଼ିଥିଲେ। ସେ ଛାତର ରେଲିଂକୁ ଧରି ପ୍ରାୟ ୪୦ କିଲୋମିଟର ପର୍ଯ୍ୟନ୍ତ ଝୁଲି ରହିଥିଲେ। ଦ୍ରୁତ ଗତିରେ ଅଭିଯୁକ୍ତମାନେ ପଳାଉଥିବା ବେଳେ ପୁଲିସ ଗାଡ଼ି ଓ ଆମ୍ବୁଲାନ୍ସରେ ସେମାନଙ୍କୁ ପଛରୁ ଗୋଡ଼ାଇଥିଲା। ଶେଷରେ ଏକ ହୋଟେଲ ନିକଟରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ

ଗାଡ଼ିଟିକୁ ଅଟକାଇବାରେ ସଫଳ ହୋଇଥିଲା। ଏହି ମାମଲାରେ ପୁଲିସ ରାଜସ୍ଥାନର ତିନି ଜଣ ଯୁବକଙ୍କୁ ଗିରଫ କରିଛି। ଏହାସହ ବେଙ୍ଗାଲୁରୁରୁ କୋଏମ୍ବାଟୁରକୁ ଚାଲାଣ ହେଉଥିବା ପ୍ରାୟ ୩୦୦ କିଲୋଗ୍ରାମ ନିଷିଦ୍ଧ ଗୁଟଖା ଜବତ କରିଛି।

ରାଇଫଲ୍‌ରେ କାର୍ କାଚ ଭାଙ୍ଗି ୫ ଜଣଙ୍କ ଜୀବନ ବଞ୍ଚାଇଲେ ପୁଲିସ ଦମ୍ପତି

ଲକ୍ଷ୍ନୌ,୨୭।୯ (ଏଜେନ୍ସି): ଉତ୍ତର ପ୍ରଦେଶର ଲକ୍ଷ୍ନୌ-ଆଗ୍ରା ଏକ୍ସପ୍ରେସୱେରେ ଏକ ଦୁର୍ଘଟଣାଗ୍ରସ୍ତ ଓଲଟି ପଡ଼ିଥିବା କାର୍‌ରୁ ୫ ଜଣ ଯାତ୍ରୀଙ୍କୁ ସାହସିକତାର ସହ ଉଦ୍ଧାର କରିଛନ୍ତି ଜଣେ ପୁଲିସ କନଷ୍ଟେବଳ ଦମ୍ପତି। ସୌରିଖରୁ କନୌଜ ଆଡ଼କୁ ଯାଉଥିବା ବେଳେ ଏକ୍ସପ୍ରେସୱେର ୧୭୧ କିଲୋମିଟର ବୁଲାଣି ନିକଟରେ କନଷ୍ଟେବଳ ଅମିତ ତିଓତିଆ ଏବଂ ପତ୍ନୀ ଅର୍ଚ୍ଚନା ସିଂହ ରାସ୍ତାକଡ଼ରେ ଏକ କାର୍ ଓଲଟି ପଡ଼ିଥିବା ଦେଖିବାକୁ ପାଇଥିଲେ। କାର୍ ଭିତରେ ଯାତ୍ରୀମାନେ ଫସି ରହି ଚିତ୍କାର କରୁଥିଲେ। ଚିତ୍କାର ଶୁଣି ଦମ୍ପତି ତୁରନ୍ତ ଗାଡ଼ି

ରଖିଥିଲେ। ପରିସ୍ଥିତିକୁ ଦେଖି ଅମିତ ତାଙ୍କର ସର୍ଭିସ୍ ରାଇଫଲ୍ ସାହାଯ୍ୟରେ କାର୍‌ର କାଚ ଭାଙ୍ଗିଥିଲେ। ଏହାପରେ ଜଣଙ୍କ ପରେ ଜଣେ ୫ ଜଣଙ୍କୁ ନିରାପଦରେ ବାହାରକୁ ଆଣିଥିଲେ। ଏହି ଦୁର୍ଘଟଣାରେ ଆହାତଙ୍କୁ ସୌରିଖସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଉଦ୍ଧାର କାର୍ଯ୍ୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୁଲିସ ଦମ୍ପତିଙ୍କ ସାହସିକତା, ଉପସ୍ଥିତ ବୁଦ୍ଧି ଏବଂ ତତ୍ପରତାକୁ ସର୍ବସାଧାରଣରେ ପ୍ରଶଂସା କରାଯାଉଛି।

ନିର୍ବାଚନ କମିସନଙ୍କ ସ୍ପଷ୍ଟୀକରଣକୁ ପ୍ରତ୍ୟାଖ୍ୟାନ କଲେ ବିରୋଧୀ

ସଫେଇ ଚଳିବନି; ଇସ୍ତଫା ଲୋଡ଼ା

ତୀବ୍ର ହେଉଛି ଜ୍ଞାନେଶ କୁମାରଙ୍କ ବିରୋଧରେ ଇସ୍ତଫା ଅଭିଯାନ

ନୂଆଦିଲ୍ଲୀ, ମୁମ୍ବାଇ, ଗୌହାଟୀ, ୨୭।୯ (ଏଜେନ୍ସି): ଏସଆଇଆରକୁ ନେଇ ବିବାଦରେ ଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଉପରେ ଇସ୍ତଫା ପାଇଁ ଚାପ ବଢ଼ିବାରେ ଲାଗିଛି। ତାଙ୍କ ବିରୋଧରେ ବ୍ୟାପୁଥିବା ଅସନ୍ତୋଷକୁ ଚାପିବା ଲାଗି ଗତକାଲି ନିର୍ବାଚନ କମିସନଙ୍କ ପକ୍ଷରୁ ଜାରି କରାଯାଇଥିବା ସ୍ପଷ୍ଟୀକରଣକୁ ବିରୋଧୀ ଦଳ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ସେମାନେ କହିଛନ୍ତି ଯେ ଏଭଳି ଲୋକଦେଖାଣିଆ ସ୍ପଷ୍ଟୀକରଣ ଚଳିବ ନାହିଁ। ଯେଉଁ ପ୍ରସଙ୍ଗକୁ ନେଇ ନିର୍ବାଚନ କମିସନରେ ମତଭେଦ ରହିଛି, ସେସଂପର୍କରେ କମିସନ କାହିଁକି ମୁହଁ ଖୋଲୁ ନାହାନ୍ତି। ଅଫିସ ଭିତରେ ବସି ବିବୃତି ଦେଲେ ଚଳିବ ନାହିଁ। ଯଦି କମିସନରେ ମତଭେଦ ନାହିଁ, ତାହାହେଲେ ତିନି ଜଣ କମିସନର ମିଳିତ ସାମ୍ବାଦିକ ସମ୍ମିଳନୀର ସମ୍ମୁଖୀନ ହୁଅନ୍ତୁ ବୋଲି କଂଗ୍ରେସ, ସପିମ୍ ଏବଂ କକ୍ରୋଚ୍ ପାର୍ଟି ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ କମିସନରେ ଏବେ ବି ମତଭେଦ ରହିଛି ଏବଂ ଏହାକୁ ଚାପିବା ଲାଗି ବାରମ୍ବାର ଲୋକଦେଖାଣି ଭାବେ ସଫେଇ ଦିଆଯାଉଛି। କିନ୍ତୁ ଅସଲ ପ୍ରଶ୍ନ ଉପରେ କୌଣସି ଜବାବ ଦିଆଯାଉ ନାହିଁ। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଟାର୍ଗେଟ୍ କରି ସେମାନେ କହିଛନ୍ତି ଯେ ଜ୍ଞାନେଶଙ୍କୁ ଇସ୍ତଫା ଦେବାକୁ ପଡ଼ିବ। ଗଣତନ୍ତ୍ରର ସୁରକ୍ଷା ପାଇଁ ଏହା ଜରୁରୀ।

ଇତିମଧ୍ୟରେ ଆସନ୍ତା ଅକଟୋବର ୨ ତାରିଖରୁ ଜ୍ଞାନେଶଙ୍କ ଇସ୍ତଫା ଦାବିରେ କକ୍ରୋଚ ଜନତା ପାର୍ଟି ଆନ୍ଦୋଳନ କରିବାକୁ ଯାଉଥିବା ବେଳେ ଏହାକୁ ନେଇ ପ୍ରତିବନ୍ଧକ ସୃଷ୍ଟି କରାଯାଇଥିବା ଅଭିଯୋଗ ହେଉଛି। ଏହି ଆନ୍ଦୋଳନ ମୁମ୍ବାଇରୁ ଆରମ୍ଭ ହେବାର ରହିଛି। ତେବେ ଏଥିପାଇଁ ମହାରାଷ୍ଟ୍ର ସରକାର ଅନୁମତି ଦେଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ପାର୍ଟିର ପ୍ରତିଷ୍ଠାତା ଅଭିଜିତ

କକ୍ରୋଚ୍‌କୁ ଅନୁମତି ଦେଉନି ମହାରାଷ୍ଟ୍ର ସରକାର
ଜେଲ୍‌ଭରୋ ଆନ୍ଦୋଳନ ପାଇଁ ଅଭିଜିତଙ୍କ ଧମକ
ଆସାମରେ ଶତାଧିକ କକ୍ରୋଚ୍ ପାର୍ଟି ସମର୍ଥକ ଅଟକ

ଦିପକେ। ସେ କହିଛନ୍ତି ଯେ ସରକାର ଏଥିପାଇଁ ଅନୁମତି ନଦେଲେ ତାଙ୍କ ପାର୍ଟି ପକ୍ଷରୁ ଜେଲଭେରୋ ଆନ୍ଦୋଳନ କରାଯିବ। ଏହି ଆନ୍ଦୋଳନରେ ଉଦ୍ଧବଙ୍କ ଶିବ ସେନା ଏବଂ ରାଜଠାକରେଙ୍କ ପାର୍ଟି ମଧ୍ୟ ସାମିଲ ହେବାକୁ ଘୋଷଣା କରିଥିଲା।

ସେପଟେ ଆସାମରେ କକ୍ରୋଚ୍ ଜନତା ପାର୍ଟି ଏବଂ ଶାସକ ବିଜେପି ସରକାରଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ରାଜ୍ୟରେ ସିଜେପି ନିଜର ପ୍ରଥମ ଆଞ୍ଚଳିକ ସ୍ୱେଚ୍ଛାସେବୀ ସମ୍ମିଳନୀ ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ଏହା ପୂର୍ବରୁ ଦଳର ସହ-ଆବାହକ ଆଶୁତୋଷ ରାଙ୍କାଙ୍କ ସମେତ ଏକାଧିକ ନେତା ଓ ସ୍ୱେଚ୍ଛାସେବୀଙ୍କୁ ରାଜ୍ୟ ପୁଲିସ ଅଟକ ରଖିଛି। ଗୌହାଟୀରେ ଏହି ବୈଠକ ଆୟୋଜିତ ହେବାର ଥିଲା। ସିଜେପି ନେତା ଓ ସ୍ୱେଚ୍ଛାସେବୀମାନେ ଏଥିରେ ଯୋଗଦେବାକୁ ଆସୁଥିବା ବେଳେ ଆସାମ ପୁଲିସ ସଭାସ୍ଥଳକୁ ଯାଉଥିବା ରାସ୍ତାକୁ ଉଭୟ ପାର୍ଶ୍ୱରୁ ବ୍ୟାରିକେଡ୍ ଲଗାଇ ବନ୍ଦ କରିଦେଇଥିଲା। ସଭାସ୍ଥଳକୁ ଯିବାକୁ ଚେଷ୍ଟା କରୁଥିବା ଲୋକଙ୍କୁ ପୁଲିସ ଅଟକ ରଖିଥିଲା। ଅଟକ ହେବା ପରେ ଆଶୁତୋଷ ରାଙ୍କା ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ସେଥିରେ ସେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ସିଜେପି ଏବଂ ରାଜ୍ୟର ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଭୟ କରୁଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସିଜେପି ଆସାମର ସ୍କୁଲଗୁଡ଼ିକର ଅବସ୍ଥା, କାଜିରଙ୍ଗାର ବାସ୍ତବତା ଏବଂ ମନୁଷ୍ୟକୃତ ବନ୍ୟା ସମ୍ପର୍କରେ ପ୍ରଶ୍ନ ଉଠାଇବାକୁ ଚେଷ୍ଟା କରିଛି। କେବଳ ସେଥିପାଇଁ ସେମାନଙ୍କୁ ଅଟକ ରଖାଯାଇଛି। ସିଜେପି ସଂସ୍ଥାପକ ଅଭିଜିତ୍ ଦୀପକେ ଏହି ଘଟଣାରେ ବିଜେପି ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଆସାମ ପୁଲିସ ଆଶୁତୋଷ ରାଙ୍କା ଏବଂ ତାଙ୍କ ଟିମ୍‌କୁ କୌଣସି ଅଜ୍ଞାତ ସ୍ଥାନକୁ ନେଇଯାଇଛି। ଦଳ ପକ୍ଷରୁ ଅଟକ ନେତା ଓ ସ୍ୱେଚ୍ଛାସେବୀମାନଙ୍କୁ ତୁରନ୍ତ ଖଲାସ କରିବାକୁ ଦାବି କରାଯାଇଛି।

ମହାଦେବ ବେଟିଂ ଅଭିଯୁକ୍ତକୁ ବିମାନବନ୍ଦରରେ ଧରିଲା ସିବିଆଇ

ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ବହୁକୋଟି ଟଙ୍କାର ମହାଦେବ ଅନଲାଇନ୍ ବେଟିଂ ଆପ୍ ମାମଲାରେ ସିବିଆଇ ଅଭିଷେକ କୁମାରଙ୍କୁ ଗିରଫ କରିଛି। ମହାଦେବ ବେଟିଂ ନେଟୱର୍କର ପ୍ରମୁଖ ଅଭିଯୁକ୍ତ କୁହାଯାଉଥିବା ଅଭିଷେକ ଗୁରୁବାର ଦୁବାଇରୁ ହାଇଦ୍ରାବାଦ ଫେରିବା ପରେ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ତାଙ୍କୁ ଧରିଥିଲା ସିବିଆଇ। ଅଭିଷେକ ମହାଦେବ ବୁକ୍ ଅଧୀନରେ ଚାଲୁଥିବା ଅନଲାଇନ୍ ବେଟିଂ ଓ ଜୁଆ କାରବାରରେ ସକ୍ରିୟ ଭୂମିକା ନେଇଥିଲେ। ସେ ବେଟିଂ ପ୍ୟାନେଲ୍‌ଗୁଡ଼ିକର ସମନ୍ୱୟ, ଟଙ୍କା ସଂଗ୍ରହ ଏବଂ ବେଆଇନ କାରବାରରୁ ମିଳିଥିବା ଅର୍ଥରେ ଦୁବାଇରେ ସ୍ଥାବର ସମ୍ପତ୍ତି କିଣିଥିବା ଅଭିଯୋଗ ରହିଛି। ଗିରଫ ପରେ

ବେଟିଂ ପ୍ୟାନେଲ୍ ସମନ୍ୱୟ, ଟଙ୍କା ସଂଗ୍ରହ ଓ ଦୁବାଇରେ ସମ୍ପତ୍ତି କିଣିଥିବା ଅଭିଯୋଗ

ତାଙ୍କ ନିକଟରୁ କିଛି ଆପତ୍ତିଜନକ ସାମଗ୍ରୀ ଜବତ ହୋଇଥିବା ଏବଂ ତାହା ମହାଦେବ ଆପ୍‌ର କାର୍ଯ୍ୟକଳାପ ସହ ତାଙ୍କ ସମ୍ପର୍କର ପ୍ରାଥମିକ ସୂଚନା ଦେଉଥିବା ସିବିଆଇ କହିଛି। ଅଭିଷେକ ମୁଖ୍ୟ ଅଭିଯୁକ୍ତ ସୌରଭ ଚନ୍ଦ୍ରାକର ଓ ଶୁଭମ ସୋନିଙ୍କ ସହ ଘନିଷ୍ଠ ଭାବେ କାମ କରୁଥିଲେ। ଗିରଫ ପରେ ତାଙ୍କୁ ୨ ଦିନିଆ ସିବିଆଇ ହେପାଜତକୁ ନିଆଯାଇଛି। ମହାଦେବ ଆପ୍ ସମ୍ପର୍କିତ ଛତିଶଗଡ଼ର ୧୩ଟି ଏଫଆଇଆରର ତଦନ୍ତ ସିବିଆଇ ହାତକୁ ଯିବା ପରେ ଏଜେନ୍ସି ଏପର୍ଯ୍ୟନ୍ତ ୧୦୦ ଅଭିଯୁକ୍ତଙ୍କ ବିରୋଧରେ ୮ଟି ଚାର୍ଜସିଟ୍ ଦାଖଲ କରିଛି। ଏଥିରେ ଆପ୍‌ର ପ୍ରମୋଟର, ପ୍ୟାନେଲ୍ ଅପରେଟର, ହାୱାଲା ଅପରେଟର ଓ କିଛି ସରକାରୀ କର୍ମଚାରୀଙ୍କ ନାମ ରହିଛି। ମୁଖ୍ୟ ପ୍ରମୋଟରମାନଙ୍କୁ ଭାରତ ଫେରାଇ ଆଣିବା ପାଇଁ ୭ଟି ରେଡ୍ କର୍ଣ୍ଣର ନୋଟିସ୍ ଓ ୨ଟି ପ୍ରତ୍ୟର୍ପଣ ପ୍ରସ୍ତାବ ପଠାଯାଇଥିବା ସିବିଆଇ କହିଛି।

ଧ୍ୱଂସାବଶେଷରୁ ମୁଜତାବାଙ୍କୁ ଉଦ୍ଧାର କରାଯାଇଥିଲା!

ତେହେରାନ,୨୭।୯ (ଏଜେନ୍ସି): ଆମେରିକା-ଇସ୍ରାଏଲ ଆକ୍ରମଣ ପରେ ଇରାନ ସର୍ବୋଚ୍ଚ ନେତା ମୁଜତାବା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ସମୟ ସମୟରେ ଅନେକ ରିପୋର୍ଟ ପ୍ରକାଶ ପାଉଛି। ଏହି ସମୟରେ ନ୍ୟୁୟର୍କ ପୋଷ୍ଟ ଏନେଇ ନୂତନ ରିପୋର୍ଟ ପ୍ରକାଶ କରିଛି। ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ତେହେରାନ୍‌ର ଏକ ଡାକ୍ତରଖାନାର ଧ୍ୱଂସାବଶେଷ ତଳୁ ଇରାନର ନୂତନ ସର୍ବୋଚ୍ଚ ନେତା ମୁଜତାବା ଖାମେନେଇଙ୍କୁ ଉଦ୍ଧାର କରାଯାଇଥିବା ଏଥିରେ କୁହାଯାଇଛି। ଇରାନର 'ଆସେମ୍ବ୍ଲି ଅଫ୍ ଏକ୍ସପର୍ଟସ'ର ସଦସ୍ୟ ମୋହସେନ୍ ହେଇଦାରୀ କାତାର ଭିତ୍ତିକ ଏକ ଟିଭି ନେଟୱାର୍କକୁ ଦେଇଥିବା ସାକ୍ଷାତକାରରେ ଏହି ସୂଚନା ଦେଇଛନ୍ତି। ହେଇଦାରୀଙ୍କ ଅନୁଯାୟୀ, ତେହେରାନ୍‌ର ତିନୋଟି ହସପିଟାଲ୍ ଉପରେ ବୋମା ବର୍ଷଣ କରାଯାଇଥିଲା। ତୃତୀୟ ହସପିଟାଲର ଧ୍ୱଂସାବଶେଷ ତଳୁ

୫୬ ବର୍ଷୀୟ ମୁଜତାବାଙ୍କୁ କାଢ଼ାଯାଇଥିଲା। ଏହି ଘଟଣା ପରଠାରୁ ସେ ଅଜ୍ଞାତ ସ୍ଥାନକୁ ଚାଲିଯାଇଛନ୍ତି। ଏହି ଆକ୍ରମଣ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପରସ୍ପର ବିରୋଧୀ ବିବୃତ୍ତି ସାମ୍ନାକୁ ଆସିଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଖାମେନେଇ ଗୁରୁତର ଭାବେ ଆହତ ହୋଇଛନ୍ତି ଏବଂ ତାଙ୍କ ଶରୀରର ବାମ ପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି। ଅପରପକ୍ଷରେ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ କହିଛନ୍ତି ଯେ ୭ ଘଣ୍ଟାର ବୈଠକ ପରେ ସେ ମୁଜତାବା ସମ୍ପୂର୍ଣ୍ଣ ସୁସ୍ଥ ଥିବା ଦେଖିଛନ୍ତି।

ଆତଙ୍କବାଦ ବିରୋଧରେ ଭାରତର ଚେତାବନୀ

ନ୍ୟୁୟର୍କ,୨୭।୯ (ଏଜେନ୍ସି): ମିଳିତ ଜାତିସଂଘରେ ଅଭିଭାଷଣ ଦେଇ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ଆତଙ୍କବାଦ ବିରୋଧରେ ଆତ୍ମରକ୍ଷାର ଅଧିକାର ପ୍ରୟୋଗ କରିବା ନେଇ ଘୋଷଣା କରିଛନ୍ତି। ଏହା ସହିତ, ଗଲ୍ଫ ଆଞ୍ଚଳିକ ସଂଘର୍ଷ ଏବଂ ଲୋହିତ ସାଗରରୁ କଳା ସାଗର ପର୍ଯ୍ୟନ୍ତ ବାଣିଜ୍ୟିକ ଜାହାଜ ଓ ନାବିକମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ଜୟଶଙ୍କର ସମ୍ପୂର୍ଣ୍ଣ ଅଗ୍ରହଣୀୟ ବୋଲି କହିଛନ୍ତି। ଏହି ଆକ୍ରମଣରେ ଭାରତୀୟ ନାବିକଙ୍କ ମୃତ୍ୟୁ ଓ ନିଖୋଜ ଘଟଣାକୁ ନେଇ ସେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ସାମୁଦ୍ରିକ ଜାହାଜ ଓ ନାବିକମାନଙ୍କ ସୁରକ୍ଷା ପାଇଁ ଭାରତ ଓ ଲାଇବେରିଆ ୨୩ଟି ସହଯୋଗୀ ଦେଶ ସହିତ ମିଶି ଏକ ବିଶେଷ ପଦକ୍ଷେପ ଆରମ୍ଭ କରିଛନ୍ତି।

ବିରୋଧ ପରେ ଆର୍‌ଟିଆଇ ନିଷ୍ପତ୍ତି ପ୍ରତ୍ୟାହାର

ଚେନ୍ନାଇ,୨୭।୯ (ଏଜେନ୍ସି): ରାଜନୈତିକ ଦଳ ଓ ନିରପେକ୍ଷ କର୍ମୀଙ୍କ ତୀବ୍ର ବିରୋଧ ପରେ ତାମିଲନାଡୁ ସରକାର ସୂଚନା ଅଧିକାର ଆଇନ୍ ନେଇ ଏକ ବିବାଦୀୟ ନିଷ୍ପତ୍ତି ପ୍ରତ୍ୟାହାର କରିଛନ୍ତି। ଜନସାଧାରଣ (ଆଇନ ଓ ଶୃଙ୍ଖଳା) ବିଭାଗକୁ ୨୦୦୫ ସୂଚନା ଅଧିକାର (ଆର୍‌ଟିଆଇ) ଆଇନରୁ ଛାଡ଼ କରିବା ପାଇଁ ବିଜୟଙ୍କ ରାଜ୍ୟ ସରକାର ପ୍ରଥମେ ବିଜ୍ଞପ୍ତି ଜାରି କରିଥିଲେ। ତେବେ ପ୍ରବଳ ବିରୋଧ ପରେ ସରକାର ଏହାକୁ ବାତିଲ କରିଛନ୍ତି। ଗତ ୨୧ ତାରିଖରେ ଜାରି ଆଦେଶରେ ଏହି ବିଭାଗକୁ ଆର୍‌ଟିଆଇ ଆଇନର ଅଧୀନରେ 'ଗୁପ୍ତଚର ଓ ସୁରକ୍ଷା ସଂସ୍ଥା' ଭାବେ ଦର୍ଶାଯାଇଥିଲା। ଏହି ନିଷ୍ପତ୍ତି ବଳବତ୍ତର ରହିଥିଲେ ପୁଲିସ ହାଜତ ମୃତ୍ୟୁ, ଗୁଳିକାଣ୍ଡ, ନିର୍ଯାତନା, ଏବଂ ସାମ୍ପ୍ରଦାୟିକ ସଂଘର୍ଷ ସମ୍ପର୍କିତ ସୂଚନା ପ୍ରକାଶିତ ହୋଇପାରିନଥାନ୍ତା।

ଭୁଶୁଡ଼ିଲା କୋଠା; ୨ ମୃତ

ଅମ୍ବାଲା,୨୭।୯ (ଏଜେନ୍ସି): ହରିୟାଣାର ଅମ୍ବାଲା ସହର ନିକଟସ୍ଥ ଧୁଲକୋଟ ଗ୍ରାମରେ ଏକ ତିନିମହଲା ନିର୍ମାଣାଧୀନ କୋଠା ଭୁଶୁଡ଼ି ପଡ଼ିବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୫ ଜଣ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଦୁର୍ଘଟଣାରେ ୧୫ ରୁ ୨୦ ଜଣ ଶ୍ରମିକ ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଖବର ପାଇ ପୁଲିସ, ଜିଲ୍ଲା ପ୍ରଶାସନ, ଏନଡିଆରଏଫ, ଏସଡିଆରଏଫ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବ୍ୟାପକ ଉଦ୍ଧାର ଅଭିଯାନ ଆରମ୍ଭ କରିଛନ୍ତି। ଅମ୍ବାଲା ସିଟି ଏସଡିଏମ ଦର୍ଶନ କୁମାରଙ୍କ ସୂଚନା ଅନୁଯାୟୀ, ଉଦ୍ଧାର ହୋଇଥିବା ଲୋକଙ୍କ ମଧ୍ୟରୁ ୪ ଜଣଙ୍କୁ ଡିସଚାର୍ଜ କରାଯାଇଥିବା ବେଳେ ୫ ଜଣଙ୍କର ଗୁରୁତର ଅବସ୍ଥାରେ ଚିକିତ୍ସା ଚାଲିଛି।

ଡ୍ରମ୍‌ରେ ବ୍ୟବସାୟୀଙ୍କ ମୃତଦେହ

ମୈମନସିଂହ, ୨୭।୯ (ଏଜେନ୍ସି): ବାଂଲାଦେଶର ଜଣେ ୫୦ ବର୍ଷୀୟ ହିନ୍ଦୁ ସୁନା ବ୍ୟବସାୟୀଙ୍କ ମୃତଦେହ ନୀଳ ପ୍ଲାଷ୍ଟିକ୍ ଡ୍ରମ ଭିତରୁ ଉଦ୍ଧାର କରାଯାଇଛି। ମୃତକଙ୍କ ନାମ ନିରଞ୍ଜନ ଚନ୍ଦ୍ର ସୂତ୍ରଧର। ସ୍ଥାନୀୟ ବେଗୁନବାରୀ ଅଞ୍ଚଳରେ ଥିବା ସ୍ଲୁଇସ୍ ଗେଟ୍ ନିକଟରେ ଏକ ନୀଳ ଡ୍ରମ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ।

ବର୍ଷା, ବନ୍ୟାରେ ଭାସୁଛି ଉତ୍ତର ପ୍ରଦେଶ

ଲକ୍ଷ୍ନୌ,୨୭।୯ (ଏଜେନ୍ସି): ଉତ୍ତର ପ୍ରଦେଶରେ ଗତ ୬୦ ଘଣ୍ଟା ଧରି ପ୍ରବଳ ଲଗାଣ ବର୍ଷା ହୋଇଛି। ଫଳରେ ବର୍ଷା ଜନୀତ ମୃତ୍ୟୁସଂଖ୍ୟା ୫୬ରେ ପହଞ୍ଚିଛି। ଏହି ପ୍ରାକୃତିକ ବିପତ୍ତିରେ ୪୬ ଜଣ ଆହାତ ହୋଇଥିବା ବେଳେ ୧,୦୨୧ଟି ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ୧୦୭ଟି ଗୃହପାଳିତ ପଶୁଙ୍କର ପ୍ରାଣହାନି ଘଟିଛି। ସରକାରୀ ତଥ୍ୟ ଅନୁଯାୟୀ, ସୀତାପୁର

୫୬ ଜଣଙ୍କ ମୃତ୍ୟୁ, ୧୦୨୧ ଗୃହ କ୍ଷତିଗ୍ରସ୍ତ

ଜିଲ୍ଲାରେ ସବାଧିକ ୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଲଖିମପୁର ଖେରୀ, ବହରାଇଚ୍ ଓ ବଲରାମପୁରରେ ୫ ଜଣ ଲେଖାଏଁ ଏବଂ ଅଯୋଧ୍ୟା ଓ ଗୋରଖପୁରରେ ୪ ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି। ହରଦୋଇ ଜିଲ୍ଲାରେ ସବାଧିକ ୨୭୨ଟି ଘର ଭାଙ୍ଗିଯାଇଛି ଏବଂ ୨୮ଟି ପଶୁଙ୍କ ମୃତ୍ୟୁ ଘଟିଛି। ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଓ ସଂଲଗ୍ନ ଉତ୍ତର ଛତିଶଗଡ ଉପରେ ସୃଷ୍ଟ ଅବପାତ ଯୋଗୁଁ ଏହି ବର୍ଷା ହୋଇଛି। ଲକ୍ଷ୍ନୌରେ ୧୨୫.୮ ମିଲିମିଟର ଏବଂ ବାନ୍ଦାରେ ୨୨୭.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଫରୁଖାବାଦରେ ସାଧାରଣ ତୁଳନାରେ ୨୦୦ ଗୁଣ ଅଧିକ ବର୍ଷା ହୋଇଛି। ପ୍ରବଳ ବର୍ଷା ଓ ପବନ ଯୋଗୁଁ ଗ୍ରାମାଞ୍ଚଳରେ ଛିଡ଼ା ହୋଇଥିବା ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି ଏବଂ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଏହି ଜଳବନ୍ଦୀକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଗଙ୍ଗା ଏକ୍ସପ୍ରେସୱେ ଜଳମଗ୍ନ ହେବା ଭିଡିଓ ସେୟାର କରିଛନ୍ତି। ସେ ଏହାକୁ "ଗଙ୍ଗା ଏକ୍ସପ୍ରେସ ୱାଟରୱେ' ବୋଲି କଟାକ୍ଷ କରିଛନ୍ତି। ଅନ୍ୟପଟେ, ବିଏସପି ସୁପ୍ରିମୋ ମାୟାବତୀ ପ୍ରଭାବିତ ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

ଦୁଷ୍କର୍ମ ଗୁଜବକୁ ନେଇ ଛାତ୍ର ଅଶାନ୍ତି

ଫଗୱାଡ଼ା, ୨୭।୯ (ଏଜେନ୍ସି): ପଞ୍ଜାବର ଫଗୱାଡ଼ାସ୍ଥିତ ଲଭଲି ପ୍ରୋଫେସନାଲ ୟୁନିଭରସିଟି କ୍ୟାମ୍ପସରେ ଜଣେ ଛାତ୍ରୀ ଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ପରେ ରବିବାର ବ୍ୟାପକ ଛାତ୍ର ଅଶାନ୍ତି ଦେଖାଦେଇଛି। ଉତ୍ତ୍ୟକ୍ତ ଛାତ୍ରଛାତ୍ରୀ କ୍ୟାମ୍ପସ ପରିସରରେ ଭଙ୍ଗାରୁଜା କରିବା ସହ ଜଲନ୍ଧର-ଫଗୱାଡ଼ା ଜାତୀୟ ରାଜପଥ ଅବରୋଧ କରିବାରୁ ଗାଡ଼ି ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ରବିବାର ରାତି ପ୍ରାୟ ୧ଟାରେ ବିଶ୍ୱବିଦ୍ୟାଳୟର ଛାତ୍ରୀନିବାସ ନିକଟରେ ଉତ୍ତେଜନା ଦେଖାଦେଇଥିଲା। ହଷ୍ଟେଲର ଜଣେ ଛାତ୍ରୀଙ୍କୁ ତିନିଦିନ ପୂର୍ବରୁ ଜଣେ ପାଇପ୍ ମିସ୍ତ୍ରୀ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ଓ ଗୁଜବ ପ୍ରଚାରିତ ହୋଇଥିଲା। ଏ ସମ୍ପର୍କରେ ହଷ୍ଟେଲ ୱାର୍ଡ଼ନଙ୍କୁ ଜଣାଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନଥିବା ଛାତ୍ରଛାତ୍ରୀ ଦାବି କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଭିଡିଓରେ ଉତ୍ତ୍ୟକ୍ତ ଛାତ୍ରଛାତ୍ରୀ ଭଙ୍ଗାରୁଜା କରୁଥିବା ତଥା କେତେକ ସାମଗ୍ରୀରେ ନିଆଁ ଲଗାଇବା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ରାଜପଥ ବନ୍ଦ ଯୋଗୁଁ ଯାତାୟାତକୁ ଫଗୱାଡ଼ା-ଜାନ୍ଦିଆଲା ରୋଡ୍ ଦେଇ ପରିବର୍ତ୍ତିତ କରାଯାଇଛି। ଅନ୍ୟପକ୍ଷରେ, ୟୁନିଭରସିଟି କର୍ତ୍ତୃପକ୍ଷ ଦୁଷ୍କର୍ମ ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ, ମିଥ୍ୟା ଓ ଗୁଜବ କହି ଖଣ୍ଡନ କରିଛନ୍ତି। କୌଣସି ଗୁଜବରେ ବିଶ୍ୱାସ ନକରି କେବଳ ଅଫିସିଆଲ୍ ସୂଚନା ଉପରେ ନିର୍ଭର କରିବାକୁ ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣ ଜନତାଙ୍କୁ ନିବେଦନ କରାଯାଇଛି।

ଜାତୀୟ ରାଜପଥ ଅବରୋଧ, ବିଶ୍ୱବିଦ୍ୟାଳୟରେ ଭଙ୍ଗାରୁଜା

ନେପାଳରେ ପୁଣି ହିମସ୍ଖଳନ; ୧୦ ପର୍ବତାରୋହୀ ନିଖୋଜ

କାଠମାଣ୍ଡୁ,୨୭।୯ (ଏଜେନ୍ସି): ନେପାଳର ମନାଙ୍ଗ ଜିଲ୍ଲାସ୍ଥିତ ୭,୧୨୬ ମିଟର ଉଚ୍ଚ ହିମଲୁଙ୍ଗ ହିମାଳ ପର୍ବତର ବେସ କ୍ୟାମ୍ପରେ ରବିବାର ଭୟଙ୍କର ହିମସ୍ଖଳନ ଘଟିଛି। ଏଥିରେ ୧୦ ଜଣ ପର୍ବତାରୋହୀ ଓ ସେମାନଙ୍କ ସହଯୋଗୀ କର୍ମଚାରୀ ନିଖୋଜ ଅଛନ୍ତି। ନିଖୋଜ ୧୦ ଜଣଙ୍କ ମଧ୍ୟରୁ ୨ ଜଣ 'ଇମାଜିନ୍ ନେପାଳ ପ୍ରାଇଭେଟ୍ ଲିମିଟେଡ୍'ର ଏବଂ ୮ ଜଣ 'ହିମାଳୟନ୍ ହୋଲିଡେଜ୍ ନେପାଳ' ସଂସ୍ଥାର ବୋଲି ସେ ସୂଚନା ମିଳିଛି।

ଅପରପକ୍ଷରେ, ଅଭିଯାନ ଆୟୋଜକ ମିଙ୍ଗମା ଗ୍ୟାଲଜେ ଶେର୍ପା କହିଛନ୍ତି ଯେ ତାଙ୍କର ଦୁଇଜଣ ରୋଷେଇ କର୍ମଚାରୀ ମଧ୍ୟ ନିଖୋଜ ଅଛନ୍ତି। ନେପାଳ ପର୍ଯ୍ୟଟନ ବିଭାଗ ସ୍ଥିତି ଉପରେ ନଜର ରଖିଛି ଏବଂ ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ନେପାଳର ପାର୍ବତ୍ୟ ଅଞ୍ଚଳରେ ପ୍ରବଳ ବରଫପାତ ଓ ବର୍ଷା ଜାରି ରହିଛି। ଫଳରେ ଯାତାୟାତ ଓ ପର୍ବତାରୋହଣ ଅଭିଯାନ ବାଧାପ୍ରାପ୍ତ ହୋଇଛି। ପାଣିପାଗ ଖରାପ ହେବା ସମ୍ପର୍କରେ ଚେତାବନୀ ପାଇ ଅଧିକାଂଶ ଦଳ ପାହାଡ଼ରୁ ଓହ୍ଲାଇ ଆସିଥିଲେ ମଧ୍ୟ କିଛି ଲୋକ ସେଠାରେ ରହିଯାଇଥିଲେ।

ସିଆଇଏସ୍‌ଏଫ୍‌କୁ ମିଳିଲା ଏନ୍‌ଟିଏର ସୁରକ୍ଷା ଦାୟିତ୍ୱ

ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ଜାତୀୟ ପରୀକ୍ଷା ଏଜେନ୍ସି (ଏନଟିଏ)ର ଗୋପନୀୟ କାର୍ଯ୍ୟକୁ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏଣିକି ଏନଟିଏର ସମ୍ବେଦନଶୀଳ ଓ ଗୋପନୀୟ ଅଞ୍ଚଳର ସୁରକ୍ଷା ଦାୟିତ୍ୱ ସମ୍ଭାଳିବେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ୍) ଯବାନ। ନୂଆଦିଲ୍ଲୀର ମିଣ୍ଟୋ ରୋଡ୍‌ସ୍ଥିତ ସରକାରୀ ଭାରତ ପ୍ରେସ୍ ବିଲ୍ଡିଂରେ ଏନଟିଏର ନୂଆ କାର୍ଯ୍ୟାଳୟକୁ ଗୋପନୀୟ କାର୍ଯ୍ୟକଳାପ ସ୍ଥାନାନ୍ତର ପରେ ଏହି ବ୍ୟବସ୍ଥା ହୋଇଛି। ନୂଆ ପରିସରରେ ସୁରକ୍ଷା ପାଇଁ ୩୯ ଜଣ ଯବାନ ମୁତୟନ ହୋଇଛନ୍ତି। ପ୍ରବେଶ ଓ ପ୍ରସ୍ଥାନ ପଥରେ ଯାଞ୍ଚ ବ୍ୟବସ୍ଥାକୁ ମଧ୍ୟ କଡ଼ା କରାଯାଇଛି। ଗୋପନୀୟ ଅଞ୍ଚଳକୁ ପ୍ରବେଶ କରୁଥିବା କର୍ମଚାରୀଙ୍କ ଫ୍ରିସ୍କିଂ, ବ୍ୟାଗ୍‌ର ଏକ୍ସ-ରେ ସ୍କାନିଂ ଏବଂ ଡୋର୍ ଫ୍ରେମ୍ ମେଟାଲ୍ ଡିଟେକ୍ଟର ମାଧ୍ୟମରେ ଯାଞ୍ଚ କରାଯିବ।

କେନ୍ଦ୍ରୀୟ ଆଇନ ସହ ବିରୋଧାଭାଷ; 'ଗୁଣ୍ଡା' ବିଲ୍ ଫେରାଇଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସରକାରଙ୍କ ଦ୍ୱାରା ଆଗତ ଓ ରାଜ୍ୟ ବିଧାନସଭାରେ ପାରିତ ବହୁଚର୍ଚ୍ଚିତ ବିବାଦୀୟ ଗୁଣ୍ଡା ବିଲ୍‌କୁ ଅନୁମୋଦନ ପ୍ରଦାନ କରିବାକୁ ମନା କରିଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ଏହି ବିଲ୍‌କୁ ରାଜ୍ୟ ସରକାରଙ୍କ ପୁନର୍ବିଚାର ପାଇଁ ଫେରାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏହାକୁ ଗୁରୁତର ଝଟକା ବୋଲି କୁହାଯାଉଛି। ବିରୋଧୀ ଦଳଙ୍କ ପ୍ରବଳ ବିରୋଧ ମଧ୍ୟରେ ଏହି ବିଲ ପାସ୍ ହୋଇଥିଲା। କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ମଧ୍ୟ ଏହାକୁ ପ୍ରତ୍ୟାଖ୍ୟାନ କରିଥିବା ଏଥିରୁ ସ୍ପଷ୍ଟ ହୋଇଛି। ତେବେ ଏହି ବିବାଦୀୟ ବିଲକୁ ରାଷ୍ଟ୍ରପତି ବିନା ଅନୁମୋଦନରେ ଫେରାଇଲେ କାହିଁକି।

ଗୁଣ୍ଡା ବିଲ୍ (କଣ୍ଟ୍ରୋଲ ଅଫ୍ ଆଣ୍ଟି ସୋସିଆଲ ଆକଟିଭିଟିଜ୍ ବିଲ୍ ୨୦୨୬) ଆରମ୍ଭରୁ ହିଁ ବିବାଦୀୟ ବିଲ୍ ଥିଲା। ବିରୋଧୀ ଦଳଙ୍କ ସ୍ୱରକୁ ଚାପିବା



ଲାଗି ଏହି ବିଲ୍ ଅଣାଯାଇଥିବା ବିରୋଧୀ ଦଳ ଅଭିଯୋଗ କରିଥିଲେ। ବିଲ୍‌ରେ ରହିଥିବା ବ୍ୟବସ୍ଥା ଅନୁଯାୟୀ ପୋଲିସ ଓ ଜିଲ୍ଲା ପ୍ରଶାସନ ଯେକୌଣସି ଲୋକଙ୍କୁ ଅପରାଧରେ ଲିପ୍ତ ଥିବା ସନ୍ଦେହ କଲେ ସେମାନଙ୍କୁ ବିନା ବିଚାରରେ ୧୨ମାସ ପର୍ଯ୍ୟନ୍ତ ଅଟକ ରଖିପାରିବ। ପୋଲିସ ଓ ଜିଲ୍ଲା ପ୍ରଶାସନ ଯେକୌଣସି ବ୍ୟକ୍ତିଙ୍କୁ ଗୋଟିଏ ଜିଲ୍ଲା କିମ୍ବା ଅଞ୍ଚଳକୁ ବର୍ଷେ ପର୍ଯ୍ୟନ୍ତ ନପଶିବାକୁ ଆଦେଶ ଦେଇ ପାରିବେ। ଏହି ଆଇନ ଅଧୀନରେ ସମସ୍ତ ଅପରାଧ ଏପରିକି ସାମାନ୍ୟ ଅପରାଧ ବି ଧର୍ତ୍ତବ୍ୟ ଓ ଜାମିନ ବିହୀନ ବିବେଚିତ ହେବ। ଆନ୍ଦୋଳନ ସମୟରେ କୌଣସି ସରକାରୀ ଅଥବା ବେସରକାରୀ ଧନ ସମ୍ପତ୍ତିର କ୍ଷୟକ୍ଷତି ହୋଇଥିଲେ ସରକାର, ଆନ୍ଦୋଳନକାରୀ ଏବଂ ଆନ୍ଦୋଳନକୁ ପ୍ରୋତ୍ସାହିତ କରୁଥିବା ଲୋକଙ୍କର ସମ୍ପତ୍ତି ବାଜ୍ୟାପ୍ତି କରି ତାହାକୁ ନିଲାମ କରିଦେଇପାରିବେ।

ତେବେ କେନ୍ଦ୍ର ସରକାର ଏହାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। କହିଥିଲେ ଯେ ଏହାର ଗୋଟିଏ ଧାରା ନାରକୋଟିକ୍ ଡ୍ରଗ୍ସ ଆଇନ, ୧୯୮୫ର ବିରୋଧାଚରଣ କରିପାରେ। ଦୁଇ ଦୁଇଟି ଆଇନରେ ଏକ ସମୟରେ ଏକ ପ୍ରକାର କ୍ଷମତା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧିକାରୀଙ୍କୁ ମିଳିବାର ସମ୍ଭାବନା ରହୁଥିବାରୁ ଆଇନଟିକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ଓ କେନ୍ଦ୍ର ସରକାର ଅଧିକାରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପୁଜିପାରେ।

ମୁଖ୍ୟମନ୍ତ୍ରୀଙ୍କ କୋରାପୁଟ ଜିଲ୍ଲା ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ

ଜୟପୁର/କୋଟପାଡ଼,୨୭ ।୯ (ସମିସ): କୋରାପୁଟ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝି ଗସ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସପ୍ତାହ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ନେଇ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟତଃ କୋଟପାଡ ବ୍ଲକରେ ପାଣିରେ ଘେରରେ ରହିଥିବା ଅଞ୍ଚଳକୁ ମୁଖ୍ୟମନ୍ତ୍ରୀ ବୋଟ ମାଧ୍ୟମରେ ପରିଦର୍ଶନ କରିଥିଲେ । ଜୟପୁର ବିମାନବନ୍ଦର ସମ୍ମିଳନୀ କକ୍ଷ ଠାରେ ଉପସ୍ଥିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ସାଂସଦ , ବିଧାୟକ ଏବଂ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ସମୀକ୍ଷା ବୈଠକ କରିଥିଲେ ।

- କୋରାପୁଟରେ ବୋଟ୍‌ରେ ବନ୍ୟାଞ୍ଚଳ ବୁଲିଲେ
- ନବରଙ୍ଗପୁରରେ ଆକାଶ ମାର୍ଗରୁ ଦେଖିଲେ
- ସପ୍ତାହ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ନେଇ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟାହ୍ନରେ ସ୍ୱତନ୍ତ୍ର ହେଲିକ୍ୟାପ୍ଟର ଯୋଗେ ଜୟପୁର ବିମାନବନ୍ଦରରେ ପହଞ୍ଚିବା ସମୟରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି, ଜିଲ୍ଲାର ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, କୋଟପାଡ଼ ରୂପୁ ଭତ୍ରା, ଦକ୍ଷିଣପଶ୍ଚିମାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂ, ଜିଲ୍ଲାପାଳ ମୋନଜ ସତ୍ୟୱାନ ମହାଜନ, ଏସପି ରୋହିତ ବର୍ମା, ଜୟପୁର ଉପଜିଲ୍ଲାପଳ ଶୁଭ୍ରା ପଣ୍ଡା, ଏସଡିପିଓ ଅର୍ଚ୍ଚିତା ମିତ୍ତଲ ଏବଂ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ପ୍ରଥମେ ବିମାନ ବନ୍ଦରର ସମ୍ମିଳନୀ କକ୍ଷ ଠାରେ ବନ୍ୟା ସ୍ଥିତିକୁ ନେଇ ଲୋକ ପ୍ରତିନିଧି ଏବଂ ଅଧିକାରୀ ମାନଙ୍କୁ ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ବ୍ଲକର ସ୍ଥିତି, ରାସ୍ତାଘାଟ, ବିଦ୍ୟୁତ, ଘରଦ୍ୱାର ଏବଂ ଚାଷଜମିର ଫସଲ କ୍ଷୟକ୍ଷତି ନେଇ ଅଧିକାରୀଙ୍କ ଠାରୁ ତଥ୍ୟ ନେଇଥିଲେ ମୁଖ୍ୟମନ୍ତ୍ରୀ । କୋରାପୁଟ, ନବରଙ୍ଗପୁର ସମେତ ଅବିଭକ୍ତ କୋରାପୁଟ ଜିଲାର ବନ୍ୟା ପ୍ଲାବିତ ଅଞ୍ଚଳର ସମସ୍ୟାର ସମାଧାନ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ସମୀକ୍ଷା ବୈଠକରେ ଆଲୋଚନ କରିବା ସହିତ କ୍ଷତିପୂରଣ ଓ ସହାୟତା ପ୍ରଦାନ କରାଯାଇଥିବା ନେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସମୀକ୍ଷା ବୈଠକ ପରେ ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି । ଜୟପୁର ବିମାନ ବନ୍ଦରରୁ ସଡ଼କ ପଥରେ ବନ୍ୟାକ୍ଷତିଗ୍ରସ୍ତ କୋଟପାଡ ବ୍ଲକକୁ ଯାଇଥିଲେ । କୋଟପାଡ ବ୍ଲକରେ ପହଞ୍ଚିବା ପରେ ଓଡ୍ରାଙ୍ଗରେ ବୋଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ , ରାଜସ୍ୱ ମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ବିଧାୟକ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ଏବଂ ଅଧିକାରୀ ମାନେ ପ୍ରଥମେ ବ୍ଲକର ଚାନ୍ଦିଲି ଗ୍ରାମପଞ୍ଚାୟତର ଡୁରୁଞ୍ଜି ଏବଂ ପିରିଞ୍ଜି ଗ୍ରାମ ଠାରେ ପହଞ୍ଚିଥିଲେ । ଗ୍ରାମବାସୀଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଉପସ୍ଥିତ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ଚାନ୍ଦିଲି ଗ୍ରାମ ରିଲିଫ୍ ଆଶ୍ରୟସ୍ଥଳୀରେ ପହଞ୍ଚି ବନ୍ୟା ପ୍ରଭାବିତ ସୁର୍ଲି, ପିରିଞ୍ଜି ଏବଂ ଆଖପାଖ ଜଳମଗ୍ନ ଗ୍ରାମର ବାସିନ୍ଦା ମାନଙ୍କ ସମସ୍ୟା ପଚାରି ବୁଝିଥିଲେ । କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ଓ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଉଭୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଓ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ଏହିପରି ଜିଲ୍ଲାର ବନ୍ୟା ଓ ବର୍ଷା ପ୍ରଭାବିତ ସମସ୍ତ ଅଞ୍ଚଳର ସମସ୍ୟାର ସମାଧାନ ରାଜ୍ୟ ସରକାର ଏବଂ ପ୍ରଶାସନ ପକ୍ଷରୁ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଆକାଶପଥରେ ନବରଙ୍ଗପୁର ଜିଲ୍ଲାର ବନ୍ୟାଞ୍ଚଳ ପରିଦର୍ଶନ କରିବା ସହିତ ଭୁବନେଶ୍ୱର ଫେରିଯାଇଛନ୍ତି ।

ଢୋଲ ଭିତରେ ମୂଷା

ଡାଟା ଏଣ୍ଟ୍ରି ଅପରେଟର, ପିଅନ ସମେତ ୪ ଗିରଫ

ଖୋଲୁଛି ପୂର୍ତ୍ତ ସିଣ୍ଡିକେଟ୍‌ର ଗୁମର, ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି

ଭୁବନେଶ୍ୱର,୨୭ ।୯ (ସମିସ): ନକଲି ବିଲ୍ ଜରିଆରେ ପୂର୍ତ୍ତ ବିଭାଗର ୯.୨୪କୋଟି ଟଙ୍କା ହଡ଼ପ ମାମଲାରେ ଏକ ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିବା କଥା ସାମ୍ନାକୁ ଆସିଛି । ଢୋଲ ଭିତରେ ମୂଷା ଭଳି ପୂର୍ତ୍ତ ବିଭାଗରେ କାମ କରୁଥିବା କିଛି କର୍ମଚାରୀ ବିଭାଗର ଟଙ୍କାକୁ ଚୁପ୍ ଚାପ୍ ହରିଲୁଟ୍ କରି ଚାଲିଥିଲେ । ହରିଲୁଟ୍ କରୁଥିବା ଏହି ସିଣ୍ଡିକେଟ୍ ଗୁମର ଏବେ ଖୋଲିବାରେ ଲାଗିଛି । ଏହି ସିଣ୍ଡିକେଟ୍‌ରେ ଏକାଧିକ ବିଭାଗୀୟ କର୍ମଚାରୀ ସାମିଲ ଥିଲା ତେବେ ତଦନ୍ତ ହେବାରୁ ଜଣଙ୍କ ପରେ ଜଣଙ୍କ ନାମ ସାମ୍ନାକୁ ଆସିବାରେ ଲାଗିଛି । ଭିଜିଲାନ୍ସ କର୍ଯ୍ୟାନୁଷ୍ଠାନର ପ୍ରଥମ ଦିନରେ ସେକ୍ସନ୍ ଅଫିସର ଏବଂ ଜୁନିୟର ଆସିଷ୍ଟାଣ୍ଟ୍ ଧରାପଡ଼ିଥିଲେ । ଦ୍ୱିତୀୟ ଦିନରେ ଡାଟା ଏଣ୍ଟ୍ରି ଅପରେଟର ଓ ପିଅନ ସିଣ୍ଡିକେଟ୍‌ରେ ସାମିଲ୍ ଥିବା ଜଣାପଡ଼ିଛି । ଏହାପରେ ଭିଜିଲାନ୍ସର ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି ପାଇଛି ।

ଭିଜିଲାନ୍ସ ସୂଚନା ମୁତାବକ, ଶନିବାର ଭୁବନେଶ୍ୱର ଆର୍‌ଆଣ୍ଡବି ଡିଭିଜନ-୧ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର୍ ବନଲତା ମହାନ୍ତି ଓ ଜୁନିଅର ଆସିଷ୍ଟାଣ୍ଟ ବିଭୂଦତ୍ତ ନାୟକଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କୁ ଜେରା କରିବାରୁ ଉକ୍ତ କାର୍ଯ୍ୟାଳୟରେ କାମ କରୁଥିବା ଆଉ ୪ଜଣ କର୍ମଚାରୀଙ୍କ ପାଖରେ

ଭିଜିଲାନ୍ସ ପହଞ୍ଚି ସେମାନଙ୍କୁ ଗିରଫ କରିଛି । ଏହି କର୍ମଚାରୀମାନେ ହେଲେ ପିଅନ ଲକ୍ଷ୍ମଣ ବିଶ୍ୱାଳ, ଦୀପକ କୁମାର ରାଉତରାୟ, ଡାଟା ଏଣ୍ଟ୍ରି ଅପରେଟର ରାଜୀବ ଲୋଚନ ସେନାପତି ଓ ସୌମ୍ୟ ରଞ୍ଜନ ମହାପାତ୍ର । ସମସ୍ତ ୬ଜଣଙ୍କୁ ଭିଜିଲାନ୍ସ ରବିବାର କୋର୍ଟ ଚାଲାଣ କରିଛି । ହଡ଼ପ ହୋଇଥିବା ସରକାରୀ ଅର୍ଥ ୯ କୋଟି ୨୪ ଲକ୍ଷ ୧୦ ହଜାର ୧୯୩ ,ଟଙ୍କାରୁ ୪ ଅଭିଯୁକ୍ତଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିବା ଭିଜିଲାନ୍ସ ପ୍ରମାଣ ପାଇଛି । ଭିଜିଲାନ୍ସ ପକ୍ଷରୁ ଜାରି ପ୍ରେସ ରିଲିଜ ଅନୁଯାୟୀ, ଦୀପକଙ୍କ ଆକାଉଣ୍ଟକୁ ୩୨ ଲକ୍ଷ ୪୭ ହଜାର ୮୦୦ ଟଙ୍କା, ଲକ୍ଷ୍ମଣଙ୍କ ପାଖକୁ ୧୬ ଲକ୍ଷ ୨୧ ହଜାର ୪୮୪ ଟଙ୍କା, ରାଜୀବଙ୍କ ପାଖକୁ ୨୮ ଲକ୍ଷ ୨୮ ହଜାର ୮୧୭ ଟଙ୍କା ଓ ସୌମ୍ୟଙ୍କ ଆକାଉଣ୍ଟକୁ ୩୫ ଲକ୍ଷ ୬୯ ହଜାର ୯୮ ଟଙ୍କା ପଠାଯାଇଛି ।

- ଅବସରପ୍ରାପ୍ତ ପୂର୍ତ୍ତ କର୍ମଚାରୀଙ୍କ ୯.୨୪ କୋଟି ସରକାରୀ ଅର୍ଥ ଆତ୍ମସାତ୍
- ଭିଜିଲାନ୍ସ ଜାଲରେ ଖାଲି କେରାଣ୍ଡି; କେବେ ସାମ୍ନାକୁ ଆସିବେ ବଡ଼ବଡ଼ିଆ

ପୂର୍ତ୍ତ ବିଭାଗ ଭିତରେ ୨୦୨୨-୨୩ରୁ ୨୦୨୫-୨୬ ପର୍ଯ୍ୟନ୍ତ ୪ବର୍ଷ ହେବ ଏହି ସିଣ୍ଡିକେଟ୍ ଅପରେଟ୍ କରୁଥିଲା । ବିଭାଗୀୟ ବଡ଼ ଅଧିକାରୀଙ୍କ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ହାତ ନଥିଲେ ଏଭଳି ସିଣ୍ଡିକେଟ୍ ଅପରେଟ୍ କରିବା କଷ୍ଟ । ହେଲେ ଭିଜିଲାନ୍ସ ଜାଲରେ କେବଳ କେରାଣ୍ଡି ପଡ଼ିଲା ଭଳି ଛୋଟ କର୍ମଚାରୀ ପଡ଼ିଛନ୍ତି । ଗିରଫଦାରୀ ସେକ୍ସନ୍ ଅଫିସଙ୍କ ଠାରୁ ଉପରସ୍ତରର ଅଧିକାରୀଙ୍କ ପାଖକୁ ଯାଇ ପାରୁ ନାହିଁ । ଓଲଟା ଭିଜିଲାନ୍ସ ତଳମୁହାଁ ହୋଇ ପିୟନ, ଡାଟା ଏଣ୍ଟ୍ରୀ ଅପରେଟରଙ୍କୁ ଧରିବାରେ ବ୍ୟସ୍ତ । ବିଭାଗ ଭିତରେ କିଏ ଏହି ବଡ଼ ଅଧିକାରୀ । ତାଙ୍କ ସମ୍ପୃକ୍ତି କଣ ରହିଛି । ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଅର୍ଥ, ଜରୁରୀକାଳୀନ ପାଣ୍ଠିକୁ ସେମାନେ ନିଜ ଭାଇ, ଡ୍ରାଇଭର ଏବଂ ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ହଡ଼ପ କଲେ । ହେଲେ ବଡ଼ ବାବୁମାନେ କିଭଳି ଏସମ୍ପର୍କର କିଛି ବି ସୁରାକ୍ ପାଇଲେ ନାହିଁ । କାହିଁକି ବଡ଼ବଡିଆଙ୍କ ପାଖରେ ପହଞ୍ଚିବାରେ ଭିଜିଲାନ୍ସ ଅସମର୍ଥ ହୋଇଛି । ନାଆଁ ବଡ଼ ବାବୁଙ୍କ ନାମକୁ କାଳେ ସାମ୍ନାକୁ ଆସିବ ତେଣୁ କେବଳ ତଳମଳିଆ କର୍ମଚାରୀଙ୍କୁ ଗିରଫ କରି ତଦନ୍ତରେ ପୂର୍ଣ୍ଣଚ୍ଛେଦ ପକାଯାଉଛି ।

ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ନିଜ ସମ୍ପର୍କୀୟ ଏବଂ ପରିଚିତ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ । ମୋଟ ୪୮ ଜଣ ବ୍ୟକ୍ତିଙ୍କ ୭୭ଟି ବ୍ୟାଙ୍କ ଆକାଉଣ୍ଟ ବ୍ୟବହୃତ ହୋଇଥିଲା । ଏଥିମଧ୍ୟରେ ବନଲତା ମହାନ୍ତିଙ୍କ ପୁଅ, ଡ୍ରାଇଭର ଏବଂ ସହଯୋଗୀ ତଥା ବିଭୁଦତ୍ତ ନାୟକଙ୍କ ଭାଇ ଓ ସମ୍ପର୍କୀୟଙ୍କ ଆକାଉଣ୍ଟ ରହିଛି । ତେବେ ପରବର୍ତ୍ତି ସମୟରେ ୩.୯୬ କୋଟି ଟଙ୍କା ଜବତ ହୋଇଥିଲା । ହେଲେ ଅବଶିଷ୍ଟ ଟଙ୍କା କିଏ ନେଲା ଭିଜିଲାନ୍ସ ଏହାର ତଦନ୍ତ ଚଳାଇଛି । ତେବେ ଆଗକୁ ଗିରଫଦାରୀ ସଂଖ୍ୟା ବଢିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

ଆରମ୍ଭ ହେଲା ପିତୃପକ୍ଷ

ପୁରୀ,୨୭ ।୯ (ସମିସ): ରବିବାରଠାରୁ ଆରମ୍ଭ ହୋଇଛି ପିତୃପକ୍ଷ । ଏହା ୧୫ ଦିନ ଅର୍ଥାତ୍ ମହାଳୟା ପର୍ଯ୍ୟନ୍ତ ଚାଲିବ । ପିତୃପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ । ଏଥିଲାଗି ଶ୍ରୀକ୍ଷେତ୍ରରେ ଅନେକ ଶ୍ରଦ୍ଧାଳୁ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଓ ମହୋଦଧିରେ ତିଳତର୍ପଣ ଏବଂ ପିଣ୍ଡଦାନ କରିଛନ୍ତି । ପିତୃପକ୍ଷର ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳିଛି । ସେମାନେ ସ୍ନାନ କରି ତିଳତର୍ପଣ କରିଛନ୍ତି । ଧାର୍ମିକ ଗ୍ରନ୍ଥ ଅନୁସାରେ ପାରିବାରିକ କଲ୍ୟାଣ ଏବଂ ପିତୃପୁରୁଷଙ୍କ ଆତ୍ମା ଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ କର୍ମ କରିବା ଉଚିତ୍ । ବିଧିପୂର୍ବକ ଶ୍ରାଦ୍ଧ କଲେ ପିତୃପୁରୁଷ ଆଶୀର୍ବାଦ କରିଥା'ନ୍ତି । ବିଶ୍ୱାସ ରହିଛି ଏହି ପକ୍ଷରେ ପିତୃଗଣ କୌଣସି ନା କୌଣସି ରୂପରେ ଆତ୍ମମାନଙ୍କ ପାଖକୁ ଆସନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି । ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ ଅନ୍ଧାରରେ ଆସ ଆଲୁଅରେ ଯାଅ ବୋଲି କୁହାଯାଇ ବିଦାୟ ଦିଆଯାଏ ।

ଭାଦ୍ରବ ମାସ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହୋଇ ଆଶ୍ୱିନ ମାସ ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ । ଏହାକୁ ଅପରପକ୍ଷ ମଧ୍ୟ କୁହାଯାଏ । ଏହି ୧୫ ଦିନ ପର୍ଯ୍ୟନ୍ତ ପିତୃପକ୍ଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରୟାସ କରାଯାଇଥାଏ । ବିଶ୍ୱାସ ରହିଛି ଏହି ସମୟରେ ସମସ୍ତ ପିତୃପୁରୁଷ ଶ୍ରାଦ୍ଧ, ପିଣ୍ଡଦାନକୁ ଅପେକ୍ଷା କରିଥା'ନ୍ତି । ଏଣୁ ଶ୍ରଦ୍ଧାର ସହ ଏହି ସମୟରେ ରୀତିନୀତି ଅନୁସାରେ କରାଯାଇଥାଏ ଶ୍ରାଦ୍ଧ । ପିତୃପୁରୁଷମାନେ ସେମାନଙ୍କ ବଂଶଧରମାନଙ୍କ ଦ୍ୱାରା କରାଯାଇଥିବା ତର୍ପଣ, ଶ୍ରାଦ୍ଧ ଏବଂ ପିଣ୍ଡଦାନ ଇତ୍ୟାଦିରେ ସନ୍ତୁଷ୍ଟ ହୋଇ ବଂଶବୃଦ୍ଧି, ସୁଖ ଏବଂ ସମୃଦ୍ଧତା ପାଇଁ ଆଶୀର୍ବାଦ କରିଥା'ନ୍ତି । ଏହି ଅପରପକ୍ଷ ବା ପିତୃପକ୍ଷ ସମୟରେ ଅନେକ ନିୟମ ନିଷ୍ଠା ରହିଛି । ପିତୃପକ୍ଷରେ ଖିଅର ହେବା ସମ୍ପୂର୍ଣ୍ଣ ନିଷିଦ୍ଧ ରହିଥିବାବେଳେ ଏହି ସମୟରେ ନଖ ମଧ୍ୟ କଟାଯିବା ବାରଣ ରହିଛି । ଏପରିକି ଅପର ପାଗରେ ଅର୍ଥାତ୍ ବାହାରେ ଭୋଜନ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ ଅଟେ । ସେହିପରି ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ସମୟରେ ସମ୍ପୂର୍ଣ୍ଣ ଶୁଦ୍ଧପୂତ ଭାବେ ରହିବାର ବିଧି ମଧ୍ୟ ରହିଛି ।

ଖେଳୁଥିବା ବେଳେ କ୍ରିକେଟ୍ ପଡ଼ିଆରେ ଟଳିପଡ଼ିଲେ ଏଆର୍‌ଆଇ

ରାୟଗଡ/ଗୁଣୁପୁର,୨୭ ।୯ (ସମିସ): ରାୟଗଡରେ କ୍ରିକେଟ୍ ଖେଳୁଥିବା ସମୟରେ ଗୁଣପୁରରେ କାର୍ଯ୍ୟରତ ଏଆର୍‌ଆଇ ପି. ରାଜେଶ ହଠାତ୍ ଛାତି ଯନ୍ତ୍ରଣା ଅନୁଭବ କରିଥିଲେ । ସେ ଅଚେତ ହୋଇଯାଇଥିଲେ । ତାଙ୍କୁ ଡାକ୍ତରଖାନା ନେବା ବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି । ଏଆର୍‌ଆଇ ପି. ରାଜେଶଙ୍କ ବୟସ ୪୨ ବର୍ଷ । ସୂଚନା ପ୍ରକାରେ ରାଜେଶ କ୍ରିକେଟ୍ ଖେଳିବାକୁ ଭଲ ପାଉଥିବାରୁ ରବିବାର ଛୁଟି ଦିନରେ ସେ ରାୟଗଡ ଆସିଥିଲେ । ଆଜି ସକାଳେ ବାରିଖୋଲା ନିକଟସ୍ଥ ପଡ଼ିଆରେ ସେ ଖେଳୁଥିବା ବେଳେ ହଠାତ ଅସୁସ୍ଥ ଅନୁଭବ କରିଥିଲେ । ତୁରନ୍ତ ତାଙ୍କୁ ଘରକୁ ନିଆଯାଇଥିଲା । ତେବେ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରାଜେଶଙ୍କ ପିତାଙ୍କ ପୂର୍ବରୁ ଦେହାନ୍ତ ହୋଇସାରିଥିବା ବେଳେ ପରିବାରରେ ତାଙ୍କ ମାଆ, ସ୍ତ୍ରୀ, ୨ ଝିଅ ଓ ଜଣେ ପୁଅ ଅଛନ୍ତି । ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

ଓଡ଼ିଶାରେ ୧,୦୦୦ କୋଟି ନିବେଶ କରିବ 'ଫାର୍ମଏକ୍ସ'

ଭୁବନେଶ୍ୱର,୨୭ ।୯ (ସମିସ): ସିଲିକନ୍ ଭ୍ୟାଲିର ଉଚ୍ଚ-ପ୍ରଯୁକ୍ତିବିଦ୍ୟା ସଂସ୍ଥା ଫାର୍ମଏକ୍ସ ରାଜ୍ୟ ସରକାରଙ୍କ ନିକଟରେ ୧,୦୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆଗତ କରିଛି । ଫାର୍ମଏକ୍ସର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରେମଲ ଅସର ଏବଂ ଏଆଇ ଓ ପ୍ରଡକ୍ଟ ଇଞ୍ଜିନିୟରିଂ ମୁଖ୍ୟ ଲଳିତ ଭଟ୍ଟଙ୍କ ନେତୃତ୍ୱରେ ଆସିଥିବା ଏକ ପ୍ରତିନିଧିମଣ୍ଡଳୀ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବଙ୍କ ସହ ସାକ୍ଷାତ କରି ଏହି ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ଓଡ଼ିଶାକୁ ସ୍ୱୟଂଚାଳିତ ଇଲେକ୍ଟ୍ରିକ୍ ଟ୍ରାକ୍ଟର, ଏଆଇ ସଫ୍ଟୱେର୍, ରୋବୋଟିକ୍ସ ଏବଂ ସ୍ମାର୍ଟ କୃଷି ପ୍ରଣାଳୀର ଏକ ଅତ୍ୟାଧୁନିକ ଉତ୍ପାଦନ ଓ ରପ୍ତାନି ହବ୍ ଭାବରେ ଗଢ଼ିତୋଳିବା ପାଇଁ ଏହାର ଲକ୍ଷ୍ୟ ବୋଲି କୁହାଯାଇଛି । ଏହି ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି ଯେ କୃଷି ଓ ଉତ୍ପାଦନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରିକ୍ ଯାନ ଭଳି ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କ ପାଇଁ ଉଚ୍ଚ-ଦକ୍ଷତାସମ୍ପନ୍ନ ନିଯୁକ୍ତି ସୃଷ୍ଟି ହେବା ସହ କୃଷକଙ୍କ ଆୟ ବୃଦ୍ଧି ପାଇବ । ଏହି ପ୍ରକଳ୍ପ ଅଧୀନରେ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କ୍ୟାମ୍ପସ ସହ ସ୍ମାର୍ଟ କୃଷି କାର୍ଯ୍ୟକ୍ରମ ପ୍ରତିଷ୍ଠା କରାଯିବ, ଯାହା ୧୧୨୦ଟି ପ୍ରତ୍ୟକ୍ଷ ଏବଂ ପ୍ରାୟ ୩,୭୦୦ଟି ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ପୂର୍ଣ୍ଣ କ୍ଷମତାରେ ଏହି କ୍ୟାମ୍ପସରୁ ବାର୍ଷିକ ୧,୦୦୦ଟି ସ୍ୱୟଂଚାଳିତ ଇଲେକ୍ଟ୍ରିକ୍ ଟ୍ରାକ୍ଟର ଏବଂ ୧ ଲକ୍ଷ ଫିଲ୍ଡ-ସେନ୍ସିଂ ୟୁନିଟ୍ ଉତ୍ପାଦନ କରାଯାଇ ଭାରତ ଓ ବିଦେଶୀ ବଜାରକୁ ରପ୍ତାନି କରିବାର ଲକ୍ଷ୍ୟ ରଖାଯାଇଛି । ଏହି ପ୍ରଯୁକ୍ତିବିଦ୍ୟା ଫାର୍ମଏକ୍ସର ଫାର୍ମମ୍ୟାପ୍' ପ୍ଲାଟଫର୍ମ, ସାଟେଲାଇଟ୍ ଫଟୋ, ପେଟେଣ୍ଟପ୍ରାପ୍ତ 'ଓସମୋ' ମୃତ୍ତିକା ଆର୍ଦ୍ରତା ସେନ୍ସର ଏବଂ ଓଡ଼ିଆ ଭାଷାରେ ଉପଲବ୍ଧ ମୋବାଇଲ୍ ଆପ୍ ମାଧ୍ୟମରେ ଚାଷୀମାନଙ୍କୁ ଜଳସେଚନ, କୀଟନାଶକ ଓ ସାରର ସଠିକ୍ ବ୍ୟବହାର ସମ୍ପର୍କରେ ରିଅଲ-ଟାଇମ୍ ସୂଚନା ପ୍ରଦାନ କରିବ ।

ଉଦଳା ବିଧାୟକ ହଟହଟା

ଉଦଳା,୨୭ ।୯ (ସମିସ): ବନ୍ୟା ଅଞ୍ଚଳ ବୁଲି ଦେଖିବାକୁ ଯାଇଥିବା ସମୟରେ ଉଦଳା ବିଧାୟକ ଭାସ୍କର ମଢେଇ ହଟହଟା ହୋଇଛନ୍ତି । ଯାହାର ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି । ଭିଡିଓରେ ବିଧାୟକ ଓ ଗ୍ରାମରେ କିଛି ବ୍ୟକ୍ତିଙ୍କ ମଧ୍ୟରେ ଅଶାଳୀନ ଭାଷାରେ ଗାଳିଗୁଲଜ ହେଉଥିବା ଦେଖିବାକୁ ମିଳିଛି । ଏପରିକି ମାଡ଼ ମାରିବାକୁ ଉଦ୍ୟମ ଓ ଠେଲାପେଲା ହେଉଥିବା ଦେଖାଯାଉଛି । ଫଳରେ ବିଧାୟକ ଭାସ୍କର ମଢେଇ ତାଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରୁଥିଲେ ସୁଦ୍ଧା ସମ୍ପୃକ୍ତ ବ୍ୟକ୍ତି ସେହିଭଳି ଆଚରଣ କରିଥିଲେ । ତେବେ ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି । ଘଟଣା ସମ୍ପର୍କରେ ବିଧାୟକଙ୍କୁ ପଚାରିବାରୁ ବନ୍ୟା ଅଞ୍ଚଳ ପରିଦର୍ଶନ କରିବାକୁ ଯାଇଥିବା ସମୟରେ ଜଣେ ଯୁବକ ମାଗଣା ଖାଦ୍ୟ ବଣ୍ଟନ କରୁଥିବା ଦେଖି ତାଙ୍କୁ ସେ ଧନ୍ୟବାଦ ଜଣାଇଥିଲେ । ଏହି ସମୟରେ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏପରିକି ଭୋଟ ନେବା ପାଇଁ ଆସିଛ ବୋଲି କହି ତାଙ୍କୁ ଖରାପ ବ୍ୟବହାର କରିଥିବା କହିଛନ୍ତି ବିଧାୟକ । ସେହି ଭିଡିଓକୁ ସୋସିଆଲ ମିଡିଆରେ ଅତିରଞ୍ଜିତ କରି ପୋଷ୍ଟ କରାଯାଉଛି ବୋଲି ବିଧାୟକ କହିଛନ୍ତି । ଏଭଳି ପରିସ୍ଥିତିରେ ଥାନାରେ କୌଣସି ପ୍ରକାର ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି ।



ଓଲଟ ପାଲଟ

ଧୂମକେତୁ ପରି କକ୍ରୋଚ ଜନତା
ପାର୍ଟି ଟି ଆସିଲା ମାଡ଼ି,
ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ
ଦିଲ୍ଲୀରେ ଛାଡ଼ିଲେ ରଡ଼ି ।
ବେଳୁ ବେଳ ସ୍ଥିତି ଅସମ୍ଭାଳ ହେଲା
ମନ୍ତ୍ରୀ ଗଲେ ପଦ ଛାଡ଼ି,
ଓଡ଼ିଶାରେ ଏବେ ରେଣ୍ଟି
ଶିକ୍ଷା ମନ୍ତ୍ରୀଙ୍କର ଛାତି ଧଡ଼ ପଡ଼
କେବେ ଦେବେ ତାଙ୍କୁ ତଡ଼ି ॥

-ଯାଯାବର

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

ଭିଜିଲାନ୍ସ କବଜାରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ମାଲକାନଗିରି, ୨୭ ।୯ (ସମିସ): ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶିଶିର ଦାଶଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି । ତାଙ୍କ ବିରୋଧରେ ଦୀର୍ଘଦିନ ଧରି ଆୟ ତୁଳନାରେ ଅଧିକ ସମ୍ପତ୍ତି ସଂଗ୍ରହ କରିଥିବା ନେଇ ଅଭିଯୋଗ ହୋଇଆସୁଥିଲା । ଏହାକୁ ଆଧାର କରି ରବିବାର ସକାଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଏକକାଳୀନ ଭାବେ ୬ଟି ସ୍ଥାନରେ ଚଢ଼ଉ କରାଯାଇଛି । ଚଢ଼ଉ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ତାଙ୍କ ମାଲକାନଗିରି ଡିଆରଡିଏ ସ୍ଥିତ କାର୍ଯ୍ୟାଳୟ, ଭଡ଼ାରେ ରହୁଥିବା ଘର ମଧ୍ୟ ସାମିଲ ରହିଛି । ଏହି ଅଭିଯାନରେ ଜଣେ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ଜଣେ ଇନ୍ସପେକ୍ଟରଙ୍କ ସମେତ ଅନେକ ଭିଜିଲାନ୍ସ କର୍ମଚାରୀ ଅଂଶଗ୍ରହଣ କରିଛନ୍ତି । ତଲାସି ସମୟରେ ବହୁମୂଲ୍ୟର ୬ଟି ଜମି, ଦୁଇଟି ବହୁତଳ କୋଠା, ବ୍ୟାଙ୍କ ଜମା ରାଶି ଓ ଅନ୍ୟାନ୍ୟ ସ୍ଥାବର-ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ଦଲିଲପତ୍ର ଯାଞ୍ଚ କରାଯାଉଛି । ପ୍ରାଥମିକ ତଦନ୍ତରେ ତାଙ୍କ ନାମରେ ଏକାଧିକ ମୂଲ୍ୟବାନ ଜମି ଓ ଘର ଥିବା ସୂଚନା ମିଳିଛି । ଚଢ଼ଉ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ମୋଟ କେତେ ପରିମାଣର ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି, ସେନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ସ୍ପଷ୍ଟ ତଥ୍ୟ ପ୍ରକାଶ କରାଯିବ ବୋଲି ଜଣାପଡ଼ିଛି ।

ବିଶ୍ୱ ପର୍ଯ୍ୟଟନ ଦିବସ

ଜିଲ୍ଲାସ୍ତରୀୟ ପ୍ରୋମୋ ରନ୍‌ରେ ୫ କିମି ଦୌଡ଼

କେନ୍ଦୁଝର,୨୭।୯ (ସମିସ): ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ କେନ୍ଦୁଝର ଜିଲ୍ଲାର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ, ଅନ୍ୟନ୍ୟ ଐତିହ୍ୟ ଓ ପର୍ଯ୍ୟଟନ ସମ୍ଭାବନାର ବ୍ୟାପକ ପ୍ରଚାର ପ୍ରସାର ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରବିବାର ସକାଳେ ଏକ ଜିଲ୍ଲାସ୍ତରୀୟ ପ୍ରୋମୋ ରନ୍ ଆୟୋଜିତ ହୋଇଯାଇଛି। ଐତିହାସିକ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରୁ ସକାଳ ୭ରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ପ୍ରଧାନ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଏବଂ ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ରମେଶଚନ୍ଦ୍ର ନାୟକ ଏହାର ଶୁଭାରମ୍ଭ କରିଥିଲେ। ଦୌଡ଼ାଳିମାନେ ବଳଦେବଜୀଉ ମନ୍ଦିରରୁ ବାହାରି ପବିତ୍ର ସିଦ୍ଧ ମଠ ପର୍ଯ୍ୟନ୍ତ ୫ କିଲୋମିଟର ଦୂରତା ଦୌଡ଼ିଥିଲେ ଏବଂ ସେଠାରୁ ପୁନର୍ବାର ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣକୁ ଫେରିଥିଲେ।

ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜମଲ୍ଲିକ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ, ପର୍ଯ୍ୟଟନ ବିଭାଗର କନିଷ୍ଠ ସହାୟକ ବିକ୍ରମ କେଶରୀ ପାତ୍ର, ଜିଲ୍ଲା ସଂସ୍କୃତି ପରିଷଦର କନିଷ୍ଠ ସହାୟକ ସନ୍ଦୀପ ସାହୁ ଏବଂ ସ୍ପୋର୍ଟସ ହୋଷ୍ଟେଲର ସିନିୟର କୋଚ୍ ଜିତେନ୍ଦ୍ର ମହାକୁଡ଼ ପରିଚାଳନା କରିଥିଲେ। ଏହି ଅବସରରେ ସମୟଶ୍ରୀ ଚାଟର୍ଜି କାର୍ଯ୍ୟକ୍ରମର ଧାରାବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲାର ବିଭିନ୍ନ ରନିଂ କ୍ଲବ୍, କ୍ରୀଡ଼ାପ୍ରେମୀ, ଯୁବ ବର୍ଗ, ସ୍ଥାନୀୟ ସଚେତନ ନାଗରିକ, ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ଅନେକ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। "ସମୁଦ୍ର ଓ ଦିବ୍ୟତାର ମିଳନସ୍ଥଳୀରେ ଦୌଡ଼" ବାର୍ତ୍ତା ସହ କେନ୍ଦୁଝର ଜିଲ୍ଲାର ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ, ଜଳପ୍ରପାତ ଓ ଐତିହାସିକ କୀର୍ତ୍ତିରାଜିର ସୁରକ୍ଷା ତଥା ସଂରକ୍ଷଣ ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

କେନ୍ଦୁଝରରେ ଲୁକ୍କାୟିତ ସୌନ୍ଦର୍ଯ୍ୟ; ଶୂକ୍ରାଝରର ଜଳପ୍ରପାତ



ତେଲକୋଇ, ୨୭।୯ (ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଖଣ୍ଡାଧାର ଜଳପ୍ରପାତଠାରୁ ମାତ୍ର ପ୍ରାୟ ୩ କିଲୋମିଟର ଦୂରରେ ପ୍ରକୃତିର କୋଳରେ ଲୁଚି ରହିଛି ଏକ ଅପୂର୍ବ ସୌନ୍ଦର୍ଯ୍ୟ, ଶୂକ୍ରା ଝର ଜଳପ୍ରପାତ। ବର୍ଷାଋତୁ ଆସିଲେ ଝରଣାର ଜଳଧାରା, ସବୁଜ ପାହାଡ଼ ଓ ଚାରିପାଖର ପ୍ରାକୃତିକ ପରିବେଶ ଏହି ସ୍ଥାନକୁ କରିଦିଏ ଆହୁରି ମନୋରମ। ଏଠାକୁ ଆସିଲେ ପ୍ରକୃତିର ନିରବତା ମଧ୍ୟରେ ଝରଣାର ଶବ୍ଦ ମନକୁ ଏକ ଅଲଗା ଶାନ୍ତି ଦିଏ। ଏତେ ସୁନ୍ଦର ହୋଇଥିଲେ ମଧ୍ୟ ଶୂକ୍ରା ଝର ଏବେ ବି ଅନେକଙ୍କ ପାଇଁ ଅଜଣା ଓ ଅବହେଳିତ। ଏହି ସ୍ଥାନକୁ ଯିବା ପାଇଁ ଭଲ ରାସ୍ତା, ଆବଶ୍ୟକୀୟ ଭିତ୍ତିଭୂମି ଓ ପର୍ଯ୍ୟଟନ ବିକାଶ କରାଗଲେ, ଶୂକ୍ରା ଝର କେନ୍ଦୁଝରର ପର୍ଯ୍ୟଟନ ମାନଚିତ୍ରରେ ଏକ ନୂଆ ପରିଚୟ ସୃଷ୍ଟି କରିପାରିବ। ଏହାସହିତ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ନୂଆ ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ।

ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବିନା ଲାଇସେନ୍ସରେ ଚାଳକ

ଡୁରୁମୁଙ୍ଗା, ୨୭।୯ (ସମିସ): ୪୯ ନମ୍ବର ଜାତୀୟ ରାଜପଥର ଡୁମୁରିଗୋଡା ନିକଟରେ ରବିବାର ସକାଳେ ବସ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ହେଲେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅନ୍ତର୍ଗତ ଘୋଷଦା ଗ୍ରାମର ଚନ୍ଦ୍ରମୋହନ ବାରିକ୍ (୫୦)। ଚନ୍ଦ୍ରମୋହନ ସକାଳୁ କୌଣସି କାମରେ ବାଇକ୍ ଯୋଗେ ଡୁରୁମୁଙ୍ଗା ବଜାରକୁ ଆସୁଥିବା ସମୟରେ ବିପରୀତ ଦିଗରୁ ତିଲୋତ୍ତମା ନାମକ ଏକ ଯାତ୍ରୀବାହୀ ବସ ରଙ୍ଗରୁଟ୍‌ରେ ଆସି ବାଇକ୍‌କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏନଏଚଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଡୁରୁମୁଙ୍ଗା ଥାନା ଏସଆଇ କିଶୋରଚନ୍ଦ୍ର ପାତ୍ର ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଡୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇ ବସ୍‌ର ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। ସେ ବିନା ଲାଇସେନ୍‌ସରେ ଗାଡ଼ି ଚଳାଉଥିବା ଅଭିଯୋଗ ହୋଇଛି।

ସରିଲା କାର୍ଯ୍ୟକାଳ; ୧୨ରେ ଟ୍ରକ୍ ସଙ୍ଘ ନିର୍ବାଚନ

ଆୟବ୍ୟୟ ହିସାବକୁ ନେଇ ହଟଗୋଳ, ହାତାହାତି

ଯୋଡ଼ା/ଚମ୍ପୁଆ, ୨୭।୯ (ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଟ୍ରକ୍ ମାଲିକ ସଂଘର ବର୍ତ୍ତମାନ କମିଟିର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଆସନ୍ତା ଅକ୍ଟୋବର ୧୨ ତାରିଖରେ ନୂତନ କର୍ମକର୍ତ୍ତା ଚୟନ ପାଇଁ ନିର୍ବାଚନ ହେବ। ଏହାକୁ ନେଇ ଟ୍ରକ୍ ମାଲିକଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି। ରବିବାର ସଂଘ କାର୍ଯ୍ୟାଳୟରେ ଆୟୋଜିତ ସାଧାରଣ ସଭାରେ ଗତ ୫ ବର୍ଷ ୫ ମାସର ଆୟବ୍ୟୟ ବିବରଣୀ ଉପସ୍ଥାପନ ହୋଇଥିବା ବେଳେ କେତେକ ପ୍ରସଙ୍ଗକୁ ନେଇ ହଟଗୋଳ ଓ ବାକ୍‌ବିତଣ୍ଡା ସୃଷ୍ଟି ହୋଇଥିଲା। ପରେ କିଛି ବ୍ୟକ୍ତିଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ଉପୁଜିଥିବା ସୂଚନା ମିଳିଛି। ସଭାରେ ସଂଘର ସଭାପତି ମାତା ପ୍ରସାଦ ଜୟସ୍ୱାଲ, ସମ୍ପାଦକ ଅଶୋକ କରୁଆ, ସେକ୍‌ରେଟାରୀ ସୁଶାନ୍ତ ବାରିକ, ଉପସଭାପତି ବିଜୁ ଅପଟ ଓ କୋଷାଧ୍ୟକ୍ଷ ରାଜେଶ ରୋଶନଙ୍କ ସମେତ ପୂର୍ବତନ ନେତା ରବିନାରାୟଣ ଦାସ, ବିନୋଦ ପଟ୍ଟନାୟକ, ମାୟା ପାତ୍ର, ଦିପକ ମହନ୍ତ, ଡୋରା ମହାନ୍ତ, ଟିଙ୍କୁ ସାହୁ ଓ ବହୁ ଟ୍ରକ୍ ମାଲିକ ଯୋଗ ଦେଇଥିଲେ। ସମ୍ପାଦକଙ୍କ ସୂଚନା ଅନୁସାରେ, ସଂଘର ଦୀର୍ଘ ୨୦ ବର୍ଷରେ ପାଣ୍ଠିରେ ପ୍ରାୟ ୨ କୋଟି ଟଙ୍କା ଜମା ରହିଥିବା ବେଳେ ଗତ ୫ ବର୍ଷରେ ଆଉ ୧ କୋଟି ଟଙ୍କା ଯୋଡ଼ି ହୋଇଛି। ୨୦୨୧ରୁ ୨୦୨୬ ମଧ୍ୟରେ ସଂଘ ପକ୍ଷରୁ ହୋଇଥିବା ସାମାଜିକ କାର୍ଯ୍ୟ ଓ ଗାଡ଼ି ମାଲିକଙ୍କ ସ୍ୱାର୍ଥ ସମ୍ପର୍କିତ ପଦକ୍ଷେପ ପୂର୍ବରୁ ଦୀର୍ଘ ୨୦ ବର୍ଷ ମଧ୍ୟରେ ହୋଇପାରି ନଥିବା ସେ ଦାବି କରିଥିଲେ। ଏହି ସମୟ ମଧ୍ୟରେ ସଂଘ ରାଜ୍ୟ ତଥା ରାଜ୍ୟ ବାହାରେ ନିଜର ପରିଚୟ ସୃଷ୍ଟି କରିଥିବା ସେ କହିଥିଲେ। ସଭାରେ ଉପୁଜିଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ପ୍ରଶାସନ ଓ ପୁଲିସର ନଜର ରହିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

ସୁନା ବ୍ୟବସାୟୀଙ୍କ ଗହଣା ଲୁଟ୍

ହାଟଡ଼ିହୀ,୨୭।୯ (ସମିସ): କେନ୍ଦୁଝର ଜିଲ୍ଲା ସୋସୋ ଥାନାଞ୍ଚଳରେ ଗୁଳି ଫୁଟାଇ ଜଣେ ଗହଣା ବ୍ୟବସାୟୀଙ୍କଠାରୁ ଦୁର୍ବୃତ୍ତମାନେ ଗତ ଶନିବାର ସନ୍ଧ୍ୟାରେ ଲୁଟ୍ କରିଛନ୍ତି। ଦୁର୍ବୃତ୍ତମାନେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରି ଫେରାର ହୋଇଯାଇଛନ୍ତି। ପୁଲିସ୍ ଘଟଣାସ୍ଥଳରେ ରାତିସାରା ଅନୁଧ୍ୟାନ କରିବା ସହ ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେସନ୍ କରିଥିଲା। ସୂଚନା ଅନୁସାରେ, ଭଦ୍ରକ ଜିଲ୍ଲା ବନ୍ତ ଥାନା ସିନନ୍ଦି ଗ୍ରାମର ଜଣେ ଗହଣା ବ୍ୟବସାୟୀ ସୋସୋ ଥାନା ଗଡ଼ଚଣ୍ଡୀ ଛକ ନିକଟରେ ନିଜର ଦୋକାନ କରିଛନ୍ତି। ରାତିରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ୪ ଜଣ ୨ଟି ବାଇକ୍‌ରେ ପିଛା କରି ୨ରାଉଣ୍ଡ ଗୁଳି ଚଳାଇବା ସହ ବ୍ୟବସାୟୀଙ୍କୁ ମାଡ଼ ମାରି ତାଙ୍କ ନିକଟରେ ଥିବା ଗହଣା ଲୁଟି ନେଇଥିଲେ। ବ୍ୟବସାୟୀ ଜଣକ ଫୋନ୍ ଯୋଗେ ଥାନାକୁ ଜଣାଇଥିଲେ। ପୁଲିସ୍ ପକ୍ଷରୁ ତଦନ୍ତ ଜାରି ରହିଛି।

ନଦୀ ଅତଡ଼ା ଧସି ୪ ପରିବାରର ଘର ଭୁଶୁଡ଼ିଲା

ହାଟଡ଼ିହୀ,୨୭।୯ (ସମିସ): ସାଳନ୍ଦୀ ନଦୀର ଅତଡ଼ା ଖସି କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ସୋସୋ ପଞ୍ଚାୟତ କାନପୁର ଗ୍ରାମର ୪ଟି ପରିବାରର ଘର ଓ ପାଇଖାନା ଗୃହ ଭୁଶୁଡ଼ି ପଡ଼ିଛି। ଏଥିସହ ନଦୀ ଉପରେ ନିର୍ମିତ ଫୁଟବ୍ରିଜ୍ ଗୋଟିଏ ପାର୍ଶ୍ୱ ଧୋଇ ଯାଇଛି। ଫଳରେ ଦନେଇପୁର-କାନପୁର ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁସାରେ, କାନପୁର ଗ୍ରାମ ନିକଟ ସାଳନ୍ଦୀ ନଦୀର ଅତଡ଼ା ଖସି ବ୍ୟାପକ କ୍ଷୟକ୍ଷତି ହୋଇଥାଏ। ଗତ ଲଗାଣ ବର୍ଷା ଯୋଗୁଁ ନଦୀର ପ୍ରଖର ସ୍ରୋତରେ ଅତଡ଼ା ଖସି ଗ୍ରାମର ଜୟକୃଷ୍ଣ ସେଣ, ରାମଚନ୍ଦ୍ର ସେଣ, ଚକ୍ରଧର ଖମାରୀ ଓ ବାରୁ ସେଣଙ୍କ ଘର ଓ ପାଇଖାନା ଗୃହ ନଦୀଗର୍ଭକୁ ଖସିପଡ଼ିଛି। ଅନ୍ୟପକ୍ଷରେ ନଦୀ ଉପର ଥିବା ଫୁଟ୍ ବ୍ରିଜ୍‌ର ଗୋଟିଏ ପାର୍ଶ୍ୱ ପ୍ରାୟ ୫୦ଫୁଟ୍ ଧୋଇଯାଇଛି। ଖବର ପାଇ ବିଦ୍ୟାଧରପୁର ସାଳନ୍ଦୀ ଡିଭିଜନର ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ମାରାଣ୍ଡି ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳରେ ଅନୁଧ୍ୟାନ କରିଥିଲେ। ପରେ ଗ୍ରାମବାସୀଙ୍କ ସହଯୋଗରେ ଜେସିବି ମେସିନ୍ ଦ୍ୱାରା ଘାଇକୁ ମରାମତି କରାଯାଇ ଯାତାୟାତର ବ୍ୟବସ୍ଥା କରାଯାଇଥିଲା। ଏହାର ସ୍ଥାୟୀ ପ୍ରତିକାର ପାଇଁ ନଦୀକୂଳରେ କଂକ୍ରିଟ୍ ସୁରକ୍ଷା ପ୍ରାଚୀର ନିର୍ମାଣ କରିବାକୁ ଗ୍ରାମବାସୀ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ନିକଟରେ ଦାବି ଜଣାଇଛନ୍ତି। ଏଥିସହ କ୍ଷତିଗ୍ରସ୍ତ ପରିବାରଙ୍କ ଘର ପରିଦର୍ଶନ କରାଇ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ମଧ୍ୟ ଗ୍ରାମବାସୀ ଦାବି କରିଛନ୍ତି।

ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ସଚେତନତା ରାଲି

କେନ୍ଦୁଝର, ୨୭।୯ (ସମିସ): ବନ୍ୟପ୍ରାଣୀ ସପ୍ତାହ-୨୦୨୬ ପାଳନ ଅବସରରେ କେନ୍ଦୁଝର ବନଖଣ୍ଡ ପକ୍ଷରୁ ଏସୀୟ ହାତୀ ଆମର ଐତିହ୍ୟ, ଆମର ଦାୟିତ୍ୱ ବିଷୟବସ୍ତୁ ଉପରେ ଆଧାରିତ ମଣିଷ ଓ ହାତୀ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା କାଳିପଡିଆଠାରୁ ବାହାରି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶେଷ ହୋଇଥିଲା। କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ଚି ଏହାକୁ ଉଦ୍‌ଘାଟନ କରିଥିଲେ। ବନ ବିଭାଗର ଅଧିକାରୀ ଓ କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ଏନସିସି କ୍ୟାଡେଟ୍, ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆଇଏଫଏସ୍ ପ୍ରୋବେସନର ଲବ୍ଧି ଜୈନ, ଏସିଏଫ୍ ଡାକ୍ତର ସୁଦିପ୍ତ ପଣ୍ଡା, ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ, ସଦର ରେଞ୍ଜ ଅଧିକାରୀ ରବିନ୍ଦ୍ରନାଥ ମହାନ୍ତ, କେନ୍ଦୁଝର ଟାଉନ ସେକ୍ସନ ଫରେଷ୍ଟର ଯତିନ୍ଦ୍ର ସାହୁ, ପରିବେଶବିତ୍ ଭକ୍ତବତ୍ସଳ ମହାନ୍ତି ସହଯୋଗ କରିଥିଲେ। ଏହି ଅବସରରେ ବନ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ଦିବସରେ କାର୍ଯ୍ୟକ୍ରମ ରଖାଯାଇଛି।

ସୋମନାଥ ମାଝୀଙ୍କ ସ୍ମୃତିସଭା

ଆନନ୍ଦପୁର, ୨୭।୯ (ସମିସ): ଆନନ୍ଦପୁର ଉପଖଣ୍ଡ କୃଷ୍ଣପୁର ଗ୍ରାମରେ ଆଦର୍ଶ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ସ୍ୱର୍ଗତ ସୋମନାଥ ମାଝୀଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡଃ ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ଘସିପୁରା ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ମୁଖ୍ୟବକ୍ତା ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ରମାକାନ୍ତ ନାୟକ, ଅନ୍ୟତମ ଅତିଥି ଅବସରପ୍ରାପ୍ତ ଆନନ୍ଦପୁର ବିଇଓ ଶରତ ରାଉତ ଗଡବାନ୍ଧଗୋଡା ପଞ୍ଚାୟତର ସରପଞ୍ଚ ଶଶିକାନ୍ତ ଜେନା, ସମିତିସଭ୍ୟ ବିଜୟ ଜେନା ସ୍ୱର୍ଗତ ଶିକ୍ଷକଙ୍କ ଗଙ୍ଗା ଯମୁନା ଶିଶୁ ସାହିତ୍ୟ ପତ୍ରିକାର ଆଲୋଚନା କରିଥିଲେ। ସୋମନାଥ ମାଝୀ ସ୍ମୃତି କମିଟି ସଭାପତି ଘନଶ୍ୟାମ ବୋଇତେଇ, ସମ୍ପାଦକ ହଳଧର ପଣ୍ଡା, ସଂଯୋଜକ ସୌମ୍ୟରଞ୍ଜନ ମାଝୀ ତରଫରୁ ଶ୍ରାଦ୍ଧ ବାର୍ଷିକୀ ସ୍ମରଣିକା ସ୍ମୃତିର ଅଇନାରେ ସୋମନାଥ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୋମନାଥ ମାଝୀ ଶିକ୍ଷକ ସମ୍ମାନ ବୈଲୋଚନ ସାହୁ, ସୋମନାଥ ମାଝୀ ସମ୍ପାଦନା ସମ୍ମାନ ରତ୍ନାକର ଦାସ, ସୋମନାଥ ସାହିତ୍ୟିକ ସମ୍ମାନ କୀର୍ତ୍ତନ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗ୍ରାମର ପରିବାର ବର୍ଗ ଓ ବନ୍ଧୁ ବର୍ଗ ସହଯୋଗ କରିଥିଲେ।

ଚଳିତ ପାର୍ବଣରେ ଅଶ୍ଳୀଳ ନୃତ୍ୟକୁ ବନ୍ଦ ଦାବି

ବଡ଼ବିଲ, ୨୭।୯ (ସମିସ): ଜିଲ୍ଲାର ଖଣି ଅଞ୍ଚଳରେ ବିଭିନ୍ନ ପୂଜା ପର୍ବ ଅବସରରେ ଆୟୋଜିତ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଶ୍ଳୀଳ ନୃତ୍ୟ ପରିବେଷଣକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ଚଳିତ ପାର୍ବଣ ଋତୁ ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ଅଶ୍ଳୀଳ ନୃତ୍ୟ ପରିବେଷଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅପସଂସ୍କୃତିର ପ୍ରଚାର କରାଯାଉଥିବା ଅଭିଯୋଗ ହେଉଛି। ପୂଜା ପର୍ବ ଆମ ସାମାଜିକ ଓ ସାଂସ୍କୃତିକ ପରମ୍ପରାର ଅଂଶ ହୋଇଥିବା ବେଳେ ଏଭଳି କାର୍ଯ୍ୟକ୍ରମ ପୂଜାର ମୂଳ ଉଦ୍ଦେଶ୍ୟ ଓ ପରିବେଶକୁ ପ୍ରଭାବିତ କରୁଥିବା ମତ ପ୍ରକାଶ ପାଇଛି। ବିଶେଷକରି ପୂଜା ମଣ୍ଡପ ନିକଟରେ ଓ ସର୍ବସାଧାରଣଙ୍କ ଉପସ୍ଥିତିରେ ଏଭଳି ନୃତ୍ୟ ପରିବେଷଣ ଦ୍ୱାରା ଶିଶୁ ଓ ଯୁବପିଢ଼ି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବା ନେଇ ମଧ୍ୟ ମତ ପ୍ରକାଶ ପାଇଛି। ପୂଜା କମିଟିଗୁଡ଼ିକ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କଲେ ମଧ୍ୟ ତାହା ଯେପରି ଶାଳୀନତା ଓ ସାମାଜିକ ମୂଲ୍ୟବୋଧର ସୀମା ମଧ୍ୟରେ ରହେ, ସେଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ପୂଜା କାର୍ଯ୍ୟକ୍ରମର ଆୟୋଜନ ସମୟରେ ଆଇନଶୃଙ୍ଖଳା, ଶାଳୀନତା ଓ ସାମାଜିକ ଦାୟିତ୍ୱକୁ ପ୍ରାଥମିକତା ଦେବା ସହ ସମ୍ପୃକ୍ତ କମିଟି ଓ ପ୍ରଶାସନ ପକ୍ଷରୁ ନଜର ରଖିବାକୁ ଦାବି ହୋଇଛି।

ଚଳନ୍ତା କାର୍‌ରେ ଛୁଆ ଲଗାଇଦେଲା ହ୍ୟାଣ୍ଡବ୍ରେକ୍

ଡୁରୁମୁଙ୍ଗା, ୨୭।୯ (ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଚିଲିଦା ନିକଟରେ ଏକ ଚଳନ୍ତା ଅଲ୍‌ଟୋ କାରରେ ଛୁଆ ହ୍ୟାଣ୍ଡବ୍ରେକ୍ ଲଗାଇଦେବାରୁ ଦୁର୍ଘଟଣା ଘଟିଛି। ହ୍ୟାଣ୍ଡବ୍ରେକ୍ ଲାଗିବା ପରେ କାରଟି ଭାରସାମ୍ୟ ହରାଇ ରାଜପଥ ଉପରେ ଓଲଟି ପଡ଼ିଥିଲା। ତେବେ ସୌଭାଗ୍ୟବଶତଃ କାରରେ ଥିବା ଯାତ୍ରୀମାନେ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସଦର ଥାନା ମଇଦାନକେଲ ଗ୍ରାମର ଏକ ପରିବାର ଅଲ୍‌ଟୋ କାର ଯୋଗେ ଖିଚିଂକୁ ଯାଉଥିଲେ। ଚିଲିଦା ନିକଟରେ କାରରେ ବସିଥିବା ଛୁଆଟି ହଠାତ୍ ହ୍ୟାଣ୍ଡବ୍ରେକ୍ ଲଗାଇ ଦେଇଥିଲା। ଦୁର୍ଘଟଣାରେ କାରଟି କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଥିରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ଡୁରୁମୁଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରଟିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

ତୈଳିକ ବୈଶ୍ୟ ସମାଜର ରକ୍ତଦାନ ଶିବିର

କେନ୍ଦୁଝର, ୨୭।୯ (ସମିସ): ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ପକ୍ଷ ଅବସରରେ କେନ୍ଦୁଝର ଜିଲ୍ଲା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ବଳରାମ ପୃଷ୍ଟି, ସଭାପତି ବସନ୍ତ ସାହୁ, ବସନ୍ତ ପୃଷ୍ଟି, ପ୍ରଫୁଲ୍ଲ ସାହୁ, ଦେବବ୍ରତ ବେହେରା ଏହାକୁ ଉଦଘାଟନ କରିଥିଲେ। ସମ୍ପାଦକ ମାୟାଧର ସାହୁ ଶିବିର ପରିଚାଳନା କରିଥିଲେ। ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ ରକ୍ତଦାତା ଓ ଆୟୋଜକଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଡାକ୍ତର ପୁରୁଷୋତ୍ତମ ମହାନ୍ତ, ରମାକାନ୍ତ ମୁଣ୍ଡା ଏବଂ ରକ୍ତକେନ୍ଦ୍ର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଆଗାମୀ ସମୟରେ ଏ ପ୍ରକାରର ଜନହିତ କାର୍ଯ୍ୟ ନିୟମିତ ଚାଲୁ ରହିବ ବୋଲି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସମସ୍ତ ସଦସ୍ୟସଦସ୍ୟା ସହଯୋଗ କରିଥିଲେ।

ମହିଳା ମହାବିଦ୍ୟାଳୟରେ ସାଇବର ପରାମର୍ଶ ଶିବିର

ଆନନ୍ଦପୁର, ୨୭।୯ (ସମିସ): ଆନନ୍ଦପୁର ତାଲୁକ୍ ଆଇନସେବା ସମିତି ପକ୍ଷରୁ ରାଷ୍ଟ୍ରୀୟ ଆଇନସେବା ପ୍ରାଧୀକରଣର ଯୋଜନା ଆଧାରିତ ତଥା ଓଡିଶା ରାଜ୍ୟ ଆଇନସେବା ପ୍ରାଧୀକରଣଙ୍କର ନିର୍ଦ୍ଦେଶ ଅନୁଯାୟୀ ରବିବାର ଶାଳପଡାସ୍ଥିତ କନକମଞ୍ଜରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ସାଇବର ଅପରାଧରୁ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ଏକ ସଚେତନତା ସଭା ମହାବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ୍ ଆଇନସେବା ସମିତିର ଅଧ୍ୟକ୍ଷ ଦେବଦତ୍ତ ଦାସ୍ ମହାପାତ୍ର ଏସିଡ୍ ପୀଡ଼ିତାଙ୍କ ଚିକିତ୍ସା ଓ ସୁରକ୍ଷା ସହିତ ସେମାନଙ୍କୁ ଆଇନଗତ ସାହାଯ୍ୟ, କ୍ଷତିପୂରଣ ବାବଦରେ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ବିଭାଗ ଦେୱାନୀ ଅଦାଲତର ବିଚାରପତି ଗୌରବ ପୁରୋହିତ, ଘସିପୁରା ଗ୍ରାମନ୍ୟାୟାଳୟର ନ୍ୟାୟାଧିକାରୀ ପ୍ରଣତି ରଥ, ଆନନ୍ଦପୁର ଓକିଲ ସଂଘର ସଭାପତି ଦୟାନିଧି ଦାଶ, ଆନନ୍ଦପୁର ଓକିଲ ସଂଘର ସମ୍ପାଦିକା ମଧୁସ୍ମିତା ଦାସ, ଆଇନଜୀବୀ ହେମରଞ୍ଜନ ବେହେରା ବିଭିନ୍ନ ପରାମର୍ଶ ରଖିଥିଲେ। ବରିଷ୍ଠ ଆଇନଜୀବୀ ବାଇଧର ସେଠୀ ସଭା ପରିଚାଳନା କରିଥିଲେ। କନକମଞ୍ଜରୀ ମହିଳା ମହାବିଦ୍ୟାଳୟର ନିର୍ବାହୀ ଅଧ୍ୟକ୍ଷା ସୌଦାମିନୀ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା, ଶତାଧିକ ଛାତ୍ରୀ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପାରାଲିଗାଲ୍ ସ୍ୱେଚ୍ଛାସେବୀ ଜ୍ୟୋତିରଞ୍ଜନ ଯେନା, ଆଇନସେବା ସମିତି କର୍ମଚାରୀ ଦେବାଶିଷ ବେହେରା, ନବକିଶୋର ନାୟକ ସହଯୋଗ କରିଥିଲେ।

ନୋଟିସ ପରେ ବି ସୁଧୁରିଲାନି

ବାମେବାରୀ-ପଲାସପଙ୍ଗା ରାସ୍ତା ଜାମ୍

ଯୋଡ଼ା, ୨୭।୯ (ସମିସ)

ଜାତୀୟ ରାଜପଥଗୁଡ଼ିକରେ ମାଲବାହୀ ଯାନର ଅନଧିକୃତ ପାର୍କିଂ ଉପରେ କେନ୍ଦୁଝର ଜିଲ୍ଲାପାଳ ତଥା ଆରଟିଏ ଅଧ୍ୟକ୍ଷଙ୍କ ପକ୍ଷରୁ ଏକ ମାସର କଟକଣା ଜାରି ହୋଇଥିବା ବେଳେ, ଏହାପରେ ବାମେବାରୀ–ପଲାସପଙ୍ଗା ଅଞ୍ଚଳରେ ଟ୍ରାଫିକ ସମସ୍ୟା ଆହୁରି ଜଟିଳ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କ ନୋଟିସ ଅନୁଯାୟୀ, ୨୫ ସେପ୍ଟେମ୍ବରରୁ ୨୪ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଜାତୀୟ ରାଜପଥର ମୁଖ୍ୟ ଯାତାୟାତ ପଥରେ ମାଲବାହୀ ଯାନର ଅନଧିକୃତ ପାର୍କିଂ ଉପରେ କଟକଣା ଲାଗୁ କରାଯାଇଛି। ରାସ୍ତାରେ ଭାରୀଯାନ ପାର୍କିଂ ଯୋଗୁଁ ଜରୁରିକାଳୀନ ଯାନ ଚଳାଚଳରେ ବାଧା ଓ ଦୁର୍ଘଟଣାର ଆଶଙ୍କାକୁ ଦୃଷ୍ଟିରେ ରଖି ଏହି ଆଦେଶ ଜାରି ହୋଇଛି। ଏହାର ପ୍ରଭାବ ବାମେବାରୀ–ପଲାସପଙ୍ଗା ରାସ୍ତାରେ ଦେଖିବାକୁ ମିଳୁ ନଥିବା ନେଇ ଅଭିଯୋଗ ଉଠିଛି। ଏହି ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଲୁହାପଥର ବୋଝେଇ ଭାରୀଯାନ ଅଟକି ରହୁଥିବାରୁ ସାଧାରଣ ଯାନବାହନ ଚଳାଚଳ ପ୍ରଭାବିତ ହେଉଛି। ଅନେକ ସ୍ଥାନରେ ଦୁଇଚକିଆ ଯାନ ଯିବା ପାଇଁ ମଧ୍ୟ ରାସ୍ତା ମିଳୁ ନଥିବା ସ୍ଥାନୀୟ ଲୋକେ କହିଛନ୍ତି। ବିଶେଷକରି ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଭଳି ଜରୁରିକାଳୀନ ଯାନ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଯାନର ଚଳାଚଳ ନେଇ ଚିନ୍ତା ପ୍ରକାଶ ପାଇଛି। ଟ୍ରାଫିକ ଜାମ୍ ଯୋଗୁଁ ବସ୍ ଚଳାଚଳ ମଧ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଫଳରେ ଦୈନନ୍ଦିନ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭରଶୀଳ ସ୍ଥାନୀୟ ବାସିନ୍ଦା ସମସ୍ୟାରେ ପଡୁଥିବା କହିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଅଞ୍ଚଳରେ ଥିବା ଶିଳ୍ପ ସଂସ୍ଥାଗୁଡ଼ିକ ପକ୍ଷରୁ ଖଣିଜ ପରିବହନ ପାଇଁ ବହୁ ସଂଖ୍ୟକ ଭାରୀଯାନ ଚଳାଚଳ କରୁଛି। କାରଖାନାରେ ସମୟମତେ ଗାଡ଼ି ଖାଲି ହୋଇପାରୁନଥିବାରୁ ଅନେକ ଯାନ ରାସ୍ତା ଉପରେ ଅଟକି ରହୁଥିବା ସେମାନେ ଅଭିଯୋଗ କରିଛନ୍ତି। ସାଗାସାହି, ଠାକୁରାଣୀ, ସିରାଜୁଦ୍ଦିନ, ସିଶାଗୋଆ ଓ ଅନ୍ୟାନ୍ୟ ଖଣି ଅଞ୍ଚଳରୁ ଦୈନିକ ବହୁ ସଂଖ୍ୟକ ଯାନରେ ଲୁହାପଥର ପରିବହନ ହେଉଛି। ଏହି ଯାନଗୁଡ଼ିକ ପାଇଁ ପର୍ଯ୍ୟାପ୍ତ ପାର୍କିଂ ଓ ଅପେକ୍ଷାସ୍ଥଳ ନଥିବାରୁ ରାସ୍ତା ଉପରେ ଭାରୀଯାନର ଲମ୍ବା ଧାଡ଼ି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ଲୋକେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମ୍ପୃକ୍ତ ଶିଳ୍ପ ସଂସ୍ଥାକୁ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରିବା ସହ ପରିବହନ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବାକୁ ଦାବି କରିଛନ୍ତି। ଏଥିସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶର କଡ଼ାକଡ଼ି ପାଳନ ସହ ରାସ୍ତା ଅବରୋଧ କରୁଥିବା ଯାନ ବିରୋଧରେ ପଦକ୍ଷେପ ନେବାକୁ ଦାବି ହୋଇଛି। ଟ୍ରାଫିକ ସମସ୍ୟାର ଶୀଘ୍ର ସମାଧାନ ନହେଲେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରି ଆନ୍‌ଦୋଳନ କରାଯିବ ବୋଲି ମଧ୍ୟ କେତେକ ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

ବନ୍ୟାରେ ଜିଲ୍ଲାର ୩.୫୭ ଲକ୍ଷ ଲୋକ ପ୍ରଭାବିତ

ବାଲେଶ୍ୱର, ୨୭।୯ (ସମିସ)

ଉପରମୁଣ୍ଡରେ ଲଗାଣ ବର୍ଷା ଓ ପ୍ରମୁଖ ନଦୀଗୁଡ଼ିକରେ ବଢ଼ୁଥିବା ଜଳସ୍ତର ବାଲେଶ୍ୱର ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ବ୍ୟାପକ କରିଦେଇଛି। ଆଜି ବାଲେଶ୍ୱର ଜିଲ୍ଲାପ୍ରଶାସନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଏବଂ ଉପ ଜିଲ୍ଲାପାଳ ଶିବ ମାଲବ୍ୟ ଜିଲ୍ଲାରେ ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ଧାର ଏବଂ ରିଲିଫ ପ୍ରଦାନ ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଜିଲ୍ଲାର ୧୧ଟି ବ୍ଲକର ୧୨୬ଟି ଗ୍ରାମ ପଞ୍ଚାୟତ ଅଧୀନ ୭୩୦ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ମୋଟ ୩,୫୭,୪୬୬ ଜଣ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ପରିସ୍ଥିତିର ଗମ୍ଭୀରତାକୁ ଦେଖି ୬୭,୨୬୬ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏହାର ସଂଖ୍ୟାକୁ ଦେଖିଲେ ବାଲେଶ୍ୱରରେ ବନ୍ୟା ଭୟାବହତା ସ୍ପଷ୍ଟ ହେଉଛି। ବନ୍ୟାର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ଉଦ୍ଧାର ଓ ଜରୁରୀକାଳୀନ ଟିମ୍‌କୁ ବନ୍ୟାଞ୍ଚଳରେ ନିୟୋଜିତ କରାଯାଇଛି।

ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ ଜିଲ୍ଲାରେ ଥିବା ୧୨ଟି ସ୍ଥାନୀୟ ଅଗ୍ନିଶମ ବାହିନୀ ଟିମ୍, ୪ଟି ଓଡ୍ରାଫ୍ ଟିମ୍, ୨ଟି ଏନ୍‌ଡିଆର୍‌ଏଫ୍ ଟିମ୍, ୬ଟି ମେଡିକାଲ୍ ଟିମ୍ ଓ ୧୭ଟି ଭେଟନାରୀ ଟିମ୍ ନିୟୋଜିତ ହୋଇଛନ୍ତି। ଭୋଗରାଇ, ଜଳେଶ୍ୱର, ବାଲିଆପାଳ, ବାଲେଶ୍ୱର, ରେମୁଣା, ନୀଳଗିରି ଓ ସୋର ଅଞ୍ଚଳରେ ଫାୟାର୍ ସର୍ଭିସ୍ ଟିମ୍‌ଗୁଡ଼ିକୁ ନିୟୋଜିତ କରାଯାଇଥିବା ବେଳେ ଜିଲ୍ଲା ଓ ବ୍ଲକସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟ କରୁଛି। ଏଥିସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ବରିଷ୍ଠ ଅଧିକାରୀଙ୍କୁ ମୁତୟନ କରାଯାଇ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ବନ୍ୟାର ସବୁଠାରୁ ବଡ଼ ଚିନ୍ତା ଏବେ ନଦୀଜଳର ସ୍ଥିତି। ୨୭ ସେପ୍ଟେମ୍ବର ସନ୍ଧ୍ୟା ୭ଟାର ତଥ୍ୟ ଅନୁଯାୟୀ ଜଳକା ନଦୀ ୬.୬୨ ମିଟରରେ ବହୁଥିବା ବେଳେ ବିପଦସଙ୍କେତ ଉପରେ ରହିଛି ଏବଂ ଜଳସ୍ତର ସ୍ଥିର ରହିଛି। ସେହିପରି ସୁବର୍ଣ୍ଣରେଖା ନଦୀ ୧୧.୨୦ ମିଟରରେ ବହୁଛି ଓ ଏହା ମଧ୍ୟ ବିପଦସଙ୍କେତ ଉପରେ ରହିଥିବା ବେଳେ ଜଳସ୍ତର ସ୍ଥିର ରହିଛି। ଅନ୍ୟପଟେ ବୁଢ଼ାବଳଙ୍ଗ ନଦୀ ୭.୪୪ ମିଟରରେ ଥିବା ବେଳେ ବିପଦସଙ୍କେତ ତଳେ ରହିଛି ଏବଂ ଏହାର ଜଳସ୍ତର ହ୍ରାସ ପ୍ରବଣତାରେ ଥିବା ପ୍ରଶାସନିକ ତଥ୍ୟରୁ ଜଣାପଡ଼ିଛି। ତିନି ପ୍ରମୁଖ ନଦୀର ଜଳସ୍ତର ଉପରେ ପ୍ରଶାସନ ନଜର ରଖିଥିବା ବେଳେ ତଳିଆ ଅଞ୍ଚଳର ସ୍ଥିତି ଉପରେ ମଧ୍ୟ ନିରନ୍ତର ନଜର ରହିଛି। ବନ୍ୟା ପ୍ରଭାବିତ ଲୋକଙ୍କ ଖାଦ୍ୟ ଓ ପାନୀୟ ଜଳ ସମସ୍ୟା ମୁକାବିଲା

- ୬୭ ହଜାରରୁ ଅଧିକ ସ୍ଥାନାନ୍ତର
- ବିପଦସଙ୍କେତ ଉପରେ ଜଳକା-ସୁବର୍ଣ୍ଣରେଖା
- ୧୧ ବ୍ଲକର ୧୨୬ ପଞ୍ଚାୟତ ଓ ୭୩୦ ଗାଁ ଜଳବନ୍ଦୀ
- ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ୧୨ ଅଗ୍ନିଶମ, ୪ ଓଡ୍ରାଫ୍ ଓ ୨ ଏନ୍‌ଡିଆର୍‌ଏଫ୍ ଟିମ୍ ସାମିଲ

ପାଇଁ ୧୪୭ଟି ମାଗଣା ରୋଷେଇ ଓ ରିଲିଫ୍ କେନ୍ଦ୍ର ଜାରି ରହିଛି। ଏହି କେନ୍ଦ୍ରଗୁଡ଼ିକ ଭୋଗରାଇ, ଜଳେଶ୍ୱର, ବାଲିଆପାଳ, ବାଲେଶ୍ୱର, ରେମୁଣା, ନୀଳଗିରି ଓ ସୋର ଅଞ୍ଚଳରେ ବନ୍ୟା ପ୍ରପୀଡ଼ିତଙ୍କ ପାଇଁ କାର୍ଯ୍ୟ କରୁଛି। ଏହି ରୋଷେଇ ରିଲିଫ କେନ୍ଦ୍ରରୁ ୬୭,୨୬୬ ଜଣ ବନ୍ୟା ପ୍ରଭାବିତଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଏହା ସହ ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ବଣ୍ଟନ ମଧ୍ୟ ଆରମ୍ଭ ହୋଇଛି। ରିପୋର୍ଟ ଅନୁଯାୟୀ ଏପର୍ଯ୍ୟନ୍ତ ୬୭୧.୨୫ କ୍ୱିଣ୍ଟାଲ୍ ଚୁଡ଼ା ଓ ୬୭.୧୨୫ କ୍ୱିଣ୍ଟାଲ୍ ଗୁଡ଼ ବଣ୍ଟନ କରାଯାଇଛି। ଅନ୍ୟପକ୍ଷରେ ଲୋକଙ୍କ ପାଇଁ ୬୯,୦୫୦ ବୋତଲ ପାଣି ଯୋଗାଣ କରାଯାଇଥିବା ନେଇ ଜିଲ୍ଲାପାଳ ଶ୍ରୀ ବିକାଶ ସୂଚନା ଦେଇଛନ୍ତି। ବନ୍ୟା ପରିସ୍ଥିତି ମଧ୍ୟରେ ମାନବ ସୁରକ୍ଷା ସହ ପଶୁସମ୍ପଦର ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସେଥିପାଇଁ ୧୭ଟି ଭେଟେରିନାରୀ ଟିମ୍ ବନ୍ୟାଞ୍ଚଳରେ ନିୟୋଜିତ ହୋଇଛନ୍ତି। ଅନ୍ୟପଟେ ଜରୁରୀ ଚିକିତ୍ସା ସେବା ପାଇଁ ୬ଟି ମେଡିକାଲ୍ ଟିମ୍ ନିୟୋଜିତ ଅଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ସମନ୍ୱିତ କରିବା ପାଇଁ କଣ୍ଟ୍ରୋଲ୍ ରୁମ୍‌ଗୁଡ଼ିକୁ ୨୪ ଘଣ୍ଟିଆ ଭାବେ ଖୋଲା ରଖାଯାଇଛି। ୩.୫୭ ଲକ୍ଷ ଲୋକ ପ୍ରଭାବିତ, ୬୭ ହଜାରରୁ ଅଧିକ ଲୋକ ସ୍ଥାନାନ୍ତର, ୭୩୦ ଗାଁ ପ୍ରଭାବିତ ଏବଂ ଦୁଇ ପ୍ରମୁଖ ନଦୀ ବିପଦସଙ୍କେତ ଉପରେ ରହିବା ବାଲେଶ୍ୱରର ବନ୍ୟା ପରିସ୍ଥିତିର ବନ୍ୟାର ଭୟାବହତା ଓ ବ୍ୟାପକତାକୁ ଦର୍ଶାଉଛି। ପ୍ରଶାସନ ପକ୍ଷରୁ ଉଦ୍ଧାର, ସ୍ଥାନାନ୍ତର, ଖାଦ୍ୟ ଓ ପାଣି ଯୋଗାଣ ସହ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବେଳେ ଜଳକା ଓ ସୁବର୍ଣ୍ଣରେଖାର ଜଳସ୍ତର ସ୍ଥିର ରହିଛି। ତଳିଆ ଓ ଅସୁରକ୍ଷିତ ଅଞ୍ଚଳର ଲୋକଙ୍କୁ ସତର୍କ ରହିବା ସହ ପ୍ରଶାସନର ନିର୍ଦ୍ଦେଶ ମାନିବାକୁ ଜିଲ୍ଲାପାଳ ନିବେଦନ କରିଛନ୍ତି।

ସୁବର୍ଣ୍ଣରେଖାର ଚତୁର୍ଥ ବନ୍ୟାରେ ବ୍ୟାପକ କ୍ଷତି

ରାଜଘାଟ, ୨୭।୯ (ସମିସ): ସୁବର୍ଣ୍ଣରେଖା ନଦୀରେ କ୍ରମାଗତ ଚତୁର୍ଥ ଥର ବନ୍ୟା ହୋଇଛି। ନଦୀବନ୍ଧ ବେଣାପୁରାଠାରୁ କାଦରାୟାଁ ଏବଂ ସେଠାରୁ ଦାରୁବୁଢ଼ୀ ବନ୍ଧ ପର୍ଯ୍ୟନ୍ତ ଦୁର୍ବଳ ଥିବାରୁ ବସ୍ତା ବ୍ଲକର ୧୦ରୁ ଅଧିକ ପଞ୍ଚାୟତର ୭୦ ହଜାରରୁ ଉର୍ଦ୍ଧ୍ୱ ଲୋକ ବିପଦରୁ ବର୍ତ୍ତୀ ଯାଇଥିଲେ। ସୁବର୍ଣ୍ଣରେଖାରେ ବିପଦ ସଂକେତ ୧୦.୩୬ ଥିବାବେଳେ ସର୍ବାଧିକ ୧୧.୬୮ ମିଟରରୁ ପାଣି ଅଧିକ ହୋଇ ନଥିବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ ଏହି ୧୦ଗୋଟି ପଞ୍ଚାୟତବାସୀ। ଗତ ବନ୍ୟାରେ ବେଣାପୁରା ଠାରୁ କାଦରାୟାଁ ପର୍ଯ୍ୟନ୍ତ ପ୍ରାୟ ୨୫ରୁ ଅଧିକ ସ୍ଥାନରେ ପାଣି ବାହାରକୁ ବାହାରି ଆସିଥିଲା, ତୃତୀୟ ଥର ବନ୍ୟା ପରେ କାଦରାୟାଁ ଗ୍ରାମକୁ ଯିବାକୁ ରାସ୍ତା ନାହିଁ ଧାନ ଚାଷ ହୋଇଥିବା ବିଲ ପାଖ ହିଡ଼ ରାସ୍ତାରେ ଯାତାୟତ କରୁଛନ୍ତି ଗ୍ରାମବାସୀ। ଗ୍ରାମକୁ ଆମ୍ବୁଲାନ୍ସ ଯିବା ସମ୍ଭବ ହୋଇପାରୁ ନାହିଁ, କିଛି କିଛି ଗ୍ରାମରେ ପାଣି ପଶିବା ଯୋଗୁଁ ଘର ଏବଂ କୁକୁଡ଼ା ଫାର୍ମ ପାଣି ଘେରରେ ଥିବାରେ ଜଣା ପଡିଛି। ଭେଲୋରା-ରାମଚନ୍ଦ୍ରପୁର ରାସ୍ତା ଓ ଗିଳାଯୋଡି-ଆମ୍ବକୁତୁଚି ରାସ୍ତା ରେ ୩ଫୁଟରୁ ଉର୍ଦ୍ଧ ପାଣି ପ୍ରଭାବିତ ହେଉଥିବାରୁ ଯୋଗାଯୋଗ ବିଛିନ୍ନ ହୋଇଛି। ଏ ବାବଦରେ ବାଲେଶ୍ୱର ସାଂସଦ, ଜିଲାପାଳ, ଜଳେଶ୍ୱର ବିଧାୟକ, ଜଳସମ୍ପଦ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, ଏଡିଏମ, ବସ୍ତା ତହସିଲଦାର ସମସ୍ତଙ୍କର ନଜର ରହିଛି ମାତ୍ର କିଛି ଆଖିଦୃଶିଆ କାର୍ଯ୍ୟ ହୋଇ ନ ପାରିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ବନ୍ୟା ବିପନ୍ନଙ୍କୁ ଭେଟିଲେ ଭୋଗରାଇ ବିଧାୟକ

ବାଲେଶ୍ୱର(ଉତ୍ତର), ୨୭।୯ (ସମିସ): ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ଚତୁର୍ଥ ଥର ପାଇଁ ବନ୍ୟା ଆସିଛି। ପୁଣି ୧୫ଟି ପଞ୍ଚାୟତର ୭୦ରୁ ଅଧିକ ଗ୍ରାମରେ ବନ୍ୟା ଜଳ ପ୍ରବେଶ କରିଛି। ରାସ୍ତା ଘାଟ ବୁଡ଼ିବା ସହ ତଳିଆ ଅଞ୍ଚଳରେ ଥିବା ଘରେ ପାଣି ପଶିଛି। ଲୋକେ ଦୁର୍ଦ୍ଦିନରେ ରହିଛନ୍ତି। ଚଳିତ ବିଧାନସଭା ର ମୌସୁମୀ ଅଧିବେଶନ ଚାଲିଥିଲା ବେଳେ ଆଜି ଛୁଟି ଦିନ ଥିବାରୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏଠାରେ ପହଞ୍ଚି ବନ୍ୟାଞ୍ଚଳରେ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବା ସହିତ ସେମାନଙ୍କ ପାଇଁ ସହାୟତା ଯୋଗାଇବା ଦେବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଗତକାଲି କୁମ୍ଭୀରଗଡ଼ି ପଞ୍ଚାୟତର ଅଡ଼ଙ୍ଗ ପନ୍ତେଇ, ବାଉଁଶଖଣା, କୁହ୍ଲା, ଖଳା ବାଡ଼ିଆ ଗାଁ ସହିତ ଆଜି ମନୁ ନଗର, ଆରୁହା ବୃତ୍ତି -୧, ଖରିଦପିପଳ, ଦହମୁଣ୍ଡା ଇତ୍ୟାଦି ଗାଁକୁ ଯାଇ ବନ୍ୟା ବିପନ୍ନଙ୍କୁ ଭେଟିଥିବା ଜଣାପଡିଛି। ବିଧାୟକଙ୍କ ସହ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି ବନ୍ୟା ପ୍ରପୀଡ଼ିତ ଗାଁର ସ୍ଥାନୀୟ ଜନପ୍ରତିନିଧିଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି।

ବନ୍ୟା ପୀଡ଼ିତଙ୍କୁ ଭେଟିଲେ ପୂର୍ବତନ ସାଂସଦ

ଖଇରା, ୨୭।୯ (ସମିସ): ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବନ୍ୟାର ୨ଦିନ ପରେବି ପ୍ରଶାସନ ପହଞ୍ଚି ପାରିନାହିଁ। ଏହି ପରିପ୍ରେକ୍ଷୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀଙ୍କ ନେତୃତ୍ୱରେ କଂଗ୍ରେସର ଏକ ଟିମ ରବିବାର ପାଣିଘେରରେ ଥିବା ମାଖନପୁର ପଞ୍ଚାୟତର ଟିପସଗଡିଆ, ଭାସ୍କରପୁର ଓ ଦୁର୍ଗାପୁର ଇତ୍ୟାଦି ଗ୍ରାମକୁ ଯାଇ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏଥିସହ ବହୁ ୨୦ରୁ ଉର୍ଦ୍ଧ ମାଟି ଘର ଭାଙ୍ଗିଥିବା ଏବଂ ଶତାଧିକ ଗୃହ ପାଣି ଘେରରେ ଥିଲେ ହେଁ ଏ ପର୍ଯ୍ୟନ୍ତ ପ୍ରଶାସନ ପହଞ୍ଚି ନ ଥିବା, ରନ୍ଧାଖାଦ୍ୟର ବ୍ୟବସ୍ଥା କରାନଯିବା କିମ୍ବା ପଲିଥିନ ର ବ୍ୟବସ୍ଥା କରାଯାଇନଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏବେ ଟିପସଗଡିଆ ଗଡିଆ ଜେନାସାହିରେ ୬୫ଘର ସଙ୍ଗୀନ ଅବସ୍ଥାରେ ପାଣିଘେରରେ ଥିବା ବେଳେ ସେମାନଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସିମୁଳିଆ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ବ୍ଲକ କଂଗ୍ରେସ ସଭାପତି ବସନ୍ତ କୁମାର ପାତ୍ର, ପ୍ରଶାନ୍ତ ପାତ୍ର, ଗୌରାଙ୍ଗ ବେହେରା, ସୁବାଷ ଘଡେଇ ପ୍ରମୁଖ ସାମିଲ ଥିଲେ।

ଅଙ୍ଗନବାଡ଼ି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ'

ବାଲେଶ୍ୱର,୨୭।୯ (ସମିସ): ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ଭାଲିଆଡାଙ୍ଗ ଅଙ୍ଗନବାଡ଼ି କେନ୍ଦ୍ରଠାରେ 'ଆଙ୍ଗନ କା ଉତ୍ସବ' ପାଳିତ ହୋଇଯାଇଛି। ଏହି ଉତ୍ସବକୁ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଲମ୍ବୋଧର ବଳ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରାକ୍‌ବିଦ୍ୟାଳୟରେ ପଢ଼ୁଥିବା ଶିଶୁମାନଙ୍କ ଅଭିଭାବକଙ୍କ ମଧ୍ୟରେ ଏକ ପିଠା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ ଜୟନ୍ତୀ ବିଶ୍ୱାଳ ଏବଂ ସ୍ଥାନୀୟ କାଉନସିଲର ଦେବାଶିଷ ସିଂହ ଉପସ୍ଥିତ ଥିଲେ।

ଅନ୍ତର୍ଜାତୀୟ ସାଂକେତିକ ଭାଷା ଦିବସ ପାଳିତ

ବାଲେଶ୍ୱର,୨୭।୯ (ସମିସ): ଜିଲ୍ଲା ମୁକ ବଧିର ସଂଘ ପକ୍ଷରୁ ଅନ୍ତର୍ଜାତୀୟ ସାଂକେତିକ ଭାଷା ଦିବସ ପାଳନ କରାଯାଇଛି। ଏ ନେଇ ସହରର ଗାନ୍ଧୀସ୍ମୃତି ଭବନରେ ସଂଘ ପକ୍ଷରୁ ଦିବସ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଡ. ଲକ୍ଷ୍ମୀନାରାୟଣ ମହାନ୍ତି, ଆଇନ୍‌ଜିବୀ ସ୍ନେହଲତା ଦାଶପତି, ସଂଘର ଉପଦେଷ୍ଟା କବି ପ୍ରଶାନ୍ତ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟରୁ ଅମ୍ବିକାରାଣୀ ପୃଷ୍ଟି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତୀୟ ସାଂକେତିକ ଭାଷା ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ସଭାପତି ସୁବୀର ନାୟକ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଇଣ୍ଟରପ୍ରିଟର କ୍ରୀଷ୍ଣା ବାଗରିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶେଷରେ ଅର୍ଗାନାଇଜିଙ୍ଗ ସେକ୍ରେଟେରୀ ଅଭୟ ମହାରଣା ଧନ୍ୟବାଦ ଦେଇଥିଲେ।

ପଥର ବୋଝେଇ ୫ ଡମ୍ଫର ଜବତ

ସୋର,୨୭।୯ (ସମିସ): ପ୍ରଶାସନ ଆଖିରେ ଧୂଳି ଦେଇ ପଥର ମାଫିଆ ମାନେ ବାଗୁଡି ପଥର ଖାଦାନରୁ ଦିନରାତି ଅହରହ ପଥର ଲୁଟ କରୁଛନ୍ତି। ପ୍ରଶାସନ ଡାଳେ ଡାଳେ ଗଲେ ମାଫିଆମାନେ ଅସାଧୁ ଅଧିକାରୀଙ୍କୁ ହାତ କରି ପତ୍ରେପତ୍ରେ ଯାଇ ପଥର ଲୁଟ କରିବାରେ ଲାଗିଛନ୍ତି। ଗତକାଲି ରାତିରେ ଖାଦାନରୁ ବେଆଇନ ଭାବେ ପଥର ଚାଲାଣ ହେଉଥିବା ଖବର ପାଇ ସୋର ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୫ଟି ପଥର ବୋଝେଇ ଡମ୍ଫର ଜବତ କରିଥିବା ଜଣାପଡିଛି। ଗତକାଲି ରାତିରେ ପଥର ଲୁଟ୍ ଚାଲିଥିବା ନେଇ ସୋର ପୁଲିସକୁ କୌଣସି ସୁତ୍ରରୁ ଖବର ମିଳିଥିଲା। ପରେ ସୋର ଥାନାଧିକାରୀ ଅନୁରାଗ ମହାନ୍ତିଙ୍କ ନିର୍ଦ୍ଦେଶରେ ଏସଆଇ ପ୍ରିତିଜିତ ମହାନ୍ତିଙ୍କୁ ନେଇ ଗଠିତ ଏକ ଟିମ ଅତର୍କିତ ଭାବେ ଚଢ଼ଉ କରିଥିଲେ। ଏହି ସମୟରେ ୫ଟି ପଥର ବୋଝେଇ ଗାଡିକୁ ଖାଦାନ ଅଞ୍ଚଳରୁ ଜବତ କରିଥିବା ବେଳେ ଏହାର ଚାଳକମାନେ ଫେରାର ହୋଇଯାଇଥିଲେ। ପୁଲିସ ଜବତ ଗାଡିକୁ ଥାନାରେ ରଖିବା ସହିତ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ରାବଣ ପୋଡ଼ି ଉତ୍ସବ ପ୍ରସ୍ତୁତି ବୈଠକ

ନୀଳଗିରି, ୨୭।୯ (ସମିସ): ରାବଣ ପୋଡ଼ି ଉତ୍ସବ ପାଇଁ ନୀଳଗିରି ଡାକବଙ୍ଗଳା ପରିସର ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ଷ୍ଟାଡିୟମ ପଡ଼ିଆ ପରିସରରେ ଚଳିତ ବର୍ଷ ୪୨ ତମ ରାବଣ ପୋଡ଼ି ଉତ୍ସବ ଆସନ୍ତା ୨୨ ତାରିଖ ସନ୍ଧ୍ୟା ୭ ଘଟିକାରେ ହଜାର ହଜାର ଜନସମାଗମ ମଧ୍ୟରେ ରାବଣ ପୋଡି ଉତ୍ସବ ପାଳିତ ହେବ। ଏହି ଉତ୍ସବକୁ ପୂର୍ବରୁ ସ୍ଥାନୀୟ ପୂର୍ବତନ ବିଧାୟକ ତଥା ରାବଣ ପୋଡି କମିଟି ର ସଭାପତି ଅକ୍ଷୟ ଆଚାର୍ଯ୍ୟଙ୍କ ପୌରୋହିତ୍ୟ ରେ ଉକ୍ତ ଉତ୍ସବର ଅୟୋଜନ କରାଯାଇ ଥିବା ବେଳେ, ତାଙ୍କର ମୃତ୍ୟୁ ପରେ ତାଙ୍କର ପୁତ୍ର ଦିବ୍ୟଜ୍ୟୋତି ଆଚାର୍ଯ୍ୟଙ୍କ ସଭାପତିତ୍ୱ ରେ ଆୟୋଜନ ହେବାକୁ ଯାଉଛି। ଆୟୋଜିତ ପ୍ରସ୍ତୁତି ବୈଠକରେ ଅକ୍ଷୟ ଆଚାର୍ଯ୍ୟଙ୍କ ପୁତ୍ର ଦିବ୍ୟଜ୍ୟୋତି ଆଚାର୍ଯ୍ୟଙ୍କ ସହିତ ବରିଷ୍ଠ ସଦସ୍ୟ ବିଶ୍ୱନାଥ ଦାସ, ସମାଜସେବୀ ଉଦୟଜ୍ୟୋତି ମହାନ୍ତି, ରଶ୍ମିରଞ୍ଜନ ରାଉତ, ଯଶୋବନ୍ତ ରାଉତ, ସତ୍ୟଜିତ ପ୍ରଧାନ, ଆଦର୍ଶ ଗୌରବ ଦାସ, ଅଶ୍ୱିନୀ ପାତ୍ର, ଜୟଦୀପ ସ, ମହେଶ୍ୱର ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

ବାଲେଶ୍ୱର ଷ୍ଟେସନ କ୍ଲବ୍‌ର ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଲେଶ୍ୱର,୨୭।୯ (ସମିସ): ବାଲେଶ୍ୱର ଷ୍ଟେସନ କ୍ଲବର ୨୦୨୬ - ୨୮ ପାଇଁ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ କ୍ଲବ ସଦଭାବନା ଗୃହରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ଆଗାମୀ ଦୁଇ ବର୍ଷ ପାଇଁ ସମସ୍ତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଛି। ନୂତନ ଭାବେ ସଭାପତି ପ୍ରଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ନୂତନ କରି ନିର୍ବାଚିତ ସମ୍ପାଦକ ପ୍ରଦୀପ ଦାସ, ଉପସଭାପତି ଶୋଭେନ ଘୋଷ, ସଞ୍ଜୟ ସାମଲ, ଯୁଗ୍ମ ସମ୍ପାଦକ ଅନୁଜ ଷଡ଼ଙ୍ଗୀ ଓ ଟ୍ରେଜେରାର ଯୋଗେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ଏକଜ୍ଯୁକ୍ଟିଭ କମିଟିର ନୂତନ କର୍ମକର୍ତ୍ତା ଗିରିଜା ଶଙ୍କର ଦାସ, ଆୟେନ ସେନ, ପ୍ରଶାନ୍ତ ମହାନ୍ତି, ଜଗବନ୍ଧୁ ପୃଷ୍ଟି, ସୁରେଶ ଉପାଧ୍ୟାୟ, ଅମର ମହାନ୍ତି, ବିବେକ ଖଣ୍ଡେଲୱାଲ, କମାଲ ଖଣ୍ଡେଲୱାଲ, ବିଭୂପଦ ଦାସ, ମଳୟ ବିଶ୍ୱାସ ଓ ନିଶିତ ବାରିକ, ଏନରୋଲମେଣ୍ଟ କମିଟିର ସଦସ୍ୟ ମନମଥ ଦାସ, ବିଶ୍ୱଜିତ ପ୍ରାମାଣିକ ଓ ବିରେଶ୍ୱର ଦାସ ତଥା ଡିସିପ୍ଲିନାରୀ କମିଟିର ସଦସ୍ୟ ମଦନ ସାରାୱାଗି, ଚିନ୍ତାମଣି ରାଉତ, ଓ ପୀତବାସ ମହାପାତ୍ରଙ୍କୁ ସ୍ୱାଗତ କରିଥିଲେ।

ଚୋରା ମଦ ବ୍ୟବସାୟୀଙ୍କୁ ସାବାଡ଼ କଲେ ମହିଳା ଗୋଷ୍ଠୀ

ଚନ୍ଦନେଶ୍ୱର, ୨୭।୯ (ସମିସ): ଗାଁରେ ଦୀର୍ଘ ବର୍ଷ ଧରି ଚାଲିଥିବା ଚୋରା ମଦ କାରବାରକୁ ନେଇ ଅତିଷ୍ଠ ହୋଇପଡ଼ିଥିବା ମହିଳାମାନେ ଶେଷରେ ଏକଜୁଟ ହୋଇ ଏହା ବିରୋଧରେ ମୁହଁ ଖୋଲିଛନ୍ତି। ଭୋଗରାଇ ବ୍ଲକ କାନ୍ଠଥଉଁରୀ ପଞ୍ଚାୟତ ଅନ୍ତର୍ଗତ ଏକ ଗାଁରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଚୋରା ମଦ ବିକ୍ରି ଅଭିଯୋଗରେ ଜଣେ ମହିଳାଙ୍କୁ ଧରି ପୁଲିସ ଜିମା ଦେଇଛନ୍ତି। ତାଙ୍କ ନିକଟରୁ ୫୦ ଲିଟରରୁ ଅଧିକ ଦେଶୀ ଓ ବିଦେଶୀ ମଦ ଜବତ ହୋଇଥିବା ଜଣାପଡ଼ିଛି। ସେହି ଗାଁର ବିଶ୍ୱଜିତ ଜେନାଙ୍କ ପତ୍ନୀ ସସ୍ମିତା ଜେନା (ମାମା) ଦୀର୍ଘ ବର୍ଷ ଧରି ଚୋରା ମଦ ବ୍ୟବସାୟ କରୁଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅଭିଯୋଗ ରହିଥିଲା। ମଦ୍ୟପାନ ଯୋଗୁଁ ଗାଁରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ବଢ଼ିବା ସହ ପରିବାରରେ ଅଶାନ୍ତି ଓ ମହିଳାଙ୍କ ଉପରେ ଅତ୍ୟାଚାର ଭଳି ଘଟଣା ଘଟୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ରବିବାର ଗାଁର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇ ଚୋରା ମଦ ବ୍ୟବସାୟକୁ ତୀବ୍ର ବିରୋଧ କରିଥିଲେ। ଘଟଣା ସମ୍ପର୍କରେ ପୁଲିସକୁ ଖବର ଦେବା ସହ ମହିଳାମାନେ ମଦ ଜବତ କରିଥିଲେ। ପରେ ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ମଦ ସହ ଅଭିଯୁକ୍ତ ମହିଳାଙ୍କୁ ହେପାଜତକୁ ନେଇଥିବା ଜଣାପଡ଼ିଛି। ମଦମୁକ୍ତ ଗାଁ ଗଠନ ପାଇଁ ମହିଳାମାନଙ୍କ ଏହି ଏକଜୁଟ ପ୍ରତିରୋଧ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଅଭିଯାନରେ ରଶ୍ମିତାରାଣୀ ଭୂୟାଁ, କଳ୍ପନା ଭୂୟାଁ, ମନ୍ଦାକିନୀ ଭୂୟାଁ, ସରସ୍ୱତୀ ଭୂୟାଁ, ବୁଲଟି ଦଳାଇ, ଗୀତା ଦଳାଇ, ରୁନିଆ ଦଳାଇ, ମେନକା ଦାସ, ସବିତା ଦାସ, ରୀତା ଦାସ, ଶୁକ ଦାସ, ସନ୍ଧ୍ୟା ଦାସ, ମମତା ଦାସ ଓ କବିତା ଦାସ ପ୍ରମୁଖ ସାମିଲ ଥିଲେ।

ଭୋଲାନାଥ ବିଦ୍ୟାପୀଠରେ ହିନ୍ଦୀ ଦିବସ

ଚନ୍ଦନେଶ୍ୱର, ୨୭।୯ (ସମିସ): ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତ ଅଧୀନ ବାଡ଼ସରିଷାସ୍ଥିତ ଭୋଲାନାଥ ବିଦ୍ୟାପୀଠରେ ହିନ୍ଦୀ ଦିବସ ପାଳନ ହୋଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ପୁରସ୍କାର ବିତରଣୀ ସଭା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ ଅଧିକାରୀ ସଭାକୁ ସଂଚାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାଶ୍ୟାମ ଦାସ ଯୋଗଦେଇ ହିନ୍ଦୀ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ଦାସ କହିଥିଲେ ଯେ, ଭାରତ ଏକ ବିବିଧ ଭାଷା ଓ ସଂସ୍କୃତିର ଦେଶ।

କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଦୀନବନ୍ଧୁ ଶଙ୍ଖୁଆ, ସୁଧାଂଶୁ ଶେଖର ମଣ୍ଡଳ, ସାବିତ୍ରୀ ପାଣିଗ୍ରାହୀ, ସିଲା ସିଂ, ସୁପ୍ରିୟା ବେହେରା, ରାମଚନ୍ଦ୍ର କର, ଅସିତ ସେନାପତି, ମିତନୀ ପ୍ରଧାନ, ଜେ.ପି. ମନିକା, ମଧୁମିତା ପ୍ରଧାନ, ଇସ୍ମିତା ପାତ୍ର ଓ ପଙ୍କଜିନୀ ଜେନା ପ୍ରମୁଖ ଯୋଗଦେଇ ହିନ୍ଦୀ ଭାଷାର ଗୁରୁତ୍ୱ, ଭାଷା ଶିକ୍ଷାର ଆବଶ୍ୟକତା ଏବଂ ଛାତ୍ରଛାତ୍ରୀଙ୍କ ଭାଷାଜ୍ଞାନ ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ଆୟୋଜିତ ପ୍ରତିଯୋଗିତାରେ ନିବେଦିତା ପରିଡ଼ା ପ୍ରଥମ, ମମତା ପ୍ରଧାନ ଦ୍ୱିତୀୟ ଏବଂ ମହମ୍ମଦ ଜାହିର ତୃତୀୟ ସ୍ଥାନ ଅଧିକାର କରିଥିଲେ।

ଭୋଗରାଇ ବ୍ଲକ୍ | ୧୮ ପଞ୍ଚାୟତର ୭୦ରୁ ଉର୍ଦ୍ଧ୍ୱ ଗାଁ ପାଣି ଘେରରେ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୨୭।୯ (ସମିସ)

ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀର ଚତୁର୍ଥ ବନ୍ୟା ଭୋଗରାଇ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶାକୁ ଆହୁରି ଗମ୍ଭୀର କରିଦେଇଛି। ଦ୍ୱିତୀୟ ବନ୍ୟାର କ୍ଷତ ଓ ଦୁର୍ଦ୍ଦଶାରୁ ଲୋକେ ଅଣ୍ଟା ସଳଖି ପାରିନଥିବା ବେଳେ ପୁଣିଥରେ ସୁବର୍ଣ୍ଣରେଖାର ଫୁଲିଥିବା ପାଣି ନଦୀକୂଳିଆ ଓ ତଳିଆ ଅଞ୍ଚଳର ଲୋକଙ୍କ ଜୀବନଜୀବିକାକୁ ଅସ୍ତବ୍ୟସ୍ତ କରିଦେଇଛି। ବନ୍ୟାଜଳ ଅନେକ ଗାଁକୁ ଘେରି ରହିଥିବା ବେଳେ ରାସ୍ତାଘାଟ ଉପରେ ମଧ୍ୟ ଅନେକ ଫୁଟ ଉଚ୍ଚର ପାଣି ଜମି ରହିଛି। ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ୧୦.୩୬ ମିଟର ଥିବାବେଳେ ରବିବାର ସକାଳ ୫ଟା ସୁଦ୍ଧା ନଦୀର ଜଳସ୍ତର ସର୍ବାଧିକ ୧୧.୬୮ ମିଟରରେ ପହଞ୍ଚିଥିଲା। ପ୍ରାୟ ୫ ଘଣ୍ଟା ଧରି ଜଳସ୍ତର ସ୍ଥିର ରହିବା ପରେ ଧୀରେ ଧୀରେ ହ୍ରାସ ପାଇବା ଆରମ୍ଭ କରିଥିଲା। ତଥାପି ତଳିଆ ଅଞ୍ଚଳକୁ ବନ୍ୟାଜଳର ପ୍ରବେଶ ଜାରି ରହିଥିବାରୁ ଲୋକଙ୍କ ଆଶଙ୍କା କମିନାହିଁ। ସନ୍ଧ୍ୟା ୫ଟା ସୁଦ୍ଧା ରାଜଘାଟରେ ନଦୀର ଜଳସ୍ତର ୧୧.୩୬ ମିଟରରେ ପ୍ରବାହିତ ହେଉଥିବା ଜଣାପଡ଼ିଛି। ଭୋଗରାଇ ବ୍ଲକର ୧୮ଟି ପଞ୍ଚାୟତର ୭୦ରୁ ଉର୍ଦ୍ଧ୍ୱ ଗାଁର ୪୦ ହଜାରରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଅନେକ ଗାଁକୁ ଯାତାୟାତ ବିଚ୍ଛିନ୍ନ ହୋଇଥିବା ବେଳେ ଲୋକମାନେ ଦୈନନ୍ଦିନ ଆବଶ୍ୟକତା ପାଇଁ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବନ୍ୟାପୀଡ଼ିତଙ୍କ ଉଦ୍ଧାର ଓ ଜରୁରୀ ସେବା ପାଇଁ ୬ଟି ବୋଟ ନିୟୋଜିତ ରହିଛି। ଏନଡିଆରଏଫ ଦଳ ମଧ୍ୟ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରସ୍ତୁତ ରହିଛି।

ଭୋଗରାଇ ବିଡିଓ ପ୍ରଶାନ୍ତ କୁମାର ମହାରଣାଙ୍କ ସୂଚନା ଅନୁଯାୟୀ, ବ୍ଲକର ୨୬ଟି ସ୍ଥାନରେ ପ୍ରାୟ ୧୩ ହଜାର ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ପ୍ରଶାସନ ପକ୍ଷରୁ ସତର୍କ କରାଯିବା ପରେ ବହୁ ପରିବାର ଘରଦ୍ୱାର ଛାଡ଼ି ବିଭିନ୍ନ ଆଶ୍ରୟସ୍ଥଳୀ ଓ ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି। ରବିବାର

ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସ୍ଥିତି ଅନୁଧ୍ୟାନ

ବାଲେଶ୍ୱର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ ରାଉତ ଭୋଗରାଇ ଗସ୍ତ କରି ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ବନ୍ୟାଞ୍ଚଳ ପରିଦର୍ଶନ ସହ ଉଦ୍ଧାର, ରିଲିଫ୍ ଓ ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କ ବ୍ୟବସ୍ଥା ସମ୍ପର୍କରେ ସେ ଅଧିକାରୀମାନଙ୍କଠାରୁ ତଥ୍ୟ ନେଇଥିଲେ। ଲୋକଙ୍କ ନିକଟରେ ଆବଶ୍ୟକ ସହାୟତା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ମଧ୍ୟ ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରି ପ୍ରଭାବିତ ଲୋକଙ୍କ ଦୁର୍ଦ୍ଦଶା ବୁଝିଥିଲେ। ବନ୍ୟାଜଳ ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ ସୁବର୍ଣ୍ଣରେଖା ସହ ସଂଯୁକ୍ତ ଚିତେଇ ନଦୀ ଓ ବିଭିନ୍ନ ଛୋଟ ନାଳର ପୁନରୁଦ୍ଧାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟ ପାଇଁ ସରକାର ୬ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ସେ ପ୍ରକାଶ କରିଥିଲେ। ନଦୀ ଓ ନାଳଗୁଡ଼ିକର ସଂସ୍କାର ହେଲେ ଜଳ ନିଷ୍କାସନ ବ୍ୟବସ୍ଥା ସୁଧୁରିବା ସହ ଭବିଷ୍ୟତରେ ବନ୍ୟାଜନିତ ଦୁର୍ଦ୍ଦଶା ଅନେକାଂଶରେ କମିପାରିବ ବୋଲି ଆଶା ପ୍ରକାଶ ପାଇଛି। ବନ୍ୟାର ଭୟାବହତାର ଚିତ୍ର ଭୋଗରାଇର ବିଭିନ୍ନ ରାସ୍ତାଘାଟରେ ସ୍ପଷ୍ଟ ଦେଖିବାକୁ ମିଳିଛି। ଉଲୁଡ଼ାନାଚିନ୍ଦା, ଉଲୁଡ଼ାଭୋଗରାଇ ଲକ୍, ଭୁଆଟେନ୍ତୁଳିବାହାର୍ଦ୍ଦାବାରବାଟିଆ, ଅନ୍ଦିଆ, କୂଳିଦା, ମହାଦିଅା, ଚକପାରୁଳିଆ, ଅନଳିଆ, ଗବଗାଁ ଓ ପନ୍ତେଇଭୁଷଣ୍ଡେଶ୍ୱର ଆଦି ରାସ୍ତାରେ ଏବେ ମଧ୍ୟ ୫ ଫୁଟରୁ ଅଧିକ ଉଚ୍ଚରେ ପାଣି ଜମି ରହିଛି। ଫଳରେ ଅନେକ ସ୍ଥାନରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଆରୁଆବୃତ୍ତି -୧, କୁମ୍ଭୀରଗଡ଼ି, ଗବଗାଁ, କୁଶୁଡ଼ା, ପୁଟିଣା, ନାଚିନ୍ଦା, ଖରିଦପିପଳ, କୂଳିଦା, କଟୁଆଡି, ଦାରୁହା, ଗୁଣସାର୍ଥା, ନହରା, ମହାଗବ, ଭୋଗରାଇ, ଜୟରାମପୁର, ନାରାୟଣମହାନ୍ତିପଡ଼ିଆ, ସିଆଁରୋଇ ଓ ବାଲିମ ଆଦି ପଞ୍ଚାୟତର ବିଭିନ୍ନ ଗାଁ ଏବେ ମଧ୍ୟ ପାଣି ଘେରରେ ରହିଛି। ପ୍ରଶାସନ ପକ୍ଷରୁ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ସହ ରନ୍ଧାଖାଦ୍ୟ ଯୋଗାଣ ଆରମ୍ଭ ହୋଇଥିଲେ ମଧ୍ୟ ବନ୍ୟାର ପ୍ରଥମ ଦିନରେ ଅନେକ ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ମିଳିନଥିବା ଅଭିଯୋଗ ହୋଇଛି।

ଜଳସମ୍ପଦ ବିଭାଗ ପକ୍ଷରୁ ଦୁର୍ବଳ ବନ୍ଧଗୁଡ଼ିକ ଉପରେ ସତର୍କ ନଜର ରଖାଯାଇଛି। ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ଓ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ମଧ୍ୟ ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରି ପ୍ରଭାବିତ ଲୋକଙ୍କ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟାରେ କେବଳ ମଣିଷ ନୁହେଁ, ଗୃହପାଳିତ ପଶୁମାନଙ୍କ ଅବସ୍ଥା ମଧ୍ୟ ଦୟନୀୟ ହୋଇପଡ଼ିଛି। ପଶୁମାନଙ୍କ ପାଇଁ ଶୁଖିଲା ସ୍ଥାନ, ଖାଦ୍ୟ ଓ ପାଣିର ଅଭାବ ମଧ୍ୟ ଚିନ୍ତାର କାରଣ ପାଲଟିଛି। ବାରମ୍ବାର ବନ୍ୟାରେ ଭୋଗରାଇର ନଦୀକୂଳିଆ ଓ ତଳିଆ ଅଞ୍ଚଳର ଲୋକେ ଯେପରି ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି, ତାହା ସ୍ଥାୟୀ ଜଳନିଷ୍କାସନ ବ୍ୟବସ୍ଥା, ନଦୀ-ନାଳ ପୁନରୁଦ୍ଧାର ଓ ଦୁର୍ବଳ ବନ୍ଧର ସ୍ଥାୟୀ ସୁଦୃଢ଼ୀକରଣର ଆବଶ୍ୟକତାକୁ ପୁଣିଥରେ ସାମ୍ନାକୁ ଆଣିଛି। ତୁରନ୍ତ ରିଲିଫ୍ ସହ ଦୀର୍ଘମିଆଦୀ ପଦକ୍ଷେପ ନିଆଯାଇଲେ ହିଁ ବାରମ୍ବାର ବନ୍ୟାରେ ଜନଜୀବନ ଦୁର୍ବିଷହ ହେଉଥିବା ଭୋଗରାଇବାସୀଙ୍କୁ ସ୍ଥାୟୀ ଆଶ୍ୱସ୍ତି ମିଳିପାରିବ।

ସକାଳ
THE SAKALA

ସମ୍ପାଦକୀୟ

ବିଶ୍ୱ ଦେଖ ମଧୁମୟରେ ଜୀବନ ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ ତୋ ପାପ ମରଣ ଭୟ।
-ସ୍ୱଭାବ କବି ଗଙ୍ଗାଧର ମେହେର

ଆମେରିକା-ଚୀନ୍-ଭାରତ

ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସାମ୍ପ୍ରତିକ ଆମେରିକା ଗସ୍ତ ପୁଣିଥରେ ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ତୀବ୍ର ରଣନୈତିକ ମତଭେଦ ସତ୍ତ୍ୱେ ଆମେରିକା ଓ ଚୀନ୍ ପରସ୍ପର ଉପରେ ନିର୍ଭରଶୀଳ ହେବା କେବଳ ସମୟର ଆବଶ୍ୟକତା ନୁହେଁ, ଭୂରାଜନୀତିର ବାଧ୍ୟବାଧକତା - ଏହା ପ୍ରମାଣିତ ହେଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଆଲୋଚନାରେ ବାଣିଜ୍ୟ, ଶୁଳ୍କ, କୃତ୍ରିମ ବୁଦ୍ଧିମତ୍ତା, ତାଇୱାନର ସାର୍ବଭୌମ ପ୍ରସଙ୍ଗ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ବ୍ୟାପକ ଭୂ-ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି। କିନ୍ତୁ ଏହାର ପ୍ରଭାବ କ'ଣ ରହିବ ତାହା ଅନିଶ୍ଚିତ। ଏବେ ବିଶ୍ୱରେ ଦୁଇ ଧ୍ରୁବ ଭାବେ ଉଭା ହୋଇଥିବା ଆମେରିକା ଓ ଚୀନ୍‌ର ରାଷ୍ଟ୍ରମୁଖ୍ୟସ୍ତରୀୟ ଆଲୋଚନା କିନ୍ତୁ ଦୁଇ ରାଷ୍ଟ୍ର ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧ ବିରତିକୁ ସମ୍ପ୍ରସାରିତ କରିଛି, ଯାହାର ତତ୍କାଳ ସକାରାତ୍ମକ ପ୍ରଭାବ ବିଶ୍ୱବାଣିଜ୍ୟ ଉପରେ ପଡ଼ିବାକୁ ଯାଉଛି।

ସି ଜିନ୍‌ପିଙ୍ଗଙ୍କ ଆମେରିକା ଗସ୍ତ ଓ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ବୁଝାମଣା ଭାରତ ପାଇଁ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏବେ ଆମେରିକୀୟ ଓ ଅନ୍ୟାନ୍ୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଉତ୍ପାଦନ ହବ୍ ପ୍ରତିଷ୍ଠା ପାଇଁ ଚୀନ୍‌ରୁ ଭାରତମୁହାଁ ହୋଇଛନ୍ତି। ଟ୍ରମ୍ପ ଓ ଜିନ୍‌ପିଙ୍ଗ ଯଦି ଏ କ୍ଷେତ୍ରରେ ବନ୍ଧୁତ୍ୱର ହାତ ବଢ଼ାନ୍ତି ତେବେ ଭାରତ ପାଖରୁ ସେହି ସୁଯୋଗ ଚାଲିଯିବ। ତେଣୁ ଭାରତ ଏବେଠାରୁ ନିଜର ଉତ୍ପାଦନ ଇକୋସିଷ୍ଟମ, ଭିତ୍ତିଭୂମି, ଲଜିଷ୍ଟିକ୍ସ, ଦକ୍ଷତା ବିକାଶ ଓ ନିବେଶ ପରିବେଶକୁ ସୁଦୃଢ଼ କରିବାକୁ ପଡ଼ିବ। ଭାରତର ବାଣିଜ୍ୟ ଅର୍ଥନୀତି ଉପରେ ମଧ୍ୟ ଆମେରିକା-ଚୀନ୍ ବାଣିଜ୍ୟ ସମ୍ପର୍କର ପ୍ରଭାବ ପଡ଼ିବ। ଯଦି ବିଶ୍ୱର ଦୁଇ ବୃହତ୍ ଅର୍ଥନୀତିଙ୍କ ମଧ୍ୟରେ ବାଣିଜ୍ୟ ବୁଝାମଣା ସରଳ ଓ ମୁକ୍ତ ହୁଏ ତେବେ ଆମେରିକା ବଜାରରେ ଚୀନ୍ ନିଜର ଆଧିପତ୍ୟ ପୁଣି ବିସ୍ତାର କରିପାରିବ। ଏହାଦ୍ୱାରା ଆମେରିକାରେ ଭାରତର ରପ୍ତାନୀ ବାଣିଜ୍ୟ ବଜାର କ୍ଷତିଗ୍ରସ୍ତ ହେବ।

ଆମେରିକା ଓ ଚୀନ୍ ମଧ୍ୟରେ ଆଲୋଚନାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା କୃତ୍ରିମ ବୁଦ୍ଧିମତ୍ତା ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା। ଉଭୟ ଦେଶ ପ୍ରଯୁକ୍ତିବିଦ୍ୟାର ତୀବ୍ର ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ ମଧ୍ୟ କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଲୋଚନା ଜାରି ରଖିବାକୁ ସହମତ ହୋଇଛନ୍ତି। ଭାରତ ପାଇଁ ଏହା ଏକ ଆହ୍ୱାନ ସୃଷ୍ଟି କରିଛି। ଭାରତ ଏବେ ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତ୍ତା ଓ ଟେଲିଯୋଗାଯୋଗକୁ ଅଧିକ ଗୁରୁତ୍ୱ ଦେଉଛି। ତେଣୁ ଆମେରିକା ଓ ଚୀନ୍ ମଧ୍ୟରେ କୌଣସି ଚୁକ୍ତି ହେଲେ ଏଥିପାଇଁ ଆବଶ୍ୟକ କଞ୍ଚାମାଲ୍‌ର ବିଶ୍ୱ ଯୋଗାଣ ଶୃଙ୍ଖଳା ଓ ମୂଲ୍ୟକୁ ପ୍ରଭାବିତ କରିବ ଏବଂ ଭାରତ କ୍ଷତି ସହିବ। ତେଣୁ ଭାରତକୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ବିବିଧ ଉତ୍ସ ଏବଂ ଦୃଢ଼ ଘରୋଇ ପ୍ରକ୍ରିୟାକରଣ କ୍ଷମତା ବିକାଶ ଦିଗରେ ଧ୍ୟାନ ଦେବା ଆବଶ୍ୟକ।

ଆମେରିକା-ଚୀନ୍ ସମ୍ପର୍କ ଭାରତର ରଣନୈତିକ ପରିବେଶକୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇଛି। ଯଦି ସେହି ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ପାଏ, ତେବେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆମେରିକାର କୂଟନୀତି ଓ ରଣନୀତିରେ ପରିବର୍ତ୍ତନ ଆସିବା ନିଶ୍ଚିତ। ଯଦି ସେପରି ହୁଏ ତେବେ ଭାରତ ମଧ୍ୟ ନିଜ ରଣନୀତିକୁ ପରିବର୍ତ୍ତନ କରିବା ଆବଶ୍ୟକ, ଯେଉଁଥିରେ ଆମେରିକା ସହିତ ଫଳପ୍ରଦ ସମ୍ପର୍କ ବଜାୟ ରହିବ ଏବଂ ଅପରପକ୍ଷରେ ଚୀନ୍ ସହିତ ଥିବା ଜଟିଳ ସମ୍ପର୍କର ପରିଚାଳନା, ଜାପାନ, ଅଷ୍ଟ୍ରେଲିଆ ଓ ଦକ୍ଷିଣ-ପୂର୍ବ ଏସିଆ ସହିତ ସମ୍ପର୍କ ସୁଦୃଢ଼ ଏବଂ ବ୍ରିକ୍ସ ଓ ସାଂଘାଇ ସହଯୋଗ ସଂଗଠନ ଭଳି ମଞ୍ଚ ସହିତ ସକ୍ରିୟ ସମ୍ପର୍କ ବଜାୟ ରଖିବାକୁ ପଡ଼ିବ। ଏବେ ଭାରତ ଆମେରିକା ନେତୃତ୍ୱାଧୀନ 'କ୍ୱାଡ୍'ର ସଦସ୍ୟ ରହିଛି। ଏହା ମୁଖ୍ୟତଃ ଚୀନ୍ ବିରୋଧୀ। ଆମେରିକା ଓ ଚୀନ୍ ଯଦି ପରିବର୍ତ୍ତିତ ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଉତ୍ତେଜନା ହ୍ରାସ ପାଇଁ ବୁଝାମଣା କରନ୍ତି ତେବେ ଭାରତ କେଉଁ ପକ୍ଷ ନେବ ତାହା ଦ୍ୱନ୍ଦ୍ୱ ସୃଷ୍ଟି କରିବ। ଆମେରିକା ଏବେ ପୁଣି ଥରେ ପାକିସ୍ତାନ ଉପରେ ଦୟାଳୁ ହୋଇଥିବା ଦେଖାଯାଉଛି। ପାକିସ୍ତାନକୁ ଚୀନ୍ ଭରାତ ବିରୋଧରେ କଣ୍ଟେଇ ଭଳି ବ୍ୟବହାର କରୁଛି। ତେଣୁ ଆମେରିକା-ଚୀନ୍ ଆଲୋଚନାକୁ କେବଳ ଦୁଇଟି ମହାଶକ୍ତି ମଧ୍ୟରେ ଏକ ପ୍ରତିଯୋଗିତା ଭାବରେ ନୁହେଁ, ବରଂ ଏକ ପରିବର୍ତ୍ତିତ ଆନ୍ତର୍ଜାତୀୟ ଅର୍ଥନୈତିକ ଓ ଭୂରାଜନୈତିକ ରଣନୀତିର ଏକ ଅଂଶ ଭାବରେ ଦେଖାଯିବା ଉଚିତ।

ଏବେ ଆମେରିକା ଓ ଚୀନ୍ ଅନେକ ପ୍ରସଙ୍ଗରେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ଥିଲେ ମଧ୍ୟ ସେମାନଙ୍କ ମୂଳ ଲକ୍ଷ୍ୟ ରହିଛି ଅର୍ଥନୈତିକ ଓ ରଣନୈତିକ ସ୍ଥିରତା। ତେଣୁ ଭାରତ ମଧ୍ୟ ସାର୍ବଭୌମତ୍ୱ ସହିତ ନିଜର ଆର୍ଥିକ ରଣନୈତିକ ସ୍ୱାୟତ୍ତତାର ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ। ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଓ ବାଣିଜ୍ୟ କ୍ଷେତ୍ରରେ ଭାରତ ଓ ଆମେରିକା ମଧ୍ୟରେ ଚୁକ୍ତି ଚୂଡ଼ାନ୍ତ ହେବାକୁ ଯାଉଛି। ଅପରପକ୍ଷରେ ଚୀନ୍ ଓ ଅନ୍ୟାନ୍ୟ ପ୍ରମୁଖ ଶକ୍ତି ସହିତ ଭାରତ ଅର୍ଥନୈତିକ ଓ କୂଟନୈତିକ ସମ୍ପର୍କ ବଜାୟ ରଖିଛି। ତେଣୁ ଭାରତ ନିଜସ୍ୱ ସନ୍ତୁଳିତ ଓ ଗୋଷ୍ଠୀ ନିରପେକ୍ଷ ନୀତିରେ ଅଟଳ ରହିବା ଉଚିତ। ଅଧିକନ୍ତୁ ଭାରତ ଏବେ ଦକ୍ଷିଣ ବିଶ୍ୱର ନେତୃତ୍ୱ ନେବାରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ।

ଶରୀରର ପରିଚୟ ପତ୍ର

ସୌମ୍ୟ ରଞ୍ଜନ ପ୍ରଧାନ

ଆଜି ଆମକୁ ଚିହ୍ନିବା ପାଇଁ ଆଧାର କାର୍ଡ କିମ୍ବା ପାସପୋର୍ଟ ଦରକାର। କିନ୍ତୁ ଏହି ଆଧୁନିକ ପରିଚୟପତ୍ରଗୁଡ଼ିକ ଆସିବାର ବହୁପୂର୍ବରୁ ମଣିଷ ନିଜ ପରିଚୟକୁ ନିଜ ଦେହରେ ବହନ କରୁଥିଲା। ଏହା ଥିଲା ଅଳଙ୍କାର। ଏଥିରୁ ଜଣାପଡୁଥିଲା ଜଣେ ବ୍ୟକ୍ତି କେଉଁ ଧର୍ମର, କେଉଁ ସମ୍ପ୍ରଦାୟର, କେଉଁ ଅଞ୍ଚଳର ବାସିନ୍ଦା, ତାଙ୍କ ବିବାହିତ ସ୍ଥିତି, ସାମାଜିକ ପରିଚୟ ଏବଂ ପାରିବାରିକ ପରମ୍ପରା। ଦେହ ନିଜେ ଏକ ପରିଚୟପତ୍ର ଥିଲା ଏବଂ ଅଳଙ୍କାର ଥିଲା ତାହାର ଭାଷା।

ମନୁଷ୍ୟ କାହିଁକି ଅଳଙ୍କାର ପିନ୍ଧିବା ଆରମ୍ଭ କଲା? ଏହାର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନାହିଁ। ଚାର୍ଲ୍ସ ଡାରୱିନ୍‌ଙ୍କ ମତ ଅନୁସାରେ ମୟୂର ପୁଚ୍ଛ ପରି ଅଳଙ୍କାର ଏକ ମୂଲ୍ୟବାନ ସଙ୍କେତ, ଯାହା ସମୟ, ଶ୍ରମ ଓ ଦକ୍ଷତା ବଳରେ ଜଣେ ନିଜର ସୁସ୍ଥତା ଓ ବୁଦ୍ଧିମତ୍ତା ଘୋଷଣା କରେ। ଆଉ ଏକ ଲୋକପ୍ରିୟ ମତ ଅନୁସାରେ, ଅଳଙ୍କାର ପ୍ରଥମେ ରକ୍ଷା ପାଇଁ ଆସିଲା। ମେସୋପଟାମିଆର କାର୍ନେଲିଆନ ଆମୁଲେଟ, ମିଶରର ହୋରସ ଆଖି, ଭାରତର ତାବିଜ ଏ ସବୁ ରକ୍ଷା କବଚ। ଗଳାରେ କ୍ରସ୍ ଝୁଲାଇ ଥିବା ବ୍ୟକ୍ତି ଖ୍ରୀଷ୍ଟିଆନ ଏବଂ ତାରା ଝୁଲାଇ ଥିବା ବ୍ୟକ୍ତି ଇହୁଦୀ, ହାତରେ କଡ଼ା ଥିବା ବ୍ୟକ୍ତି ଶିଖ ଏବଂ ହାତର ଶଙ୍ଖା ହିନ୍ଦୁ ଧର୍ମର ଏକ ପରିଚୟ। ଅଳଙ୍କାର ଦ୍ୱାରା ବ୍ୟକ୍ତିବିଶେଷଙ୍କ ଜାତି ଏବଂ ସେ କେଉଁ ସ୍ଥାନର ବାସିନ୍ଦା ଜାଣିବାର ସବୁଠାରୁ ଭଲ ଉଦାହରଣ ହେଉଛି ମଙ୍ଗଳସୂତ୍ର। ମହାରାଷ୍ଟ୍ରରେ ପାରମ୍ପରିକ ଡିଜାଇନ୍ ଦୁଇଟି ଖୋଖା ସୁନା ପିଆଲା ପାଇଁ ପ୍ରସିଦ୍ଧ, ଯାହାକୁ 'ବାଟି' କୁହାଯାଏ। ମହାରାଷ୍ଟ୍ରରୁ ରାଜସ୍ଥାନକୁ ଗଲେ ଚିତ୍ର ବଦଳିଯାଏ। ଏଠାରେ ମଙ୍ଗଳସୂତ୍ର ମୀନାକାରୀ, କୁନ୍ଦନ କିମ୍ବା ପୋଲକୀ ଭଳି ପାରମ୍ପରିକ କଳାରେ ତିଆରି। ପଶ୍ଚିମ ଉପକୂଳକୁ ଆସିଲେ ଗୋଆର କାଶିଥାଳି ମିଳେ। ଏହା ଏକ ସୁନା ଚେନ୍, ଯେଉଁଥିରେ ଉଜ୍ଜ୍ୱଳ ପ୍ରବାଳ ପୋତି ସହ ସୁନା ପୋତି ଗୁନ୍ଥା ହୋଇଥାଏ। ଦକ୍ଷିଣ ଭାରତରେ ଏହି ଅଳଙ୍କାରକୁ 'ଥାଳି' କିମ୍ବା 'ତିରୁମଙ୍ଗଲ୍ୟମ୍' କୁହାଯାଏ। ବିବାହ ରୀତିରେ ଏହା ହଳଦିଆ ସୂତାରେ ବନ୍ଧାଯାଏ, ପରେ ସୁନା ଚେନ୍‌କୁ ବଦଳାଯାଏ। ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାରେ ଏହା 'ପୁସ୍ତେଲୁ' କିମ୍ବା 'ବୋଟ୍ଟୁ' ନାମରେ ଜଣାଯାଏ।

ମଙ୍ଗଳସୂତ୍ରରୁ ଜାତି ଓ ସମ୍ପ୍ରଦାୟ ବିଷୟରେ ମଧ୍ୟ ତଥ୍ୟ ମିଳେ। ବିଶେଷକରି ଦକ୍ଷିଣ ଭାରତରେ ବ୍ରାହ୍ମଣ ଓ ବ୍ୟବସାୟୀ ଜାତିରେ 'ଲଟକଣି'ର ଡିଜାଇନ୍ ସିଧାସଳଖ ପରିବାର କେଉଁ ଦେବତାଙ୍କୁ ପୂଜା କରେ ତାହା ଦର୍ଶାଏ। ଯଦି ବର ପରିବାର ଶୈବ ପରମ୍ପରାର, ତେବେ ଲଟକଣିରେ 'ଶିବଲିଙ୍ଗମ୍' କିମ୍ବା ତିନୋଟି ସମାନ୍ତରାଳ ରେଖା - 'ବିଭୂତି ପଟ୍ଟେ' ଖୋଦିତ ଥାଏ। ଆଉ ଯଦି ବୈଷ୍ଣବ ପରମ୍ପରାର, ତେବେ ଶଙ୍ଖ କିମ୍ବା ଚକ୍ର ଚିହ୍ନ ଥାଏ।

ଆଦିବାସୀ ଜାନଜାତି ପାଇଁ ଅଳଙ୍କାର ଏକ ପ୍ରକାରର ଦୃଶ୍ୟମାନ ପାସପୋର୍ଟ ଭାବରେ କାର୍ଯ୍ୟ କରେ। ନିର୍ଦ୍ଦିଷ୍ଟ ଧାତୁ ମିଶ୍ରଣ, ହାର କିମ୍ବା ନାକଫୁଲର ସଂରଚନା ଦେଖି ଜଣେ ବ୍ୟକ୍ତିଙ୍କ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଏବଂ ସାମାଜିକ ସ୍ଥିତିକୁ ଚିହ୍ନଟ କରାଯାଇପାରେ। ଦକ୍ଷିଣ-ପଶ୍ଚିମ ଓଡ଼ିଶାର ଡଙ୍ଗରିଆ କନ୍ଧ ମହିଳାମାନେ ତିନୋଟି ନାକଫୁଲ (ମୁର୍ମା), କେଶ ଗଣ୍ଠିରେ ପିନ୍(କାଡ଼ି)ର ଏକ ଶ୍ରେଣୀ ସଜାନ୍ତି। ମାଲକାନଗିରିର ବଣ୍ଡା ଜନଜାତି ମହିଳାମାନେ ଚଉଡ଼ା, ଭାରୀ, ସ୍ତରୀୟ ଆଲୁମିନିୟମ କିମ୍ବା ପିତ୍ତଳ ବେକ ମାଳ (ଖାଗଲା) ପିନ୍ଧନ୍ତି। ବହୁରଙ୍ଗୀ କାଚ ଓ ମଞ୍ଜିର ମାଳା ଉପର ଶରୀରରେ ଝୁଲିଥାଏ।

ଉତ୍ତର ଓ ମଧ୍ୟଓଡ଼ିଶାର ସାନ୍ତାଳ ଓ ଗଡ଼ବା ଜନଜାତି ମହିଳାଙ୍କର ନିର୍ଣ୍ଣାୟକ ଚିହ୍ନ ହେଉଛି 'ହାନସୁଲି', ଯାହା ପାରମ୍ପରିକ ଭାବରେ ଢୋକ୍ରା ପଦ୍ଧତିରେ ତିଆରି ଏବଂ ଗଡ଼ବା ମହିଳାମାନେ ସେମାନଙ୍କର ଅତ୍ୟନ୍ତ ମୋଟା, ଭାରୀ ପିତ୍ତଳ ବ୍ରେସଲେଟ ଓ ନୂପୁର ପାଇଁ ପ୍ରସିଦ୍ଧ। କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ ଓ ଗଡ଼ବା ସମାଜରେ ଶରୀର ଉପରେ ଖୋଦିତ ଟାଟୁ ହେଉଛି ପ୍ରକୃତ ଅଳଙ୍କାର। ଆଦିବାସୀ ପାରମ୍ପରିକ ବିଶ୍ୱାସ ଅନୁସାରେ ଲୌହ, ପିତ୍ତଳ ଓ କାଚର ଅଳଙ୍କାର କେବଳ ଜୀବିତ ସମାଜ ପାଇଁ। କିନ୍ତୁ ଟାଟୁ ମୃତ୍ୟୁ ପରର ସାଥୀ। ଏହା କେବେହେଲେ ଚୋରି ହୋଇପାରେ ନାହିଁ, ହଜିପାରେ ନାହିଁ। ଏହାକୁ ଦେଖି ଆରପାରିରେ ଥିବା ପୂର୍ବଜମାନେ ତାଙ୍କୁ ଚିହ୍ନଟ କରିଥା'ନ୍ତି। ଅନ୍ୟ ଏକ ପରମ୍ପରା ଅନୁସାରେ ଝିଅ ଦେହରେ ଟାଟୁ ଅଙ୍କା ହେବା ପରେ ଯାଇ ସେ ବିବାହଯୋଗ୍ୟ ହୁଏ।

ଅଳଙ୍କାରକୁ ଏକ ଚଳନ୍ତି ବ୍ୟାଙ୍କ କିମ୍ବା ଆର୍ଥିକ ବ୍ୟବସ୍ଥା ରୂପେ ମଧ୍ୟ ଦେଖିହେବ। ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ମହିଳାମାନେ ଅଳଙ୍କାରକୁ ନିଜର ସଞ୍ଚୟ, ବୀମା ଓ ସୁରକ୍ଷା ଭାବରେ ବ୍ୟବହାର କରିଆସିଛନ୍ତି। 'ମନୁସ୍ମୃତି' ଓ 'ନାରଦସ୍ମୃତି' ଭଳି ପ୍ରାଚୀନ ଗ୍ରନ୍ଥରେ 'ସ୍ତ୍ରୀଧନ' ବିଷୟରେ ଉଲ୍ଲେଖ ଅଛି। ବିବାହ ସମୟରେ ମିଳିଥିବା ଅଳଙ୍କାର, ଗହଣା 'ସ୍ତ୍ରୀଧନ' ଅନ୍ତର୍ଭୁକ୍ତ। ଏହା କେବଳ ମହିଳାଙ୍କର। ସ୍ୱାମୀର ଏଥିରେ କୌଣସି ଅଧିକାର ନାହିଁ। କାରଣ ଅଳଙ୍କାର ସାଥିରେ ନିଆଯାଇପାରେ। ଏହାକୁ ଭାଙ୍ଗି ଛୋଟ ଛୋଟ ଟୁକୁଡ଼ା କରାଯାଇପାରେ। ଏହାର ମୂଲ୍ୟ ସବୁଠି ମିଳିପାରେ। ଏହି ବ୍ୟବସ୍ଥା ଆଜି ବି ପ୍ରଚଳିତ। ୧୯୯୪ ମସିହାର ପ୍ରଣୀତ ନିୟମ ଅନୁସାରେ ବିବାହିତା ମହିଳାଙ୍କ ୫୦୦ ଗ୍ରାମ ସୁନା ଅଳଙ୍କାର ଆୟକରରୁ ମୁକ୍ତ। ଯେଉଁ ଗାଁରେ ବ୍ୟାଙ୍କ ନାହିଁ, ସେଠାରେ ଅଳଙ୍କାର ହିଁ ବ୍ୟାଙ୍କ। ମହିଳା ଜଣେ ଆପତକାଳୀନ ପରିସ୍ଥିତିରେ ଗୋଟିଏ ଚୁଡ଼ି ବିକ୍ରି କରି ଟଙ୍କା ପାଇପାରେ। ସ୍ୱାମୀ ମରିଗଲେ, ପରିବାର ଛାଡ଼ିଗଲେ ମହିଳାଟି ନିଜ ଅଳଙ୍କାର ଧରି ସ୍ୱାଧୀନତା ଓ ଆତ୍ମସମ୍ମାନର ଏକ ପଥରେ ବାହାରିଯାଇପାରେ।

ନୋମାଡିକ ଜନଜାତିମାନେ ଏହାକୁ ଆହୁରି ଭଲ ଭାବରେ ବୁଝିଛନ୍ତି। ଗୁଜରାଟ ଓ ରାଜସ୍ଥାନର ରବାରୀ ଜନଜାତିର ମହିଳାମାନେ ୧୫ ରୁ ୨୫ କିଲୋ ଅଳଙ୍କାର ପିନ୍ଧନ୍ତି। ଭିଏତନାମ ଯୁଦ୍ଧ ସମୟରେ ହମଙ୍ଗ ପରିବାରମାନେ ସେମାନଙ୍କ ରୁପା ଅଳଙ୍କାର ପିନ୍ଧି ପଳାଇଥିଲେ। ଏହା ହିଁ ଥିଲା ଖାଦ୍ୟ, ଆଶ୍ରୟ ଓ ପାସପୋର୍ଟ ପାଇଁ ସେମାନଙ୍କର ଏକମାତ୍ର ସମ୍ପତ୍ତି। ଓଡ଼ିଶାର ଆଦିବାସୀ ସମାଜରେ ଗଡ଼ବା, ଧାରୁଆ ଓ ଅନ୍ୟ ଜନଜାତିମାନେ ପୁରୁଣା ରୁପା ମୁଦ୍ରା ଗୁନ୍ଥି ହାର କରିଥା'ନ୍ତି। ଆବଶ୍ୟକ ହେଲେ ଗୋଟିଏ କିମ୍ବା ଦୁଇଟି ମୁଦ୍ରା ବିକ୍ରି କରାଯାଇପାରେ। ଆଜି ବି ଅନେକ ମହିଳା ଅଳଙ୍କାରକୁ ବନ୍ଧା ରଖି ଛୋଟ ବ୍ୟବସାୟ ପାଇଁ ଋଣ ନେଉଛନ୍ତି। ସତ୍ୟ ହେଉଛି, ଯେପର୍ଯ୍ୟନ୍ତ ମହିଳାମାନେ ଜମି, ବ୍ୟାଙ୍କ ଓ ଆଇନରେ ସମ୍ପୂର୍ଣ୍ଣ ଅଧିକାର ପାଇନାହାନ୍ତି, ସେପର୍ଯ୍ୟନ୍ତ ଅଳଙ୍କାର ହିଁ ସେମାନଙ୍କର ସବୁଠାରୁ ନିରାପଦ ଧନ ହୋଇ ରହିବ। ଏହା ବାଧ୍ୟତାମୂଳକ ବାସ୍ତବତା।

ଦେବତାଙ୍କ ଅଳଙ୍କାର ତ ଆଉ ଏକ କଥା। ଶିବଙ୍କ ବେକରେ ଏବଂ ଗଣେଶଙ୍କ ଅଣ୍ଟାରେ ସର୍ପ। ଜଗନ୍ନାଥଙ୍କ ତୁଳସୀ ମାଳା, ନାକଚଣା ଏସବୁ କେବଳ ଅଳଙ୍କାର ନୁହେଁ, ବରଂ ଭକ୍ତିର ଚିହ୍ନ। ଆଉ ଏହି ଚିହ୍ନ ହିଁ ଯଥେଷ୍ଟ। ମୁକୁଟରେ ଗୋଟିଏ ମୟୂର ପୁଚ୍ଛ, ବେକରେ ମୁଣ୍ଡମାଳା କହିଦିଏ ଏ ଦେବକୀ ନନ୍ଦନ ଅବା ମାଆ ଚମୁଣ୍ଡା। ହିନ୍ଦୁ ଧର୍ମରେ ପଶୁମାନଙ୍କୁ ଅଳଙ୍କାର ପିନ୍ଧାଇବା ଏକ ଗଭୀର ଭକ୍ତିର ପ୍ରକାଶ। ଗୋପାଷ୍ଟମୀ ଓ ଦୀପାବଳି ସମୟରେ ଗାଈମାନଙ୍କ ବେକରେ ଏକ ଲାଲ ଦଉଡ଼ି ସହ ଗୁନ୍ଥି ଛୋଟ ପିତ୍ତଳ ଘଣ୍ଟି ପିନ୍ଧାଯାଏ। ହାତୀମାନଙ୍କୁ 'ତ୍ରିଶୂରପୁରମ୍' ମହୋତ୍ସବରେ ତମ୍ବା ଓ ସୁନା ଲେପିତ ଅଳଙ୍କାର ଏବଂ ପୁଷ୍କର ଓଟ ମେଳାରେ ରଙ୍ଗୀନ ପଶମ ସୂତା, କାଠ ପୋତି, ବଟନ, ଦର୍ପଣ ଓ କଉଡ଼ିରେ ତିଆରି ଗୋରବନ୍ଧ ଓ ପିତ୍ତଳ ନୂପୁର ପିନ୍ଧାଯାଏ।

ଆମ ପରମ୍ପରାରେ ଅଳଙ୍କାର ଧାରଣ ନିର୍ଜୀବ ବସ୍ତୁଗୁଡ଼ିକ ପର୍ଯ୍ୟନ୍ତ ମଧ୍ୟ ବିସ୍ତାରିତ। ଟ୍ରକ୍ ଚାଳକମାନେ ନିଜ ଗାଡ଼ିକୁ ଏକ ଚଳନ୍ତି ବଧୂ ପରି ସଜାନ୍ତି। ଗାଡ଼ିର ଝୁଲଣି ଓ ପିତ୍ତଳ ଘଣ୍ଟି ଠିକ୍ ମହିଳାମାନଙ୍କ ପାୟଲ ଓ ଘୁଙ୍ଗୁରା ପରି। କଳା ପଶମର ଝୁଲ, ଦନ୍ତୁରା ରାକ୍ଷସ ମୁହଁ ଏବଂ ଲେମ୍ବୁ ଓ ସାତଟି ଲଙ୍କାମାଳ ରକ୍ଷାକବଚ ରୂପେ ଝୁଲାଯାଏ ଛୋଟ ପିଲାଙ୍କ ଭଳି। ମଣିଷ କାହିଁକି, କେବେ କିମ୍ବା କେଉଁ ଉଦ୍ଦେଶ୍ୟରେ ଅଳଙ୍କାର ବ୍ୟବହାର କରିବା ଆରମ୍ଭ କଲା, ତାହା ଆମେ ଜାଣିନେ। କିନ୍ତୁ ଏହା ମଣିଷର ଏକ ସାଥୀ ହୋଇ ଜୀବନରେ ରଙ୍ଗ, ଆନନ୍ଦ, ଶୁଭତ୍ୱ ଓ ସୁରକ୍ଷା ସହ ଯୋଡ଼ି ହୋଇରହିଛି।

ଭୁବନେଶ୍ୱର, ମୋ: ୭୭୩୫୮୨୭୩୩୮

ସଂରକ୍ଷଣ ବ୍ୟବସ୍ଥା ଓ ବିକଶିତ ଭାରତର ଆହ୍ୱାନ

ଡ. ଏଚ୍ ପାର୍ଥସାରଥି ପାତ୍ର

ଭାରତ ଏକ ଗଣତାନ୍ତ୍ରିକ ଦେଶ। ଏଠାରେ ପ୍ରତ୍ୟେକ ନାଗରିକଙ୍କୁ ସମାନ ସମ୍ମାନ, ନ୍ୟାୟ ଓ ଉନ୍ନତିର ସୁଯୋଗ ମିଳିବା ଆମ ସମ୍ବିଧାନର ମୂଳ ଆଦର୍ଶ। କିନ୍ତୁ ସାମାଜିକ ଓ ଐତିହାସିକ ଅସମାନତା ଯୋଗୁଁ କିଛିବର୍ଗ ଦୀର୍ଘବର୍ଷ ଧରି ଶିକ୍ଷା ଓ ଚାକିରିର ସୁଯୋଗରୁ ପଛରେ ରହିଥିଲେ। ଏହି ପରିସ୍ଥିତିକୁ ଧ୍ୟାନରେ ରଖି ସଂରକ୍ଷଣ ବ୍ୟବସ୍ଥା ଗଠିତ ହୋଇଛି। ଏହାର ଲକ୍ଷ୍ୟ ସାମାଜିକ ନ୍ୟାୟ ଓ ପ୍ରତିନିଧିତ୍ୱ ବଢ଼ାଇବା। କିନ୍ତୁ ଆଜି ଏକ ପ୍ରଶ୍ନ ଅନେକ ପରିବାର ଓ ଛାତ୍ରଛାତ୍ରୀଙ୍କ ମନରେ ଉଠୁଛି - ଯଦି ଜଣେ ସାଧାରଣ ବର୍ଗର ଛାତ୍ର/ଛାତ୍ରୀ ବହୁତ ଅଧିକ ନମ୍ବର ପାଇ ମଧ୍ୟ ତାଙ୍କ ପାଇଁ ଆସନ ମିଳିବା କଷ୍ଟକର ହୁଏ, ତେବେ ତାଙ୍କର ଦୋଷ କ'ଣ? ଏହି ପ୍ରଶ୍ନ କେବଳ ଗୋଟିଏ ଜାତି ବା ବର୍ଗର ପ୍ରଶ୍ନ ନୁହେଁ; ଏହା ମେଧା, ସାମାଜିକ ନ୍ୟାୟ, ସମାନ ସୁଯୋଗ ଓ ଭବିଷ୍ୟତର ଭାରତ ସମ୍ପର୍କିତ ଏକ ବଡ଼ ଆଲୋଚନା।

ପ୍ରଥମେ ଏଠାରେ ଗୋଟିଏ ତଥ୍ୟଗତ ସ୍ପଷ୍ଟୀକରଣ ଆବଶ୍ୟକ। ନିଟ୍ ୟୁଜିରେ ଜଣେ ସଂରକ୍ଷିତ ବର୍ଗର ପିଲା ୪୦% ପାଇଲେ ମେଡିକାଲ ସିଟ୍ ପାଇଯାଏ ବୋଲି କହିବା ସଠିକ୍ ନୁହେଁ। ୪୦ ପର୍ସେଣ୍ଟାଇଲ୍ ହେଉଛି ଏକ ଯୋଗ୍ୟତା ପାହାଚ। ଏହା ନିଜେ ମେଡିକାଲ ସିଟ୍ ନିଶ୍ଚିତ କରେ ନାହିଁ। ନିଟ୍ ନିୟମରେ ସାଧାରଣ/ସାଧାରଣ ଅର୍ଥନୈତିକ ପଛୁଆ ବର୍ଗ ପାଇଁ ୫୦ ପର୍ସେଣ୍ଟାଇଲ୍ ଏବଂ ତଫସିଲଭୁକ୍ତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ପାଇଁ ୪୦ ପର୍ସେଣ୍ଟାଇଲ୍ ପଏଣ୍ଟ ରହିଛି। ତା'ପରେ ମେଡିକାଲ ଭର୍ତ୍ତି ପାଇଁ ମେରିଟ୍, ବର୍ଗ, ସିଟ୍ ଉପଲବ୍ଧତା, କାଉନ୍‌ସେଲିଂ ଓ ସମ୍ପୃକ୍ତ ନିୟମ ଲାଗୁ ହୁଏ। ତଥାପି ଏହି ତଫାତ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ।

ଧରାଯାଉ, ଜଣେ ଛାତ୍ର/ଛାତ୍ରୀ ଅତ୍ୟନ୍ତ ପରିଶ୍ରମ କରି ୯୦% ସ୍ତରର ଉତ୍କୃଷ୍ଟ ଫଳାଫଳ କରିଛନ୍ତି। କିନ୍ତୁ ତାଙ୍କ ବର୍ଗରେ ଆସନର ପ୍ରତିଦ୍ୱନ୍ଦ୍ୱିତା ଅତ୍ୟଧିକ ଥିବାରୁ ତାଙ୍କ ପସନ୍ଦର ମେଡିକାଲ ସିଟ୍ ମିଳୁନାହିଁ। ସେହି ସମୟରେ ଅନ୍ୟ ଜଣେ ସଂରକ୍ଷିତ ବର୍ଗର ଛାତ୍ର/ଛାତ୍ରୀ ତୁଳନାମୂଳକ କମ୍ ନମ୍ବର ରଖି ମଧ୍ୟ ଆସନ ପାଇପାରନ୍ତି। ପ୍ରଥମ ଛାତ୍ର/ଛାତ୍ରୀଙ୍କ ମନରେ ଅନ୍ୟାୟର ଅନୁଭବ ହେବା ସ୍ୱାଭାବିକ। ତାଙ୍କର ଦୋଷ କ'ଣ? ସରଳ ଉତ୍ତର ହେଉଛି - ତାଙ୍କର କୌଣସି ବ୍ୟକ୍ତିଗତ ଦୋଷ ନାହିଁ। ସେ ଯେଉଁ ପରିବାର, ଜାତି କିମ୍ବା ସାମାଜିକ ପରିଚୟରେ ଜନ୍ମ ନେଇଛନ୍ତି, ସେଥିପାଇଁ ତାଙ୍କୁ ବ୍ୟକ୍ତିଗତ ଭାବରେ ଦୋଷୀ କରାଯାଇପାରେ ନାହିଁ। ସେହିପରି ଆଜିର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୂର୍ବପୁରୁଷଙ୍କ ସାମାଜିକ ପରିସ୍ଥିତି ପାଇଁ ଦୋଷୀ କରାଯାଇପାରେ ନାହିଁ।

ଏଠାରେ ମୂଳ ପ୍ରଶ୍ନ ହେଉଛି - ବ୍ୟକ୍ତିକୁ ନୁହେଁ, ବ୍ୟବସ୍ଥାକୁ କିପରି ଅଧିକ ନ୍ୟାୟସଙ୍ଗତ କରାଯିବ? ଭାରତୀୟ ସମ୍ବିଧାନ ସାମାଜିକ ଭାବେ ପଛୁଆବର୍ଗଙ୍କ ଉନ୍ନତି ପାଇଁ ବିଶେଷ ବ୍ୟବସ୍ଥାର ସୁଯୋଗ ଦେଇଛି। ତାହାର ମୂଳ ଉଦ୍ଦେଶ୍ୟ କାହାକୁ ଅପମାନ କରିବା ନୁହେଁ, ବରଂ ଐତିହାସିକ ଅସମାନତାର ପ୍ରଭାବ କମାଇବା। କିନ୍ତୁ ଏକ ବିକଶିତ ଭାରତ ପାଇଁ ଆମକୁ ଆଉ ଏକ ବଡ଼ ପ୍ରଶ୍ନ ପଚାରିବାକୁ ପଡ଼ିବ - ସଂରକ୍ଷଣ ଆବଶ୍ୟକ କି ନୁହେଁ? ଏହାସହିତ ସଂରକ୍ଷଣର ଲାଭ କାହା ପାଖକୁ ଏବଂ କେତେଦୂର ପହଞ୍ଚୁଛି? ଯଦି ଜଣେ ଗରିବ ଶିଶୁ ଭଲ ସ୍କୁଲ, ଭଲ ଶିକ୍ଷକ, ଟିଉସନ୍, କୋଚିଂ, ଅନ୍‌ଲାଇନ୍ କ୍ଲାସ୍ କିମ୍ବା ପୁଷ୍ଟିକର ଖାଦ୍ୟ ପାଇପାରୁନାହିଁ, ତେବେ କେବଳ ପରୀକ୍ଷାରେ ତାଙ୍କୁ ସୁଯୋଗ ଦେବା ଯଥେଷ୍ଟ ନୁହେଁ। ସମାନ ସୁଯୋଗର ଅର୍ଥ ହେଉଛି ଶିଶୁଟି ଛୋଟବେଳୁ ଗୁଣାତ୍ମକ ଶିକ୍ଷା ପାଇବା ଆବଶ୍ୟକ। ତେଣୁ ବିକଶିତ ଭାରତ ପାଇଁ ଆମକୁ ନିମ୍ନଲିଖିତ କେତେକ ଦିଗରେ ଚିନ୍ତା କରିବା ଆବଶ୍ୟକ।

ପ୍ରଥମତଃ, ସମସ୍ତ ବର୍ଗ ପାଇଁ ସରକାରୀ ସ୍କୁଲରେ ଶିକ୍ଷାର ଗୁଣବତ୍ତା ବଢ଼ାଇବା। ଦ୍ୱିତୀୟତଃ, ଗରିବ ପରିବାରର ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା, ଛାତ୍ରବୃତ୍ତି, କୋଚିଂ, ଡିଜିଟାଲ୍ ଶିକ୍ଷା ସୁବିଧା ଆଦି ଯୋଗାଇ ଦେବା। ତୃତୀୟତଃ, ସାମାଜିକ ନ୍ୟାୟ ସହିତ ମେଧା ଓ ଦକ୍ଷତାର ମୂଲ୍ୟକୁ ମଧ୍ୟ ସୁରକ୍ଷିତ ରଖିବା। ଚତୁର୍ଥତଃ, ସଂରକ୍ଷଣ ନୀତିର ପ୍ରଭାବକୁ ସମୟ ସମୟରେ ତଥ୍ୟ ଆଧାରରେ ମୂଲ୍ୟାଙ୍କନ କରିବା। ପଞ୍ଚମତଃ, କୌଣସି ଜାତିର ଛାତ୍ର/ଛାତ୍ରୀକୁ ଅନ୍ୟ ଜାତିର ଛାତ୍ର/ଛାତ୍ରୀଙ୍କ ବିରୋଧୀ ଭାବେ ଦେଖାଯିବା ଉଚିତ ନୁହେଁ। 'ବିକଶିତ ଭାରତ'ର ଅର୍ଥ ଏହା ନୁହେଁ ଯେ ଜଣେଙ୍କୁ ଆଗକୁ ନେବା ପାଇଁ ଅନ୍ୟ ଜଣେଙ୍କ ସୁଯୋଗକୁ ଅବମୂଲ୍ୟାନ କରାଯିବ। ବିକଶିତ ଭାରତର ଲକ୍ଷ୍ୟ ହେବା ଉଚିତ ଯେ ପଛୁଆ ଛାତ୍ର/ଛାତ୍ରୀଙ୍କୁ ଉପରକୁ ଉଠାଇବା, କିନ୍ତୁ ପରିଶ୍ରମୀ ଓ ମେଧାବୀ ଛାତ୍ର/ଛାତ୍ରୀଙ୍କୁ ନିରାଶ ନ କରିବା।

ଏହି ଆଲୋଚନାରେ ଆଉ ଏକ କଥା ମନେ ରଖିବା ଆବଶ୍ୟକ। କୌଣସି ଅନୁସୂଚିତ ଜାତି/ଜନଜାତି ବର୍ଗର ଛାତ୍ର/ଛାତ୍ରୀ କମ୍ ନମ୍ବର ପାଇଲେ ସେ ଅଯୋଗ୍ୟ ବୋଲି କୁହାଯାଇପାରିବ ନାହିଁ। ସେହିପରି କୌଣସି ସାଧାରଣ ବର୍ଗର ଛାତ୍ରଛାତ୍ରୀ ଅଧିକ ନମ୍ବର ପାଇଲେ ମଧ୍ୟ ତାଙ୍କୁ ତାଙ୍କ ଜାତି ଯୋଗୁଁ ଦୋଷୀ କରାଯାଇପାରେ ନାହିଁ। ଦୁଇ ପକ୍ଷର ଛାତ୍ର ହେଉଛନ୍ତି ଭାରତର ଭବିଷ୍ୟତ। ବିକଶିତ ଭାରତ କେବଳ ବଡ଼ ଜିଡିପି, ବଡ଼ ରାସ୍ତା, ବଡ଼ ହସ୍ପିଟାଲ ଓ ଆଧୁନିକ ପ୍ରଯୁକ୍ତିରେ ଗଠିତ ହେବ ନାହିଁ। ଭାରତ ସେତେବେଳେ ପ୍ରକୃତରେ ବିକଶିତ ହେବ, ଯେତେବେଳେ ପ୍ରତ୍ୟେକ ଶିଶୁ ନିଜ ପରିଶ୍ରମ, ପ୍ରତିଭା ଓ କ୍ଷମତା ଅନୁଯାୟୀ ଆଗକୁ ବଢ଼ିବାର ବାସ୍ତବ ସୁଯୋଗ ପାଇବେ। ସାମାଜିକ ନ୍ୟାୟସହିତ ସୁଯୋଗର ନ୍ୟାୟ, ଗୁଣାତ୍ମକ ଶିକ୍ଷା ଓ ମେଧାର ସମ୍ମାନ ମଧ୍ୟ ଆବଶ୍ୟକ। ଏହି ସନ୍ତୁଳନ ହିଁ ଏକ ସମାବେଶୀ ଓ ବିକଶିତ ଭାରତର ମଜବୁତ ଆଧାର ହୋଇପାରେ।

ବିଶାଖପଟ୍ଟନମ୍

ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

ଅଶ୍ୱତ୍ଥ
(Peepal or Sacred Fig Tree- Ficus religiosa)

ପ୍ରକୃତି-ପରିବେଶ

ଅଶ୍ୱତ୍ଥ ବୃକ୍ଷ ଭାରତୀୟ ଉପମହାଦେଶର ଅଧିକାଂଶ ଦେଶ ଯଥା ଭାରତ, ବାଂଲାଦେଶ, ଭୁଟାନ, ନେପାଳ, ପାକିସ୍ତାନ, ପୂର୍ବ ହିମାଳୟ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଥାଇଲ୍ୟାଣ୍ଡ, ମିଆଁମାର ଓ ମାଲେସିଆର ମୂଳ ଜାତ ଉଦ୍ଭିଦ। ଏହା ସାରା ବିଶ୍ୱରେ ପରବର୍ତ୍ତୀ ସମୟରେ ବ୍ୟାପକ ଭାବରେ ପ୍ରସାରିତ ହୋଇଛି। ଏହା ଉଷ୍ଣମଣ୍ଡଳୀୟ ଏବଂ ଉପ-ଉଷ୍ଣମଣ୍ଡଳୀୟ ଜଳବାୟୁରେ ପ୍ରାକୃତିକ ଭାବରେ ଦେଖିବାକୁ ମିଳେ। ଅଶ୍ୱତ୍ଥ ଏକ ଧାର୍ମିକ ଗଛ ଏବଂ ଏହାକୁ ଓଡ଼ିଶା, ବିହାର ଏବଂ ହରିୟାଣାର ରାଜ୍ୟ ଗଛର ମାନ୍ୟତା ଦିଆଯାଇଛି।

ଅଶ୍ୱତ୍ଥ ଏକ ବଡ଼ ପର୍ଣ୍ଣମୋଚୀ କିମ୍ବା ଅର୍ଦ୍ଧ-ଚିର ହରିତ ବୃକ୍ଷ, ଯାହା ୩୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। କାଣ୍ଡ ବହୁତ ଦୃଢ଼, ଅନେକ ଶାଖା ପ୍ରଶାଖା ବହନ କରେ। ଛାଲି ଧୂସର ଓ ମସୃଣ, ବୟସ ସହିତ ଫାଟି ଫାଟି ଯାଏ। ପତ୍ରଗୁଡ଼ିକ ଲମ୍ବା, ସରଳ, ନିମ୍ନ ଭାଗରେ ହୃତପିଣ୍ଡ ଆକୃତିର, ଅଗ୍ରଭାଗ କ୍ରମଶଃ ସରୁ ହୋଇ ଏକ ସ୍ୱତନ୍ତ୍ର ଲମ୍ବା ଅଙ୍ଗ ଭାବରେ ଶେଷ ହୁଏ। ଯୁବ ପତ୍ରଗୁଡ଼ିକ କ୍ରମଶଃ ଗୋଲାପୀ, ତାମ୍ର ଏବଂ ଶେଷରେ ପରିପକ୍ୱ ହେଲେ ସବୁଜ ରଙ୍ଗର ହୋଇଯାଏ। ଲମ୍ବା ଡେମ୍ଫ ସହ ପତ୍ରଗୁଡ଼ିକ ସାଧାରଣତଃ ତଳ ମୁହାଁ ହୋଇ ଝୁଲୁଥାଏ। ପୁଷ୍ପଗୁଚ୍ଛର ଡେମ୍ଫ ଏକ ରେସେପ୍ଟାକେଲ ବା ଧାରକରେ ପରିଣତ ହୁଏ, ଯାହା ଏକ ଗୋଲାକାର ଫଳ ପରି ଦେଖାଯାଏ ଏବଂ ଏହା ଭିତରେ ଅନେକ କ୍ଷୁଦ୍ର ଏକଲିଙ୍ଗୀ ପୁଷ୍ପ ଥାଏ। ଏହାର ଫଳ ଯୌଗିକ, ଯାହାକୁ 'ସାଇକୋନିୟମ' ବା 'ଉଦୁମ୍ବରକ' କୁହାଯାଏ। ବ୍ଲାଷ୍ଟୋଫାଗା କ୍ୱାଡ୍ରିସେପ୍ସ ନାମକ ଏକ ଆଗାଓନିଡ୍ ୱାସ୍ପ ବା ପୋକ ରେସେପ୍ଟାକଲର ଶୀର୍ଷ ଭାଗରେ ଥିବା ଅଷ୍ଟିଓଲ୍ ବା ଛିଦ୍ର ଦେଇ ପ୍ରବେଶ କରେ ଏବଂ ପରାଗ ସଙ୍ଗମ କ୍ରିୟା ସୃଷ୍ଟି କରେ।

ଏହା ପାରମ୍ପରିକ ଔଷଧରେ ଶ୍ୱାସ, ମଧୁମେହ, ଡାଇରିଆ, ଦାନ୍ତବିନ୍ଧା, ରକ୍ତ ପରିସ୍ରା, ମାଇଗ୍ରେନ୍ ବା ଅଧକପାଳି, କାଛୁ କୁଣ୍ଡିଆ ଚର୍ମ ରୋଗ, ଗ୍ୟାଷ୍ଟ୍ରିକ୍ ବା ଆନ୍ତ୍ରିକ ସମସ୍ୟା, ପ୍ରଦାହ, ସଂକ୍ରାମକ ଏବଂ ଯୌନ ରୋଗ ସମେତ ପ୍ରାୟ ପଚାଶ ପ୍ରକାରର ରୋଗ ପାଇଁ ବ୍ୟବହୃତ ହୁଏ। ଫଳଗୁଡ଼ିକୁ ସାଧାରଣତଃ ଖାଦ୍ୟଯୋଗ୍ୟ ବୋଲି ବିବେଚନା କରାଯାଏ ନାହିଁ। ଏଥିରେ ଏକ ରସ କିମ୍ବା କ୍ଷୀର ଭଳି ଲାଟେକ୍ସ ଥାଏ, ଯାହା ମଣିଷ ଓ ଜୀବଜନ୍ତୁଙ୍କ ପାଇଁ ବିଷାକ୍ତ ହୋଇଥାଏ। ପାଟି, ପେଟ, ଚର୍ମ ଜଳେ। ଏହି ଗଛର ଗଣ୍ଡିକୁ ଚାଷୀମାନେ ମାଟି ସମତଳକାରୀ ଭାବରେ ବ୍ୟବହାର କରନ୍ତି। ସାଧାରଣତଃ ଉଦ୍ଭିଦଗୁଡ଼ିକ ଦିନ ବେଳେ ଅଙ୍ଗାରକାମ୍ଳ ଏବଂ ଅମ୍ଳଜାନ ବିନିମୟ ପାଇଁ ସେମାନଙ୍କର ସ୍ଟୋମାଟା ବା ପତ୍ର ଛିଦ୍ର ଖୋଲା ରଖନ୍ତି। ରାତ୍ରିକାଳରେ ବନ୍ଦ ରଖନ୍ତି। କିନ୍ତୁ ଅଶ୍ୱତ୍ଥ ବୃକ୍ଷର ସ୍ୱଭାବ ଭିନ୍ନ। ରାତିରେ ଏହାର ସ୍ଟୋମାଟା ସମ୍ପୂର୍ଣ୍ଣ ବା ଆଂଶିକ ଖୋଲା ରହୁଥିବାରୁ ରାତିରେ ମଧ୍ୟ ଅଙ୍ଗାରକାମ୍ଳ ଶୋଷଣ କରେ ଏବଂ ଏହାକୁ ମାଲିକ୍ ଏସିଡ୍ ଭାବରେ ସଂରକ୍ଷଣ କରେ। ଦିବାଲୋକରେ ସ୍ଟୋମାଟା ବନ୍ଦ ହୋଇଯାଏ। ତା'ପରେ ସଂରକ୍ଷିତ ମାଲିକ୍ ଏସିଡ୍ ଭାଙ୍ଗି ଅଙ୍ଗାରକାମ୍ଳକୁ ମୁକ୍ତ କରେ। ଏହାପରେ କ୍ଲୋରୋଫିଲ୍ ବା ପତ୍ରହରିତ୍ ଦ୍ୱାରା ପାରମ୍ପରିକ ଆଲୋକସଂଶ୍ଳେଷଣ କ୍ରିୟା ସମ୍ପନ୍ନ ହୁଏ। ଉପ-ଉତ୍ପାଦ ଭାବରେ ଶର୍କରା ବା ଷ୍ଟାର୍ଚ୍ଚ ଏବଂ ଅମ୍ଳଜାନ ଉତ୍ପାଦନ କରେ। ଏତଦ୍‌ବ୍ୟତୀତ ଏହାଦ୍ୱାରା ଜଳୀୟ ବାଷ୍ପ ନିର୍ଗମନ ନିୟନ୍ତ୍ରଣ ହୁଏ ଏବଂ ବୃକ୍ଷର ଜଳ ସଂରକ୍ଷିତ ରହେ।

ଅଶ୍ୱତ୍ଥ ଏହାର ପ୍ରାଚୀନତା ଏବଂ ଧାର୍ମିକ ଗୁରୁତ୍ୱ ପାଇଁ ଅପ୍ରତିଦ୍ୱନ୍ଦ୍ୱୀ ଅଟେ। ଭାରତୀୟ ଉପମହାଦେଶରେ ଚାରୋଟି ପ୍ରମୁଖ ହିନ୍ଦୁ, ବୌଦ୍ଧ, ଶିଖ ଓ ଜୈନ ଧର୍ମରେ ଏହାର ଧାର୍ମିକ ଗୁରୁତ୍ୱ ରହିଛି। ହିନ୍ଦୁ ଓ ଜୈନ ତପସ୍ୱୀମାନେ ପବିତ୍ର ଅଶ୍ୱତ୍ଥ ବୃକ୍ଷ ତଳେ ବସି ଧ୍ୟାନ କରନ୍ତି। ରାଜକୁମାର ସିଦ୍ଧାର୍ଥ ଗୌତମ ଏହି ଜାତୀୟ ଏକ ବୃକ୍ଷ ତଳେ ଜ୍ଞାନ ଲାଭ କରିଥିଲେ ଏବଂ ଭଗବାନ ଗୌତମ ବୁଦ୍ଧ ଭାବରେ ରୂପାନ୍ତରିତ ହୋଇଥିଲେ। ଏହି ସ୍ଥାନଟି ବିହାରର ବୋଧଗୟାଠାରେ ଅବସ୍ଥିତ। ମୂଳ ବୃକ୍ଷଟି ନଷ୍ଟ ହୋଇଯାଇଥିଲେ ମଧ୍ୟ ପିଢ଼ି ପିଢ଼ି ଧରି ଏହାର ଅଂଶବିଶେଷ ଜୀବିତ ରହିଛି। ଏହାର ମୂଳ ଜାତ ଗଛର ଏକ ଶାଖା ୨୮୮ ଖ୍ରୀଷ୍ଟପୂର୍ବରେ ଶ୍ରୀଲଙ୍କାର ଅନୁରାଧାପୁରରେ ରୋପଣ ହୋଇଥିଲା ଏବଂ ଏହା ଜୟଶ୍ରୀମହାବୋଧି ଭାବରେ ଜଣାଯାଏ। ଏହା ୨, ୨୫୦ ବର୍ଷରୁ ଅଧିକ ପୁରୁଣା ବୋଲି ଆକଳନ କରାଯାଏ। ଏହା ଏପର୍ଯ୍ୟନ୍ତ ବଢ଼ୁଛି। (କ୍ରମଶଃ...)

ମୋ: ୯୭୭୭୮୦୦୪୦୮

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସାପ କାମୁଡ଼ାରେ ଓଡ୍ରାଫ ଯବାନ ଗୁରୁତର

ବାରିପଦା,୨୭।୯(ସମିସ): ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଓଡ୍ରାଫ ଯବାନ ଅରୁଣ କୁମାର ମହାନ୍ତଙ୍କୁ ସାପ କାମୁଡ଼ିଥିବା ଜଣାପଡ଼ିଛି। ସେ ଏବେ ବିପଦମୁକ୍ତ ଅଛନ୍ତି। ବେତନଟୀ ବ୍ଲକ ପାଟଳୀପୁରା ପଞ୍ଚାୟତ ଅଞ୍ଚଳରେ ବୁଢ଼ାବଳଙ୍ଗ ନଦୀର ବନ୍ୟାଜଳରେ ଉଦ୍ଧାର କାର୍ଯ୍ୟ ସାରି ଖାଇବା ପରେ ହାତ ଧୋଇବା ସମୟରେ ଏହି ଅଘଟଣ ଘଟିଛି। ସୂଚନା ମୁତାବକ, ଓଡ୍ରାଫ ଟିମ୍‌ର ଯବାନମାନେ ବୋଟ ଯୋଗେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ କରୁଥିଲେ। ସାପ କାମୁଡିବା ପରେ ତାଙ୍କୁ ତୁରନ୍ତ ଶନିବାର ରାତିରେ ଉଦ୍ଧାର କରାଯାଇ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଓ ଜରୁରିକାଳୀନ ଅଧିକାରୀ ତାପସ କୁମାର ମହାନ୍ତ ଉପସ୍ଥିତ ରହି ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଛନ୍ତି। ତେବେ ଯବାନ ଦ୍ରୁତ ଆରୋଗ୍ୟ ଲାଭ କରୁଥିବାରୁ ସ୍ୱାସ୍ଥ୍ୟ ପ୍ରତି ବିପଦ ନାହିଁ ବୋଲି କୁହାଯାଇଛି।

ଶିମିଳିପାଳ ସଂଲଗ୍ନ ପାହାଡ଼ରେ ଭୂସ୍ଖଳନ

ଉଭୟପଟର ଗ୍ରାମବାସୀ ଭୟଭୀତ

ମହୁଲଡିହା,୨୭।୯(ସମିସ): ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ସଂଲଗ୍ନ ଚାନ୍ଦିଖମଣ ପାହାଡ଼ରେ ଆଜି ହଠାତ ଭୀଷଣ ଶବ୍ଦ ଶୁଣାଯାଇଥିଲା। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ସେ ସ୍ଥାନକୁ ଯିବା ସମୟରେ ପାଣି କାଦୁଅ ପାହାଡ଼ ପାଦଦେଶରେ ଥିବା ନାଳରେ ମିଶୁଥିଲା। ଏପରିକି ପାହାଡ଼ର ଉଭୟ ପାର୍ଶ୍ୱରେ ପାଣି କାଦୁଅ ଓ ବଡ଼ ବଡ଼ ଗଛ ଉପାଡି ଗର୍ଜନ କରି ଅହରହ ପ୍ରବାହିତ ହେଉଛି। ଏପଟେ ଚମ୍ପାଝର ପଞ୍ଚାୟତର ଆସନବଣି, କିରକିଚିପାଳ ଓ ମାଙ୍କଡବେଡା ଗ୍ରାମର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଅପରପକ୍ଷରେ କେଶଡିହା ପଞ୍ଚାୟତର ପାହାଡ଼ ସଂଲଗ୍ନ ଗ୍ରାମର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ ଏ ନେଇ ମହୁଲଡିହା ଥାନାକୁ ଫୋନ କରିଥିଲେ। ଖବର ପାଇ ମହୁଲଡିହା ଥାନା ଅଧିକାରୀ ବିରେନ୍ଦ୍ର କୁମାର ରାଉତ ଓ ଏଏସଆଇ ବିଜୟକୃଷ୍ଣ ସାନ୍ତରା ସେ ସ୍ଥାନକୁ ଯିବାକୁ ସାହସ କରିପାରିନଥିଲେ। ପାଣିର ସ୍ରୋତ ଗର୍ଜନ କରି ପ୍ରଖର ହେବାରେ ଲାଗିଛି। ସେ ସ୍ଥାନକୁ ନ ଯିବା ଓ ନାଳପାଖ ଲୋକ ସତର୍କ ରହିବାକୁ ଚେତାବନୀ ଦେଇ ପୁଲିସ ମୃତୟନ କରାଯାଇଥିବା ଆଇଆଇସି ବିରେନ୍ଦ୍ର କୁମାର ରାଉତ ସୂଚନା ଦେଇଛନ୍ତି।

ସୋମବାର 'ନୋ ମିଟିଂ ଡେ'

ଜନଶୁଣାଣି ପାଇଁ ବୈଠକ ଉପରେ ଲାଗିଲା ରୋକ

ଭୁବନେଶ୍ୱର,୨୭।୯(ସମିସ): ଏଣିକି ପ୍ରତି ସୋମବାର ସରକାରୀ କାର୍ଯ୍ୟାଳୟରେ କୌଣସି ବୈଠକ ହେବନାହିଁ। ଜନସାଧାରଣଙ୍କ ଅଭିଯୋଗ ଶୁଣାଣିକୁ ଅଧିକ ଗୁରୁତ୍ୱ ଦେଇ ରାଜ୍ୟ ସରକାର ସୋମବାରକୁ 'ନୋ ମିଟିଂ ଡେ' ଭାବେ ଘୋଷଣା କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଜାରି ହୋଇଛି। ନିର୍ଦ୍ଦେଶ ଅନୁଯାୟୀ ପ୍ରତି ସୋମବାର ସରକାରୀ କାର୍ଯ୍ୟାଳୟରେ ସାପ୍ତାହିକ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେଉଛି। ତେବେ ସେହିଦିନ ଉଚ୍ଚ ପଦାଧିକାରୀମାନଙ୍କ ପକ୍ଷରୁ ଅନ୍ୟାନ୍ୟ ବୈଠକ ଆୟୋଜନ କରାଯାଉଥିବାରୁ ଅଭିଯୋଗ ଶୁଣାଣି ବାଧାପ୍ରାପ୍ତ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ଏହାଫଳରେ ବିଭିନ୍ନ ଅଭିଯୋଗକାରୀଙ୍କ ସାପ୍ତାହିକ ଅଭିଯୋଗ ଶୁଣାଣି ପ୍ରଭାବିତ ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ସୋମବାରକୁ ନୋ ମିଟିଂ ଡେ(ଅଣ ବୈଠକ ଦିବସ) ଭାବେ ଘୋଷଣା କରାଯାଇଛି। ଅତ୍ୟନ୍ତ ଜରୁରୀ ନଥିଲେ ସୋମବାର ଦିନ କୌଣସି ପ୍ରକାର ବୈଠକ ନରଖିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଉଚ୍ଚ ପଦାଧିକାରୀମାନେ ସାପ୍ତାହିକ ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିପାରିବେ। ତେବେ ସମସ୍ତ ଅତ୍ୟନ୍ତ ଜରୁରୀ ସରକାରୀ କାର୍ଯ୍ୟକୁ ଉପରୋକ୍ତ ନିର୍ଦ୍ଦେଶରୁ ବାଦ୍ ଦିଆଯାଇଛି।

୪ ବର୍ଷରେ ୧୧୧ ସାଂସଦ ଓ ବିଧାୟକ ଦଳ ବଦଳାଇଛନ୍ତି

ବିଜେପିରେ ସାମିଲ ହୋଇଛନ୍ତି ୨୬%

ଏନ୍‌ଡିପିପି ୨୫, ଟିଏମ୍‌ସି ୨୦ ଏବଂ କଂଗ୍ରେସ ହରାଇଛି ୧୯ ନେତା

■ ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ନିର୍ବାଚିତ ହୋଇଥିବା ଅନ୍ତତଃ ୧୧୧ ଜଣ ଜନପ୍ରତିନିଧି (ସାଂସଦ ଓ ବିଧାୟକ) ୨୦୨୨ ରୁ ୨୦୨୬ ମଧ୍ୟରେ ନିଜର ଦଳ ବଦଳାଇଛନ୍ତି। ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ଏବଂ ନାସନାଲ୍ ଇଲେକ୍ସନ୍ ୱାଚ୍‌ର ନୂତନ ରିପୋର୍ଟ ଏହି ତଥ୍ୟ ପ୍ରଦାନ କରିଛି। ଏହି ୧୧୧ ଜଣ ଆଇନପ୍ରଣେତାଙ୍କ ମଧ୍ୟରେ ୨୬ ଜଣ ଲୋକସଭା ସାଂସଦ, ୭ ଜଣ ରାଜ୍ୟସଭା ସାଂସଦ ଏବଂ ୭୮ ଜଣ ବିଧାୟକ ରହିଛନ୍ତି। ଦଳବଦଳ କରିଥିବା ନେତାଙ୍କ ମଧ୍ୟରୁ ୨୯ ଜଣ (୨୬%) ବିଜେପିରେ ଯୋଗ ଦେଇଛନ୍ତି ବୋଲି ରିପୋର୍ଟରୁ ଜଣା ପଡ଼ିଛି। ଏହି ୧୧୧ ଜଣଙ୍କ ମଧ୍ୟରୁ ସବୁଠାରୁ ଅଧିକ ୩୨ ଜଣ (୨୯%) ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍)ରେ ସାମିଲ ହୋଇଛନ୍ତି। ସେହିପରି, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୨୦ ଜଣ ବଦ୍ରୋହୀ ଲୋକସଭା ସାଂସଦ ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ସହ ମିଶ୍ରଣ କରିଥିଲେ। ଏନ୍‌ପିସିଆଇ ଭାଗରେ ୧୮% ଦଳବଦଳକାରୀ ନେତା ପଡ଼ିଛନ୍ତି। ଅନ୍ୟପକ୍ଷରେ ଏହି ସମୟ ମଧ୍ୟରେ କଂଗ୍ରେସ ୯ ଜଣ, ଶିବସେନା ୮ ଜଣ, ଏନ୍‌ପିପି ୬ ଜଣ ଏବଂ ପିପୁଲ୍ସ ପାର୍ଟି ଅଫ୍ ଅରୁଣାଚଳ ୪ ଜଣ ଦଳବଦଳକାରୀ ନେତାଙ୍କୁ ଗ୍ରହଣ କରିଛନ୍ତି।

ଏଡିଆର୍ ରିପୋର୍ଟ ଅନୁଯାୟୀ, ବିଜେପିରେ ଯୋଗ ଦେଇଥିବା ୨୯ ଜଣ ନେତାଙ୍କ ମଧ୍ୟରେ ୭ ଜଣ ରାଜ୍ୟସଭା ସାଂସଦ ଏବଂ ୨୨ ଜଣ ବିଧାୟକ ଅଛନ୍ତି। ତେବେ କୌଣସି ଲୋକସଭା ସାଂସଦ ବିଜେପିରେ ମିଶିନାହାନ୍ତି। କିନ୍ତୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ରୁ ନିର୍ବାଚିତ ହୋଇଥିବା ୭ ଜଣ ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲ, ରାଘବ ଚଡ୍ଡା, ହରଭଜନ ସିଂହ, ଅଶୋକ ମିତ୍ତଲ, ସନ୍ଦୀପ କୁମାର ପାଠକ, ବିକ୍ରମଜିତ୍ ସିଂହ ସାହନୀ ଏବଂ ରାଜିନ୍ଦର ଗୁପ୍ତା ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ଗୋଆର ୮ ଜଣ କଂଗ୍ରେସ ବିଧାୟକ, ଗୁଜରାଟର ୪ ଜଣ କଂଗ୍ରେସ ବିଧାୟକ, ହିମାଚଳ ପ୍ରଦେଶର ୨ ଜଣ, ମଣିପୁରର ୫ ଜଣ ଜେଡି(ୟୁ) ବିଧାୟକ, ଉତ୍ତର ପ୍ରଦେଶର ସମାଜବାଦୀ ପାର୍ଟି ବିଧାୟକ ମନୋଜ କୁମାର ପାଣ୍ଡେ, ମଧ୍ୟପ୍ରଦେଶର କଂଗ୍ରେସ ବିଧାୟକ ନିର୍ମଳା ସାପ୍ରେ ଏବଂ କର୍ଣ୍ଣାଟକର କଲ୍ୟାଣ ରାଜ୍ୟ ପ୍ରଗତି ପକ୍ଷର ବିଧାୟକ ଜି. ଜନାର୍ଦ୍ଦନ ରେଡ୍ଡୀ ବିଜେପିରେ ସାମିଲ ହୋଇଛନ୍ତି।

ଏହି ଦଳବଦଳ ପ୍ରକ୍ରିୟା ମୋଟ ୧୭ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଦେଖିବାକୁ ମିଳିଛି। ନାଗାଲାଣ୍ଡରେ ସର୍ବାଧିକ ୩୨ ଜଣ, ପଶ୍ଚିମବଙ୍ଗରେ ୨୦, ତେଲେଙ୍ଗାନାରେ ୯ ଏବଂ ଗୋଆ ଓ ପଞ୍ଜାବରେ ୮ ଜଣ ଲେଖାଏଁ ଜନପ୍ରତିନିଧି ଦଳ ବଦଳାଇଛନ୍ତି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଦଳ ଭାବେ ଏନ୍‌ଡିପିପିରୁ ୨୫ ଜଣ, ଟିଏମସିରୁ ୨୦ ଜଣ ଏବଂ କଂଗ୍ରେସରୁ ୧୯ ଜଣ ନେତା ଅନ୍ୟ ଦଳକୁ ଯାଇଛନ୍ତି। ଏହି ତିନୋଟି ଦଳ ମୋଟ ଦଳବଦଳର ୫୮% (୬୪ ଜଣ) ନେତା ହରାଇଛନ୍ତି। ୫୪୩ ଲୋକସଭା ସାଂସଦଙ୍କ ମଧ୍ୟରୁ ୨୬ ଜଣ (ପ୍ରାୟ ୫%), ୨୩୩ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୭ ଜଣ (୩%), ଏବଂ ୪,୧୦୦ ବିଧାୟକଙ୍କ ମଧ୍ୟରୁ ୭୮ ଜଣ (ପ୍ରାୟ ୨%) ଦଳ ବଦଳାଇଛନ୍ତି। ଏହି ରିପୋର୍ଟ ପ୍ରକାଶ କରିବା ସହ ଏଡିଆର୍ ଦଳବଦଳ ନିରୋଧୀ ଆଇନକୁ ଅଧିକ କଡ଼ାକଡ଼ି କରିବାକୁ ଦାବି କରିଛି।

■ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି

ତୃତୀୟ ଦିନରେ କଂଗ୍ରେସର ଅହୋରାତ୍ର ଧାରଣା

ଭୁବନେଶ୍ୱର, ୨୬।୯(ସମିସ): ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଚାଲିଥିବା ଅହୋରାତ୍ର ଧାରଣା ରବିବାର ତୃତୀୟ ଦିନରେ ପହଞ୍ଚିଛି। ଆଜି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଲଲାଟେନ୍ଦୁ ମହାପାତ୍ର, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା, ସିଦ୍ଧାର୍ଥ ରାଉତରାୟ, ବିଶ୍ୱଜିତ ଦାଶ, ରଜନୀ ମହାନ୍ତି, ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ତରୁଣ ମିଶ୍ର, ମନୋରଞ୍ଜନ ଦାଶ, ମିହିର ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ଜେନା ପ୍ରମୁଖ ଧାରଣାରେ ବସି ନିର୍ବାଚନ ଅଧିକାରୀଙ୍କ ଭୋଟ ଚୋରୀକୁ ନେଇ ପ୍ରତିବାଦ କରିଥିଲେ। ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ଇସ୍ତଫା ନଦେଲା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

■ ଡକାୟତି ଯୋଜନା ପଣ୍ଡ

ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶର ୫ ଗିରଫ

ପୁରୀ,୨୭।୯(ସମିସ): ତାଳବଣିଆ ଥାନା ପୁଲିସକୁ ବଡ଼ ସଫଳତା ମିଳିଛି। ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ଲୁଟିବା ପାଇଁ ଡକାୟତି ଯୋଜନା କରୁଥିବା ୪ ଜଣ ଆନ୍ତଃରାଜ୍ୟ ଡକାୟତ ଓ ଜଣେ ନାବାଳକକୁ ଗିରଫ କରାଯାଇଛି। ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ ପୁଲିସକୁ ଖବର ମିଳିଥିଲା ଯେ, କେନ୍ଦ୍ରୀୟ ବିଦ୍ୟାଳୟ ପଛପଟେ ୫ ଜଣ ମାରଣାସ୍ତ୍ର ଧରି ଡକାୟତି ଯୋଜନା କରୁଛନ୍ତି। ସଙ୍ଗେ ସଙ୍ଗେ ପୁଲିସ ସେଠାରେ ଚଢ଼ଉ କରି ୫ ଜଣଙ୍କୁ ଧରିଥିଲା। ଏହି ସମୟରେ ଜଣେ ଫେରାର୍ ହୋଇଯାଇଥିଲେ। ଗିରଫ ହୋଇଥିବା ଅଭିଯୁକ୍ତମାନେ ପଶ୍ଚିମବଙ୍ଗର ପ୍ରସନ୍‌ଜିତ ବେଥ (୨୦), ଆକାଶ ସିଂ (୨୧) ଓ ମଧ୍ୟପ୍ରଦେଶର ଦୀପକ ପର୍ଦ୍ଧି (୪୫), ଧନରାଜ ପର୍ଦ୍ଧି (୧୯)। ସେମାନଙ୍କଠାରୁ ୩ଟି ଲୁହା ରଡ୍, ଲଙ୍କାଗୁଣ୍ଡ ପ୍ୟାକେଟ, ଟର୍ଚ୍ଚ ଓ ଗାମୁଛା ଜବତ ହୋଇଛି। ସେମାନେ ଅନେକ ସଂଗଠିତ ଅପରାଧରେ ଜଡ଼ିତ ଥିବା ସ୍ୱୀକାର କରିଛନ୍ତି। ରବିବାର ଭୋର ସାଢ଼େ ୪ଟାରେ ସମସ୍ତଙ୍କୁ ଗିରଫ କରାଯାଇଛି।

ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ସ୍ଥାପନ ପ୍ରସଙ୍ଗରେ ଘେରିଲା ବିଜେଡି

ପଶ୍ଚିମ ଓଡ଼ିଶାବାସୀଙ୍କୁ ଭଣ୍ଡାଇଛି ବିଜେପି

■ ଏମ୍ସ ପ୍ରତିଷ୍ଠା ନାଁରେ ବିଜେପିର ମିଛ ପ୍ରତିଶ୍ରୁତି ଓ ନାଟକ ବନ୍ଦ ହେଉ
■ ବିଜେପିର ମିଥ୍ୟା ପ୍ରତିଶ୍ରୁତିର ଜବାବ ଠିକ୍ ସମୟରେ ଦେବେ ଜନତା

ଭୁବନେଶ୍ୱର,୨୭।୯(ସମିସ): ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ନାଁରେ ବିଜେପି ସରକାର ଓ ବିଜେପି ନେତାମାନେ ଦୀର୍ଘ ଦିନ ଧରି ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାବାସୀଙ୍କୁ ଭ୍ରମିତ କରିଆସୁଛନ୍ତି। ବିଜେପିର ଏହି ମିଛ ପ୍ରତିଶ୍ରୁତି ଓ ନାଟକ ବନ୍ଦ ହେଉ ଦାବି କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲ୍ଲା ସଭାପତି ଇଂ ରୋହିତ ପୂଜାରୀ। ସେ କହିଛନ୍ତି ଯେ ୨୦୨୪ ନିର୍ବାଚନ ପୂର୍ବରୁ ବିଜେପି ନିଜ ଇସ୍ତାହାରରେ ସମ୍ବଲପୁରରେ ଓଡ଼ିଶାର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା କରିବାର ପ୍ରତିଶ୍ରୁତି ଦେଇଥିଲା। ସରକାର ଗଠନ ପରେ ଜୁନ୍ ୨୦୨୪ରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ କେନ୍ଦ୍ର ନିକଟରେ ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ଦାବି ରଖିଥିଲେ। ପରେ ୨୦୨୪ ସେପ୍ଟେମ୍ବର ୮ ତାରିଖରେ ନୂଆଖାଇ ଅବସରରେ ସମ୍ବଲପୁର ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଦ୍ୱିତୀୟ ଏମ୍ସ ସମ୍ବଲପୁରରେ ହେବ ବୋଲି ଘୋଷଣା କରିଥିଲେ। ସେପ୍ଟେମ୍ବର ୨୦୨୪ରେ ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ସମ୍ବଲପୁରରେ ଏମ୍ସ ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଚାଲିଥିବା କହିଥିଲେ। ଏପରିକି ଏମ୍ସ ପାଇଁ ଜମି ଖୋଜାଯାଉଥିବା ନେଇ ମଧ୍ୟ ଖବର ପ୍ରକାଶ ପାଇଥିଲା। କିନ୍ତୁ ଏବେ ଆରଟିଆଇ ମାଧ୍ୟମରେ ସାମ୍ନାକୁ ଆସିଥିବା ତଥ୍ୟ ସମସ୍ତ ଘୋଷଣାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଯଦି ୨୦୨୪ ଅକ୍ଟୋବରରେ କେନ୍ଦ୍ର ପକ୍ଷରୁ ଏମ୍ସ ପ୍ରତିଷ୍ଠା ନେଇ ସକରାତ୍ମକ ଅନୁମୋଦନ ମିଳିନଥିଲା, ତେବେ ତା'ପରେ ବିଜେପିର ନେତାମାନେ ସମ୍ବଲପୁରବାସୀଙ୍କୁ କାହିଁକି ବାରମ୍ବାର ଏମ୍ସ ହେବ ବୋଲି କହି ଆସୁଛନ୍ତି? ୨୦୨୪ରେ ଭୋଟ ପାଇଁ ଏମ୍ସର ପ୍ରତିଶ୍ରୁତି, ନୂଆଖାଇରେ ଘୋଷଣା, ପରେ ଜମି ଖୋଜା, ୨୦୨୬ରେ ପୁଣି ନୂଆ କଥା। ଏହା କ'ଣ ପଶ୍ଚିମ ଓଡ଼ିଶାବାସୀଙ୍କ ସହିତ ରାଜନୈତିକ ଛଳନା ନୁହେଁ? ବିଜେପିର ଜାତୀୟ ପ୍ରବକ୍ତା ଅଜୟ ଆଲୋକ ୧୧ ଫେବୃଆରୀ ୨୦୨୬ରେ ସମ୍ବଲପୁର ଆସି ଏମ୍ସ ପାଇଁ ରାଜ୍ୟ ସରକାର ଜମି ଯୋଗାଇବାକୁ ଯାଉଥିବା ଏବଂ ପ୍ରକଳ୍ପ ଆଗକୁ ବଢ଼ୁଥିବା କଥା କହିଥିଲେ। ବିଜେପି ନେତାମାନେ ସମ୍ବଲପୁରକୁ ଆସି ମିଛ ପ୍ରତିଶ୍ରୁତିର ପୁରୁଣା କ୍ୟାସେଟ୍ ବଜାଇବା ବନ୍ଦ କରନ୍ତୁ। ଯଦି ଏମ୍ସ ହେବ, ତେବେ କେନ୍ଦ୍ର ସରକାରଙ୍କ ଅନୁମୋଦନ

କେଉଁଠି? ମଞ୍ଜୁରୀ କେଉଁଠି? ବଜେଟ୍ କେଉଁଠି? ଡିପିଆର କେଉଁଠି? ଜମି ଚିହ୍ନଟ ହେଲେ ତା'ର ପରବର୍ତ୍ତୀ ପଦକ୍ଷେପ କ'ଣ ସ୍ପଷ୍ଟ କରନ୍ତୁ। ବିଜେପି ମିଛ କହିବା ଓ ଲୋକଙ୍କୁ ଭ୍ରମିତ କରିବାର ରାଜନୀତିରେ ପାରଙ୍ଗମ, କିନ୍ତୁ ସମ୍ବଲପୁରବାସୀ ଏ ମିଛକୁ ଏତେ ସହଜରେ ଭୁଲିଯିବେ ନାହିଁ। ଏମ୍ସ କୌଣସି ନିର୍ବାଚନୀ ଲଲିପପ୍ ନୁହେଁ। ଏହା ପଶ୍ଚିମ ଓଡ଼ିଶାର କୋଟି କୋଟି ଲୋକଙ୍କ ସ୍ୱାସ୍ଥ୍ୟ ଅଧିକାରର ପ୍ରଶ୍ନ। ଖାଲି ଏମ୍ସ ନୁହେଁ, ସେମାନେ ନିଜର ନିର୍ବାଚନୀ ପ୍ରତିଶ୍ରୁତିରେ ହାଇକୋର୍ଟ ବେଞ୍ଚ, ଡବ୍ଲୁଓଡିସି ମୁଖ୍ୟାଳୟ ସ୍ଥାନାନ୍ତରଣ, ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ଭଳି ଅନେକ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାବାସୀଙ୍କ ଭାବାବେଗ ସହିତ ଜଡ଼ିତ ରହିଥିବା ଦାବି ଗୁଡ଼ିକର ପ୍ରତିଶ୍ରୁତି ଦେଇଥିଲେ। ଜନସାଧାରଣ ସବୁ ମନେ ରଖିଛନ୍ତି ଏବଂ ଏହି ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ବିଜେପି ଦଳକୁ ଠିକ୍ ସମୟରେ ଜବାବ ଦେବେ। ଯେ ପର୍ଯ୍ୟନ୍ତ ସମ୍ବଲପୁରରେ ସରକାର ଏମ୍ସ ନ କରିବେ ସେ ପର୍ଯ୍ୟନ୍ତ ଏହି ଲଢ଼େଇ ଜନସାଧାରଣଙ୍କ ସହ ମିଶି ଜାରି ରହିବ ଏବଂ ଆଗକୁ ଆହୁରି ତୀବ୍ରତର ହେବ ବୋଲି ଇଂ ପୂଜାରୀ ଚେତାବନୀ ଦେଇଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ମହାନଦୀରେ ବନ୍ୟା...

ଯେପରି ୮ ଲକ୍ଷ କ୍ୟୁସେକରୁ ଅଧିକ ଜଳ ପ୍ରବାହିତ ନହୁଏ ସେନେଇ ବିଭାଗ ବିଶେଷ ସତର୍କ ରହିଛି। ଗତ ଅଗଷ୍ଟ ୩୦ ତାରିଖରେ ମୁଣ୍ଡଳୀ ଦେଇ ଚଳିତ ବର୍ଷ ସର୍ବାଧିକ ୮.୯୦ ଲକ୍ଷ କ୍ୟୁସେକ ବନ୍ୟା ଜଳ ପ୍ରବାହିତ ହୋଇଥିଲା। ସେହି ଦୃଷ୍ଟିରୁ ମହାନଦୀର ଏହା ଏକ ଛୋଟ ଧରଣର ବନ୍ୟା ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ବୈତରଣୀ, ବୁଢ଼ାବଳଙ୍ଗ ନଦୀରେ ବନ୍ୟାଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ବର୍ଦ୍ଧିତ ଜଳପ୍ରବାହର ସୁଚାରୁ ପରିଚାଳନା ଓ ବନ୍ୟାଜନିତ ସମ୍ଭାବ୍ୟ ପ୍ରଭାବକୁ ହ୍ରାସ କରିବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ନିରନ୍ତର ନିରୀକ୍ଷଣ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଉଛି। ବିଭିନ୍ନ ନଦୀ ଓ ଜଳଭଣ୍ଡାରର ଜଳସ୍ତର, ଜଳପ୍ରବାହ ଏବଂ ଗେଜ୍ ସାଇଟ୍‌ଗୁଡ଼ିକର ସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖାଯାଇଛି। କ୍ଷେତ୍ରସ୍ତରୀୟ ଯନ୍ତ୍ରୀ ଓ କର୍ମଚାରୀମାନେ ସଜାଗ ରହି ଆବଶ୍ୟକତାନୁସାରେ ଡ୍ୟାମ୍ ଓ ବ୍ୟାରେଜ୍‌ର ଗେଟ୍ ପରିଚାଳନା କରୁଛନ୍ତି। ଜଳପ୍ରବାହର ପରିବର୍ତ୍ତିତ ସ୍ଥିତିକୁ ନିରନ୍ତର ଅନୁଧ୍ୟାନ କରି ଜନସୁରକ୍ଷା ଓ ବନ୍ୟା ନିୟନ୍ତ୍ରଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଆଜି ବିଜେଡିର...

ସୁଯୋଗ ସୃଷ୍ଟି ହୋଇଥିଲା। ମାତ୍ର ଏମଏମଡିଆର ଆଇନ ସଂଶୋଧନ ଯୋଗୁଁ ରାଜ୍ୟ ସରକାର ଏହି ବିପୁଳ ବକେୟା ଅର୍ଥରାଶି ହରାଇଛନ୍ତି; ସେହିପରି ଭବିଷ୍ୟତରେ ବି ଖଣି ଓ ଖଣିଜ ଜମି ଉପରେ ଟିକସ ଲଗାଇବାର ଅଧିକାରକୁ ମଧ୍ୟ କେନ୍ଦ୍ର ସରକାର ହଡ଼ପ କରିନେଇଛନ୍ତି। ଯାହା ଫଳରେ ଓଡ଼ିଶା ବିପୁଳ କ୍ଷତିଗ୍ରସ୍ତ ହେବ ଓ ରାଜ୍ୟବାସୀ ନିଜ ଜମିର ଅଧିକାର ହରାଇବେ। ଏହାର ପ୍ରତିବାଦ ସହ ଏହି ଆଇନକୁ ପ୍ରତ୍ୟାହାର ଦାବିରେ ବିଜେଡି ଆସନ୍ତାକାଲି ଲୋୟର ପିଏମଜି ଠାରେ ଏକ ବିଶାଳ ବିକ୍ଷୋଭ କରିବ।

ଆଜିଠୁ ତିନି ଦିନ...

ସମାନ ଦାବି ନେଇ ଦିନିକିଆ ଧର୍ମଘଟ କରିଥିଲେ। ଆହୁରିମଧ୍ୟ ଧର୍ମଘଟକୁ ନଜରରେ ରଖି ସରକାର କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କୁ ସେପ୍ଟେମ୍ବର ୨୫ରେ ଦରମା ଏବଂ ପେନସନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛି। କାରଣ ୨୬ ସେପ୍ଟେମ୍ବର ହେଉଛି ମାସର ୪ର୍ଥ ଶନିବାର ପାଇଁ ବ୍ୟାଙ୍କ ଛୁଟି। ଏହାପରେ ଧର୍ମଘଟ ଲାଗି ସୋମବାରଠାରୁ ବୁଧବାର ଯାଏ ବ୍ୟାଙ୍କ ବନ୍ଦ। ଅପରପକ୍ଷେ ଧର୍ମଘଟକୁ ଦୃଷ୍ଟିରେ ରଖି ଏସ୍‌ବିଆଇ ଏବଂ ପିଏନ୍‌ବି ସମେତ ସମସ୍ତ ସରକାରୀ ବ୍ୟାଙ୍କର ଏଟିଏମ୍‌ରୁ ଟଙ୍କା ଉଠାଣ ଉପରୁ ଶୁଳ୍କ ଛାଡ଼ କରାଯାଇଛି। ବ୍ୟାଙ୍କ ସଂଘ ରଖିଥିବା ପ୍ରମୁଖ ଦାବିଗୁଡ଼ିକୁ ନେଇ ସରକାର ଏବଂ ବ୍ୟାଙ୍କ ୟୁନିଅନଗୁଡ଼ିକ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀମାନେ ଧର୍ମଘଟରେ ଅଟଳ ରହିଛନ୍ତି।

ଏ ବର୍ଷ ବି...

ପରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଉଚ୍ଚଶିକ୍ଷା ମନ୍ତ୍ରୀ, ଆଇନ୍ ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ମଧ୍ୟ ଛାତ୍ରସଂସଦ ନିର୍ବାଚନ କରାଯିବାକୁ ଘୋଷଣା କରିଥିଲେ। ମାତ୍ର ଏବେ ଏହି ପ୍ରସଙ୍ଗରେ କେହି ମୁହଁ ଖୋଲୁ ନାହାନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ 'ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାର ସକରାତ୍ମକ ଅଛନ୍ତି' କହି କଥାକୁ ଏଡ଼ାଇ ଯାଉଛନ୍ତି। ଏହି 'ସକରାତ୍ମକ' ଶବ୍ଦର ଅର୍ଥ କ'ଣ ତାହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କର ପ୍ରସଙ୍ଗ ହୋଇଛି। ଯଦି ସରକାର ସକରାତ୍ମକ ଅଛନ୍ତି, ତାହେଲେ ବାରମ୍ବାର କାହିଁକି ନିର୍ବାଚନ କରିବାକୁ ବିଫଳ ହେଉଛନ୍ତି? ନିର୍ବାଚନ ପାଇଁ କେଉଁ କାରଣ ସରକାରଙ୍କ ରାସ୍ତାରେ କଣ୍ଟା ସାଜିଛି?

ଅପରପକ୍ଷରେ ସରକାରଙ୍କ ଏହି ମନୋଭାବକୁ ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଂଗଠନଗୁଡ଼ିକ ବିରୋଧ କରିଛନ୍ତି। ଶାସକ ବିଜେପିର ଛାତ୍ର ସଂଗଠନ ଏବିଭିପି ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ବାରମ୍ବାର ନିଶାଣ କରିଛି। ଅଧ୍ୟକ୍ଷ ଓ କୁଳପତିଙ୍କ ଜରିଆରେ ନିର୍ବାଚନ ପାଇଁ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଛି। ବିସିଜେଡି ଓ ଛାତ୍ର କଂଗ୍ରେସ ମଧ୍ୟ ଏକାଧିକ ସାମ୍ବାଦିକ ସମ୍ମିଳନୀ କରି ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାକୁ ଦାବି କରିଥିଲେ। ଏଆଇଏସ୍‌ଏଫ୍ ପକ୍ଷରୁ ଗତ ୨୫ ତାରିଖରେ ବିଧାନସଭା ଘେରାଉ କରାଯାଇଥିବାବେଳେ ଡିଏସ୍‌ଓ ପକ୍ଷରୁ ମଧ୍ୟ ଆନ୍ଦୋଳନ ଡ଼ାକରା ଦିଆଯାଇଛି। ମାତ୍ର ସରକାର ନିର୍ବାଚନ ସମ୍ପର୍କରେ ସରକାର, ଉଚ୍ଚଶିକ୍ଷା ବିଭାଗ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି। ଜେନ-ଜିଙ୍କ ରୋଷ ଓ ସମ୍ଭାବ୍ୟ ପରାଜୟ ଭୟରେ ଛାତ୍ରସଂସଦ ନିର୍ବାଚନ କରିବାକୁ ଉଚ୍ଚଶିକ୍ଷା ବିଭାଗ ଭୟ କରୁଛି ବୋଲି ବିଭିନ୍ନ ଛାତ୍ର ସଂଗଠନ ଅଭିଯୋଗ କରିଛନ୍ତି।

ଅକ୍ଟୋବରରୁ ଏସି, ଟିଭି, ଫ୍ରିଜ୍ ମହଙ୍ଗା

■ ୮ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିପାରେ ମୂଲ୍ୟ
■ ଚଳିତ ବର୍ଷ ୩ ପର୍ଯ୍ୟାୟରେ ୨୩% ବଢ଼ିଲାଣି

ନୂଆଦିଲ୍ଲୀ,୨୭।୯(ଏଜେନ୍ସି): ପାର୍ବଣରେ ଉପଭୋକ୍ତା ଦୀର୍ଘ ସ୍ଥାୟୀ ସାମଗ୍ରୀ କ୍ଷେତ୍ରରେ ଗ୍ରାହକଙ୍କୁ ଲାଗିବାକୁ ଯାଉଛି ବଡ଼ ଝଟ୍‌କା। କାରଣ ବଜାରରେ ଖୁବ୍ ଶୀଘ୍ର ମହଙ୍ଗା ହେବାକୁ ଯାଉଛି, ଏସି, ଟିଭି, ରେଫ୍ରିଜରେଟର କିମ୍ବା ୱାସିଂମେସିନ୍ ଭଳି ଉତ୍ପାଦ। ମଞ୍ଜୁମର୍ ଇଲେକ୍ଟ୍ରୋନିକ୍ସ ଏବଂ ଉପକରଣ ନିର୍ମାଣକାରୀ କମ୍ପାନୀଗୁଡ଼ିକ ତମ୍ବା, ଷ୍ଟିଲ୍, ଆଲୁମିନିୟମ୍ ଏବଂ ଅନ୍ୟାନ୍ୟ କଞ୍ଚାମାଲର ବର୍ଦ୍ଧିତ ମୂଲ୍ୟକୁ ନଜରରେ ରଖି ଏପରି ଦରବୃଦ୍ଧି କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହାବ୍ୟତୀତ ଅଧିକ ମାଲ ପରିବହନ ଖର୍ଚ୍ଚ ଏବଂ ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ କମ୍ପାନୀଙ୍କ ଲାଭାଂଶକୁ ଚାପଗ୍ରସ୍ତ କରିଛି। ଶିଳ୍ପ ଅଧିକାରୀଙ୍କ ଅନୁଯାୟୀ, ଅନେକ କମ୍ପାନୀ ଅକ୍ଟୋବର ପହିଲାଠାରୁ ଏସି ଏବଂ ଅନ୍ୟାନ୍ୟ ଘରୋଇ ଉପକରଣର ମୂଲ୍ୟ ୫% ରୁ ୮% ପର୍ଯ୍ୟନ୍ତ ବୃଦ୍ଧି କରିପାରନ୍ତି। ଅପରପକ୍ଷେ କିଛି କମ୍ପାନୀ ପୂର୍ବରୁ ମୂଲ୍ୟ ବୃଦ୍ଧି କରିସାରିଥିବାବେଳେ, ଅନ୍ୟମାନେ ଏବେ ବି ଖର୍ଚ୍ଚ ଆକଳନ କରୁଛନ୍ତି। ଯଦି ଦର ବୃଦ୍ଧି ହୁଏ ତେବେ, ଏହା ୨୦୨୬ରେ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଶିଳ୍ପ ଦ୍ୱାରା ତୃତୀୟ ମୂଲ୍ୟ ବୃଦ୍ଧି ହେବ। ଚଳିତ ବର୍ଷ ଏହି ତିନୋଟି ପର୍ଯ୍ୟାୟରେ ଦର ୨୩% ବଢ଼ିଛି।

ଏଥିରେ ଏସିଗୁଡିକର ମୂଲ୍ୟରେ ସର୍ବାଧିକ ୫% ରୁ ୮% ପର୍ଯ୍ୟନ୍ତ ବୃଦ୍ଧି ହେବ। ବ୍ଲୁ ଷ୍ଟାର, ଗୋଦରେଜ ଆପ୍ଲାଏନ୍ସ, ହାୟର, ଡାଇକିନ୍ ଏବଂ ସୁପର ପ୍ଲାଷ୍ଟ୍ରୋନିକ୍ସ ଭଳି କିଛି ପ୍ରିମିୟମ୍ ବ୍ରାଣ୍ଡ ୧୦% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କରୁଥିବା ସୂଚିତ କରିଛନ୍ତି। ଏଲ୍‌ଇଡି ଟିଭି ଏବଂ ୱାଶିଂମେସିନ୍ ବର୍ଗରେ ମୂଲ୍ୟ ପ୍ରାୟ ୩% ରୁ ୪% ବୃଦ୍ଧି ପାଇପାରେ। ଭାରତରେ ଥମସନ୍, କୋଡାକ୍ ଏବଂ ବ୍ଲାଉପଙ୍କ୍ଟ ଭଳି ଟିଭି ବ୍ରାଣ୍ଡ ନିର୍ମାଣ ଏବଂ ବିକ୍ରିକରୁଥିବା ସୁପର ପ୍ଲାଷ୍ଟ୍ରୋନିକ୍ସ ପ୍ରାଇଭେଟ୍ ଲିମିଟେଡ୍ କ୍ଟୋବର ପରେ ଟିଭି ମୂଲ୍ୟ ପ୍ରାୟ ୭% ବୃଦ୍ଧି କରିବାକୁ ଯୋଜନା କରୁଛି। ଆହୁରିମଧ୍ୟ ରେଫ୍ରିଜରେଟର ଏବଂ ଡିପ୍ ଫ୍ରିଜରର ମୂଲ୍ୟ ମଧ୍ୟ ୩% ରୁ ୫% ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ଥମସନ୍ ଟିଭି ଇଣ୍ଡିଆର ସିଇଓ ଅବନୀତ ସିଂହ ମାରୱାହ କହିଛନ୍ତି ଯେ ପଶ୍ଚିମ ଏସିଆରେ ଯୁଦ୍ଧ ଅନିଶ୍ଚିତତା ବଢ଼ିବାରେ ଲାଗିଛି। ଆମଦାନୀ ବିଳମ୍ବ ହେଉଛି ଏବଂ ମାଲ ପରିବହନ ଖର୍ଚ୍ଚ ଅଢ଼େଇ ଗୁଣ ବୃଦ୍ଧି ପାଇଛି। ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ପ୍ଲାଷ୍ଟିକ୍ ମୂଲ୍ୟ ମଧ୍ୟ ବଢ଼ିଯାଇଛି। ଧାତୁ ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଟିଭି ଏବଂ ୱାସିଂ ମେସିନରେ ମେମୋରୀ ଚିପ୍ସ ବ୍ୟବହାର କରାଯାଏ। ଗତ ବର୍ଷ ମେମୋରୀ ଚିପ୍ସ ମୂଲ୍ୟ ଅନେକ ଗୁଣ ବୃଦ୍ଧି ପାଇଥିଲା, ଯାହା ଫଳରେ ଉତ୍ପାଦନ ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇଛି। ଏହି କାରଣଗୁଡ଼ିକ ଯୋଗୁଁ ଟିଭି ଏବଂ ୱାସିଂମେସିନର ମୂଲ୍ୟ ବୃଦ୍ଧି କରାଯାଉଛି।

ପାର୍ବଣ ଋତୁ କମ୍ପାନୀଗୁଡିକର ମୋଟ ବିକ୍ରି ୩୦-୪୦% ବହନ କରିଥାଏ। ଉପଭୋକ୍ତା ସ୍ଥାୟୀ ସାମଗ୍ରୀ ଶିଳ୍ପ ପାଇଁ ନବରାତ୍ରିରୁ ଦୀପାବଳି ପର୍ଯ୍ୟନ୍ତ ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ, କମ୍ପାନୀଗୁଡ଼ିକର ସାମ୍ନାରେ ଏବେ ବଡ଼ ଚ୍ୟାଲେଞ୍ଜ ହେଉଛି ଯେ ପାର୍ବଣ ଚାହିଦା ବୃଦ୍ଧି ପାଉଥିବା ମୂଲ୍ୟର ପ୍ରଭାବକୁ ପୂରଣ କରିପାରିବ କି ନାହିଁ। କିଛି କମ୍ପାନୀ ଆଶା କରୁଛନ୍ତି ଯେ ସଂଗୃହିତ ଇନଭେଣ୍ଟୋରୀ ଯୋଗୁଁ ଗ୍ରାହକମାନେ କିଛି ସମୟ ପାଇଁ ପୁରୁଣା ମୂଲ୍ୟରୁ ଲାଭ ପାଇବେ। ଅନ୍ୟପକ୍ଷରେ, ଏପରି ଆଶଙ୍କା ରହିଛି ଯେ କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ଖର୍ଚ୍ଚ ଗ୍ରାହକଙ୍କ କ୍ରୟକୁ ପ୍ରଭାବିତ କରିପାରେ।

ଏସବିଆଇ, ଏଏସଆଇ ଏବଂ ଇଣ୍ଡିଆନ୍ କାୟାକିଂ ଆଣ୍ଡ କାନୋଇଂ ଆସୋସିଏସନ୍ ସହ ଓଡ଼ିଶା ପର୍ଯ୍ୟଟନର ବୁଝାମଣାପତ୍ର ସ୍ୱାକ୍ଷରିତ

■ ବିଶ୍ୱ ପର୍ଯ୍ୟଟନ ଦିବସ ୨୦୨୬
■ ଓଟିଡିସି ଅତ୍ୟାଧୁନିକ ଲକ୍ସରୀ କୋଚ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୭।୯(ସମିସ): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ଡିଜିଟାଲ୍ ନବସୃଜନ, ନିରନ୍ତର ପର୍ଯ୍ୟଟନ, ସଂସ୍ଥାଗତ ଭାଗିଦାରୀ, ସାହସିକ ଓ ଐତିହ୍ୟ ପର୍ଯ୍ୟଟନ, ଉଦ୍ୟୋଗିତା ଏବଂ ରାଜ୍ୟର ପର୍ଯ୍ୟଟନ ବ୍ୟବସ୍ଥାରେ ସ୍ଥାନୀୟ ସମୁଦାୟର ସକ୍ରିୟ ଭାଗିଦାରୀକୁ ଗୁରୁତ୍ୱ ଦେଇ 'ବିଶ୍ୱ ପର୍ଯ୍ୟଟନ ଦିବସ ୨୦୨୬' ପାଳିତ ହୋଇଯାଇଛି। ଲୋକସେବା ଭବନର ରାଜ୍ୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ପର୍ଯ୍ୟଟକଙ୍କ ଯାତାୟାତ ସୁବିଧା ଓ ଭ୍ରମଣ ଅନୁଭୂତିକୁ ଉନ୍ନତ କରିବା ପାଇଁ ଓଟିଡିସି ଲକ୍ସରୀ କୋଚ୍ ଗୁଡ଼ିକୁ ଉପମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନ ସଚିବ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପର୍ଯ୍ୟଟନ ବିଭାଗ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ମଧ୍ୟରେ ହୋମ୍‌ଷ୍ଟେଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବାବେଳେ ସାହସିକ ପର୍ଯ୍ୟଟନର ପ୍ରସାର ପାଇଁ ଇଣ୍ଡିଆନ୍ କାୟାକିଂ ଆଣ୍ଡ କାନୋଇଂ ଆସୋସିଏସନ୍ ସହ ଏବଂ ଐତିହ୍ୟ ପର୍ଯ୍ୟଟନକୁ ସୁଦୃଢ଼ କରିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ବାରକୁଲଠାରେ ଓଟିଡିସି ଇଭି ବୋଟ୍ ଏବଂ ଚିଲିକା ହ୍ରଦରେ ସ୍ୱସ୍ତି ଦ୍ୱାରା ପରିଚାଳିତ କ୍ୟାଟାମାରାନ୍‌ର ଆଭାସୀ ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହୋମ୍‌ଷ୍ଟେ ଯୋଜନା ଅଧୀନରେ ୧୭୬ ଜଣ ହିତାଧିକାରୀଙ୍କୁ ଅସ୍ଥାୟୀ ପଞ୍ଜୀକରଣ ପ୍ରମାଣପତ୍ର ଏବଂ ସାହସିକ ପର୍ଯ୍ୟଟନ ଆୟୋଜକଙ୍କୁ ଏଲଟିଓ/ଆରଟିଏସ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

AFFIDAVIT

I, Sekh Ajaruddin, S/o. Sekh Kalimuddin, Resident at Debhog, P.O- Gopinathpur, P.S - Singla, Dist - Balasore, Pin- 756030, Odisha declare by this affidavit no. 4282 dtd 24.09.2026 that now onwards I shall be known as **SK AJARUDDIN** for all future purposes.

AFFIDAVIT

I, Sekh Kalimuddin, S/o. Sekh Ainuddin, Resident at Debhog, P.O - Gopinathpur, P.S Singla, Dist - Balasore, Pin- 756030, Odisha declare by this affidavit no. 4281 dtd 24.09.2026 that now onwards I shall be known as **SK KALIMUDDIN** for all future purposes.

ଆଜି ପାଳନ ହେବ ୮୪ତମ ସହିଦ ଦିବସ

ପ୍ରତିଶ୍ରୁତିରେ ଅଟକିଛି ରକ୍ତତୀର୍ଥର ବିକାଶ

ଖଇରା/ଔପଦା, ୨୭।୯ (ସମିସ)

ବାଲେଶ୍ୱର ଜିଲ୍ଲାର ରକ୍ତତୀର୍ଥ କ୍ଷେତ୍ର ଭାବେ ମାନ୍ୟତା ଲାଭ କରିଥିବା ତୁଡିଗଡିଆ ଆଉ ଦିନକ ପରେ ୩ ସହିଦଙ୍କ ବଳିଦାନ ଦିବସ ପାଳନ କରିବାକୁ ଯାଉଛି। ୧୯୪୨ ମସିହା ସେପ୍ଟେମ୍ବର ୨୮ରେ ବ୍ରିଟିଶ ଫୌଜଙ୍କ ଗୁଳିରେ ପ୍ରାଣ ହରାଇଥିବା ରଘୁ ବେହେରା, କେଲୁ ସାହୁ, ମକରା ଲେଙ୍କାଙ୍କ ୮୪ତମ ସ୍ମୃତି ଚାରଣ ସଭା ପାଇଁ ବହୁ ପୂର୍ବରୁ ମନ୍ତ୍ରୀ ଓ ନେତାଙ୍କ ନିମନ୍ତ୍ରଣ ପର୍ବ ଶେଷ ହୋଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ସ୍ମୃତିସଭାକୁ ଆକର୍ଷଣୀୟ କରିବାକୁ ସହିଦ ଜନ କଲ୍ୟାଣ ପରିଷଦର କର୍ମକର୍ତ୍ତା ମାନେ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି। ପ୍ରତି ବର୍ଷପରି ଧାର୍ଯ୍ୟ ଦିବସରେ ନେତୃବୃନ୍ଦ ରକ୍ତତୀର୍ଥର ବିକାଶ ପାଇଁ ଅନେକ କିଛି ପ୍ରତିଶୃତି ଦେବେ। ହେଲେ ପୁଣି ସେହି ରକ୍ତତୀର୍ଥ ନିଜ ଦୁଃଖକୁ ନିଜକାନ୍ଧ ଗାମୁଛା ଭଳି ସାଇତି ରଖି ଆରବର୍ଷକୁ ଅପେକ୍ଷା କରିଥିବ। ଅବଶ୍ୟ ବହୁ ଦାବି ପରେ ପ୍ରଥମ ଥରପାଇଁ ପରିଷଦ ପକ୍ଷରୁ ୩ ସହିଦଙ୍କ ତୈଳଚିତ୍ର







ପ୍ରସ୍ତୁତ କରାଯିବା ଶହୀଦଙ୍କ ପ୍ରତି ପ୍ରକୃତ ସମ୍ମାନ ବୋଲି ସାଧାରଣରେ ଆଲୋଚନା କରାଯାଉଛି।

୨୦୧୫ ମସିହା ଫେବୃଆରୀ ୨୩ ତାରିଖରେ ତୁଡିଗଡିଆକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ଘୋଷଣା କରାଯାଇଥିଲା। ପୂର୍ବ ସରକାର ସମୟରେ ଏହି କ୍ଷେତ୍ରର ବିକାଶ ଲାଗି ପାଖାପାଖି ୧କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ୨୦୨୪ ମସିହାରେ ସରକାର ପରିବର୍ତ୍ତନ ପରେ ରକ୍ତତୀର୍ଥର କଳେବର ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଥିଲା। ଅବଶ୍ୟ ସରକାର ଆସୁଆସୁ ସ୍ଥାନୀୟ ବିଧାୟକଙ୍କ ପ୍ରଚେଷ୍ଟାରେ ଶହୀଦ ସ୍ତମ୍ଭର ପୁନରୁଦ୍ଧାର ସହ ପେଣ୍ଡାଲ ସମ୍ମୁଖ ସ୍ଥାନରେ ପେଭର ବ୍ଲକ ଟାଇଲ ବିଛାଯାଇଥିଲା। ବାସ ସେତିକିରେ ବିକାଶର ପୂର୍ଣ୍ଣଚ୍ଛେଦ ପଡି ଯାଇଛି। ବିଭିନ୍ନ ସମୟରେ ତୁଡିଗଡିଆ ବଜାର ରାସ୍ତାକୁ ପ୍ରଶସ୍ତୀକରଣ ତଥା ଆଲୋକିକରଣ,ତୁଡିଗଡିଆ ବସଷ୍ଟପ ନିକଟରେ ବିଶ୍ରାମଗୃହ ନିର୍ମାଣ, ନୀଳାମ୍ବର ହାଇସ୍କୁଲରେ +୨ ଖୋଲାଯିବା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା, ଫାଣ୍ଡି ପ୍ରତିଷ୍ଠା, ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ବିଭିନ୍ନ ସମୟରେ ସ୍ଥାନୀୟ ବିଧାୟକ, ଏମପି, ଆସୁଥିବା ନେତାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଆସୁଛି। ହେଲେ ବିକାଶ କେବଳ ପ୍ରତିଶୃତିରେ ସୀମିତ ରହିଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପାଖାପାଖି ୬ମାସ ତଳେ ରାସ୍ତା ପ୍ରଶସ୍ତୀକରଣ ପାଇଁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲେ ହେଁ ଏଥିରେ ପାତର ଅନ୍ତର କରାଯିବାକୁ ନେଇ ବଜାରବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ସେପଟେ ଯେତିକି ଯାଗା ମୁକ୍ତ ହୋଇଥିଲା ପୂର୍ତ୍ତ ବିଭାଗର ନିଷ୍କ୍ରିୟତା ଯୋଗୁଁ ପୁଣିଥରେ ଯାଗାକୁ ଅବରୋଧ ହୋଇସାରିଲାଣି। ତେବେ ଶହୀଦଙ୍କ ବଳିଦାନକୁ ମନେ ପକାଇ ତୁଡିଗଡିଆର ବିକାଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଖଇରାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଛି।

ଅଞ୍ଚଳବାସୀଙ୍କ ମୁହଁରୁ...

ବିଭିନ୍ନ ସମୟରେ ତୁଡିଗଡିଆର ବିକାଶ ପାଇଁ ମଞ୍ଚରେ ଅନେକ ପ୍ରତିଶୃତି ଦିଆଯାଉଛି। ବଡ ପ୍ରତିଶୃତି କଥା ତ ପଛ ୬ ପଞ୍ଚାୟତ ନିର୍ଭର କରୁଥିବା ଏହି ବଜାରରେ ଗୋଟିଏ ଶୌଚାଳୟର ବ୍ୟବସ୍ଥା ହୋଇନପାରିବା ପରିତାପର ବିଷୟ।

-ରାଧାକାନ୍ତ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ

ରକ୍ତତୀର୍ଥର ବିକାଶ ସ୍ଥାଣୁ ପାଲଟିଛି। ପୂର୍ବରୁ ଦଳମତ ନିର୍ବିଶେଷରେ ବ୍ୟକ୍ତିବିଶେଷଙ୍କୁ ନେଇ କମିଟି ଗଠିତ ହେଉଥିଲା। ହେଲେ ଏବେ ଏହି କମିଟିକୁ ରାଜନୀତିକରଣ କରାଯାଉଥିବାରୁ ବିକାଶରେ ଏହା ବାଧକ ସାଜିଛି।

-କମଳାକାନ୍ତ ପାଣିଗ୍ରାହୀ, ସ୍ଥାନୀୟ ଜନସାଧାରଣ

ପଦ୍ମଲୋଚନ ପଣ୍ଡା ବିଧାୟକ ହୋଇ ନିର୍ବାଚିତ ହେବା ପରେ ସ୍ମୃତିସ୍ତମ୍ଭର ପୁନରୁଦ୍ଧାର ଓ ଆହୁରି ଅନେକ କାର୍ଯ୍ୟ କରାଯାଇଛି। ବଜାର ପ୍ରସ୍ତତିକରଣ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବିଧାୟକ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଉଛନ୍ତି। ସଂସ୍କୃତି ବିଭାଗରୁ ସ୍ୱତନ୍ତ୍ର ଅନୁଦାନ ପାଇଁ ମଧ୍ୟ ପ୍ରକ୍ରିୟା ଜାରି ରହିଛି। ସହିଦ ଦିବସ ପାଳନ ଅବସରରେ ପୁଣିଥରେ ମଧ୍ୟ ଦାବିପତ୍ର ଦିଆଯିବ।

-ବସନ୍ତ ସାହୁ, ସମ୍ପାଦକ, ସହିଦ ଜନକଲ୍ୟାଣ ପରିଷଦ

ବଜାର ରାସ୍ତା ସମ୍ପ୍ରସାରଣ ପାଇଁ ୧କୋଟି ୩୦ଲକ୍ଷ ଟଙ୍କା ଅନୁମୋଦିତ ହୋଇଛି। ଖୁବଶୀଘ୍ର ଏହା ଟେଣ୍ଡରକୁ ଯିବ। ଏହାଛଡା ଅନ୍ୟାନ୍ୟ ଦାବି ଗୁଡିକ ଉପରେ ବିଚାର କରାଯାଉଛି।

-ପଦ୍ମଲୋଚନ ପଣ୍ଡା, ବିଧାୟକ, ସିମୁଳିଆ

ଫକୀରମୋହନ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ରଞ୍ଜନ କୁମାର ରାଏଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର,୨୭।୯ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ରଞ୍ଜନ କୁମାର ରାଏ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପିରୋଜ କୁମାର ପାଢ଼ୀଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ପୂର୍ବରୁ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ କରିଥିଲେ। ନିକଟରେ ସେ ମହାବିଦ୍ୟାଳୟ ଗଣିତ ବିଭାଗରେ ଆସୋସିଏଟ ପ୍ରଫେସର ଭାବେ ଯୋଗ ଦେଇଥିଲେ। ଷ୍ଟାଫ କ୍ଲବ ସମ୍ପାଦିକା ଡ଼. ମିନତୀ ସେଠୀ ଓ ସହ-ସମ୍ପାଦକ ଅବିନାଶ କୁମାର ପୃଷ୍ଟିଙ୍କ ତରଫରୁ ତାଙ୍କୁ ଉଷ୍ମ ସ୍ୱାଗତ କରାଯାଇଥିଲା। ଉତ୍ସବରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

ଡିଆରଡିଓ ଜୋନ ବ୍ୟାଡ୍‌ମିଣ୍ଟନରେ ବିକାଶ ଦାସ ରନର୍ସଅପ୍

ବାଲେଶ୍ୱର,୨୭।୯ (ସମିସ): ଚାନ୍ଦିପୁର ଆଇଟିଆରର ଟେକ୍ନିକାଲ ଅସିଷ୍ଟାଣ୍ଟ ତଥା ଭେଟେରାନ ବ୍ୟାଡମିଣ୍ଟନ ଖେଳାଳି ବିକାଶ ଦାସ ଡିଆରଡିଓ କେନ୍ଦ୍ରୀୟ ଜୋନ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ରନର୍ସଅପ୍ ହୋଇଛନ୍ତି। ହାଇଦ୍ରାବାଦରେ ସେପ୍ଟେମ୍ବର ୨୨ ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ସେ ଭେଟେରାନ ସିଙ୍ଗଲ୍ସ ଓ ଡବଲ୍ସ ବର୍ଗରେ ଏହି ସଫଳତା ପାଇଛନ୍ତି। ଏହାପରେ ସେ ଅକ୍ଟୋବର ୧୩ ରୁ ୧୭ ପର୍ଯ୍ୟନ୍ତ ପୁଣେରେ ହେବାକୁ ଥିବା ଡିଆରଡିଓ ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଆଇଟିଆର ନିର୍ଦ୍ଦେଶକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିକାଶ ଚାନ୍ଦିପୁର ନିବାସୀ ଗୋର ଗୋପାଳ ଦାସ ଓ ନିୟତି ରାଣୀ ଦାସଙ୍କ ପୁଅ। ବିକାଶ ୨୦ ବର୍ଷ ଧରି ଜାତୀୟ ଡିଆରଡିଓ ପ୍ରତିଯୋଗିତାରେ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଜିତି ବାଲେଶ୍ୱର ପାଇଁ ଗର୍ବ ଆଣିଛନ୍ତି। ବ୍ୟାଡମିଣ୍ଟନ ବ୍ୟତୀତ ସେ ଜାତୀୟ କ୍ୟାରମ ଚାମ୍ପିଅନସିପରେ ବାଲେଶ୍ୱର ଆଇଟିଆରର ପ୍ରତିନିଧିତ୍ୱ କରିବାର ଗୌରବ ମଧ୍ୟ ଅର୍ଜନ କରିଛନ୍ତି। ସେ ୨୦୨୨ ମସିହାରେ କଟକରେ ଅନୁଷ୍ଠିତ ଅଲ ଓଡ଼ିଶା ରାଜ୍ୟସ୍ତରୀୟ ଭେଟେରାନ ବ୍ୟାଡମିଣ୍ଟନ ଚାମ୍ପିଅନସିପ ମଧ୍ୟ ଜିତିଛନ୍ତି।

ଓଡ଼ିଶା ନାଟ୍ୟ ସଂଘର ପ୍ରତିଷ୍ଠା ଦିବସ ପାଳିତ

ବାଲେଶ୍ୱର,୨୭।୯ (ସମିସ): ନୃତ୍ୟ ସଂଗୀତ କଳା ମନ୍ଦିର ପରିସରରେ ବାଲେଶ୍ୱରର ନାଟ୍ୟ ସଂସ୍ଥାମାନଙ୍କୁ ନେଇ ଓଡିଶା ନାଟ୍ୟ ସଂଘର ୩୯ତମ ପ୍ରତିଷ୍ଠା ଦିବସ ଜିଲ୍ଲା ସଂଯୋଜକ ଇଂ ଶ୍ରୀତମ୍ କୁମାର ସିଂହଙ୍କ ଆହ୍ୱାନକ୍ରମେ ପାଳିତ ହୋଇଯାଇଛି। ନାଟ୍ୟ ନିର୍ଦ୍ଦେଶକ ସୁରଞ୍ଜନ ଦାସ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ପୂର୍ବତନ ସଂପାଦକ ଶୁଭକାନ୍ତ ପାଢ଼ୀ ନାଟ୍ୟ ସଂଘର ଇତିହାସ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶୀଷ ବର୍ଦ୍ଧନ, ଅଶ୍ୱିନୀ ଷଡ଼ଙ୍ଗୀ, ବିନାୟକ ସାହୁ, ଦେବାଶୀଷ ଦେ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଲକ୍ଷ୍ମୀ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

କବିବରଙ୍କ ଜୟନ୍ତୀ ଉପଲକ୍ଷେ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା

ସୋର, ୨୭।୯ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ କମରପୁରସ୍ଥିତ ସୋର ପବ୍ଲିକ ସ୍କୁଲ ପରିସରରେ ରାଧାନାଥ ରାୟଙ୍କ ୧୭୮ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସାହିତ୍ୟ ଆଧାରିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୧୭ ଜଣ ଛାତ୍ରଛାତ୍ରୀ କବିବରଙ୍କ କବିତା ଆବୃତ୍ତି,ପ୍ରବନ୍ଧ, ବକ୍ତୃତା ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଥମ ପର୍ଯ୍ୟାୟରେ ସମସ୍ତ ୧୭ଟି କ୍ଲଷ୍ଟରରେ କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଠାରୁ ସଫଳତାର ସହ ଉତୀର୍ଣ୍ଣ ହୋଇଥିବା ପ୍ରତିଯୋଗିମାନଙ୍କୁ ନେଇ ଆଜି ଏହି ବ୍ଲକ ସ୍ଥରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋର ବ୍ଲକର ସମସ୍ତ କ୍ଲଷ୍ଟରର ସିଆରସିସି ମାନେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ମେଧା ପ୍ରତିଭା ଚୟନ କରିଥିଲେ। ବିଚାରକ ଭାବେ କବିବର ସ୍ମୃତି ସଂସଦର କର୍ମକର୍ତ୍ତା ଓ ସୋର ପବ୍ଲିକ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ମାନେ କାର୍ଯ୍ୟ ତୁଲାଇଥିଲେ। କବିବର ରାଧାନାଥ ସ୍ମୃତି ସଂସଦ ତରଫରୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପାଦକ ଅନିରୁଦ୍ଧ ରାଉତ, କୋଷାଧ୍ୟକ୍ଷ ଗୌରାଙ୍ଗ ମହାପାତ୍ର, ଉପସଭାପତି ଉଦ୍ଧବ ଚରଣ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ପାଢୀ, ସଦସ୍ୟ ଶ୍ରୀଧର ପ୍ରସାଦ ବେହେରା, ପ୍ରଦୀପ କୁମାର ଦାସ, ମହେଶ୍ୱର ବେହେରା, ହିମାଂଶୁ ଭୂଷଣ ପଣ୍ଡା, ରାଧାନାଥ ପାଠାଗାର ର ସମ୍ପାଦକ ଦାମୋଦର ଦାଶ ମହାପାତ୍ର ପ୍ରମୂଖ ବିଦ୍ୟାଳୟ ପରିସରରେ ଥିବା କବିବରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମଟିକୁ ଉଦ୍‌ଘାଟନ କହିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ କବିବରଙ୍କ ୧୭୮ ତମ ଜୟନ୍ତୀ ଅବସରରେ ଜନ୍ମପୀଠ କେଦାରପୁରଠାରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।

ଇଂରାଜୀ ଭାଷା ଅଭିବୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲେଶ୍ୱର,୨୭।୯ (ସମିସ): ଜିଲ୍ଲା ସ୍କୁଲଠାରେ ଚାଲିଥିବା ୫ ଦିନିଆ 'ଇଂରାଜୀ ଭାଷା ଅଭିବୃଦ୍ଧି ପାଠ୍ୟକ୍ରମ' (ଇଏଲଇସି) ର ପ୍ରଥମ ପର୍ଯ୍ୟାୟ ପ୍ରତ୍ୟକ୍ଷ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ବେଙ୍ଗାଲୁରୁର ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏହି ବ୍ୟାପକ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗତ ସେପ୍ଟେମ୍ବର ୨୧ ତାରିଖରେ ବାଲେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ଯୋଗେଶ୍ୱର ଜେନା ଏହି ୫ ଦିନିଆ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସିଲଟ୍ ନିର୍ଦ୍ଦେଶିକା ସୁମିତା ଦାସ ଏବଂ ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହି ଅଭିଯାନ ପରିଚାଳିତ ହୋଇଥିଲା। ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସରକାରୀ ବିଦ୍ୟାଳୟରୁ ମନୋନୀତ ମୋଟ ୬୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକମାନଙ୍କର ମୌଖିକ ଯୋଗାଯୋଗ ଶୈଳୀ ର ଉନ୍ନତି ପାଇଁ ଉଦ୍ଦିଷ୍ଟ ଏହି ସଘନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପାରସ୍ପରିକ ଆଲୋଚନା, ଗୋଷ୍ଠୀ ଆଲୋଚନା ଏବଂ ଅଭିନୟ ଆଦି ଅନ୍ତର୍ଭୁକ୍ତ ଥିଲା। ଭୁବନେଶ୍ୱର ସିଲଟ୍ ର ସମ୍ପାଦନା ବ୍ୟକ୍ତି ଗୋପବନ୍ଧୁ ଦାସ ପର୍ଯ୍ୟବେକ୍ଷକ ଭାବେ ସମଗ୍ର କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ ସ୍ୱସ୍ତି ସ, ତୁଳସୀ ପ୍ରସାଦ ଦାସ, କମଳାକାନ୍ତ ବାରିକ, ପ୍ରଶାନ୍ତ କୁମାର ବାରିକ, ପ୍ରିୟବ୍ରତ ସାହୁ ଏବଂ ସୁକାନ୍ତ କୁମାର ପରିଡ଼ା ପ୍ରମୁଖ ମେଣ୍ଟର ଭାବେ ସୂଚାରୁରୂପେ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବାଲେଶ୍ୱର ଡିଇଓ ବସନ୍ତ କୁମାର ନାୟକ ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଇନ୍ଦ୍ରଜିତ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ।

ଏବିଭିପି ଓଡ଼ିଶା ପୂର୍ବର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର,୨୭।୯ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ମୋତିଗଞ୍ଜସ୍ଥିତ ରାଜସ୍ଥାନ ଭବନରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ପ୍ରାନ୍ତ ପଦାଧିକାରୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ବିଭାଗ ପ୍ରମୁଖ ଓ ସଂଯୋଜକ, ଜିଲ୍ଲା ପ୍ରମୁଖ ଓ ସଂଯୋଜକଙ୍କୁ ମିଶାଇ ୧୨୦ ଜଣ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେବେ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବୈଠକରେ ରାଜ୍ୟର ଶୈକ୍ଷିକ ଓ ସାମାଜିକ ପରିସ୍ଥିତି ଉପରେ ବିସ୍ତୃତ ଚର୍ଚ୍ଚା ହେବ। ଶିକ୍ଷା, ସାମାଜିକ, ରାଷ୍ଟ୍ରୀୟ ସୁରକ୍ଷା ଓ ସମସାମୟିକ ପ୍ରସଙ୍ଗ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ କରାଯିବ। ଆସନ୍ତା ୨୮ ସେପ୍ଟେମ୍ବରରେ ଶୁଭେଚ୍ଛୁ, ପୁରାତନ ଓ ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସ୍ୱତନ୍ତ୍ର ବୈଠକ ମଧ୍ୟ ଅନୁଷ୍ଠିତ ହେବ। ଆଗାମୀ କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ପାଇଁ ଏହି ବୈଠକରେ ବଡ଼ ରଣନୀତି ପ୍ରସ୍ତୁତ କରାଯିବ। କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ମୌଳିକ ସମସ୍ୟା ଓ ସାଙ୍ଗଠନିକ ବିସ୍ତାର ନେଇ ମଧ୍ୟ ସମୀକ୍ଷା କରାଯିବ। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସହ-ସମ୍ପାଦକ ଉଜ୍ଜ୍ୱଳ ପ୍ରଦୀପ ସାମଲ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କ୍ଷୀରୋଦ ପଣ୍ଡା ଓ ଜ୍ୟୋତିରେଖା ଭୂୟାଁ, ପ୍ରାନ୍ତ ଗଣମାଧ୍ୟମ ସହ-ସଂଯୋଜକ ଓମକାର ମହାନ୍ତି ଏବଂ ବାଲେଶ୍ୱର ଜିଲ୍ଲା ସଂଯୋଜକ ଜୀତମ ଦାସ ଉପସ୍ଥିତ ଥିଲେ।

ବିଶ୍ୱ ପର୍ଯ୍ୟଟନ ଦିବସକୁ ଭୁଲିଗଲା ବିଭାଗ

ନୀଳଗିରି, ୨୭।୯ (ସମିସ): ଆଜି ବିଶ୍ୱ ପର୍ଯ୍ୟଟନ ଦିବସ। ଉତ୍ତର ଓଡ଼ିଶାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଭାବରେ ବାବା ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠ। ପ୍ରତି ଦିନ ଏଠାକୁ ଦେଶ, ରାଜ୍ୟ ବାହାରୁ ଅନେକ ପର୍ଯ୍ୟଟନ ଆସିଥାନ୍ତି। ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ସ୍ଥାନୀୟ ପର୍ଯ୍ୟଟନ ବିଭାଗ ଭୁଲି ଗଲେ ପର୍ଯ୍ୟଟନ ଦିବସକୁ। ଶେଷରେ ଭାଇଚାରାକୁ ପାଥେୟ କରି ଏକତ୍ରିତ ହୋଇ ବିଶ୍ୱ ପର୍ଯ୍ୟଟନ ଦିବସ ରେ ପର୍ଯ୍ୟଟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ସ୍ଥାନୀୟ ଯୁବ ପରିବେଶବିତ୍ ତଥା ଟୁରିଷ୍ଟ ଗାଇଡ୍ ମନୋରଞ୍ଜନ ଦାସ ଓ ଶ୍ୟାମସୁନ୍ଦରପୁର ସରପଂଚ ପୁରସ୍ତମ୍ ସେଠୀ ସମେତ ଅନେକ ଯୁବକ ପର୍ଯ୍ୟଟକଙ୍କୁ ଫୁଲ ଓ ମିଠା ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଯୁବକମାନେ ପରିବେଶକୁ ସଫେଇ କରିଥିଲେ।

କୁପାରୀ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ

ଖଇରା, ୨୭।୯ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ୭ନମ୍ବର ୱାର୍ଡ ପଟ୍ଟନାୟକ ସାହିରେ ଥିବା ଭାଗବତ ଟୁଙ୍ଗିର ୬୪ତମ ବାର୍ଷିକୋତ୍ସବ ତଥା ଭାଗବତ ଜନ୍ମୋତ୍ସବ ଶନିବାର ଠାରୁ ଆରମ୍ଭ ହୋଇଛି। ପଣ୍ଡିତ ବିଷ୍ଣୁଚରଣ ପଣ୍ଡା ଓ ଚନ୍ଦ୍ରକାନ୍ତ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରଥମେ ଘଟୋତ୍ତଳନ ଏବଂ ଶ୍ରୀକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରିବା ପରେ ଦିବସ ବ୍ୟାପି ଭାଗବତ ପାଠ କରାଯାଇଛି। ଗ୍ରାମର ସୁରେନ୍ଦ୍ର ପଣ୍ଡା, ଗଜେନ୍ଦ୍ର ଜେନା, ଗଜେନ୍ଦ୍ର ଗାହାଣ, ରଣଜିତ ପଣ୍ଡା, ମାନସ ଗାହାଣ, ତ୍ରିଲୋଚନ ଗାହାଣ, ସନ୍ତୋଷ ପଣ୍ଡା ଓ ବଟକୃଷ୍ଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ବାଲେଶ୍ୱର,୨୭।୯ (ସମିସ): ଦିୱେଲଫେୟାର ରାଣୀପାଟଣା ଦୃଷ୍ଟିହୀନ ଓ ମସ୍ତିକ ପକ୍ଷାଘାତ ନିମନ୍ତେ ବିଦ୍ୟାଳୟରେ ଶ୍ରୀ ସତ୍ୟସାଇ ସେବାସମିତ୍, ବାଲେଶ୍ୱର ସହଯୋଗରେ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଏକ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ରୋଟରିଆନ୍ ତଥା କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଉଦଘାଟନ କରିଥିଲେ। ଶେଷରେ ପୂଜ୍ୟ ଶ୍ରୀ ସତ୍ୟ ସାଇଙ୍କ ଆଳତି ଓ ପ୍ରସାଦ ସେବନ ପରେ କାର୍ଯକ୍ରମର ପରିସମାପ୍ତି ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଅନ୍ୟାନ୍ୟ କର୍ମଚାରୀ ଓ ଶ୍ରୀ ସତ୍ୟସାଇ ସେବା ସମିତି, ବାଲେଶ୍ୱର ସହଯୋଗରେ କାର୍ଯ୍ୟ ସଫଳ ହୋଇଥିବାରୁ ଅନୁଷ୍ଠାନ ତରଫରୁ ସତ୍ୟ ସାଇ ସେବା ସମିତି କୁ ଅନେକ ଅନେକ ସାଧୁବାଦ ନିର୍ଦ୍ଦେଶକ ଦିବାକର ସ ଜଣାଇଥିଲେ।

ମହାବୀର ଆଖଡ଼ା ସଂଘର ପ୍ରସ୍ତୁତି ବୈଠକ

ବାଲେଶ୍ୱର,୨୭।୯ (ସମିସ): ବାଲେଶ୍ୱର ମହାବୀର ଆଖଡା ସଂଘ ଚଳିତ ବର୍ଷ ଆଖଡ଼ା ଖେଳ ଶାନ୍ତି ଶୃଙ୍ଖଳା ସହ ଆକର୍ଷଣୀୟ କରିବା ପାଇଁ ସଂଘ ପକ୍ଷରୁ ପ୍ରଥମ ପ୍ରସ୍ତୁତି ବୈଠକ ମଠସାହି ଲଣ୍ଡାଗୋସ୍ୱାମୀ ମଠ ସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ପରାମର୍ଶ ମୁତାବକ କିପରି ଶାନ୍ତି ଶୃଙ୍ଖଳା ମଧ୍ୟରେ ଆଖଡ଼ାରେ ଖେଳ ଅନୁଷ୍ଠିତ ହେବ। ବୈଠକରେ ସଂଘର ସଭାପତି ଗୋପୀନାଥ ଶତପଥି, ଉପସଭାପତି ପଦ୍ମଲୋଚନ ଲେଙ୍କା, ମନୋଜ ରାଉତ, ସାଧାରଣ ସମ୍ପାଦକ ମନୋଜ କୁମାର ଦାସ,ସହକାରୀ ସାଧାରଣ ସମ୍ପାଦକ ବୈଲୋଚନ ଦାଶ, ଯୁଗ୍ମ ସମ୍ପାଦକ ବଂଶୀ ଦଳେଇ, ସହକାରୀ ସମ୍ପାଦକ ଦେବେନ୍ଦ୍ର ଦାସ, ଉପଦେଷ୍ଟା କାର୍ତ୍ତିକ ବେହେରା, କମଳାକାନ୍ତ ନାୟକ,ସିମନ ଦାସ ମହାପାତ୍ର, ରବୀନ୍ଦ୍ର ବେହେରା,ଅର୍ଚ୍ଚନା ନନ୍ଦୀ, ହେମଲତା ଦାସ, ପ୍ରତିମା ପଣ୍ଡା, ବାସନ୍ତୀ ନାୟକ, ଆଶ୍ରିତା ତରେଇ, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ଚାଟାର୍ଜି ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ। ଏଥିସହ ଆସନ୍ତା ୪ତାରିଖ ସାଧାରଣ ବୈଠକରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବା ନେଇ ପ୍ରସ୍ତାବ ଆଗତ ହୋଇଥିଲା।

ବିଧାୟକଙ୍କ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ

ସିମୁଳିଆ, ୨୭।୯ (ସମିସ): ସିମୁଳିଆ ବ୍ଲକର ନଅ ପଞ୍ଚାୟତ ପାଣି ଘେରରେ ରହିଛି। ବର୍ଷା କମିଯାଇଥିଲେ ବି ଦୁର୍ଦ୍ଦଶା ବଢ଼ି ଚାଲିଛି। ଆଜି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଚାଲୁଣିଗାଁ ପଞ୍ଚାୟତର ଅନେକ ଗାଁ ବନ୍ୟା ପ୍ରଭାବରେ ଜଳବନ୍ଦୀ ଥିବା ବ୍ୟକ୍ତିଙ୍କ ନିକଟକୁ ବୋଟ୍ ମାଧ୍ୟମରେ ଯାଇ ଶୁଖିଲା ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିବା ସହିତ ସମସ୍ତ ସରକାରୀ ସହାୟତା ତୁରନ୍ତ କେମିତି ମିଳିପାରିବ ସେଥିପାଇଁ ପ୍ରଶାସନିକ ଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ଏହି ଅବସରରେ ବାଲେଶ୍ୱର ଅତିରିକ୍ତ ପ୍ରକଳ୍ପ ଅଧିକାରିଣୀ ମଧୁସ୍ମିତା ସାମନ୍ତରାୟ, ବିଡ଼ିଓ ସୁନିଲ କୁମାର ଟୁଡୁ, ତହସିଲଦାର ସୌମ୍ୟ ରଞ୍ଜନ ମହାପାତ୍ର, ସିମୁଳିଆ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ଚାଲୁଣିଗାଁ ସରପଞ୍ଚ ମମତାରାଣୀ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ, ଯୁବନେତା ଡା. ଅଂଶୁମାଧବ ପଣ୍ଡା,ପ୍ରମୁଖ ଉପସ୍ଥିତ ଥିଲେ।

ଅଙ୍ଗନବାଡ଼ି କେନ୍ଦ୍ରରେ 'ଆଙ୍ଗନ୍ କା ଉତ୍ସବ'

ଜଳେଶ୍ୱର ବ୍ଲକ, ୨୭।୯ (ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ,ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତର ସାତୋଟି ଅଙ୍ଗନବାଡ଼ି କେନ୍ଦ୍ରରେ ନବମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୬ ଅବସରରେ 'ଆଙ୍ଗନ୍ କା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଗୋପୀମୋହନପୁର ସେକ୍ଟରର ଶାଳିକୋଠା-୨ ଅଙ୍ଗନବାଡ଼ି କେନ୍ଦ୍ରଠାରେ ଆୟୋଜିତ ଏହି ମୁଖ୍ୟ କାର୍ଯ୍ୟକ୍ରମକୁ ଆରୁହା ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।ଏହି ଅବସରରେ ସମିତି ସଭ୍ୟା ମଧୁମିତା ମହାନ୍ତି, ନାଏବ ସରପଞ୍ଚ ବରୁଣ ଜେନା, ସାମ୍ବାଦିକ ମନୋଜ କୁମାର ଭୂୟାଁ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ଓ ମା'ମାନଙ୍କ ପୋଷଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମାରୋହରେ ଆରୁହା ପଞ୍ଚାୟତର ସୁପରଭାଇଜର ସୁକାନ୍ତୀ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଙ୍ଗନବାଡ଼ି କର୍ମୀ କିରଣବାଳା ମହାନ୍ତି, ହରିପ୍ରିୟା ବେହେରା, ଭାରତୀ ବାରିକ, ହେମଙ୍ଗିନି ପାଣିଗ୍ରାହୀ, ପ୍ରତିଭା ମଞ୍ଜରୀ ଦାସ, ଅପର୍ଣ୍ଣା ପ୍ରଧାନ ଏବଂ ତପସ୍ୱିନୀ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଶାନ୍ତିଆ ରାସ୍ତାର ମରାମତି ଓ ଉନ୍ନତୀକରଣ ପାଇଁ ତତ୍ପରତା

ଜଳେଶ୍ୱର,୨୭।୯ (ସମିସ) : ଜଳେଶ୍ୱର ସହରର ୧୦ ନଂ ୱାର୍ଡ ଶାନ୍ତିଆ ଅଞ୍ଚଳବାସୀଙ୍କ ଦୀର୍ଘଦିନର ରାସ୍ତା ସମସ୍ୟାର ସମାଧାନ ପାଇଁ ଆଜି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ସାରଙ୍ଗୀ ଶାନ୍ତିଆ ଅଞ୍ଚଳକୁ ପରିଦର୍ଶନ କରିଛନ୍ତି। ଅଞ୍ଚଳବାସୀଙ୍କ ପ୍ରୟାସରେ ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ଶାନ୍ତିଆ ଗ୍ରାମଠାରୁ ଜାତୀୟ ରାଜପଥ (ଏନ୍‌ଏଚ୍-୬୦) ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ଦ୍ୱାରା ଅଞ୍ଚଳବାସୀ ଜିକେ ଭଟ୍ଟର ହସ୍ପିଟାଲ, ଜଳେଶ୍ୱର ତହସିଲ ଓ ଜଳେଶ୍ୱର ପୌରପାଳିକା କାର୍ଯ୍ୟାଳୟ ସମେତ ନିଜ ଚାଷଜମିକୁ ମଧ୍ୟ ଯାତାୟାତ କରିଥାନ୍ତି। ଦୀର୍ଘଦିନ ଧରି ରାସ୍ତାର ମରାମତି ଓ ଉନ୍ନତୀକରଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ଉକ୍ତ ଦାବିକୁ ଗୁରୁତ୍ୱ ଦେଇ ସାଂସଦ ଶ୍ରୀ ଷଡ଼ଙ୍ଗୀ ନିଜେ ଶାନ୍ତିଆରେ ପହଞ୍ଚି ରାସ୍ତାର ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ରାସ୍ତା ପରିଦର୍ଶନ ପରେ ଏହାର ତୁରନ୍ତ ମରାମତି କରିବା ସହ ରାସ୍ତାର ସ୍ଥାୟୀ ଉନ୍ନତିକରଣ ପାଇଁ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇ ଖୁବ୍ ଶୀଘ୍ର କଂକ୍ରିଟ ରାସ୍ତା ନିର୍ମାଣ କରାଯିବ ଏବଂ ତୁରନ୍ତ ଅସ୍ଥାୟୀ ଭାବେ ରାସ୍ତା ମରାମତି ନିମନ୍ତେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ଏହି ସମୟରେ ଜଳେଶ୍ୱରର ବିଜେପି ନେତା ବ୍ରଜମୋହନ ପ୍ରଧାନ, ବିଜେପି ଜଳେଶ୍ୱର ନଗର ସଭାପତି ଶିବନାରାୟଣ ମହାପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲ୍ଗୁନୀ ପାଣିଗ୍ରାହୀ, ଯୁବନେତା ରାଜେଶ ଖଟୁଆ, ତାପସ ପାଣିଗ୍ରାହୀ, ପୂର୍ବତନ କାଉନସିଲର ସୀତାଂଶୁ ସେନାପତି,ଅଞ୍ଜନ ଦାସ, ଦେବଜାନୀ ଅଣ୍ଡିଆ, ଅମୂଲ୍ୟ ଅଣ୍ଡିଆ, ସୁମତି ରଣା, ବେଣୁ ବ୍ରହ୍ମଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା, ସ୍ଥାନୀୟ ଜନପ୍ରତିନିଧି ଓ ଅଞ୍ଚଳବାସୀ ଉପସ୍ଥିତ ରହି ସାଂସଦଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

ଭାଲୁ ଆକ୍ରମଣରୁ ବର୍ତ୍ତିଲେ ଯୁବକ

ନୀଳଗିରି, ୨୭।୯ (ସମିସ): ରବିବାର ସକାଳୁ ସକାଳୁ ନୀଳଗିରି ବଜାରରେ ଥିବା ରେଡ୍ ରୋଜ ବେକେରି ଦୋକାନ ଗଳିରେ ଏକ ବିରାଟକାୟ ଭାଲୁ ଦେଖିବାକୁ ମିଳିଛି। ଭାଲୁଟି ରାସ୍ତାରେ ବାହାରୁଥିବା ବେଳେ ହଠାତ୍ ଜଣେ ଯୁବକ ତା' ହାବୁଡ଼ରେ ପଡ଼ିଯାଇଥିଲା। ଫଳରେ କିଛି ସମୟ ପାଇଁ ଘମାଘୋଟ ଲଢେଇ ଚାଲିଥିବାର ସି ସି ଫୁଟେଜରୁ ଜଣାପଡ଼ିଛି। ପରେ ଭାଲୁଟି ହାର ମାନି ପଳାଇଯାଇଥିଲା। ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ ଯୁବକ ଜଣକ।

ବନ୍ୟା ସ୍ରୋତରେ ରାସ୍ତା କ୍ଷତିଗ୍ରସ୍ତ

ବାଲେଶ୍ୱର,୨୭।୯ (ସମିସ)

ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପରେ ଦହପଡ଼ା-ବାଲେଶ୍ୱର ରାସ୍ତା ଉପରେ ବନ୍ୟାଜଳ ଗତକାଲି ଅର୍ଥାତ୍ ଶନିବାର ପ୍ରବାହିତ ହୋଇଥିଲା। ହେଲେ ଆଜି ସେହି ରାସ୍ତାରେ ଆଉ ପାଣି ନାହିଁ। ତେବେ ରାସ୍ତା ଉପରେ ପାଣି ଛାଡ଼ିବା ପରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ପ୍ରବଳ ଜଳସ୍ରୋତ ଯୋଗୁଁ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠିଯିବା ସହ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଜଳସ୍ରୋତରେ ପ୍ରାୟ ୧ କିଲୋମିଟର ଅଞ୍ଚଳର ରାସ୍ତା କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଛି। କେତେକ ସ୍ଥାନରେ ରାସ୍ତାର ପିଚୁ ଧୋଇଯାଇଥିବା ବେଳେ ଅନେକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ହୋଇଛି। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ବନ୍ୟାଜଳ ହ୍ରାସ ପାଇବା ପରେ ରାସ୍ତାର ବାସ୍ତବ ଚିତ୍ର ସାମ୍ନାକୁ ଆସିଛି। ପ୍ରବଳ ସ୍ରୋତ ରାସ୍ତାର ଅନେକ ଅଂଶକୁ ଧୋଇ ଦେଇଥିବାରୁ ଏହାର ନିର୍ମାଣ ଓ ମରାମତି କାମର ମାନକୁ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକେ ରାସ୍ତା ନିର୍ମାଣରେ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରିଛନ୍ତି। ବନ୍ୟା ପରିସ୍ଥିତିରେ ରାସ୍ତାର ଏଭଳି ଅବସ୍ଥା ଯାତାୟାତକୁ ପ୍ରଭାବିତ କରିବା ସହ ଦୁର୍ଘଟଣାର ଆଶଙ୍କା ବଢ଼ାଇଛି। ତୁରନ୍ତ କ୍ଷତିଗ୍ରସ୍ତ ରାସ୍ତାର ମରାମତି କରିବା ସହ ଘଟଣାର ତଦନ୍ତ କରି ରାସ୍ତା ନିର୍ମାଣର ମାନ ଯାଞ୍ଚ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବୁଢ଼ାବଳଙ୍ଗ ନଦୀର ଜଳସ୍ତର ଓ ଅଞ୍ଚଳର ବନ୍ୟା ପରିସ୍ଥିତି ଉପରେ ଏବେ ନଜର ରହିଛି। ରାସ୍ତାର ସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଯାତାୟାତ ସମୟରେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

ଗାଈ ମରିଯିବାରୁ ଚିକିତ୍ସା ଅଧିକାରୀ ଅଟକ

କପ୍ତିପଦା, ୨୭।୯ (ସମିସ): ଗାଈକୁ ପ୍ରସବ କରାଉଥିଲେ ପଶୁ ଚିକିତ୍ସକ। ଗାଈର ମୃତ୍ୟୁ ହେବାରୁ ପଶୁ ଚିକିତ୍ସାଧିକାରୀଙ୍କୁ ରାତିରେ ଗ୍ରାମବାସୀ ଅଟକ ରଖିଲେ। ଏଭଳି ଘଟଣା କପ୍ତିପଦା ଥାନା ଜଡିଦା ଗ୍ରାମରୁ ସାମ୍ନାକୁ ଆସିଛି। ଗ୍ରାମର ଜୁନିଅର ଭଞ୍ଜଙ୍କ ଗାଈର ପ୍ରସବ ହେବା କଥା। ତେବେ ଗାଈକୁ ଜ୍ୱର ହୋଇଥିବାବେଳେ ତାହାର ପ୍ରସବ କରାଇବା ପାଇଁ ଗ୍ରାମରେ ପହଞ୍ଚିଥିଲେ ବ୍ଲକ ପଶୁ ଚିକିତ୍ସା ଅଧିକାରୀ ଦିଲ୍ଲୀପ ବେହେରା ଓ ଦୁଇ କର୍ମଚାରୀ। ଦୁଇ ଘଣ୍ଟାର ଚେଷ୍ଟା ପରେ ମଧ୍ୟ ପ୍ରସବ ହୋଇ ପାରି ନ ଥିଲା ଓ ପରେ ପ୍ରସବ ନିମନ୍ତେ ଚିକିତ୍ସା ଅଧିକାରୀ ଇଞ୍ଜେକେସନ ଦେଇଥିଲେ। କିଛି ସମୟ ପରେ ଗାଈର ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ତାତିଥିଲେ ଗ୍ରାମବାସୀ ଓ ଗାଈ ମାଲିକ। ପଶୁ ଚିକିତ୍ସା ଅଧିକାରୀଙ୍କ ସମେତ ୩ ଜଣଙ୍କୁ ରାତିରେ ଗ୍ରାମରେ ୩ ଘଣ୍ଟାରୁ ଅଧିକ ସମୟ ଅଟକ ରଖି ମୃତ ଗାଈ ବାବଦକୁ କ୍ଷତିପୂରଣ ମାଗିଥିଲେ। ରାତି ସାଢେ ୧୨ଟା ପର୍ଯ୍ୟନ୍ତ ଅଧିକାରୀଙ୍କୁ ଗ୍ରାମରେ ଅଟକ ରଖିବା ସହ ମୁଖ୍ୟ ଅଧିକାରୀଙ୍କୁ ମାଡ ମାରି ପରେ ଶେଷରେ ଛାଡିଥିଲେ। ରବିବାର ଉପଖଣ୍ଡ ଚିକିତ୍ସାଧିକାରୀ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଗାଈର ବ୍ୟବଚ୍ଛେଦ କରାଇଥିଲେ। ଏ ନେଇ କପ୍ତିପଦା ପଶୁ ଚିକିତ୍ସାଳୟରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରି ରହିଥିବାବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରି ନ ଥିଲା।

୨ ବାଲି ବୋଝେଇ ଟ୍ରାକ୍ଟର ଜବତ

ବେତନଟୀ, ୨୭।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଞ୍ଚଳରେ ବେଆଇନ ବାଲି ଚୋରା ଚାଲାଣ ଉପରେ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୃଥକ ପୃଥକ ସ୍ଥାନରେ ଚଢ଼ଉ କରି ପୁଲିସ ଦୁଇଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବେତନଟୀ ଥାନା ଏଏସଆଇ ସୁଧୀର ହେମ୍ବ୍ରମ ସଦଳବଳେ ଆମ୍ବଯୋଡ଼ା ଓ ଲିଟାସାହି ଅଞ୍ଚଳରେ ଚଢ଼ଉ କରିଥିଲେ। ଆମ୍ବଯୋଡ଼ା ନିକଟରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ ସହ ବୈଶିଙ୍ଗା ଥାନା ଅଧୀନ ଦୁର୍ଗାପୁର ଗ୍ରାମର ଚାଳକ ବାବୁଲା ସିଂଙ୍କୁ ଅଟକ ରଖାଯାଇଥିଲା। ସେହିପରି ଲିଟାସାହିରୁ ଅନ୍ୟଏକ ଟ୍ରାକ୍ଟର ସହ ସର୍ବଣା ଗ୍ରାମର ଚାଳକ କଟିଆ ଦେହୁରୀଙ୍କୁ କାବୁ କରାଯାଇଥିଲା। ଏହି ଘଟଣାରେ ବେତନଟୀ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ଉଭୟ ଚାଳକଙ୍କୁ ସର୍ତ୍ତମୂଳକ ନୋଟିସ୍‌ରେ ଛଡ଼ାଯାଇଥିବାବେଳେ ଏହି ଚୋରା କାରବାର ପଛରେ ଥିବା ଅନ୍ୟ ଲିଙ୍କ୍ ଖୋଜିବାକୁ ପୁଲିସ ତଦନ୍ତ ଜାରି ରଖିଛି।

ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

କୁଆମରା, ୨୭।୯ (ସମିସ): ଖୁଣ୍ଟା ଥାନା ଅଞ୍ଚଳର ଜଣେ ୧୯ ବର୍ଷୀୟ ଦିବ୍ୟାଙ୍ଗ ଯୁବତୀଙ୍କୁ ପଡ଼ୋଶୀ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦିବ୍ୟାଙ୍ଗ ଯୁବତୀ ଜଣକ ଘରେ ଏକୁଟିଆ ଥିବାବେଳେ ସୁଯୋଗ ନେଇ ସମ୍ପର୍କୀୟ ଜଣକ ତାଙ୍କୁ ଦୁଷ୍କର୍ମ କରିଥିଲେ। ତେବେ ମଧ୍ୟାହ୍ନ ପରେ ଯୁବତୀଙ୍କ ବାପାମାଆ ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ସବୁ ବଖାଣିଥିଲେ। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ୨୪୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି।

ଲଘୁଚାପ ବର୍ଷାରେ ୩୦ରୁ ଅଧିକ ବାସଗୃହ ନଷ୍ଟ

କୁଆମରା, ୨୭।୯ (ସମିସ): କ୍ରମାଗତ ୪ ଦିନ ଧରି ଲଘୁଚାପଜନିତ ବର୍ଷାରେ ଗୋପବନ୍ଧୁନଗର ବ୍ଲକର ୩୦ରୁ ଅଧିକ ବାସଗୃହର କ୍ଷତି ଘଟିଥିବା ଜଣାପଡ଼ିଛି। ସାଇଁକୁଳା, ଜୟପୁର, ବରଡିହି, ଶୀଳଘାଟି ପ୍ରଭୃତି ପଞ୍ଚାୟତରେ ଅଧିକ କ୍ଷତି ଘଟିଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ନଦୀ କୂଳକୁ ଲାଗି ଚାଷଜମି ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ବନ୍ୟା ଜଳ ମାଡ଼ି ରହିବା ଯୋଗୁଁ ଅନେକ ଜମିର ଧାନଗଛ ଓ ନଦୀ ହୁଡ଼ାରେ ପରିବା ଚାଷ ନଷ୍ଟ ହୋଇଛି। ବର୍ଷା ପରିମାଣ କମିଥିବାରୁ ପ୍ରବାହିତ ସମ୍ପୃକ୍ତ ନଦୀର ଜଳସ୍ତର ଖସୁଛି। ରବିବାର ସୁଦ୍ଧା ଯୋଗାଯୋଗ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଯିବ ବୋଲି ଜଣାପଡ଼ିଛି। ତେବେ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ କ୍ଷୟକ୍ଷତିର ରିପୋର୍ଟ ଦୁଇତିନି ଦିନ ମଧ୍ୟରେ ଦେବାକୁ ରାଜସ୍ୱ ନିରୀକ୍ଷକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କୃଷି ବିଭାଗ ପ୍ରଭୃତି ଦାୟିତ୍ୱ ଦିଆଯାଇଥିବା ବିଡିଓ ପୃଥ୍ୱିରାଜ ପରିଡ଼ା ସୂଚନା ଦେଇଛନ୍ତି।

ମାଛ ଧରିବାକୁ ଯାଇ ନାଳରେ ବୁଡ଼ି ବୃଦ୍ଧ ମୃତ

ବାରିପଦା, ୨୭।୯ (ସମିସ): ମାଛ ଧରିବାକୁ ଯାଇ ନାଳ ପାଣିରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ବାରିପଦା ସଦର ଥାନା ଅନ୍ତର୍ଗତ କୁଚିଲାଘାଟୀ ପଞ୍ଚାୟତ ଖସାଡିହା ଗ୍ରାମର ସନାତନ (୫୮)। ସନାତନ ମାଛ ଧରିବା ପାଇଁ ନିକଟସ୍ଥ ନାଳକୁ ଯାଇଥିଲେ। ଅସାବଧାନତାବଶତଃ ନାଳର ଗଭୀର ପାଣିରେ ବୁଡ଼ିଯାଇଥିଲେ। ଖବର ପାଇ ବାଲିଡିହା ଅଗ୍ନିଶମ ବାହିନୀ ଟିମ୍ ପହଞ୍ଚି ନାଳରୁ ସନାତନଙ୍କ ମୃତଦେହ ଉଦ୍ଧାର କରି ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବାଲିଡିହା ଅଗ୍ନିଶମ କାର୍ଯ୍ୟାଳୟର ମୁଖ୍ୟ ଫାୟାର ଫାଇଟର ଜଗନ୍ନାଥ ହେମ୍ବ୍ରମ ସୂଚନା ଦେଇଛନ୍ତି।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବନ୍ଦେ ମାତରଂ ଗାନ

କୁଆମରା, ୨୭।୯ (ସମିସ): କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୧୫୦ ବର୍ଷ ପୂର୍ତ୍ତି ଅବସରରେ ବନ୍ଦେ ମାତରଂ ଗାନ କରାଯାଇଛି। ଜନ ଜାଗରଣ ବିଭାଗ ପ୍ରମୁଖ ଆଦିତ୍ୟ ଦାସ, ଶିଶୁ ମନ୍ଦିର ସମ୍ପାଦକ ମନମୋହନ ମହାପାତ୍ର, ପ୍ରଧାନ ଆଚାର୍ଯ୍ୟ ହଳଧର ଜେନା, କୋଷାଧ୍ୟକ୍ଷ ଉଜ୍ଜ୍ୱଳ ସେନ, ବିଦ୍ୟୁତ ପରିଷଦର ସଦସ୍ୟ ଶାନ୍ତନୁ ମହୁଆଳ ପ୍ରମୁଖ ଯୋଗଦେଇ ବନ୍ଦେ ମାତରଂ ଗାନ କରିଥିଲେ। ଦେଶର ଭାଇଚାରା ସୃଷ୍ଟି କରିବା ସହ ଏକତା ଭାବ ଜାଗରଣ ହେବା ଏହାର ମୂଳ ମନ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମସ୍ତ ଗୁରୁଜୀଗୁରୁମା ଓ ଛାତ୍ରଛାତ୍ରୀ ଏଥିରେ ସାମିଲ ଥିଲେ।

ପୁରୁଣା ବାରିପଦାରେ ଭାଗବତ ପାରାୟଣ

କୁଆମରା, ୨୭।୯ (ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଜଗନ୍ନାଥ ମନ୍ଦିର ପରିସରରେ ସପ୍ତାହ ବ୍ୟାପି ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟହ ଠାକୁରଙ୍କ ନୀତିକାନ୍ତି ସହ ପୃଥକ ଭାବେ ସୂର୍ଯ୍ୟ ପୂଜା, କୃଷ୍ଣ ପୂଜା, ହୋମଯଜ୍ଞ ଆଦି ସମ୍ପନ୍ନ ହୋଇଛି। ପ୍ରତ୍ୟହ ଭାଗବତ ପଠନରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। କମିଟି ସଭାପତି ଦିବାକର ବିନ୍ଧାଣୀ ଓ ସମ୍ପାଦକ ଜଗଦୀଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୧୧ ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରମୋଦ ପଣ୍ଡା, ଅମୃତାନନ୍ଦ ଦାଶ ଓ ଦିବାକର ଦାଶଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

ବକେୟା ବିଦ୍ୟୁତ୍ ବିଲ୍ ପାଇଁ ଅନ୍ଧାରରେ ଐତିହାସିକ ଗୌରାଙ୍ଗ ମନ୍ଦିର

୮୦୦ ଏକର ଜମି ଥାଇ ବି ଅବହେଳିତ, ପୁନରୁଦ୍ଧାର ଦାବି

ବାରିପଦା, ୨୭।୯ (ସମିସ)

ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ଥିବା ପ୍ରାଚୀନ ତଥା ଐତିହାସିକ ଗୌରାଙ୍ଗଜୀଉ ମନ୍ଦିର ଏବେ ଘୋର ଅବହେଳାର ଶିକାର ହୋଇଛି। ବିଦ୍ୟୁତ ଦେୟ ବକେୟା ଥିବା ଦର୍ଶାଇ ବିଦ୍ୟୁତ୍ ବିତରଣ ସଂସ୍ଥା ପକ୍ଷରୁ ଗତ ୧୧ ଦିନ ଧରି ମନ୍ଦିରର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଫଳରେ ସନ୍ଧ୍ୟା ନଇଁଲେ ସମଗ୍ର ମନ୍ଦିର ପରିସର ଅନ୍ଧାରରେ ବୁଡ଼ି ରହୁଛି। ଠାକୁରଙ୍କ ନାମରେ ପ୍ରାୟ ୮୦୦ ଏକର ଜମି ଥିବା ସତ୍ତ୍ୱେ ଏଭଳି ପରିସ୍ଥିତି ସୃଷ୍ଟି ହେବା ସ୍ଥାନୀୟ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦା ଶ୍ରୀଜଗନ୍ନାଥ ମନ୍ଦିରର ପୂର୍ବ ଦିଗର କିଛି ଦୂରରେ ଏହି ପ୍ରାଚୀନ ମନ୍ଦିର ଅବସ୍ଥିତ। ଏଠାରେ ମୁଖ୍ୟ ବିଗ୍ରହ ଗୌରାଙ୍ଗଜୀଉ (ରାଧାକୃଷ୍ଣ)ଙ୍କ ସହିତ ଶ୍ରୀଚୈତନ୍ୟ, ଶ୍ରୀନିତ୍ୟାନନ୍ଦ, ଶ୍ରୀଗଦାଧର ପଣ୍ଡିତ ଓ ଅଦ୍ୱୈତ ଆଚାର୍ଯ୍ୟ ପୂଜା ପାଉଛନ୍ତି। ପ୍ରତିବର୍ଷ ରାସ ପୂର୍ଣ୍ଣିମାରେ ଦାରୁ ବିଗ୍ରହଙ୍କୁ ଶିଆଳୀ ଲତାରେ ସଜ୍ଜିତ କରି କରାଯାଉଥିବା ସ୍ୱତନ୍ତ୍ର ପୂଜାର୍ଚ୍ଚନା ଏକ ଅପୂର୍ବ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ। ଇତିହାସ ଅନୁସାରେ, ମହାରାଜା ତ୍ରିବିକ୍ରମ ଭଞ୍ଜଙ୍କ ଦ୍ୱାରା ନିର୍ମିତ ଏହି ମନ୍ଦିର ସହ ଭଞ୍ଜ ରାଜବଂଶର ଗଭୀର ସମ୍ପର୍କ ରହିଛି। ପରବର୍ତ୍ତୀ ସମୟରେ ତତ୍କାଳୀନ ରାଜଧାନୀ ହରିପୁରଗଡ଼ରୁ ରାଧାକୃଷ୍ଣଙ୍କୁ ଅଣାଯାଇ ଏଠାରେ ପ୍ରତିଷ୍ଠା କରାଯାଇଥିଲା। ଅନ୍ୟଏକ ତଥ୍ୟ ଅନୁସାରେ, ୧୭୪୧ରେ ଆଲିବର୍ଦ୍ଦୀ ଖାଁଙ୍କ ସହ ଯୁଦ୍ଧ ସମୟରେ ମହାରାଜା ରଘୁନାଥ ଭଞ୍ଜ ବିପଦ ଆଶଙ୍କା କରି ବିଗ୍ରହଙ୍କୁ ହରିପୁରଗଡ଼ରୁ ଆଣି ଏଠାରେ ସ୍ଥାପନ କରିଥିଲେ।

ପୂର୍ବରୁ ରାଜବାଟୀସ୍ଥ ଲକ୍ଷ୍ମୀନାରାୟଣ ମନ୍ଦିରର ନାମ ସଂକୀର୍ତ୍ତନ ସ୍ଥଳ ଓ ତଖତପୁରର ବିନୋଦ ବିହାରୀ ମନ୍ଦିର ସହ ମଧ୍ୟ ଏହି ମନ୍ଦିରର ସମ୍ପୃକ୍ତି ରହିଆସିଛି। ମହାପ୍ରଭୁଙ୍କ ନାମରେ ପ୍ରାୟ ୮୦୦ ଏକର ଜମି ରହିଥିଲେ ହେଁ ତାହାର ଉପଯୁକ୍ତ ପରିଚାଳନା ହୋଇପାରୁନାହିଁ। ଯଦି ଏହି ଜମିର ସଠିକ ସଦୁପଯୋଗ କରାଯାଇ ରାଜସ୍ୱ ଆଦାୟ ହୁଅନ୍ତା, ତେବେ ମନ୍ଦିରର ନୀତିକାନ୍ତି ଓ ରକ୍ଷଣାବେକ୍ଷଣ ସୁରୁଖୁରୁରେ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

ବିଜେଡି ସରକାରଙ୍କ ସମୟରେ ୫-ଟି ଅନୁଦାନରେ ମନ୍ଦିରର ରୋଷଘର ଓ ପାନୀୟ ଜଳ ବ୍ୟବସ୍ଥା ଭଳି କିଛି ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ପରିସରର ସୌନ୍ଦର୍ଯ୍ୟକରଣ ଏବେ ବି ବାକି ରହିଛି। ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ଫୁଲ ଓ ତୁଳସୀ ବଗିଚା ନିର୍ମାଣ କରିବାକୁ ଦାବି ହେଉଛି। ଯଦ୍ୱାରା ଗୌରାଙ୍ଗ ମନ୍ଦିର ସମେତ ବାରିପଦା ଜଗନ୍ନାଥ ମନ୍ଦିରର ଦୈନନ୍ଦିନ ପୂଜା ପାଇଁ ଫୁଲ, ତୁଳସୀର ଅଭାବ ରହିବ ନାହିଁ। ଏଥିସହିତ ଭକ୍ତ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ପାର୍କ ସୌନ୍ଦର୍ଯ୍ୟକରଣ, ବସିବା ପାଇଁ ପିଣ୍ଡି ଓ ଚେୟାର ସ୍ଥାପନ ତଥା ସ୍ଥାୟୀ ଆଲୋକ ବ୍ୟବସ୍ଥା ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ନେଇ ଜିଲ୍ଲା ଦେବତ୍ତୋର ଅଧିକାରିଣୀ ତଥା ସଦର ଉପଖଣ୍ଡ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ପ୍ରତିକ୍ରିୟା ନେବାରୁ ସ୍ମାର୍ଟ ମିଟର ଲାଗିବା ପରେ ପୁରୁଣା ବକେୟା ଦେୟ ପାଇଁ ଅଟୋ କଟ୍ ହୋଇଯାଇଛି। ମୋ ନଜରକୁ ଶନିବାର ଆସିଛି। ସୋମବାର ସୁଦ୍ଧା ବିଦ୍ୟୁତ ସେବା ସ୍ୱାଭାବିକ ହୋଇଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

● ରାସଗୋବିନ୍ଦପୁରରେ ସାତଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବିପର୍ଯ୍ୟୟ ମୁକାବିଲା ପାଇଁ ୪୦ ଯୁବକଯୁବତୀଙ୍କୁ ତାଲିମ

ରାସଗୋବିନ୍ଦପୁର, ୨୭।୯ (ସମିସ): ବିପର୍ଯ୍ୟୟ ସମୟରେ ଜୀବନ ରକ୍ଷା, ଉଦ୍ଧାର କାର୍ଯ୍ୟ ଓ ପ୍ରାଥମିକ ଚିକିତ୍ସା କ୍ଷେତ୍ରରେ ଗ୍ରାମ ସ୍ତରରେ ଦକ୍ଷ ସ୍ୱେଚ୍ଛାସେବୀ ସୃଷ୍ଟି ଲକ୍ଷ୍ୟରେ ରାସଗୋବିନ୍ଦପୁର ବ୍ଲକର ବିଏନଆରଜିଏସ୍‌କେ ହଲ୍‌ରେ ଆୟୋଜିତ ସାତଦିନିଆ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା) ଓ ମୟୂରଭଞ୍ଜ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ରାସଗୋବିନ୍ଦପୁର ପଞ୍ଚାୟତ ସମିତି ଓ ସ୍ୱେଚ୍ଛାସେବୀ ସଂଗଠନ 'ସଂକଳ୍ପ' ସହଯୋଗରେ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିଥିଲା। ଗୋଡ଼ିଘାଟି ପଞ୍ଚାୟତର ଆଶ୍ରୟସ୍ଥଳୀ ନ ଥିବା ଟିକାୟତପୁର, ମାଲକାଡ଼ିଆ ଓ ତମ୍ବାଖୁରୀ ଗ୍ରାମର ୪୦ ଜଣ ଯୁବକଯୁବତୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଜରୁରୀ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ଯୋଗଦେଇ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ। ପ୍ରଶିକ୍ଷଣର ପ୍ରଥମ ଚାରିଦିନ ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କିତ ବିଭିନ୍ନ କୌଶଳ ଓ ଶେଷ ତିନିଦିନ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ତାତ୍ତ୍ୱିକ ଓ ପ୍ରାୟୋଗିକ ତାଲିମ ଦିଆଯାଇଥିଲା। ଓସ୍‌ଡମାର ପ୍ରଶିକ୍ଷିକା ହେମାଞ୍ଜଳି ନାଏକ, ମାନସୀ ମିଶ୍ର ଓ ସରୋଜିନୀ ହାଁସଦା ପ୍ରଶିକ୍ଷଣ ପ୍ରଦାନ କରିଥିବାବେଳେ ରାସଗୋବିନ୍ଦପୁର ସିଏଚ୍‌ସିର ବିଏମ୍‌ଏସ୍ ଅମର ପରିଡ଼ା ଓ ଫାର୍ମାସିଷ୍ଟ ପୃଥୁନାଥ ମହାନ୍ତ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ତାଲିମ ଦେଇଥିଲେ। ଅଗ୍ନିଶମ ବିଭାଗର ଷ୍ଟେସନ ଅଧିକାରୀ ରବୀନ୍ଦ୍ର ସେଠୀ ଓ ଲିଡିଂ ଅଗ୍ନିଯୋଦ୍ଧା ଧନଞ୍ଜୟ ଜେନାଙ୍କ ନେତୃତ୍ୱରେ ଅଗ୍ନିଶମ ଟିମ୍ ବିପର୍ଯ୍ୟୟ ଓ ଅଗ୍ନିକାଣ୍ଡ ସମୟରେ ଉଦ୍ଧାର କୌଶଳର ପ୍ରାୟୋଗିକ ପ୍ରଦର୍ଶନ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏବିଡିଓ ଜୟକୃଷ୍ଣ

ନାଏକ, ଜିପିଡିଓ ଶୁଭମ ସୁନ୍ଦର ଜେନା, ଗୋଡ଼ିଘାଟି ସରପଞ୍ଚ ସୁକାନ୍ତି ମୁର୍ମୁ, ସମିତି ସଭ୍ୟ ଗଙ୍ଗାଧର ଘୋଡ଼େଇ ଓ 'ସଂକଳ୍ପ'ର ସମ୍ପାଦକ ପ୍ରଦୀପ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶେଷରେ ପ୍ରଶିକ୍ଷାର୍ଥୀଙ୍କ ମୂଲ୍ୟାୟନ ପରୀକ୍ଷା ହୋଇଥିଲା। ଏଥିରେ ସଫଳ ୬ ଜଣ ଯୁବତୀ ଓ ୬ ଜଣ ଯୁବକଙ୍କୁ କୃତୀ ମାନପତ୍ର ପ୍ରଦାନ କରାଯାଇଥିବାବେଳେ ସମସ୍ତ ୪୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ମଧ୍ୟ ମାନପତ୍ର ଦେଇ ଉତ୍ସାହିତ କରାଯାଇଥିଲା। ଟିକାୟତପୁର ଗ୍ରାମର ସ୍ୱେଚ୍ଛାସେବୀ କେଶବ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶିବିର ପରିଚାଳନାରେ ବ୍ଲକର ସୁଶାନ୍ତ ତରାଇ, 'ସଂକଳ୍ପ'ର ହରିହର ଦାସ, ମିନତୀ ବେହେରା, ରାମଚନ୍ଦ୍ର ବିନ୍ଧାଣି ପ୍ରମୁଖ ସହଯୋଗ କରିଥିଲେ।

ମେଡିକାଲ କର୍ମଚାରୀ ସଂଘର ଜିଲ୍ଲାସ୍ତରୀୟ ସମ୍ମିଳନୀ ପ୍ରସ୍ତୁତି ବୈଠକ

ବାରିପଦା, ୨୭।୯ (ସମିସ): ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ବାରିପଦାସ୍ଥ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସଂଘ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ଶ୍ୟାମସୁନ୍ଦର ଦେଓଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଆଗାମୀ ଜିଲ୍ଲାସ୍ତରୀୟ ସମ୍ମିଳନୀକୁ କିପରି ସଫଳ ରୂପାୟନ କରାଯିବ, ସେ ନେଇ ବିଭିନ୍ନ ଯୋଜନା ଓ ରୂପରେଖ ସମ୍ପର୍କରେ

ବିସ୍ତୃତ ଆଲୋଚନା ହୋଇଥିଲା। ଏ ଅବସରରେ ଓଡ଼ିଶା ହିନ୍ଦ୍ ମଜଦୁର ସଭାର ନବନିର୍ବାଚିତ ରାଜ୍ୟ ସଭାପତି ତଥା ଆଠଗଡ଼ ବିଧାୟକ ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ୧୫ତମ ରାଜ୍ୟ ସମ୍ମିଳନୀରେ ସମ୍ବର୍ଦ୍ଧିତ ହୋଇଥିବା ଶ୍ୟାମସୁନ୍ଦର ଦେଓଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଉକ୍ତ ବୈଠକରେ ସଂଘର ଜିଲ୍ଲା ସମ୍ପାଦକ ସୁଶୀଲ ସାହୁ, ସହସମ୍ପାଦକ ଦିଲ୍ଲୀପ ମିଶ୍ର, ଉପଦେଷ୍ଟା ତଥା ଆଇନଜୀବୀ ସୁନୀଲ ନାୟକ, କୋଷାଧ୍ୟକ୍ଷ ସୁବୋଧ ଜେନା, ମେଡିକାଲ କଲେଜ ସମ୍ପାଦକ ମହେନ୍ଦ୍ର ପଲେଇ, ସଦର ଚିକିତ୍ସାଳୟର ବିଶ୍ୱଶଙ୍କର କଲିଆ ଓ ସାଂଗଠନିକ ସମ୍ପାଦକ ପ୍ରଭାସ ଦେ ଉପସ୍ଥିତ ଥିଲେ। ଏଥିସହିତ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରମୋଦ ଦାସବାବୁ, ସନ୍ତୋଷ ନାୟକ, ଅଜନ୍ତା ଷାଠିଆ, ସୁଚିସ୍ମିତା ମହାକୁଡ଼, ପମା ସୋରେନ, ପୁକୁଲି ମୁଖୀ, ଅକ୍ତର ଖାଁ ଓ ଅବସରପ୍ରାପ୍ତ କର୍ମଚାରୀ ଦରିଆ ଦତ୍ତ ଓ ଧନଞ୍ଜୟ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

କପ୍ତିପଦା ମହୋତ୍ସବ ପ୍ରସ୍ତୁତି ବୈଠକ

କପ୍ତିପଦା, ୨୭।୯ (ସମିସ): କପ୍ତିପଦା ଅଞ୍ଚଳର ପୂର୍ବ ଗୌରବ ଓ ଐତିହ୍ୟ ଫେରାଇ ଆଣିବା ପାଇଁ ପ୍ରତିଷ୍ଠିତ କପ୍ତିପଦା ମହୋତ୍ସବର ଦ୍ୱିତୀୟ ବାର୍ଷିକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ିଙ୍କ ଦ୍ୱାରା ଆୟୋଜିତ ଏହି ବୈଠକରେ ସ୍ଥାୟୀ ସଭାପତି ମାକୁ ସିଂଙ୍କ ସଭାପତିତ୍ୱରେ ଶିକ୍ଷାବିତ ଶରତ ମିଶ୍ର, ପ୍ରଫୁଲ୍ଲ ମହାଳିକ, ଭରତ ବରାଳ, ନିରଞ୍ଜନ ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପ୍ରତାପ ସାହୁ, ପୂର୍ବତନ ସରପଞ୍ଚ ଭଗୀରଥ ଦେହୁରୀ ଓ ଅଞ୍ଚଳର ବରିଷ୍ଠ ଓ ବୁଦ୍ଧିଜୀବୀ ଯୋଗଦେଇ ନିଜ ନିଜର ମତାମତ ପ୍ରଦାନ କରିଥିଲେ। ୨୦୧୧ରେ ପ୍ରଥମଥର ପାଇଁ ଏହି ମହୋତ୍ସବର ଶୁଭାରମ୍ଭ ହୋଇଥିଲେ ମଧ୍ୟ କରୋନା ମହାମାରୀ ପାଇଁ ଏହା ବନ୍ଦ ରହିଥିଲା। ତେବେ ଗତବର୍ଷଠାରୁ କପ୍ତିପଦା ଅଞ୍ଚଳର ଉଦୀୟମାନ ଯୁବକଙ୍କ ଦ୍ୱାରା ଏହି ଅନୁଷ୍ଠାନ ପୁନରୁଦ୍ଧାର ହୋଇ ବେଶ ଲୋକାଦୃତ ହୋଇଥିଲା। ତିନିଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ, ସେଲିବ୍ରିଟ ଓ ସିନେ ତାରକାଙ୍କ ମଞ୍ଚ ପରିଚାଳନା ବେଶ୍ ଚିତ୍ତାକର୍ଷକ ଥିଲା। ଏ ବର୍ଷ କିଛି ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯାଇ ମହିଳା ସଶକ୍ତୀକରଣ, ଦାତବ୍ୟ ଚିକିତ୍ସା, ହଜିଯାଇଥିବା ଲୋକକଳା ପ୍ରଦର୍ଶନ ଓ ବିଶେଷକରି ଲୁପ୍ତପ୍ରାୟ କପ୍ତିପଦା ପୂର୍ଣ୍ଣମାସୀ ଥିଏଟରର ଝୁମରକୁ ପୁନର୍ବାର ଜୀବିତ କରିବା ପାଇଁ ଆଲୋଚନା ହୋଇଥିଲା। ଶିକ୍ଷକ ରାଜକିଶୋର ବେହେରା ବୈଠକ ପରିଚାଳନା କରିଥିବାବେଳେ ସ୍ଥାୟୀ ସମ୍ପାଦକ ତପନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

● ନୂଆଗାଁରେ ସେବା ପଖୱାଡା-୨୦୨୬

ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ

ବିଶୋଇ, ୨୭।୯ (ସମିସ): ମେରା ଯୁବା ଭାରତ ମୟୂରଭଞ୍ଜ ଶାଖା ପକ୍ଷରୁ ବିଶୋଇ ବ୍ଲକ ନୂଆଗାଁ ପଞ୍ଚାୟତରେ ସେବା ପଖୱାଡା-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ସମ୍ପର୍କରେ ସଚେତନତା କରାଯାଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ଚିକିତ୍ସକ ଡାକ୍ତର ସରୋଜ ଦାସ ଓ ଆଶା ଦିଦି ଖଡ଼ିକ ମହାନ୍ତ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ ଉପରେ କିପରି କୁପ୍ରଭାବ ପଡ଼େ, ସେନେଇ ମତ ରଖିଥିଲେ। ସ୍ୱେଚ୍ଛାସେବୀ ପ୍ରବଣ ମହାନ୍ତ, ଜଗେନ୍ଦ୍ର ମହାନ୍ତ, ବିକୁନ ମହାନ୍ତ, କୃଷ୍ଣ ମହାନ୍ତ ତାଙ୍କ ଦଳ ସହ କ୍ଷୁଦ୍ରନାଟକ ଦ୍ୱାରା ପ୍ଲାଷ୍ଟିକ ବ୍ୟବହାର ଫଳରେ ସମାଜ ଓ ପରିବେଶକୁ କ'ଣ ସବୁ ଅସୁବିଧା ସମ୍ମୁଖୀନ ହେବାକୁ ପଡେ ସେହି ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଥିଲେ। ମେରା ଯୁବା ଭାରତର ବ୍ଲକ ସଂଯୋଜକ ବିକାଶ ମହାନ୍ତ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର କମ୍ କରି କପଡ଼ା ବ୍ୟାଗ ଅଧିକ ବ୍ୟବହାର କରିବା ସହିତ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକର ବ୍ୟବାହର କମାଇ ସୁସ୍ଥ ପରିବେଶ ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ହେବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚିତ୍ରସେନ ମହାନ୍ତ, ସତ୍ୟରଞ୍ଜନ ମହାନ୍ତ, ଜଗନ୍ନାଥ ଟୁଡୁ, ସଞ୍ଜୀବ ନାଏକ, ସୁଜିତ୍ ମହାନ୍ତନଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ପରେ ହାଟ ପଡ଼ିଆରେ ବୃକ୍ଷରୋପଣ କରିଥିଲେ।

ଶୁଳିଆପଦାରେ ଚଷମା ବଣ୍ଟନ କାର୍ଯ୍ୟକ୍ରମ

ଶୁଳିଆପଦା, ୨୭।୯ (ସମିସ): ଶୁଳିଆପଦା ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ଯେଉଁ ଛାତ୍ରଛାତ୍ରୀଙ୍କ ଦୃଷ୍ଟି ଶକ୍ତି କମ୍ ରହିଥିଲା ସେହି ଛାତ୍ରଛାତ୍ରୀଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଭାଲିଆଶୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚଷମା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୭୪ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ କରାଯାଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ଶୁଳିଆପଦା ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିଲାଲ୍ ବାରିକ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଟିସାହି ସରପଞ୍ଚ ରାଇମାତ୍ ମୁର୍ମୁ, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ପୃଷ୍ଟି ଅତିଥି ଭାବେ ଯୋଗ ଦେଇଥିଲେ। ବିଇଓ ରଶ୍ମିରଞ୍ଜନ ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଆରଟି ଶ୍ରୀଧର ପ୍ରସାଦ ସାହୁ ଓ ପ୍ରଦୀପ ଦଳାଇ ପରିଚାଳନା କରିଥିବାବେଳେ ସମସ୍ତ ସିଆରସିସି, ଶିକ୍ଷକଶିକ୍ଷୟିତ୍ରୀ ଓ ବିଇଓ କାର୍ଯ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ।

ପ୍ରାଦେଶିକ କବି ସମ୍ମିଳନୀ ଓ ସାରସ୍ୱତ ସମ୍ବର୍ଦ୍ଧନା ସମାରୋହ

'ସାହିତ୍ୟ ସାମାଜିକ ଉତ୍ତରଣର ଏକ କ୍ରାନ୍ତିକାରୀ ଆନ୍ଦୋଳନ'

ବାରିପଦା, ୨୭।୯ (ସମିସ)

● ଶହେ ଓଡିଆ କବିଙ୍କ କବିତା 'ଶତାବ୍ଦୀର ସ୍ୱପ୍ନ' ଉନ୍ମୋଚିତ

● 'କବିତା ମାନବ ସମ୍ପ୍ରୀତିର ବାର୍ତ୍ତା'

ବାରିପଦା ରୋଟାରୀ କ୍ଲବ ପରିସରରେ ବଳଭଦ୍ରପୁର ବୈଦ୍ୟନାଥ ଫାଉଣ୍ଡେସନ ଆନୁକୂଲ୍ୟରେ ସ୍ୱର୍ଗତ ବୈଦ୍ୟନାଥ ଆଚାର୍ଯ୍ୟଙ୍କ ୩୬ତମ ବାର୍ଷିକ ଶ୍ରାଦ୍ଧ ଦିବସ ଅବସରରେ ଏକ ଭବ୍ୟ 'କବି ସମ୍ମିଳନୀ ଓ ସାରସ୍ୱତ ସମ୍ବର୍ଦ୍ଧନା' ସମାରୋହ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ସଭାପତି ତଥା ମୟୂରଭଞ୍ଜ ଜିଲ୍ଲାର ପ୍ରାକ୍ତନ ସିଡିଏମ୍‌ଓ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତିଙ୍କ ମାର୍ଗଦର୍ଶନ, ବିଶିଷ୍ଟ ସାମ୍ବାଦିକ ଅମୀୟ କୁମାର ବଳ ଓ ଡ ଶକ୍ତିଶଙ୍କର ଆଚାର୍ଯ୍ୟଙ୍କ ପରିଚାଳନାରେ ଏହି ସାରସ୍ୱତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଦୁଇଟି ପର୍ଯ୍ୟାୟରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଅଧିବେଶନରେ ଅଧ୍ୟାପିକା ଜୟଶ୍ରୀ ଦାଶଙ୍କ ସଂଯୋଜନା ଓ ବିଶିଷ୍ଟ କବୟିତ୍ରୀ ଡ ଅସୀମା ସାହୁଙ୍କ ଅଧ୍ୟକ୍ଷତାରେ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପ୍ରଫେସର ଲକ୍ଷ୍ମୀପ୍ରିୟା ବେହେରା ଓ ଡ ଅସୀମା ସାହୁଙ୍କ ଦ୍ୱାରା ବିଶିଷ୍ଟ ଗାଳ୍ପିକା ବିଜୟଲକ୍ଷ୍ମୀ ମହାନ୍ତିଙ୍କ ସଦ୍ୟତମ ପୁସ୍ତକ 'ଛାଇ ଅନ୍ଧାରର ଖେଳ' ଉନ୍ମୋଚିତ ହୋଇଥିଲା। ପରେ ବହୁ କବି ସ୍ୱରଚିତ କବିତା ପାଠ କରିଥିବାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ଲକ୍ଷ୍ମୀପ୍ରିୟା ବେହେରା ଓ ପ୍ରାଧ୍ୟାପକ ଡ ଦିଗମ୍ବର ଗିରି କବିତାର ସମୀକ୍ଷା କରିଥିଲେ।

ଦ୍ୱିତୀୟାର୍ଦ୍ଧର ସମ୍ବର୍ଦ୍ଧନା ସଭାରେ ଡା ଶ୍ରୀ ମହାନ୍ତି ପୌରୋହିତ୍ୟ କରିଥିବାବେଳେ ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୁଖ୍ୟଅତିଥି, ମାନବ ଧର୍ମ ମାନିକ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ବିଶେଷ ଅତିଥି ଓ ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ବଭ୍ରୁବାହନ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସାହିତ୍ୟ ସାମାଜିକ ଉତ୍ତରଣର ଏକ କ୍ରାନ୍ତିକାରୀ ଆନ୍ଦୋଳନ ଓ କବିତା ମାନବ ସମ୍ପ୍ରୀତିର ବାର୍ତ୍ତା ବହନ କରି ମୁମୂର୍ଷୁ ପ୍ରାଣରେ ବଞ୍ଚିବାର ଆଶା ସଞ୍ଚାର କରେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ଓଡ଼ିଶାର ବହୁ ଯଶସ୍ୱୀ ସାରସ୍ୱତ ସାଧକଙ୍କୁ ସମ୍ମାନିତ କରାଯାଇଥିଲା। ଡ ଦିଲୀପ ସ୍ୱାଇଁ (ପୁରୀ), ଡ ଉମେଶ ଚନ୍ଦ୍ର ମହାପାତ୍ର (ସମ୍ବଲପୁର ବିଶ୍ୱବିଦ୍ୟାଳୟ), ଡ ଲକ୍ଷ୍ମୀପ୍ରିୟା ବେହେରା (ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ), ଡ ସଂଘମିତ୍ରା ରାଏ ଗୁରୁ (ରାୟପୁର), ୨୦୨୬ର ଶ୍ରେଷ୍ଠ କବି ସମ୍ମାନରେ ସମ୍ମାନିତ ଡ ପ୍ରହ୍ଲାଦ ଶତପଥୀ ଓ ବିଶିଷ୍ଟ ଜନନାୟକ ତଥା ସଂସ୍କୃତି ପୁରୁଷ ଶରତ ଚନ୍ଦ୍ର ନାୟକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଫାଉଣ୍ଡେସନର ଆବାହକ ଡ ଜଗତବନ୍ଧୁ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଫାଉଣ୍ଡେସନ ଦ୍ୱାରା ପ୍ରସ୍ତୁତ ଶହେ ଓଡ଼ିଆ କବିଙ୍କ କବିତା 'ଶତାବ୍ଦୀର ସ୍ୱପ୍ନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

● ଏମ୍‌ପିସି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପାଇଁ ୩୮.୪୨ କୋଟି ମଞ୍ଜୁର

ନିର୍ମାଣ ହେବ ତିନି ମହଲା ବିଶିଷ୍ଟ ନୂତନ ଏକାଡେମିକ ଭବନ

ବାରିପଦା, ୨୭।୯ (ସମିସ): ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ତଥା ଐତିହାସିକ ଶିକ୍ଷାନୁଷ୍ଠାନ ବାରିପଦା ଇନ୍ଦପାହିସ୍ଥ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂତନ ତିନି ମହଲା ବିଶିଷ୍ଟ ଶିକ୍ଷାଦାନ ଭବନ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ୩୮ କୋଟି ୪୨ ଲକ୍ଷ ୨ ହଜାର ୩୧୬ ଟଙ୍କା ମଞ୍ଜୁର କରାଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସୁପାରିସ ଆଧାରରେ ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଆଦେଶ ସଂଖ୍ୟା ୨୫୧୪୫ ଜରିଆରେ ଏହି ଅନୁମୋଦନ ମିଳିଛି।

ଆର୍ଥିକ ବର୍ଷ ୨୦୨୬-୨୭ ବଜେଟର ଉଚ୍ଚମାଧ୍ୟମିକ ବିଦ୍ୟାଳୟ କୋଠା ନିର୍ମାଣ ଶୀର୍ଷକରୁ ଏହି ଅର୍ଥ ବହନ କରାଯିବ। ମୋଟ ବ୍ୟୟ ଅଟକଳ ମଧ୍ୟରୁ ମୁଖ୍ୟ କୋଠା ନିର୍ମାଣ ବାବଦରେ ୨୩ କୋଟି ୫୩ ଲକ୍ଷ ୫୬ ହଜାର ଟଙ୍କା, ଆଭ୍ୟନ୍ତରୀଣ ଓ ବାହ୍ୟ ବିଦ୍ୟୁତୀକରଣ ପାଇଁ ୪ କୋଟି ୭୦ ଲକ୍ଷ ଟଙ୍କା, ଜଳଯୋଗାଣ ଓ ପରିମଳ ବ୍ୟବସ୍ଥା ନିମନ୍ତେ ୩ କୋଟି ୫୩ ଲକ୍ଷ ଟଙ୍କା ସମେତ ଗୁଣବତ୍ତା ପରୀକ୍ଷଣ, ପରାମର୍ଶ ଶୁଳ୍କ ଓ ଜିଏସଟି ରାଶି ଅନ୍ତର୍ଭୁକ୍ତ ରହିଛି। କାର୍ଯ୍ୟ ଆରମ୍ଭ ପୂର୍ବରୁ ସମସ୍ତ ବୈଷୟିକ ମଞ୍ଜୁରି ହାସଲ କରିବା ସହିତ ନିର୍ଦ୍ଧାରିତ ସମୟସୀମା ଓ ଅନୁମୋଦିତ ନକ୍ସା ଅନୁଯାୟୀ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେପରି ସମୟ ବିଳମ୍ବ ଯୋଗୁଁ କୌଣସି ଅତିରିକ୍ତ ଆର୍ଥିକ ବୋଝ ନ ପଡ଼ିବ ଓ ଅନୁଦାନ ଅର୍ଥ କୌଣସି ପରିସ୍ଥିତିରେ ଅନ୍ୟ କାର୍ଯ୍ୟରେ ବିନିଯୋଗ ନ ହେବ, ସେଥିପ୍ରତି ଦୃଷ୍ଟି ଦିଆଯିବ। ଏହି ନୂତନ ଅତ୍ୟାଧୁନିକ ଭିତ୍ତିଭୂମି ଦ୍ୱାରା ଅଞ୍ଚଳର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାଦାନର ଉପଯୁକ୍ତ ସୁବିଧା ପାଇପାରିବେ। ସୂଚନାଯୋଗ୍ୟ, କଲେଜର କୋଠାଗୁଡିକ ଏବେ ଜରାଜୀର୍ଣ୍ଣ ଓ ଅସୁରକ୍ଷିତକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ଜୀବନ ଓ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ ପାଇଁ ବିଭିନ୍ନ ମହଲରୁ ଦାବି ପରେ ସପ୍ତାହ ତଳେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଜୁନିୟର କଲେଜ କ୍ୟାମ୍ପସ ପରିଦର୍ଶନ ପରେ ବିଭାଗଗୁଡିକ ସ୍ଥାନାନ୍ତର ନିଷ୍ପତ୍ତି ସହ ନୂତନ ବିଲ୍ଡିଂ ନିର୍ମାଣ ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

୧୫ ଦିନ ଧରି ରୁଗୁଡ଼ିବେଡାରେ ପାନୀୟ ଜଳ ସମସ୍ୟା

ଜାତୀୟ ରାଜପଥ ଅବରୋଧ କଲେ ମହିଳା

ଠାକୁରମୁଣ୍ଡା/କରଞ୍ଜିଆ,୨୭।୯ (ସମିସ)

ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ କିଛିଦିନ ହେବ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖିବାକୁ ମିଳିଛି। କିଛିଦିନ ପୂର୍ବରୁ ପାନୀୟ ଜଳ ପାଇଁ ବିଦ୍ୟୁତ ସମସ୍ୟାକୁ ନେଇ ଅସୁବିଧା ଦେଖା ଦେଇଥିବାବେଳେ ଆଜି ପାନୀୟ ଜଳ ସମସ୍ୟା ନେଇ ରାସ୍ତାକୁ ଓହ୍ଲାଇଲେ ଗ୍ରାମବାସୀ। ପାନୀୟଜଳ ଯୋଗାଣ ଦାବିରେ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଠାକୁରମୁଣ୍ଡା ପଞ୍ଚାୟତ ଅଧୀନ ରୁଗୁଡ଼ିବେଡ଼ା ଗ୍ରାମର ୮ ନମ୍ବର ୱାର୍ଡ ସ୍କୁଲ ସାହିର ମହିଳାମାନେ ୫୩ ନମ୍ବର ରାଜ୍ୟ ରାଜପଥ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାକୁ ଅବରୋଧ କରିଥିଲେ। ରବିବାର ସକାଳ ପ୍ରାୟ ୮ଟା ସମୟରେ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ମହିଳାମାନେ ଏକତ୍ରିତ ହୋଇ ବାଲଟି, ଗରା ଓ ଡେକଚି ଧରି ରାସ୍ତା ଉପରେ ବସିଥିଲେ। ଦୀର୍ଘଦିନ ଧରି ସ୍କୁଲ ସାହିରେ ପାନୀୟଜଳ ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହେଉ ନ ଥିବା ଅଭିଯୋଗ କରି ମହିଳାମାନେ ରାସ୍ତାରୋକ କରିଥିଲେ। ପାନୀୟ ଜଳ ନ ପାଇ ଗ୍ରାମବାସୀଙ୍କୁ ଦୂରଦୂରାନ୍ତରୁ ପାଣି ସଂଗ୍ରହ କରିବାକୁ ପଡୁଥିବା ଅଭିଯୋଗ ହୋଇଛି।

ବିଶେଷକରି ମହିଳାମାନେ ପ୍ରତିଦିନ ପାଣି ପାଇଁ ହଇରାଣ ହେଉଥିବା କହିଛନ୍ତି। ଗ୍ରାମରେ ଥିବା ପାଣି ଯୋଗାଣ ବ୍ୟବସ୍ଥା ଠିକ୍ ଭାବେ କାମ କରୁ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାରୋକ ଯୋଗୁଁ ଠାକୁରମୁଣ୍ଡା-କରଞ୍ଜିଆ ରାଜ୍ୟ ରାଜପଥରେ ଦୀର୍ଘ ସମୟ ପାଇଁ ଯାତାୟାତ ପ୍ରଭାବିତ ହୋଇଥିଲା। ଖବର ପାଇ ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା, ପାନୀୟଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମଣ୍ଡଳ ଓ ଠାକୁରମୁଣ୍ଡା ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଶାସନିକ ଅଧିକାରୀ ରାସ୍ତାରୋକ କରିଥିବା ମହିଳା ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ବିଡିଓ ଶ୍ରୀ ବେହେରା ପାଣିଟାଙ୍କି ନିକଟକୁ ଯାଇ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ମହିଳାମାନେ ପାଣି ଯୋଗାଣକୁ ନେଇ ଗୁରୁତର ଅଭିଯୋଗ ଆଣିଥିଲେ। ସ୍କୁଲ ସାହିକୁ ନିୟମିତ ପାଣି ଯୋଗାଣ କରାଯାଉନଥିବା ସହ ପମ୍ପ ଡ୍ରାଇଭର ଜାଣିଶୁଣି ସାହିବାସୀଙ୍କୁ ହଇରାଣ କରୁଥିବା ସେମାନେ ଅଭିଯୋଗ କରିଥିଲେ। ବିଡିଓଙ୍କ ଉପସ୍ଥିତିରେ ସ୍କୁଲ ସାହିକୁ ପାଣି ଯୋଗାଣ କରାଯାଇଥିବା ଦେଖାଯାଇଥିଲା। ପାଣି ଯୋଗାଣ ବ୍ୟବସ୍ଥାକୁ ନେଇ ପ୍ରଶାସନ ପକ୍ଷରୁ ସ୍ଥିତି ଅନୁଧ୍ୟାନ କରାଯିବା ପରେ ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଥିଲା। ଏହାପରେ ସକାଳ ପ୍ରାୟ ୧୦ଟା ସମୟରେ ମହିଳାମାନେ ରାସ୍ତାରୁ ହଟିବା ସହ ରାସ୍ତାରୋକ ପ୍ରତ୍ୟାହାର କରିଥିଲେ। ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପାଇଁ ଗ୍ରାମବାସୀଙ୍କୁ ରାସ୍ତାକୁ ଓହ୍ଲାଇବାକୁ ପଡ଼ିଥିବାରୁ ଏହାକୁ ନେଇ ଅଞ୍ଚଳରେ ଆଲୋଚନା ଜୋର ଧରିଛି। ସ୍କୁଲ ସାହିର ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ କରି ନିୟମିତ ଭାବେ ପାଣି ଯୋଗାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଦୁର୍ଘଟଣାରେ ମହିଳା ଗୁରୁତର

ମହୁଲଡିହା,୨୭।୯(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ୫୩ନଂ ରାଜ୍ୟ ରାଜପଥର ଚାର୍ବାଇଣି ପେଟ୍ରୋଲ ପମ୍ପ ନିକଟରେ କାର୍ ଧକ୍କାରେ ସ୍କୁଟି ଚାଳନା କରୁଥିବା ମହିଳା ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଖଣ୍ଡବନ୍ଧ ପଞ୍ଚାୟତ ଗୋରିଗଦା ଗ୍ରାମ ଧରିତ୍ରୀ ମହାନ୍ତ ଠାକୁରମୁଣ୍ଡା ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଟଙ୍କା ଉଠାଇ ନିଜ ଘରକୁ ଯାଉଥିବାବେଳେ ସ୍କୁଟିରେ ତେଲ ପକାଇବାକୁ ପେଟ୍ରୋଲ ପମ୍ପକୁ ଯାଇଥିଲେ। ଏ ସମୟରେ ପଛରୁ ଆସୁଥିବା କାର୍ ଧକ୍କା ଦେଇଥିଲା। କାର୍‌ର ଡ୍ରାଇଭର ଅଟୋ ଯୋଗେ ଧରିତ୍ରୀଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଧରିତ୍ରୀଙ୍କ ଦୁଇ ଗୋଡ଼, ଆଣ୍ଠୁ ଓ କହୁଣୀରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଠାକୁରମୁଣ୍ଡା ଥାନା ପୁଲିସ ପହଞ୍ଚି କାର୍ ଓ ସ୍କୁଟିକୁ ଜବତ କରି ତଦନ୍ତ ଜାରି ରଖିଛି।

ମାଣିଦା ମା' ତାରିଣୀ ମନ୍ଦିରରୁ ଚୋରି

ରାସଗୋବିନ୍ଦପୁର,୨୭।୯(ସମିସ): ରାସଗୋବିନ୍ଦପୁର ଥାନା ଅଧୀନ ମାଣିଦାସ୍ଥ ପ୍ରସିଦ୍ଧ ମା' ତାରିଣୀ ମନ୍ଦିରରୁ ଗତକାଲି ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ତାଲା ଭାଙ୍ଗି ମା'ଙ୍କ ରୁପା ମୁକୁଟ, ବିଭିନ୍ନ ରୁପା ଅଳଙ୍କାର, ୨ଟି ସୁନା ଲକେଟ୍ ସମେତ ଦାନବାକ୍ସ ଲୁଟି ନେଇଛନ୍ତି। ଚୋରି ହୋଇଥିବା ଅଳଙ୍କାରର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ଆଜି ସକାଳେ କମିଟି ସଦସ୍ୟ ମନ୍ଦିର ଖୋଲାଥିବା ଓ ସାମଗ୍ରୀ ଗାଏବ ଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ରାସଗୋବିନ୍ଦପୁର ଥାନା ଆଇଆଇସି ଓ ବଡ଼ାମପୁର ଫାଣ୍ଡି ଅଧିକାରୀ ପହଞ୍ଚି ଅନୁସନ୍ଧାନକାରୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ମୁଖ୍ୟ ରାସ୍ତାରେ ପାଟ୍ରୋଲିଂ ବ୍ୟବସ୍ଥା ଥାଇ ମଧ୍ୟ ଏପରି ଲୁଟ୍ ହେବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବଜାରରେ ଅପମିଶ୍ରିତ ଖାଦ୍ୟ; ପ୍ରଶାସନ ନିରବ

ବଡ଼ବିଲ, ୨୭।୯(ସମିସ): ବଡ଼ବିଲ ପୌରାଞ୍ଚଳର ଲକ୍ଷ୍ମୀ ପଡ଼ିଆ ହାଟରେ ଦୈନିକ ବିପୁଳ ପରିମାଣରେ ଭେଜାଲ ପନୀର ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଛି। ହାଟରେ ଖୁଲମଖୁଲା ଭାବେ ଏହି ପନୀର ବିକ୍ରି ହେଉଥିଲେ ମଧ୍ୟ ଏହାର ମାନ ଯାଞ୍ଚ କରିବା କିମ୍ବା ବିକ୍ରେତାଙ୍କ ବିରୋଧରେ ପଦକ୍ଷେପ ନେବା ଦିଗରେ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଅଭିଯୋଗ ଉଠିଛି। ଏହାଫଳରେ ସାଧାରଣ ଗ୍ରାହକ ଅଜାଣତରେ ଏଭଳି ପନୀର କିଣି ଖାଉଥିବା ଆଶଙ୍କା ପ୍ରକାଶ ପାଇଛି। ଖାଦ୍ୟର ମାନ ଓ ଜନସ୍ୱାସ୍ଥ୍ୟ ସହ ଜଡ଼ିତ ଏଭଳି ଏକ ଗୁରୁତର ପ୍ରସଙ୍ଗରେ ପ୍ରଶାସନର ନିଷ୍କ୍ରିୟତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। କଟକ ଓ ଭୁବନେଶ୍ୱର ଭଳି ବଡ଼ ସହରରେ ଭେଜାଲ ପନୀର ବିରୋଧରେ ଚଢ଼ଉ ହେଉଥିବା ବେଳେ ବଡ଼ବିଲରେ ଏଭଳି ବ୍ୟବସାୟ ଉପରେ କାହିଁକି ଅଙ୍କୁଶ ଲଗାଯାଉନାହିଁ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଖାଦ୍ୟ ସୁରକ୍ଷା ବିଭାଗ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ଲକ୍ଷ୍ମୀ ପଡ଼ିଆ ହାଟରେ ଚଢ଼ଉ କରି ପନୀରର ମାନ ଯାଞ୍ଚ କରିବା ସହ ଦୋଷୀ ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ମୟୂରଭଞ୍ଜରେ ବନ୍ୟା
୨ଟି ବ୍ଲକ୍ ଓ ବାରିପଦା ପୌରାଞ୍ଚଳ ପ୍ରଭାବିତ

ବାରିପଦା, ୨୭।୯(ସମିସ): ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ସୃଷ୍ଟି ବନ୍ୟା ପରିସ୍ଥିତିର ତୃତୀୟ ଦିନରେ ବେତନଟୀ ଓ ଉଦଳା ବ୍ଲକ୍ ସମେତ ବାରିପଦା ପୌରାଞ୍ଚଳର ଲୋକ ବିଶେଷ ଭାବରେ ପ୍ରଭାବିତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପୂର୍ବରୁ ବଡ଼ସାହି, ବେତନଟୀ, ଉଦଳା, କପ୍ତିପଦା, ସାରସକଣା, ରାସଗୋବିନ୍ଦପୁର ବ୍ଲକ୍ ଓ ବାରିପଦା ପୌରାଞ୍ଚଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ଓଡ୍ରାଫ୍ ଟିମ୍ ନିଜର ଦାୟିତ୍ୱ ସଫଳତାର ସହ ସମ୍ପାଦନ କରିବା ପରେ ଆଜି କାର୍ଯ୍ୟରୁ ମୁକ୍ତ (ରିଲିଭ୍) ହୋଇଛନ୍ତି। ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇବା ପାଇଁ ବର୍ତ୍ତମାନ ୭ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଏହି କେନ୍ଦ୍ରଗୁଡ଼ିକରେ ସ୍ଥାନାନ୍ତରିତ ହୋଇଥିବା ପ୍ରାୟ ୨,୪୨୯ ଜଣ ଲୋକଙ୍କୁ ଆଶ୍ରୟ ଓ ଖାଦ୍ୟ ପ୍ରଦାନ କରାଯାଉଛି। ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ତଥା ଚିକିତ୍ସା ପାଇଁ ୧୧ଟି ସ୍ୱତନ୍ତ୍ର ଡାକ୍ତରୀ ଦଳ ନିୟୋଜିତ ହୋଇଛନ୍ତି। ଏହାସହ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ଲାଗି ୩ଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଯାନ ମଧ୍ୟ କାର୍ଯ୍ୟ କରୁଛି। ପ୍ରଶାସନ ପକ୍ଷରୁ ପ୍ରଭାବିତ ଲୋକଙ୍କୁ ଜରୁରିକାଳୀନ ସାମଗ୍ରୀ ୨୨ଟି ପଲିଥିନ୍ ରୋଲ୍ (୧୧୦ଟି ସିଟ୍), ଶିଶୁ ଖାଦ୍ୟ, ମୁଢ଼ି, ମିକ୍ସଚର, ବିସ୍କୁଟ୍ ଏବଂ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କରାଯାଇଛି। ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ମୋଟ ୬୮୫ଟି ଘର, ୧୦ଟି କୁଡ଼ିଆ ଏବଂ ୩୨ଟି ଗୁହାଳ ଆଂଶିକ ବା ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି।

ଜୁଆ ଆଡ୍ଡାରେ ଚଢ଼ଉ, ୩ ଗିରଫ

ଶୁଳିଆପଦା,୨୭।୯ (ସମିସ):ଶୁଳିଆପଦା ବ୍ଲକ୍‌ରେ ଦିନକୁ ଦିନ ଜୁଆଡ଼ିଙ୍କ ସଂଖ୍ୟା ବଢୁଥିବାବେଳେ ବିଭିନ୍ନ ସ୍ଥାନରେ ଜୁଆ ଖେଳ ଚାଲିଛି। କୌଣସି ସୂତ୍ରରୁ ଖବର ପାଇ କୋଷ୍ଠା-ମହୁଲି ଅଞ୍ଚଳରେ ଚାଲିଥିବା ଜୁଆ ଆଡା ଉପରେ ଶୁଳିଆପଦା ପୁଲିସ ଅତର୍କିତ ଚଢ଼ଉ କରିଥିଲା। ଏହି ଚଢ଼ଉରେ ୩ ଜଣଙ୍କୁ ଗିରଫ କରାଯିବା ସହ ନଗଦ ଟଙ୍କା ସମେତ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। କୋଷ୍ଠା-ମହୁଲି ଅଞ୍ଚଳରେ ଜୁଆଖେଳ ଚାଲିଥିବାବେଳେ ଶୁଳିଆପଦା ଥାନା ଏଏସଆଇ ମାସା ମୁର୍ମୁ, ଶିବଶଙ୍କର ଜେନା ଓ ବିଜୟ ନାଏକଙ୍କ ସହ ଏକ ପୁଲିସ ଟିମ୍ ଚଢ଼ଉ କରିଥିଲା। ପୁଲିସ ଘଟଣାସ୍ଥଳରୁ ନଗଦ ୪୦ ହଜାର ୪୫୦ ଟଙ୍କା, ଗୋଟିଏ ସ୍କୁଟି, ଗୋଟିଏ ବାଇକ୍ ଓ ୩ଟି ମୋବାଇଲ୍ ଜବତ କରିଛି। ଏହି ଘଟଣାରେ ଶୁଳିଆପଦା ଥାନା ଅଧୀନ ଝାଳିଆମାରା ଗ୍ରାମର ଶୁକଦେବ ତୁଙ୍ଗଙ୍କ ପୁଅ ରଞ୍ଜିତ ତୁଙ୍ଗ, କୋଷ୍ଠା ଗ୍ରାମର କିଶୋର ସତୁଆଙ୍କ ପୁଅ ସାଗର ସାତୁଆ ଓ ମହୁଲି ଗ୍ରାମର ଚିତ୍ତରଞ୍ଜନ ବେହେରାଙ୍କ ପୁଅ ସୁନୀଲ ବେହେରାଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଶୁଳିଆପଦା ଥାନାରେ ମାମଲା ରୁଜୁ ହୋଇ ତିନିଜଣ ୨୪ ଘଣ୍ଟା ଅଟକ ରହିବା ପରେ ସର୍ତ୍ତମୂଳକ ଜାମିନରେ ଆସିଥିବା ଜଣାପଡ଼ିଛି।

ସରକାରୀ ମୋଟର କର୍ମଚାରୀ ସଂଘର ସମ୍ବର୍ଦ୍ଧନା

କେନ୍ଦୁଝର, ୨୭।୯(ସମିସ): 'ଓଡ଼ିଶା ସରକାରୀ ମୋଟର କର୍ମଚାରୀ ବିଶ୍ରାମ ଗୃହ' (କେନ୍ଦୁଝର ଜିଲ୍ଲା ଶାଖା) ପରିସରରେ ଏକ ବନ୍ଧୁମିଳନ, ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଓ ଶ୍ରେଷ୍ଠ ଗାଡ଼ି ଚାଳକଙ୍କୁ ସମ୍ମାନୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ଅଧ୍ୟକ୍ଷ ପ୍ରମୋଦ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମଞ୍ଚରେ ସଂଘର ସଭାପତି ପର୍ଶୁରାମ ମହାନ୍ତି, ସମ୍ପାଦକ ପ୍ରତାପଚନ୍ଦ୍ର ରାଜ, କମଳାକାନ୍ତ ସିଂହ ଏବଂ ସତ୍ୟନାରାୟଣ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଂଘର ଉପଦେଷ୍ଟା ମନୋଜ ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ସ୍ୱର୍ଗତ ମାନଗୋବିନ୍ଦ କୁଅଁରଙ୍କ ଆତ୍ମାର ସଦଗତି ନିମନ୍ତେ ଉପସ୍ଥିତ ସମସ୍ତ ସଦସ୍ୟ ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଆଦର୍ଶ ଗାଡ଼ି ଚାଳକ ନିରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ଅବସର ଗ୍ରହଣ କରିଥିବା ସଦସ୍ୟ ହେମନ୍ତ ନାଥ, ଈଶ୍ୱରଚନ୍ଦ୍ର ମହାନ୍ତ, ନନ୍ଦ ପାତ୍ର, ଜିତେନ୍ଦ୍ର ସାହୁ ଏବଂ ମନୋଜ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାଜେଶ ଦାସ ଧନ୍ୟବାଦ ଦେଇଥିଲେ।

ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ ଉପଲକ୍ଷେ ପ୍ରତିଯୋଗିତା

ରାଇରଙ୍ଗପୁର,୨୭।୯ (ସମିସ)

ବାମନଘାଟି ଉପଖଣ୍ଡ ପ୍ରଶାସନ ପକ୍ଷରୁ ଆଗାମୀ ଅକ୍ଟୋବର ୧ ତାରିଖ ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ ଉପଲକ୍ଷେ ରାଇରଙ୍ଗପୁର ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଉପଖଣ୍ଡସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନବମରୁ +୨ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ବୟସ୍କ ବ୍ୟକ୍ତିଙ୍କ ପ୍ରତି ସମ୍ମାନ, ଅଧିକାର ଓ ସାମାଜିକ ସୁରକ୍ଷା ସମ୍ପର୍କରେ ଯୁବପିଢ଼ିଙ୍କୁ ସଚେତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରତିଯୋଗିତାର ଓଡ଼ିଆ ପ୍ରବନ୍ଧରେ ଆର୍ଯ୍ୟପ୍ରିୟା ମହାନ୍ତ ପ୍ରଥମ, ବିଷ୍ଣୁପ୍ରିୟା ନନ୍ଦ ଦ୍ୱିତୀୟ ଓ ତନୀଷା ପ୍ରଜାପତି ତୃତୀୟ ହୋଇଥିବାବେଳେ ଇଂରାଜୀ ପ୍ରବନ୍ଧରେ ବିନାୟକ ବସା ପ୍ରଥମ, ଆଦ୍ୟାଶା ହୋତା ଦ୍ୱିତୀୟ ଓ ତନଭି ଭରଦ୍ୱାଜ ତୃତୀୟ ସ୍ଥାନ ଲାଭ କରିଛନ୍ତି। ସେହିପରି ଓଡ଼ିଆ ବକ୍ତୃତାରେ ଭବାନୀ ଶଙ୍କର ମହାନ୍ତ ପ୍ରଥମ, ଜ୍ୟୋତି ଦଳେଇ ଦ୍ୱିତୀୟ ଓ ପାୟେଲ ବେହେରା ତୃତୀୟ, ଇଂରାଜୀ ବକ୍ତୃତାରେ ଅଂଶୁମାନ ଗିରି ପ୍ରଥମ, କନିଷ୍କା ଚାନ୍ଦଗୋଟିଆ ଦ୍ୱିତୀୟ ଓ ବିନୋଦିନୀ ଦାସ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଉପଜିଲ୍ଲାପାଳ ଉଗ୍ରେସନ ଓରାମଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏସଡିଆଇପିଆରଓ ବିକାଶ ରଞ୍ଜନ ମହାନ୍ତି ଓ ଏବିଇଓ ହେମ ମାଝୀ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିରେଖା ମହାନ୍ତି, ପ୍ରଧାନଶିକ୍ଷକ ଭକ୍ତବନ୍ଧୁ ବାରିକ, ବରିଷ୍ଠ ନାଗରିକ ସଙ୍ଘ ସଦସ୍ୟ ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଅକ୍ଟୋବର ୧ ତାରିଖରେ ପୁରସ୍କୃତ କରାଯିବ।

ଟାଟା ଷ୍ଟିଲର ଖଣ୍ଡବନ୍ଧ ଲୁହାପଥର ଖଣିକୁ ରାଜ୍ୟରେ ପ୍ରଥମ ପୁରସ୍କାର

ଯୋଡ଼ା, ୨୭।୯ (ସମିସ): ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ପରିଚାଳନା କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପାଇଁ ଟାଟା ଷ୍ଟିଲ୍‌ର ଖଣ୍ଡବନ୍ଧ ଲୁହାପଥର ଖଣି ସମ୍ମାନିତ ହୋଇଛି। କୋଲକାତାଠାରେ କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ), ପୂର୍ବାଞ୍ଚଳ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ଏସ୍‌ଏଚ୍‌ଇ ଏକ୍ସଲେନ୍ସ ଆୱାର୍ଡ ୨୦୨୫-୨୬ରେ ଖଣ୍ଡବନ୍ଧ ଲୁହାପଥର ଖଣି ବୃହତ୍ ଆକାରର ଖଣି କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ (ଓଡ଼ିଶା) ବିଜେତା ହୋଇଛି। ଟାଟା ଷ୍ଟିଲ୍ ପକ୍ଷରୁ ସିନିୟର ଏରିଆ ମ୍ୟାନେଜର (ଏକ୍ସକାଭେସନ୍) ଅଭିଷେକ ସିଂହ ଏବଂ ଏରିଆ ମ୍ୟାନେଜର (ସେଫ୍ଟି) ଜୀବିତେଶ କୁମାର ଅନୋଖେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ କନ୍‌ସ୍ଲିଭୋ ସେଫଟି ଲିଡରଶିପ କୁଇଜ୍ - ୨୦୨୬ ରେ ଭାଗ ନେଇଥିବାରୁ ଜୀବିତେଶ କୁମାରଙ୍କୁ "ଆୱାର୍ଡ ଅଫ୍ ଆପ୍ରିସିଏସନ୍" ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସଫଳତା ଦାୟିତ୍ୱବାନ୍ ଏବଂ ସ୍ଥାୟୀ ଖନନ ପ୍ରକ୍ରିୟା ପ୍ରତି ଟାଟା ଷ୍ଟିଲ୍‌ର ନିରବଚ୍ଛିନ୍ନ ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି।

ବିଶ୍ୱ ପର୍ଯ୍ୟଟନ ଦିବସରେ ସ୍ୱଚ୍ଛତା ସଚେତନତା

ତୁରୁମୁଙ୍ଗା, ୨୭।୯ (ସମିସ): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ରବିବାର ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଘାଟବାଲିଯୋଡ଼ିସ୍ଥିତ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡରେ ଡୁମୁରିଆ ପଞ୍ଚାୟତ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ପାଇକରାୟ ଓ ଏଡିଇଓ ଯଦୁମଣି ମହାନ୍ତଙ୍କ ନେତୃତ୍ୱରେ ଏସଏଚଜି ଗ୍ରୁପ୍‌ର ଶତାଧିକ ମହିଳା ପରିବେଶକୁ ପରିଷ୍କାର କରିବା ସହ ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନ କେନ୍ଦ୍ର ପାଇଁ ଆସିଥିବା ପର୍ଯ୍ୟଟକଙ୍କୁ ବୁଝାଇଥିଲେ। ୧୦ଟି ଗ୍ରୁପର ମହିଳାଙ୍କ ସହ ଏମବିକେ, ସିଆରପି ସାମିଲ ହୋଇଥିଲେ। ସେହିପରି ରାଜନଗର ରଘୁନାଥଜୀଉ ମଠରେ ରବିବାର ପାଟଣା ବିଡିଓ ମାନସ ଦଣ୍ଡପାଟ, ପିଇଓ ଲଲାଟେନ୍ଦୁ ବିଦ୍ୟାଧର ମହାନ୍ତ ଏଡିଇଓ ସୁଦର୍ଶନ ପୃଷ୍ଟିଙ୍କ ସମେତ ବ୍ଲକ ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନେ ଏଥିରେ ସାମିଲ ହୋଇ ମଠ ପରିସର ସଫେଇ କରିଥିଲେ।

ଗୁଣ୍ଡିଚା ମନ୍ଦିର ଭାଗବତ ଟୁଙ୍ଗିରେ ଭାଗବତ ଜନ୍ମ ମହୋତ୍ସବ

ଆନନ୍ଦପୁର, ୨୭।୯ (ସମିସ): କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନଙ୍କ ଆହ୍ୱାନକ୍ରମେ ଭାଗବତ ସଂସ୍କୃତି ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ ଆନନ୍ଦପୁର ଗୁଣ୍ଡିଚା ମନ୍ଦିର ଭାଗବତ ଟୁଙ୍ଗିରେ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଭାଗବତ ଟୁଙ୍ଗି ପୁରାଣ ପଣ୍ଡା ତଥା ମୁଖ୍ୟକର୍ତ୍ତା ମଦନ ମୋହନ ମିଶ୍ରଙ୍କ ସହଯୋଗରେ ରାଜପୁରୋହିତ ଶରତ ମିଶ୍ର ତଥା ମଧୁସୂଦନ ମିଶ୍ର ପୂର୍ଣ୍ଣକୁମ୍ଭ ସ୍ଥାପନ ପୂର୍ବକ ଭାଗବତ ଗାଦି ପୂଜାର୍ଚ୍ଚନା କରି ଭାଗବତ ଦ୍ୱାଦଶ ସ୍କନ୍ଧ ତ୍ରୟୋଦଶ ଅଧ୍ୟାୟ ପାରାୟଣ କରି ପୁନଃ ପ୍ରଥମ ସ୍କନ୍ଧ ପ୍ରଥମ ଅଧ୍ୟାୟ ପାରାୟଣ କରିଥିଲେ। ପୁରାଣ ପଣ୍ଡା ମଦନ ମୋହନ ମିଶ୍ର ଭାଗବତ ଜନ୍ମ ସମ୍ବନ୍ଧରେ ଆଲୋଚନା କରିଥିଲେ। ସାମ୍ବାଦିକ ମଦନ ପାଣି, ସତ୍ୟନାରାୟଣ ମହାନ୍ତି, ହରିହର ମିଶ୍ର, ପ୍ରମୋଦ ରାଜ, ଦେବେନ୍ଦ୍ର ମିଶ୍ର, ପଦ୍ମଲାଭ ମିଶ୍ର, ଗୋପାଳ ପାଣି, ଭାଗୀରଥି ଦାସ, ସରସ୍ୱତୀ ବେହେରା, କୁମୁଦିନୀ ବାରିକ, ମିନତୀ ସିଂ, ସୁଲୋଚନା ରଣା, କୁମୁଦିନୀ ରଣା, ରେଣୁବାଳା ଦାସ, ମେନକା ରଣା, ତପସ୍ୱିନୀ ରଣା, ରତ୍ନମଣି ରାମ ଓ ରେଣୁବାଳା ରଣା ସହଯୋଗ କରିଥିଲେ।

କୁମାରୀ ମାତୃତ୍ୱ ବୃଦ୍ଧିକୁ ନେଇ ଚିନ୍ତା

ତୁରୁମୁଙ୍ଗା, ୨୭।୯(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପାଟଣା ଓ ତୁରୁମୁଙ୍ଗା ଥାନାଞ୍ଚଳରେ କୁମାରୀ ମାତୃତ୍ୱକୁ ନେଇ ଏବେ ବଢୁଛି ଚିନ୍ତା। କିଶୋରୀଙ୍କ ସୁରକ୍ଷା ଓ ସଚେତନତା ପାଇଁ ସରକାର ପକ୍ଷରୁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟ କରୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ କାର୍ଯ୍ୟ କରୁଛି। ପ୍ରତ୍ୟେକ ଗାଁ ରେ ଆଶା ଓ ଅଙ୍ଗନବାଡ଼ି କର୍ମୀ କାର୍ଯ୍ୟ କରୁଥିଲେ ମଧ୍ୟ କୁମାରୀ ମାତୃତ୍ୱକୁ ନେଇ ବଢୁଛି ଚିନ୍ତା। ନାବାଳିକାଙ୍କ ପାଇଁ ପାଟଣା ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ କାର୍ଯ୍ୟକରୁଥିଲେ ମଧ୍ୟ କୁମାରୀ ମାତୃତ୍ୱ ବୃଦ୍ଧି ପାଉଛି। ଗତ କିଛି ମାସ ପୂର୍ବରୁ ପାଟଣା ଥାନାଞ୍ଚଳରେ ଜଣେ ନାବାଳିକା ଛାତ୍ରୀ ପୁତ୍ର ସନ୍ତାନ ଜନ୍ମ ଦେଇଥିବା ବେଳେ ତୁରୁମୁଙ୍ଗା ଥାନାଞ୍ଚଳରେ ୨ ଜଣ ନାବାଳିକା ମାଆ ହୋଇଥିବା ଜଣାପଡିଛି। ମାଆ ଆର ପାରିକୁ ଚାଲିଯିବା ପରେ ତୁରୁମୁଙ୍ଗା ଥାନାଞ୍ଚଳରେ ଜଣେ ୧୫ ବର୍ଷୀୟ ନାବାଳିକା ନିଜ ଭଉଣୀ ଓ ଆଇ ଘରେ ରହି ପାଠ ପଢୁଥିବା ବେଳେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଏନେଇ ନାବାଳିକାର ବଡ଼ ଭଉଣୀ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ୨୫୩/୨୬ରେ ମାମଲା ରୁଜୁ କରିବା ସହ ୧୫ ବର୍ଷୀୟ ନାବାଳକ କଲେଜ ଛାତ୍ରକୁ ମାମୁ ଘରୁ ଉଠାଇ ଆଣି ତୁରୁମୁଙ୍ଗା ପୁଲିସ ମାଜିଷ୍ଟ୍ରେଟ ନିକଟରେ ହାଜର କରାଇଛି। ତୁରୁମୁଙ୍ଗା ଥାନା ଅତିରିକ୍ତ ଥାନାଧିକାରୀ ସବିତା ନାଏକ ଘଟଣାର ତଦନ୍ତ କରୁଛନ୍ତି। ନାବାଳିକାଙ୍କ ସୁରକ୍ଷା, ଶିକ୍ଷା ଓ ସ୍ୱାସ୍ଥ୍ୟ ସହିତ ଏଭଳି ଘଟଣାର ମୂଳ କାରଣ ଚିହ୍ନଟ କରିବା ଏବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ସରକାରୀ ବ୍ୟବସ୍ଥା ସହ ପରିବାର ଓ ସମାଜର ସଚେତନତା ମାଧ୍ୟମରେ ନାବାଳିକା ମାତୃତ୍ୱ ରୋକିବା ଦିଗରେ ଅଧିକ ପଦକ୍ଷେପ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ଚାରଣଗୋଷ୍ଠୀ ପକ୍ଷରୁ ଭାଗବତ ଜନ୍ମୋତ୍ସବ

ଆନନ୍ଦପୁର, ୨୭।୯ (ସମିସ): ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ କେନ୍ଦୁଝର ଜିଲ୍ଲା ସଙ୍ଗଠନ ତରଫରୁ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇ ଯାଇଛି। ହାଟଡିହି ଶାଖା, କଦମ୍ବଡିହି ଚାରଣ ଶାଖା, ମତାବାଜ ଚାରଣ ଶାଖା, ସିଲନ୍ଦି ଚାରଣ ଶାଖା, ବହାରିପୁର ଚାରଣ ଶାଖା ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାରଣ ଜିଲ୍ଲା ସଙ୍ଗଠନ ତରଫରୁ ଭାଗବତ ଜନ୍ମ ପାଳନ କରାଯାଇଛି। ଚାରଣ ଜିଲ୍ଲା ସଙ୍ଗଠକ ତପନ ନାୟକଙ୍କ ତତ୍ତ୍ୱାବଧାନରେ କଳସ ଯାତ୍ରା କରାଯିବା ପରେ ବିଷ୍ଣୁ ସହସ୍ର ନାମ, ଗୀତାର ପଞ୍ଚଦଶ ଅଧ୍ୟାୟ, ଜଗନ୍ନାଥ ସ୍ତୁତି, ଭାଗବତର ପ୍ରଥମ ଅଧ୍ୟାୟ ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ଚାରଣ ଗୋଷ୍ଠୀ ଦ୍ୱାରା ଜଗନ୍ନାଥଙ୍କ ନାମର ପ୍ରଚାର ପ୍ରସାର କରିବା ଦିଗରେ ଯୁବ ପିଢ଼ିଙ୍କୁ ଆହ୍ୱାନ ଦେଇ ଆଗକୁ ନେବାର ପ୍ରେରଣା ଦେଉଛି। ଏହି କାର୍ଯ୍ୟକ୍ରମରେ ଚାରଣ ଜିଲ୍ଲା ସଙ୍ଗଠନର ସମସ୍ତ ଶାଖାର ମାଆ ଓ ଭାଇମାନେ ସହଯୋଗ କରିଥିଲେ।

ବି.ଏନ୍. ହାଇସ୍କୁଲରେ 'ସ୍ୱଚ୍ଛତା ହିଁ ସେବା'

ଆନନ୍ଦପୁର, ୨୭।୯ (ସମିସ): ଆନନ୍ଦପୁର ପୌରାଞ୍ଚଳ ଅନ୍ତର୍ଗତ ସର୍ବପୁରାତନ ବିଏନ୍ ହାଇସ୍କୁଲରେ ଓଡ଼ିଶା ରାଇଜିଂ ଫାଉଣ୍ଡେସନ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପୌରପାଳିକା କର୍ମଚାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଓଡ଼ିଶା ରାଇଜିଂ ଫାଉଣ୍ଡେସନର କର୍ମକର୍ତ୍ତା ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ସମସ୍ତେ ମିଶି ବିଦ୍ୟାଳୟ ଖେଳପଡ଼ିଆ, ସମ୍ମୁଖଅଞ୍ଚଳ ଓ ସାଇକଲଷ୍ଟାଣ୍ଡ ପରିସରରେ ସଫେଇ କରିଥିଲେ। ଓଡ଼ିଶା ରାଇଜିଂ ଫାଉଣ୍ଡେସନର ପି.ଏମ୍. ସତ୍ୟପ୍ରକାଶ ପହି, ବଜେନ୍ଦ୍ର ସାହୁ, ଅମିତ ବାରିକ, ହରେଶ ସାହୁ, ନରେନ୍ଦ୍ର ପରିଡ଼ା, କେ. ବିଶ୍ୱନାଥ, ଭରତ ସାହୁ, ନିହାର ସେନାପତି, ଧରିତ୍ରୀ ବେହେରା, ସଞ୍ଜୁଲତା ସାହୁ ଓ ଅପରାଜିତା ନାଇକ ପ୍ରମୁଖ ସହଯୋଗ କରିଥିଲେ।

ସାଇ ଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶାଖା ଉଦ୍‌ଘାଟିତ

ବାରିପଦା, ୨୭।୯ (ସମିସ): ସ୍ଥାନୀୟ ରଘୁନାଥପୁରସ୍ଥ ସାଇ ଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂତନ ଭାବେ ଅନୁମୋଦିତ ଏନଏସଏସ୍ ୟୁନିଟ୍ ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ ଏକ ସ୍ୱତନ୍ତ୍ର ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉଦ୍‌ଘାଟନୀ ସମାରୋହରେ ସିଏଚ୍‌ଏସ୍‌ଇ, ଓଡ଼ିଶାର ଏନଏସଏସ କାର୍ଯ୍ୟକ୍ରମ ସଂଯୋଜକ ଡ ବିଶ୍ୱମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ୟୁନିଟ୍‌କୁ ଉଦ୍‌ଘାଟନ କରିଥିଲେ। ଏଥିସହ ଜିଲ୍ଲା ଏନଏସଏସ କାର୍ଯ୍ୟକ୍ରମ ସଂଯୋଜକ ତଥା ପଦାର୍ଥ ବିଜ୍ଞାନ ଅଧ୍ୟାପକ ମନୋଜ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ମନୋଭାବ, ଶୃଙ୍ଖଳା, ସାମାଜିକ ଦାୟିତ୍ୱବୋଧ ଓ ନେତୃତ୍ୱ ଗୁଣର ବିକାଶରେ ଏନଏସଏସର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିସହ ଏନଏସଏସର ଲକ୍ଷ୍ୟ, ଆଭିମୁଖ୍ୟ ଏବଂ ଆଗାମୀ ଦିନରେ ବିଭିନ୍ନ ସାମାଜିକ ସେବା ତଥା ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ବିଦ୍ୟାଳୟର ଶୁଭଚିନ୍ତକ ଡ ପୂର୍ଣ୍ଣଚନ୍ଦ୍ର ସାହୁ ଓ ନିର୍ଦ୍ଦେଶିକା ମୀନାରାଣୀ ସାହୁ ଉପସ୍ଥିତ ରହି ଏନଏସଏସ ସମ୍ବନ୍ଧୀୟ ବହୁମୂଲ୍ୟ ତଥ୍ୟ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ୍ ଅଫିସର ମୌସମ ପାତ୍ରୀ, ଉପାଧ୍ୟକ୍ଷ ଶକ୍ତି ସାମଲଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଜାତୀୟ ନାଟ୍ୟ ମହୋତ୍ସବର ଷଷ୍ଠ ସନ୍ଧ୍ୟା

'ଅନନ୍ୟ' ଓ 'ଓରେ ବିହଙ୍ଗ' ନାଟକ ମଞ୍ଚସ୍ଥ

ବାରିପଦା, ୨୭।୯ (ସମିସ)

ସ୍ଥାନୀୟ ସହିଦ ସ୍ମୃତି ଭବନ ପରିସରରେ "ଆମେ, ବାରିପଦା' ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ୯ଦିନିଆ ଜାତୀୟ ନାଟ୍ୟ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ମଞ୍ଚସ୍ଥ ଦୁଇଟି ନାଟକ ଦର୍ଶକଙ୍କ ମନକୁ ଛୁଇଁଥିଲା। ପ୍ରଥମ ନାଟକ ସମ୍ବଲପୁରର ନାଟ୍ୟ ସଂସ୍ଥା 'କ ଖ ଗ' ପ୍ରଯୋଜିତ ତଥା ବ୍ରଜେନ୍ଦ୍ର ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ "ଅନନ୍ୟ' ପରିବେଷିତ ହୋଇଥିଲା। ଏଥିରେ ସୌମେନ୍ଦ୍ର ପୂଜାରୀ, ମିନାକ୍ଷୀ ସୁପକାର ଓ ମନୋଜ ବେହେରାଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିବାବେଳେ ଆଲୋକରେ ସିଦ୍ଧାର୍ଥ ହୋତା, ସଂଗୀତରେ ବ୍ରଜେନ୍ଦ୍ର ନାୟକ ଓ ମଞ୍ଚସଜ୍ଜାରେ ସଞ୍ଜୟ ମିଶ୍ର ସହଯୋଗ କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମିଦିନାପୁରର "ସରଭୁଜ' ସଂସ୍ଥା ପକ୍ଷରୁ ବାଦଲ ସରକାରଙ୍କ ରଚିତ ଓ ଅନିର୍ବାଣ ଅନୁରଣଙ୍କ ନିର୍ଦ୍ଦେଶିତ ବଙ୍ଗଳା ନାଟକ "ଓରେ ବିହଙ୍ଗ' ମଞ୍ଚସ୍ଥ ହୋଇଥିଲା। ଏଥିରେ ସାୟନ୍ତୀ ଘଟକ, ବିପାଶା ଦାସ, ସୁପ୍ରିୟ ସୁର, ଫୋତିକ ମିଦ୍ଦା, ପିୟୁଷ ରୟ, ସାୟନ ରଙ୍ଗ, ରୋହନ ପାତ୍ର, ନନ୍ଦିତା ଦେ, ଅଭିଜିତ ଦତ୍ତ, ତାରାଶଙ୍କର ଖାରା ଓ ଦେବଞ୍ଜନ ମଣ୍ଡଳ ଅଭିନୟ କରିଥିଲେ। ଶବ୍ଦ ପରିଚାଳନାରେ ରିଶବ ବେରା ଓ ଆଲୋକ ସମ୍ପାଦନାରେ ଧନପତି ମଣ୍ଡଳ ଦାୟିତ୍ୱ ତୁଲାଇଥିଲେ।

ଆୟୋଜକ କମିଟି ସଭାପତି ଡା କୈଳାସ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷା ଜୟଶ୍ରୀ ନନ୍ଦ, ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ ଝରଣା ବେହେରା, ବାରିପଦା ବାର୍ ଆସୋସିଏସନର ସଭାପତି ଜ୍ୟୋତି ପ୍ରକାଶ ରଥ, ଆଇନଜୀବୀ ସୁଜାତା ମିଶ୍ର ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ସମ୍ପାଦକ ତଥା ବିଶିଷ୍ଟ ନାଟ୍ୟକାର ଚିନ୍ମୟ ଦାସପଟ୍ଟନାୟକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ କଲେଜସ୍ତରୀୟ ଚିତ୍ରାଙ୍କନ, ନୃତ୍ୟ, ମ୍ୟୁଜିକ ଚେୟାର, ଏଙ୍କରିଙ୍ଗ, ଏକକ ଅଭିନୟ ଓ ମୂକ ଅଭିନୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କାଶୀନାଥ ରଣା, ଭାନୁମିତ୍ର ଆଚାର୍ଯ୍ୟ, ଆଶିଷ ବସା, ସୋମନାଥ ସିଂହ ଓ ପ୍ରବୀର ବେହେରାଙ୍କୁ "ମୟୂରଭଞ୍ଜ ମହାସମ୍ମାନ' ପ୍ରଦାନ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ଲକ୍ଷ୍ନୌର ନିପା ରଙ୍ଗ ମଣ୍ଡଳୀ ପ୍ରଯୋଜିତ "ଶିକସ୍ତା' ଓ ବାରିପଦାର ଯୁଗେଚ୍ଛା ପ୍ରଯୋଜିତ "ଶେଷରେ ଧରମା କହିଲା' ନାଟକ ପରିବେଷିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ସୂଚନା ଦେଇଛନ୍ତି।

ଆଜିର ରାଶିଫଳ

ମେଷ: ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

ବୃଷ: ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

ମିଥୁନ: ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

କର୍କଟ: ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

ସିଂହ: ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

କନ୍ୟା: ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

ତୁଳା: ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

ବିଛା: ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

ଧନୁ: କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

ମକର: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

କୁମ୍ଭ: ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

ମୀନ: ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

ଆଜିର ଇତିହାସ

- ୧୮୮୭- ଚୀନ୍‌ର ହୋୟାଙ୍ଗ୍‌ହୋ ନଦୀରେ ଆସିଥିବା ଭୟାବହ ବନ୍ୟା ଯୋଗୁଁ ପାଖାପାଖି ୯ ଲକ୍ଷ ଲୋକଙ୍କ ମୃତ୍ୟୁ।
- ୧୯୨୯- ବଲିଉଡ୍‌ର ପ୍ରଚ୍ଛଦପଟ୍ଟ ଗାୟିକା ଲତା ମଙ୍ଗେସେକରଙ୍କର ଜନ୍ମ।
- ୧୯୫୦- ଇଣ୍ଡୋନେସିଆ ସଂଯୁକ୍ତରାଷ୍ଟ୍ରର ୬୦ତମ ସଦସ୍ୟ ହେଲା।
- ୧୯୫୮- ଫ୍ରାନ୍ସରେ ସମ୍ବିଧାନ ଲାଗୁ ହେଲା।
- ୨୦୦୪- ବିଶ୍ୱ ବ୍ୟାଙ୍କ ଭାରତକୁ ବିଶ୍ୱର ଚତୁର୍ଥ ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥା କହିଲା।

'ମନଷ୍ଟର୍'

ସୁଟିଂ ସରିବା ପୂର୍ବରୁ ଆୟ କଲା ୧୦୦ କୋଟି



ବଲିଉଡ୍ ସୁପରଷ୍ଟାର୍ ସଲମାନ୍ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ମନଷ୍ଟର୍' ସାମାଜିକ ଗଣମାଧ୍ୟମରେ ବେଶ୍ ଚହଳ ପକାଇଛି। ଫିଲ୍ମର ସୁଟିଂ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶେଷ ହୋଇ ନ ଥିବା ବେଳେ, ଏହା ରିଲିଜ୍ ପୂର୍ବରୁ ହିଁ ୧୦୦ କୋଟି ଟଙ୍କାର ଏକ ବିରାଟ ବ୍ୟବସାୟିକ ସଫଳତା ହାସଲ କରିଛି। ଭାରତର ସବୁଠାରୁ ବଡ଼ ମଲ୍ଟିପ୍ଲେକ୍ସ ଚେନ୍ ପିଭିଆର୍ ଆଇନକ୍ସ ଏହି ଚଳଚ୍ଚିତ୍ରର ସର୍ବଭାରତୀୟ ପ୍ରଦର୍ଶନ ଓ ବିତରଣ ଅଧିକାର ହାସଲ କରିଛି। ବର୍ତ୍ତମାନ ସିନେମା ବଜାରରେ ବିତରକମାନେ ରିଲିଜ୍ ପୂର୍ବରୁ ବଡ଼ ନିବେଶ କରିବାକୁ ଭୟ କରୁଥିବା ବେଳେ, ସଲମାନଙ୍କ ଫିଲ୍ମ ପାଇଁ ଏଭଳି ଏକ ମେଗା ଡିଲ୍ ହେବା ତାଙ୍କ 'ଷ୍ଟାର୍ ପାୱାର୍' କୁ ପ୍ରମାଣିତ କରୁଛି। ପିଭିଆର୍, ପ୍ରଯୋଜକ ଦିଲ୍ ରାଜୁଙ୍କୁ ଏହି ୧୦୦ କୋଟି ଏକ 'ରିଫଣ୍ଡେବୁଲ ଆଡଭାନ୍ସ' ଆକାରରେ ପ୍ରଦାନ କରିଛି। ଏହାର ଅର୍ଥ ହେଉଛି, ଯଦି ଫିଲ୍ମଟି ବକ୍ସ ଅଫିସ୍‌ରେ ଆଶାନୁରୂପ ପ୍ରଦର୍ଶନ ନ କରେ, ତେବେ ଚୁକ୍ତିର ସର୍ତ୍ତ ଅନୁଯାୟୀ, ଏହି ରାଶିର କିଛି ଅଂଶ ଫେରସ୍ତ କରାଯାଇପାରେ। ଏହି ବଡ଼ ଚୁକ୍ତି ପରେ, ପିଭିଆର୍ ଭାରତର ପ୍ରତିଟି କୋଣରେ ଥିବା ସିନେମା ହଲ୍‌ରେ ଏହି ଫିଲ୍ମକୁ ବହୁତ ବଡ଼ ସ୍ତରରେ ସ୍କ୍ରିନିଂ କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। 'ମହର୍ଷି' ଏବଂ 'ୱାରିସୁ' ଭଳି ସୁପରହିଟ୍ ଫିଲ୍ମ ଦେଇଥିବା ଜାତୀୟ ପୁରସ୍କାର ବିଜେତା ନିର୍ଦ୍ଦେଶକ ଭାମସୀ ପୈଡିପାଲ୍ଲୀ ଏହାର ନିର୍ଦ୍ଦେଶନା ଦେଇଥିବାବେଳେ ଆଗଧାଡ଼ିର ପ୍ରଯୋଜକ ଦିଲ୍ ରାଜୁ ଏହାର ନିର୍ମାଣ କରୁଛନ୍ତି। ଫିଲ୍ମରେ ସଲମାନଙ୍କ ସହ ପ୍ରଥମ ଥର ପାଇଁ ସାଉଥ୍ ଇଣ୍ଡଷ୍ଟ୍ରୀର ଲେଡି ସୁପରଷ୍ଟାର୍ ନୟନତାରା ଏବଂ ଅଭିନେତା ଅରବିନ୍ଦ ସ୍ୱାମୀ ନଜର ଆସିବେ। ସେହିପରି ଅନିଲ୍ କପୁର ଏବଂ ଜ୍ୟାକି ଶ୍ରଫ୍ ମଧ୍ୟ ଏଥିରେ ଦେଖାଯିବେ। ଏହି ହାଇ-ଭୋଲ୍ଟେଜ୍ ଆକ୍ସନ ଡ୍ରାମା ଚଳଚ୍ଚିତ୍ରର ସୁଟିଂ ଏବେ ଚାଲିଛି ଏବଂ ଆସନ୍ତା ଅକ୍ଟୋବରରେ ଏହାର ଏକ ବଡ଼ ସେଡ୍ୟୁଲ୍ ବିଦେଶରେ ସୁଟିଂ ହେବ। ଏହି ବହୁପ୍ରତୀକ୍ଷିତ ଚଳଚ୍ଚିତ୍ରଟି ୨୦୨୭ ଇଦ୍ ଅବସରରେ ଆସିବ। ତେବେ ରିଲିଜ୍ ପୂର୍ବରୁ ଏହି ୧୦୦ କୋଟିର ଧମାକା ପ୍ରମାଣ କରୁଛି ଯେ, ୨୦୨୭ ଇଦ୍ ଅବସରରେ ସଲମାନ ବକ୍ସ ଅଫିସ୍‌ରେ ଏକ ନୂଆ ଝଡ଼ ଆଣିବାକୁ ଯାଉଛନ୍ତି।

ଆଜି ଆସିଥିଲେ

କବିବର ରାଧାନାଥ

କବିବର ରାଧାନାଥ ରାୟ ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗର ସ୍ରଷ୍ଟା ଏବଂ ଜଣେ ପ୍ରତିଭାସମ୍ପନ୍ନ କବି ଥିଲେ। ଓଡ଼ିଆ କାବ୍ୟ-କବିତାରେ ନୂତନ ଶୈଳୀ ଓ ଆଧୁନିକତାର ସୂତ୍ରପାତ କରିଥିବାରୁ ତାଙ୍କୁ ଓଡ଼ିଆ ସାହିତ୍ୟ ଜଗତରେ 'କବିବର' ଉପାଧିରେ ଭୂଷିତ କରାଯାଇଛି। ନଅଙ୍କ ଦୁର୍ଭିକ୍ଷ ପରେ ପାଶ୍ଚାତ୍ୟ ଶିକ୍ଷା-ସାହିତ୍ୟ-ସଂସ୍କୃତିର ଅନୁପ୍ରେରଣାରେ ଓଡ଼ିଆ ସାହିତ୍ୟରେ ଯେଉଁ ନବ ଯୁଗର ଆବିର୍ଭାବ ଘଟିଥିଲା, ରାଧାନାଥ ଥିଲେ ସେହି ନବଯୁଗର ଆଦ୍ୟ ସ୍ରଷ୍ଟା। ପ୍ରକୃତିର ଜଣେ ସାର୍ଥକ ରୂପକାର ଥିଲେ କବିବର ରାଧାନାଥ। ତାଙ୍କ ଲେଖନୀରେ ଭରି ରହିଥିଲା ମାଟି, ପାଣି, ପବନ ଓ ପାହାଡ଼ର ଅପରୂପ ବର୍ଣ୍ଣନା। ଇଂରାଜୀ, ସଂସ୍କୃତ, ବଙ୍ଗଳା ଏବଂ ଓଡ଼ିଆ ଭାଷାରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଥିଲା। ଏହି ଯଶସ୍ୱୀ ସାରସ୍ୱତ ସାଧକ ୧୮୪୮ ମସିହା ଆଜିର ଦିନରେ ବାଲେଶ୍ୱର ଜିଲ୍ଲା କେଦାରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ସୁନ୍ଦର ନାରାୟଣ ରାୟ ଓ ମାତାଙ୍କ ନାମ ତାରିଣୀ ଦେବୀ। ପିଲାଟିବେଳୁ ଶାରୀରିକ ଭାବେ ଅତ୍ୟନ୍ତ ଦୁର୍ବଳ ଥିଲେ ରାଧାନାଥ। ବାଲ୍ୟ କାଳରୁ ହିଁ ସେ ତାଙ୍କ ମା'ଙ୍କୁ ହରାଇଥିଲେ। ହେଲେ ଶାରୀରିକ ଅସୁସ୍ଥତା ତାଙ୍କ ପାଠପଢ଼ାର ଇଚ୍ଛାକୁ କେବେ ଅଟକାଇ ପାରି ନ ଥିଲା। ରାଧାନାଥ ସେ ସମୟରେ ଏଣ୍ଟ୍ରାନ୍ସ ପାସ୍ କରିଥିଲେ। ତତ୍କାଳୀନ ପରିପ୍ରେକ୍ଷୀରେ ତାହା ହିଁ ଥିଲା ସର୍ବୋଚ୍ଚ ଶିକ୍ଷା। ସେ ବାଲେଶ୍ୱର ଜିଲ୍ଲା ସ୍କୁଲରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକରେ ଉଚ୍ଚତର ଶିକ୍ଷା ନିମନ୍ତେ କଲେଜ ନ ଥିବାରୁ ସେ କଲିକତା ଯାଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟର ଅବନତି ଘଟିବାରୁ ପଳାଇ ଆସିଥିଲେ। ସେ ଘରେ ପାଠ ପଢ଼ି ଏଫ୍.ଏ ପାସ୍ କରିଥିଲେ ଓ ନିଜସ୍ୱ ଉଦ୍ୟମରେ ବି.ଏ. ପଢ଼ିଥିଲେ। ବାଲେଶ୍ୱର ଜିଲ୍ଲା ସ୍କୁଲରେ ରାଧାନାଥ ୫ବର୍ଷ କାଳ ଚାକିରି କରିଥିଲେ ଏହି ସମୟରେ ସେ ପରଶମଣିଙ୍କୁ ବିବାହ କରିଥିଲେ। ଏହାପରେ ସେ ପୁରୀ ଜିଲ୍ଲାକୁ ଶିକ୍ଷକ ଭାବରେ ବଦଳିହେଲେ। ୧୮୭୬ରେ ସ୍କୁଲ ବିଭାଗୀୟ ଡେପୁଟି ଇନ୍‌ସ୍‌ପେକ୍ଟର ଭାବେ ବାଲେଶ୍ୱର ଜିଲ୍ଲାକୁ ଫେରି ଆସିଲେ। ୧୮୯୬ ମସିହାରେ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ତାଙ୍କୁ 'ରାୟ ବାହାଦୁର' ଉପାଧିରେ ଭୂଷିତ କରିଥିଲେ। ଓଡ଼ିଆ ଗଦ୍ୟରେ 'ବିବେକୀ' ଲେଖି ସେ ଯଶସ୍ୱୀ ହୋଇଛନ୍ତି। 'ବିବେକୀ'କୁ ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ ବୋଲି କୁହାଯାଏ। କବିବର ରାଧାନାଥ ସାବଲୀଳ ଭାଷାରେ ଏବଂ ନୂତନ ଶୈଳୀରେ କବିତା ରଚନା କରୁଥିଲେ। ତାଙ୍କ ରଚିତ ମହାକାବ୍ୟ 'ମହାଯାତ୍ରା' ସହିତ 'ଚିଲିକା', 'ଦରବାର', 'ଉର୍ବଶୀ', 'ନନ୍ଦିକେଶ୍ୱରୀ', 'କେଦାରଗୌରୀ', 'ଯଯାତି କେଶରୀ' ଏକାଧିକ କାବ୍ୟାବଳୀରେ ଓଡ଼ିଆ ସାହିତ୍ୟ ଭଣ୍ଡାର ସମୃଦ୍ଧ ହୋଇଥିଲା। ଓଡ଼ିଶାର ମାଟି, ପାଣି ଓ ପ୍ରକୃତିକୁ ନେଇ ଆଧୁନିକ ଓଡ଼ିଆ କାବ୍ୟ ଜଗତର ଭିତ୍ତିଭୂମି ସ୍ଥାପନ କରିଥିବା ଜଣେ ଯୁଗସ୍ରଷ୍ଟା କବି ଥିଲେ ରାଧାନାଥ।

ବିଶ୍ୱ ଜଳାତଙ୍କ ଦିବସ

ଜଳାତଙ୍କ ରୋଗ ଓ ତା'ର ଚିକିତ୍ସା ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖକୁ 'ବିଶ୍ୱ ଜଳାତଙ୍କ ଦିବସ' ବା 'ୱାର୍ଲ୍ଡ୍ ରାବିଜ୍ ଡେ' ଭାବେ ପାଳନ କରାଯାଏ। ଏହି ମାରାତ୍ମକ ଭୂତାଣୁଜନିତ ରୋଗ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏହାର ପ୍ରତିରୋଧ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ୨୦୦୭ ମସିହାରେ ଏହି ଦିବସ ପାଳନ କରାଯିବା ପାଇଁ ଘୋଷଣା କରାଯାଇଥିଲା। 'ଗ୍ଲୋବାଲ ଆଲାଏନ୍ସ ଫର୍ ର୍ୟାବିଜ୍ କଣ୍ଟ୍ରୋଲ' ଦ୍ୱାରା ଏହା ଘୋଷଣା କରାଯାଇଥିଲା। ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ସମର୍ଥନ ଜଣାଇଥିଲା। ଜଳାତଙ୍କ ରୋଗର ପ୍ରଥମ ସଫଳ ପ୍ରତିଷେଧକ ଟିକା ଉଦ୍ଭାବନ କରିଥିବା ଲୁଇ ପାଶ୍ଚରଙ୍କ ସ୍ମୃତିରେ ଏହି ଦିନଟି ପାଳିତ ହୁଏ, କାରଣ ସେପ୍ଟେମ୍ବର ୨୮ ତାରିଖରେ ତାଙ୍କର ପରଲୋକ ଘଟିଥିଲା। ଏହି ଦିବସରେ ଜନସାଧାରଣଙ୍କୁ ଉକ୍ତ ରୋଗର କାରଣ ଓ ନିରାକରଣର ଉପାୟ ତଥା ଚିକିତ୍ସା ବିଷୟରେ ଅବଗତ କରାଯାଇଥାଏ। ଜଳାତଙ୍କ ଏକ ଭୂତାଣୁଜନିତ ଜୁନୋଟିକ୍ ରୋଗ, ଯାହା ସଂକ୍ରମିତ ପଶୁଙ୍କ (ବିଶେଷ କରି କୁକୁର, ବିଲେଇ ବା ବିଲୁଆ) ଲାଳ ଦ୍ୱାରା ବ୍ୟାପିଥାଏ। ଥରେ ଏହି ରୋଗର ଲକ୍ଷଣ (ଯେପରିକି ପାଣିକୁ ଭୟ କରିବା, ଗଳା ବନ୍ଦ ହେବା, ମାନସିକ ସନ୍ତୁଳନ ହରାଇବା) ପ୍ରକାଶ ପାଇଲେ, ସଂକ୍ରମିତ ବ୍ୟକ୍ତି ବା ପଶୁର ମୃତ୍ୟୁ ପ୍ରାୟ ୧୦୦% ନିଶ୍ଚିତ ହୋଇଥାଏ। ଆମ ଦେଶରେ ଜଳାତଙ୍କ ରୋଗର ୯୫ ପ୍ରତିଶତ କୁକୁର କାମୁଡ଼ିବା ଦ୍ୱାରା ହୋଇଥାଏ। ରୋଗ ସୃଷ୍ଟିକାରୀ ଭୂତାଣୁ ସୁସ୍ଥ ପ୍ରାଣୀ ବା ମନୁଷ୍ୟର ଶରୀରରେ ପ୍ରବେଶ କରିବାର ୩ରୁ ୮ ସପ୍ତାହ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ ପାଇଥାଏ। ପ୍ରାରମ୍ଭିକ ଅବସ୍ଥାରେ କାମୁଡ଼ା ସ୍ଥାନ ପୋଡ଼ାଜଳା କରେ ଓ ଯନ୍ତ୍ରଣା ଅନୁଭୂତ ହୁଏ। କ୍ରମଶଃ ଶରୀରର ତାପମାତ୍ରା ବୃଦ୍ଧି, ମୁଣ୍ଡ ବ୍ୟଥା, କ୍ଷୁଧାହୀନତା, ଗିଳିବାରେ ଅସୁବିଧା, ଦ୍ୱନ୍ଦ୍ୱ, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ଆଦି ଲକ୍ଷଣ ଦେଖାଯାଏ। ମାନସିକ ଭାରସାମ୍ୟ ହରାଇବା ସଙ୍ଗେ ସଙ୍ଗେ ରୋଗୀ ଅତ୍ୟଧିକ ଉତ୍ତେଜିତ ଓ ହିଂସ୍ର ହୋଇପଡ଼େ। ରୋଗୀ ପାଣି ପିଇବାରେ ବହୁତ କଷ୍ଟ ଅନୁଭବ କରେ, ଏପରିକି ପାଣି ଦେଖିଲେ ମଧ୍ୟ ଭୟଭୀତ ହୋଇପଡ଼େ। ତେଣୁ ଏହି ରୋଗର ଅନ୍ୟ ନାମ ହେଉଛି ଜଳାତଙ୍କ ବା ହାଇଡ୍ରୋଫୋବିଆ। ସାଧାରଣତଃ ଲକ୍ଷଣ ପ୍ରକାଶ ପାଇବାର ୭ ରୁ ୧୦ଦିନ ମଧ୍ୟରେ ରୋଗୀର ମୃତ୍ୟୁ ଘଟେ। ଜଳାତଙ୍କ ରୋଗର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ତେବେ କାଳବିଳମ୍ବ ନ କରି ରୋଗୀକୁ ଡାକ୍ତରଖାନା ନେଇ ଯିବା ଉଚିତ। ଜଳାତଙ୍କ ଏକ ମାରାତ୍ମକ ସଂକ୍ରାମକ ରୋଗ। ରୋଗୀର ଲାଳ, ଲୁହ, ବାନ୍ତି ଓ ପରିସ୍ରାରେ ଭୂତାଣୁ ରହିଥାନ୍ତି। ତେଣୁ ରୋଗୀର ଚିକିତ୍ସା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ତଥା ନର୍ସମାନେ ମୁହଁରେ ମାସ୍କ, ହାତରେ ଗ୍ଲୋଭସ୍, ଆଖିରେ ରଙ୍ଗିନ୍ ଚଷମା ଓ ଦେହରେ ପୂରାହାତ ଆପ୍ରନ୍ ପିନ୍ଧିବା ଅପରିହାର୍ଯ୍ୟ। ଏହାବାଦ୍ ଯେଉଁମାନେ ଘରେ ପୋଷା କୁକୁର କି ବିରାଡ଼ି ପାଳି ଥାଆନ୍ତି ସେମାନେ ଏମାନଙ୍କୁ ପ୍ରାଣୀ ଚିକିତ୍ସାଳୟକୁ ନେଇ ଜଳାତଙ୍କ ନିରୋଧୀ ପ୍ରତିଷେଧକ ଟିକା ଦେବା ଦରକାର।

ସ୍ୱସ୍ତି

ପଛରୁ ଡାକିବା ମନା

ସକାଳୁ ତଥା କୌଣସି ଜରୁରି କାମରେ ଘରୁ ବାହାରିବା ବେଳେ ପଛରୁ ଡାକିବାକୁ ଶୁଭ ବୋଲି କୁହାଯାଏ ନାହିଁ। ଅନେକ ଲୋକ ଏହାକୁ ପୁରୁଣା ପରମ୍ପରା ଭାବି ଅଣଦେଖା କରନ୍ତି। ତେବେ ବାସ୍ତୁ ଏବଂ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହା ପଛରେ କିଛି କାରଣ ରହିଛି।

- ସନାତନ ଧର୍ମରେ କୁହାଯାଇଛି ଯେ, ଘରୁ ବାହାରିବା ପରେ ପଛରୁ ଡାକିବା ମା' ଲକ୍ଷ୍ମୀଙ୍କ କୋପ ସହ ଜଡ଼ିତ। ଏହାର ପ୍ରଭାବ ଧନ, ବ୍ୟବସାୟ, ଆର୍ଥିକ ସ୍ଥିତି ଉପରେ ପଡ଼ିଥାଏ।
- କୌଣସି ଜରୁରି ତଥା ଶୁଭ କାମ ପାଇଁ ଘରୁ ବାହାରିଲେ ମନ ଲକ୍ଷ୍ୟ ଉପରେ କେନ୍ଦ୍ରିତ ଥାଏ। ଏଭଳି ସ୍ଥିତିରେ ପଛରୁ ଡାକିଲେ ଧ୍ୟାନ ଭଗ୍ନ ହୁଏ। ଏଥିରେ କାମରେ ବାଧା ଉପୁଜିପାରେ।
- ରାହୁକୁ ଭ୍ରମ, ଅଚାନକ ଦେଖାଦେଉଥିବା ବାଧା ଏବଂ ନକାରାତ୍ମକ ଶକ୍ତି ସହ ଯୋଡ଼ି ଦେଖାଯାଏ। ଘରୁ ବାହାରିବା ବେଳେ ପଛରୁ ଡାକିଲେ ମନ ବିଚଳିତ ହୋଇଯାଏ। ଯାହାକୁ ଶୁଭ ବୋଲି କୁହାଯାଏ ନାହିଁ।
- ଏହା ପଛରେ ଆଉ ଏକ ବ୍ୟାବହାରିକ କାରଣ ବି ଅଛି। ରାସ୍ତାରୁ ବାହାରିବା ବେଳେ ଜଣକୁ ସମୟ, ରାସ୍ତା ଏବଂ କାମ ଉପରେ ଧ୍ୟାନ ଦେବାକୁ ପଡ଼ିଥାଏ। ଅଚାନକ ପଛରୁ ଡାକିବା ଦ୍ୱାରା ଜଣେ ପଛକୁ ଚାହିଁ ଦେଖେ, ଫଳରେ ଧ୍ୟାନ କେନ୍ଦ୍ରିତ ପ୍ରଭାବିତ ହୋଇପାରେ।
- ତେବେ ଘରୁ ବାହାରିବା ବେଳେ କେହି ପଛରୁ ଡାକିଲେ ଆଦୌ ବିଚଳିତ ହେବା ଅନୁଚିତ। ବରଂ ଫେରି ଆସି ୧-୨ ମିନିଟ୍ ବସି ପାଣି ପିଅନ୍ତୁ। ଇଷ୍ଟଦେବଙ୍କୁ ସ୍ମରଣ କରି ଶାନ୍ତ ମନରେ ପୁଣି ଘରୁ ବାହାରନ୍ତୁ।

ପିତୃପକ୍ଷରେ ଦାନ

ଆରମ୍ଭ ହୋଇଛି ପିତୃପକ୍ଷ। ପ୍ରତିବର୍ଷ ଭାଦ୍ରବ ପୂର୍ଣ୍ଣିମାରୁ ଆଶ୍ୱିନ କୃଷ୍ଣ ଅମାବାସ୍ୟା ବା ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଅବଧିକୁ 'ପିତୃପକ୍ଷ' ବା ଅପରପକ୍ଷ କୁହାଯାଏ। ଏହି ୧୬ ଦିନ ସମ୍ପୂର୍ଣ୍ଣ ପିତୃପୁରୁଷଙ୍କୁ ସମର୍ପିତ। ଲୋକ ବିଶ୍ୱାସ ଅନୁଯାୟୀ, ଏହି ସମୟରେ ପୂର୍ବପୁରୁଷଗଣ ପିତୃଲୋକ ତ୍ୟାଗ କରି ନିଜ ନିଜର ଉତ୍ତର ପୁରୁଷଙ୍କ ଘରେ ଅବସ୍ଥାନ କରିଥାନ୍ତି। ଏହିପକ୍ଷରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରାଯାଏ। ତେବେ ପିତୃପକ୍ଷରେ ଦାନ-ପୁଣ୍ୟର ବିଶେଷ ମହତ୍ତ୍ୱ ଅଛି।

- ପିତୃପକ୍ଷରେ ରୁପା ଜିନିଷ ଦାନ କରିବା ଅତ୍ୟନ୍ତ ଶୁଭ। କୁହାଯାଏ, ରୁପା ଦାନ କରିବା ଦ୍ୱାରା ପିତୃପୁରୁଷଙ୍କ ଆତ୍ମାକୁ ଶାନ୍ତି ମିଳେ ଏବଂ ସେମାନଙ୍କ ଆଶୀର୍ବାଦ ମିଳିଥାଏ।
- ଚାଉଳ, ରାଶି ଦାନ କରିବା ଦ୍ୱାରା ଜୀବନର ସମସ୍ୟା ଦୂର ହୋଇଥାଏ।
- ପିତୃପକ୍ଷରେ ଭୂମି ଦାନକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଏହା ଦ୍ୱାରା ପାପ ଓ ପିତୃଦୋଷରୁ ମୁକ୍ତି ମିଳେ।
- ପିତୃପକ୍ଷରେ ଗୁଡ଼ ଦାନ ମଧ୍ୟ ଲାଭକାରୀ। ଗୁଡ଼ ଦାନ ଦ୍ୱାରା ପରିବାରରେ ସୁଖ, ସମୃଦ୍ଧି ବୃଦ୍ଧି ପାଏ।

ପିତୃପକ୍ଷରେ ଗୋ ଦାନ ଦ୍ୱାରା କାର୍ଯ୍ୟରେ ବିଘ୍ନ ଦୂର ହୁଏ।

ଆଶ୍ୱିନ ମାସର ମହତ୍ତ୍ୱ

ହିନ୍ଦୁ ଧର୍ମରେ ଆଶ୍ୱିନ ମାସର ବିଶେଷ ମହତ୍ତ୍ୱ ଅଛି। ଏହି ମାସରେ ପୂଜା-ପାଠ କରିବା ଦ୍ୱାରା ବିଶେଷ ଫଳ ପ୍ରାପ୍ତି ହୁଏ। ଏହି ମାସରେ 'ପିତୃପକ୍ଷ', ଦେବୀ ପକ୍ଷ, 'ଶାରଦୀୟ ନବରାତ୍ରୀ', 'ବିଜୟଦଶମୀ', 'ନରକ ଚତୁର୍ଦ୍ଦଶୀ' ଭଳି ପର୍ବ ପାଳନ କରାଯାଏ।

- ଆଶ୍ୱିନ ମାସ ପିତୃପକ୍ଷ ଅବଧି ମଧ୍ୟରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରିବା ଉଚିତ। ଏହା ଦ୍ୱାରା ବିଶେଷ ଫଳପ୍ରାପ୍ତି ହୁଏ।
- ସେହିପରି ପିତୃପକ୍ଷ ଶେଷ ସହ ଶାରଦୀୟ ନବରାତ୍ରୀ ଆରମ୍ଭ ହୁଏ। ଏହି ନଅଦିନ ଯାକ ମା' ଭଗବତୀଙ୍କ ଦିବ୍ୟରୂପକୁ ଉପାସନା କଲେ, ମନୋକାମନା ପୂରଣ ହୁଏ।
- ଆଶ୍ୱିନ ନବରାତ୍ର ସମୟରେ ପ୍ରତ୍ୟେକ ଦିନ ଦୁର୍ଗାସପ୍ତସତୀ ପାଠ କରିବା ଉଚିତ।
- ଏହି ମାସରେ ସ୍ନାନ-ଦାନ କରିବା ଦ୍ୱାରା ବିଶେଷ ଲାଭ ମିଳେ। ଗଙ୍ଗା ଓ ପବିତ୍ର ନଦୀରେ ସ୍ନାନ କରିବା ଭଲ। ଏହି ମାସରେ ଗୁଡ଼ ଖାଇବା ଭଲ।
- ଆଶ୍ୱିନ ମାସରେ କ୍ଷୀର ଓ କଦଳୀ ଖାଇବା ମନା।
- ଏହାସହ ଆମିଷ, ବାଇଗଣ, ଚଣା, ସୋରିଷ ଶାଗ ନ ଖାଇବା ଭଲ।
- ଏହି ମାସ ଯାକ ସନ୍ଧ୍ୟାରେ ଦେବୀ ଦେବତା ଓ ପିତୃପୁରୁଷଙ୍କ ପାଇଁ ଦୀପ ଜାଳିବା ଉଚିତ।
- ଏହି ମାସରେ କାହା ସହିତ କଳି, ଝଗଡ଼ା, ଅହଂକାର ନ କରିବା ଭଲ।
- ଏହି ମାସରେ ବିବାହ, ଗୃହପ୍ରବେଶ ତଥା ଅନ୍ୟ ମାଙ୍ଗଳିକ ଶୁଭକାର୍ଯ୍ୟ କରିବା ଅନୁଚିତ।

ଭଙ୍ଗା ବାସନ ବ୍ୟବହାର କରୁଥିଲେ...

ବାସ୍ତୁ ଶାସ୍ତ୍ରରେ ବାସନର ସ୍ଥିତି ମଧ୍ୟ ଘରର ସୁଖ ସମୃଦ୍ଧି ସହିତ ଜଡ଼ିତ। ବିଶେଷକରି ଭଙ୍ଗା ବାସନରେ ଖାଦ୍ୟ ଖାଇବାକୁ ଶୁଭ ବୋଲି କୁହାଯାଇ ନାହିଁ।

- ବାସ୍ତୁ ଅନୁସାରେ, ଖରାପ ବାସନରେ ଖାଦ୍ୟ ଖାଇବା ଦ୍ୱାରା ରାହୁର ପ୍ରଭାବ ବଢ଼ିପାରେ। ଘରେ ଚିନ୍ତାଠୁ ଆରମ୍ଭ କରି ଆର୍ଥିକ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ଏଭଳି ବାସନ ବ୍ୟବହାରରୁ ବଞ୍ଚିତ ରହିବା ଦରକାର।
- ବାସ୍ତୁ ଶାସ୍ତ୍ରରେ ଘରର ଜିନିଷକୁ ବ୍ୟବସ୍ଥିତ ଏବଂ ଠିକ୍ ସ୍ଥିତିରେ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ତେଣୁ ଭଙ୍ଗା ବାସନକୁ ବ୍ୟବହାର କରିବାକୁ ଶୁଭ ବୋଲି କୁହାଯାଇ ନାହିଁ। ଭୋଜନକୁ ସମୃଦ୍ଧି ସହିତ ଯୋଡ଼ି ଦେଖାଯାଏ। ଏ ଦୃଷ୍ଟିରୁ ଭଙ୍ଗା ବାସନରେ ଖାଦ୍ୟ ପରଷିବାକୁ ଉଚିତ ବୋଲି କୁହାଯାଇ ନାହିଁ।
- ଘରର ଭଙ୍ଗା ଜିନିଷ ରାହୁ ସହିତ ସମ୍ବନ୍ଧିତ। ରାହୁକୁ ଭ୍ରମ, ଅବସାଦ, ନକାରାତ୍ମକ ସହ ଜଡ଼ିତ ଗ୍ରହ ବୋଲି ବିବେଚନା କରାଯାଏ। କୁହାଯାଏ, ଘରେ ଲଗାତାର ଭଙ୍ଗା ଜିନିଷ ପଡ଼ି ରହିଲେ ରାହୁ ପ୍ରଭାବ ବୃଦ୍ଧି ପାଏ। ଏହାଦ୍ୱାରା ପରିବାରରେ କଳି ଝଗଡ଼ା, ମନୋମାଳିନ୍ୟ ଦେଖାଦିଏ।
- ଧାର୍ମିକ ମାନ୍ୟତାନୁସାରେ, ମା' ଲକ୍ଷ୍ମୀଙ୍କ ସମ୍ବନ୍ଧ ସ୍ୱଚ୍ଛତା, ସୁନ୍ଦରତା ଏବଂ ବ୍ୟବସ୍ଥିତ ଘର ସହିତ ଜଡ଼ିତ। ତେଣୁ ଭଙ୍ଗା ଜିନିଷକୁ ଶୁଭ ବୋଲି କୁହାଯାଏ ନାହିଁ। ଏହାସହ ଘରେ ବ୍ୟବହାର କରାଯାଉଥିବା ବାସନ ପରିଷ୍କାର ଓ ଠିକ୍ ସ୍ଥିତିରେ ରହିବା ପରମ୍ପରା ରହିଛି।
- ଭଙ୍ଗା ବାସନରେ ଖାଦ୍ୟ ରଖିବା ଦ୍ୱାରା ସକାରାତ୍ମକ ଶକ୍ତି ପ୍ରଭାବିତ ହୁଏ। ବିଶେଷକରି ଯେଉଁ ବାସନରେ ଖାଦ୍ୟ ପ୍ରସ୍ତୁତ କରାଯାଏ ବା ରଖାଯାଏ, ତାହା ଭାଙ୍ଗିଥିଲେ ତାହାକୁ ବ୍ୟବହାର କରିବା ଅନୁଚିତ।
- ବାସ୍ତୁ ଅନୁସାରେ ଖଣ୍ଡିତ ବାସନରେ ଖାଇଲେ ମନ ଓ ଘରର ବାତାବରଣ ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଏହା ଦ୍ୱାରା ଚିନ୍ତା ବୃଦ୍ଧି ପାଏ ଏବଂ ପରିବାରରେ ଅଯଥାରେ କଳି ଝଗଡ଼ା ଲାଗି ରହେ। ଏଣୁ କୌଣସି ପ୍ଲେଟ୍, କପ୍ ଗିନା ଭାଙ୍ଗିଯାଇଥିଲେ ତାହାକୁ ବାହାର କରି ଦେବା ଉଚିତ।

ଆଇଚି-ନାଗୋୟା ଏସିଆନ୍ ଗେମ୍ସ

ଆନ୍ସି, ଅନାହତ, ଅଭୟ ଓ ସର୍ବେଶଙ୍କୁ ରୌପ୍ୟ

ଟୋକିଓ,୨୭।୯ (ଏଜେନ୍ସି): ଜାପାନରେ ଚାଲିଥିବା ଏସିଆନ ଗେମ୍ସର ୯ମ ଦିନରେ ଭାରତକୁ ୭ଟି ପଦକ ମିଳିଛି। ଏହା ମଧ୍ୟରେ ୪ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ମିଳିଛି। ଏହାକୁ ମିଶାଇ ଭାରତକୁ ୪ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୧୭ କାଂସ୍ୟ ସହ ୩୭ଟି ପଦକ ଜିତି ତାଲିକାର ଦ୍ୱାଦଶ ସ୍ଥାନକୁ ଉଠିଛି।

ଆଜି ଅନୁଷ୍ଠିତ ସ୍କ୍ୱାଶର ଉଭୟ ମହିଳା ଓ ପୁରୁଷ ସିଙ୍ଗଲ୍ସରେ ଅନାହତ ସିଂ ଓ ଅଭୟ ସିଂ ରନର୍ସଅପ୍ ହୋଇ ୨ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ପରେ ଆଥଲେଟିକ୍ସର ମହିଳା ଲଙ୍ଗ୍ ଜମ୍ପରେ ଆନ୍ସି ସୋଜାନ ଓ ପୁରୁଷ ଲଙ୍ଗ୍ ଜମ୍ପରେ ଆଉ ୨ଟି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏମାନଙ୍କ ସହ ମହିଳା ୨୦୦ ମିଟର ଦୌଡ଼ରେ ହରିତା ଭଦ୍ର, ଡେକାଥଲନରେ ତେଜସ୍ୱୀନ ଶଙ୍କର ଓ ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ କାଂସ୍ୟ ପଦକ ସହ ଆଜିର ଅଭିଯାନ ଶେଷ କରିଛନ୍ତି। ଆସନ୍ତାକାଲି ୫ଜଣ ଆଥଲେଟ ଫାଇନାଲରେ ପ୍ରବେଶ କରିଥିଲାବେଳେ ଏମାନଙ୍କଠାରୁ ୫ମ ସ୍ୱର୍ଣ୍ଣପଦକ ଆଶା କରାଯାଉଛି।

ଆନ୍ସି, ସର୍ବେଶଙ୍କୁ ରୌପ୍ୟ ପଦକ

ଦୌଡ଼କୁଦରେ ଆଜି ଭାରତୀୟ ଆଥଲେଟମାନେ ୫ଟି ପଦକ ଜିତିଥିଲାବେଳେ ଜଣେ ହେଲେ ସ୍ୱର୍ଣ୍ଣପଦକ ଜିତିବାରେ ସଫଳ ହୋଇପାରି ନାହାନ୍ତି। ଫଳରେ ଭାରତକୁ ନିରାଶ ହେବାକୁ ପଡ଼ିଛି। ଆଜି ଅନୁଷ୍ଠିତ ଇଭେଣ୍ଟ ମଧ୍ୟରୁ ମହିଳା ଲଙ୍ଗ୍ ଜମ୍ପରେ ଆନ୍ସି ସୋଜାନ ଓ ପୁରୁଷ ହାଇ ଜମ୍ପ୍‌ରେ ସର୍ବେଶ କୁଶାରେ ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ଲଙ୍ଗ୍ ଜମ୍ପରେ ଆନ୍ସି ୬.୫୩ ମିଟର ଦୂରତାକୁ ଡେଇଁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଶେଷ ମୁହୂର୍ତ୍ତରେ ଚୀନ୍‌ର ୟିଙ୍ଗୟିଙ୍ଗ ହୁଆଙ୍ଗ ୬.୫୫ ମିଟରକୁ ଲମ୍ଫ ପ୍ରଦାନ କରି ଆନ୍ସିଙ୍କଠାରୁ ଏକପ୍ରକାର ସ୍ୱର୍ଣ୍ଣପଦକ ଛଡ଼ାଇ ନେଇଥିଲେ। ସେହିପରି ପୁରୁଷ ହାଇଜମ୍ପରେ ସର୍ବେଶ କୁଶାରେ ୨.୨୫ ମିଟରକୁ ଡେଇଁ ଦ୍ୱିତୀୟସ୍ଥାନରେ ରହି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ମହିଳା ଲଙ୍ଗ ଜମ୍ପ ପରି ଶେଷ ମୁହୂର୍ତ୍ତରେ ଚାଇନିଜ୍ ତାଇପେର ପ୍ରତିଯୋଗୀ ଚାଓ-ହୁସିଆନ ଫୁ' ୨.୨୭ ମିଟରକୁ ଡେଇଁ ସର୍ବେଶଙ୍କୁ ପଛରେ ପକାଇଦେଇଥିଲେ।

ହରିତା, ପାରୁଲ ଓ ତେଜସ୍ୱିନଙ୍କୁ କାଂସ୍ୟ ପଦକ

ଦୌଡ଼କୁଦରେ ଆଜି ଭାରତକୁ ଆଉ ୩ଟି ପଦକ ମିଳିଛି। ଏହି ୩ଟି ଯାକ କାଂସ୍ୟ ପଦକ ଅଟେ। ମହିଳା ୨୦୦ ମିଟର ଦୌଡ଼ରେ ହରିତା ଭଦ୍ର, ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ପାରୁଲ ଚୌଧୁରୀ ଓ ଡେକାଥଲନରେ ତେଜସ୍ୱିନ ଶଙ୍କରଙ୍କୁ କାଂସ୍ୟ ପଦକ ମିଳିଛି। ଡେକାଥଲନର ଶେଷ ଇଭେଣ୍ଟ ୧୫୦୦ ମିଟର ଦୌଡ଼ରେ ଭଲ ପ୍ରଦର୍ଶନ କରି ତେଜସ୍ୱିନ ତୃତୀୟ ସ୍ଥାନରେ ରହିବାରେ ସମର୍ଥ ହୋଇଥିଲେ। ଏସିଆନ୍ ଗେମ୍ସରେ ଏହା ତାଙ୍କର ଦ୍ୱିତୀୟ ପଦକ ଓ ଦ୍ୱିତୀୟ କାଂସ୍ୟ ମଧ୍ୟ। ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ପାରୁଲ ଚୌଧୁରୀ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ସହ ତୃତୀୟ ସ୍ଥାନରେ ରହିଥିଲେ। ସେ ୯ ମିନିଟ ୦୮.୬୭ ସେକେଣ୍ଡ ସମୟରେ ଏହି ରେସ୍ ପୂରଣ କରିଥିଲେ। ପୂର୍ବରୁ ମହିଳା ୨୦୦ ମିଟର ଦୌଡ଼ରେ ହରିତା ଭଦ୍ରଙ୍କୁ ମଧ୍ୟ କାଂସ୍ୟ ପଦକ ମିଳିଛି। ସେ ୨୩.୨୦ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କଠାରୁ ଗୋଟିଏ ସେକେଣ୍ଡ ଆଗରେ ରେସ୍ ପୂରଣ କରି ଜାପାନର ଆବିକେଇରୁଫୁକା ରୌପ୍ୟ ପଦକ ଜିତିନେଇଥିଲେ। ପୁରୁଷ ବିଭାଗରେ ଅନିମେଶ କୁଜୁର ୫ମ ସ୍ଥାନରେ ରହି ରେସ୍ ପୂରଣ କରିଥିଲେ।

ଫାଇନାଲରେ ହାରିଲେ ଅନାହତ, ଅଭୟ

ଏସିଆନ ଗେମ୍ସ ସ୍କ୍ୱାଶରେ ଆଜି ଭାରତର ଦୁଇ ପ୍ରତିଯୋଗୀ ସିଙ୍ଗଲ୍ସ ଫାଇନାଲରେ ପରାଜିତ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅଭୟ ସିଂ ଓ ମହିଳା ସିଙ୍ଗଲ୍ସରେ ଅନାହତ ସିଂ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ହାରିଯାଇଥିଲେ। ଏହା ଫଳରେ ସ୍କ୍ୱାଶ ଇଭେଣ୍ଟରେ ଭାରତକୁ ଆଜିର ଦୁଇଟି ରୌପ୍ୟ ପଦକ ମିଳିଥିଲା। ଗତକାଲି ଜ୍ୟୋସ୍ନା ଚିନ୍ନାପ୍ପା ଓ ଭେଲାଭାନ ସେନ୍ଥିଲ କୁମାର ମିକ୍ସଡ ଡବଲ୍ସରେ କାଂସ୍ୟ ପଦକ ଜିତିଥିଲେ। ଆଜି ପ୍ରଥମେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ମାଲେସିଆର ଇୟେନ୍ ୟୋ ଏନ୍‌ଜି ୩-୦ ଗେମ୍ସରେ ସହଜରେ ହାରିଯାଇଥିଲେ। ଏହା ଫଳରେ ଏସିଆନ ଗେମ୍ସରେ ସୌରଭ ଘୋଷାଲଙ୍କ ପରେ ଅଭୟ ଦ୍ୱିତୀୟ ଭାରତୀୟ ଭାବେ ରୌପ୍ୟ ପଦକ ପାଇଥିଲେ। ଗତଥର ସେ କାଂସ୍ୟ ପଦକ ଜିତିଥିବାରୁ ଏସିଆନ ଗେମ୍ସରେ ତାଙ୍କ ପଦକ ସଂଖ୍ୟା ୨ରେ ପହଞ୍ଚିଛି। ମହିଳା ସିଙ୍ଗଲ୍ସରେ ମଧ୍ୟ ଭାରତୀୟ ଖେଳାଳି ଅନାହତ ସିଂ ଫାଇନାଲରେ ପରାଜିତ ହୋଇଥିଲେ। ମାଲେସିଆର ଆଉ ଜଣେ ପ୍ରତିଯୋଗୀ ତଥା ଭାରତୀୟ ବଂଶୋଦ୍ଭବ ଶିବାସାଙ୍ଗରି ସୁବ୍ରମଣ୍ୟମ ମଧ୍ୟ ୩-୦ରେ ଅନାହତଙ୍କୁ ପରାସ୍ତ କରି ସ୍ୱର୍ଣ୍ଣପଦକ ଜିତିନେଇଥିଲେ। ଏହା ସହ ସେ ପ୍ରଥମ ଭାରତୀୟ ଭାବେ ଫାଇନାଲରେ ପ୍ରବେଶ କରିବା ସହ ରୌପ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ।

ଫାଇନାଲରେ ସନ୍ତୋଷ, ବିଥ୍ୟା, ଅନୁ, ଶ୍ରୀଶଙ୍କର ଓ ପଲ୍ଲୁରାଜ

ଭାରତର ଆଉ କିଛି ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ପଦକ ଆଶାରେ ରହିଛନ୍ତି। ଏହା ମଧ୍ୟରୁ ପୁରୁଷ ୪୦୦ ମିଟର ହର୍ଡଲ୍ସରେ ସନ୍ତୋଷ ତାମିଲରସନ, ଲଙ୍ଗ୍‌ଜମ୍ପ୍‌ରେ ମୁରଲୀ ଶ୍ରୀଶଙ୍କର ଦ୍ୱିତୀୟ ଓ ପଲ୍ଲୁରାଜ ଡେଭିଡ୍ ସୋଲୋମନ ୭ମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ୪୦୦ ମିଟର ହର୍ଡଲ୍ସରେ ମଧ୍ୟ ୨ଜଣ ଭାରତୀୟ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବିଥ୍ୟା ରାମରାଜ ୫୫.୭୩ ଓ ଅନୁ ରାଘବନ ୫୫.୮୪ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଛନ୍ତି। ଉଭୟ ପ୍ରତିଯୋଗୀ ସେମାନଙ୍କ ହିଟ୍ସରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।

ବକ୍ସିଂରେ ୩ଟି ପଦକ ନିଶ୍ଚିତ

ଭାରତର ୩ଜଣ ବକ୍ସର ଏସିଆନ ଗେମ୍ସ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ଏହି ୩ଜଣ ଅତିକମ୍‌ରେ ୩ଟି କାଂସ୍ୟ ପଦକ ଜିତିବା ସ୍ପଷ୍ଟ କରିଛନ୍ତି। ସେମାନେ ହେଲେ ମହିଳା ୬୫ କେଜିରେ ପରବିନ, ପୁରୁଷ ୮୦ କେଜିରେ ଅଙ୍କୁଶ ଓ ୯୦ କେଜିରୁ ଉର୍ଦ୍ଧ୍ୱ କାଟେଗୋରୀରେ ନରେନ୍ଦର ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ଜିତିବା ନିଶ୍ଚିତ କରିଛନ୍ତି। କିନ୍ତୁ ୬୦ କେଜିରେ ସଚିନ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଥିଲେ।

ବ୍ୟାଡ୍‌ମିଣ୍ଟନରେ ନିରାଶ

ଭାରତର ବ୍ୟାଡ୍‌ମିଣ୍ଟନ ଖେଳାଳି ଆଜି ପ୍ରାୟ ସମସ୍ତ ବିଭାଗରେ ପରାଜିତ ହୋଇଛନ୍ତି। ପ୍ରଥମେ ଖେଳାଯାଇଥିବା ଡବଲ୍ସର ଉଭୟ ପୁରୁଷ ଓ ମହିଳା ବିଭାଗରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଏହା ମଧ୍ୟରୁ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ମହିଳା ବିଭାଗରେ ଓ ଧ୍ରୁବ କପିଲା ଓ ତାନିଶ କ୍ରାଷ୍ଟୋ ପୁରୁଷ ଡବଲ୍ସରେ ପରାଜିତ ହୋଇ ପଦକ ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଗତକାଲି ପ୍ରଥମ ରାଉଣ୍ଡରେ ପୁରୁଷ ଡବଲ୍ସ ଯୋଡି ସାତ୍ୱିକ ସାଇରାଜ ରଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ହାରିଯାଇଥିଲେ। ମହିଳା ସିଙ୍ଗଲ୍ସରେ ପିଭି ସିନ୍ଧୁ ଓ ଉନ୍ନତି ହୁଡାଙ୍କୁ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଛି।

ମହିଳା ହକି: ଭାରତ-କୋରିଆ ସେମିଫାଇନାଲ ବୁଧବାର

କାକାମିଗାହାରା,୨୭।୯ (ଏଜେନ୍ସି)

ଏସିଆନ ଗେମ୍ସ ମହିଳା ହକିର ସେମିଫାଇନାଲରେ କିଏ କାହା ସହ ଖେଳିବେ ତାହା ଆଜି ସ୍ଥିର ହୋଇଯାଇଛି। ଆସନ୍ତା ବୁଧବାର ଖେଳାଯିବାକୁ ଥିବା ସେମିଫାଇନାଲରେ ଭାରତ ସହ ଦକ୍ଷିଣ କୋରିଆର ଓ ଚୀନ୍ ସହ ଜାପାନର ମୁକାବିଲା ହେବ। ଆଜି ଖେଳାଯାଇଥିବା ଶେଷ ଲିଗ୍ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୭-୦ ଗୋଲରେ ସିଙ୍ଗାପୁରକୁ ପରାସ୍ତ କରି ପୁଲ-ବି'ରେ ପ୍ରଥମସ୍ଥାନରେ ରହିଥିଲା। ଏହା ପୂର୍ବରୁ ଭାରତ ୧୯-୦ରେ ଉଜ୍‌ବେକିସ୍ତାନକୁ, ୧୭-୧ରେ ଇଣ୍ଡୋନେସିଆକୁ, ୨୦-୧ରେ ଥାଇଲାଣ୍ଡକୁ ଓ ୩-୧ ଗୋଲରେ ଜାପାନକୁ ପରାସ୍ତ କରିବାରେ ସଫଳ ହୋଇଥିଲା। ଭାରତ ପରି ପୁଲ-ଏ'ରେ ଚୀନ୍ ଅପରାଜେୟ ସହ ପ୍ରଥମ, ଦକ୍ଷିଣ କୋରିଆ ଦ୍ୱିତୀୟ ସ୍ଥାନରେ ରହିଥିଲା। ବୁଧବାର ସେମିଫାଇନାଲ ଓ ଶୁକ୍ରବାର ଫାଇନାଲ ମୁକାବିଲା ହେବ। ଟୁର୍ଣ୍ଣାମେଣ୍ଟରେ ବ୍ୟକ୍ତିଗତ ଭାବେ ଭାରତର ଦୀପିକା ସେରାୱତ୍ ସର୍ବାଧିକ ୨୧ ଓ ନବନୀତ କୌର ୯ଟି ଗୋଲ ଦେଇ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।

ଚେସ୍ ଅଲିମ୍ପିଆଡ: ପୁରୁଷଙ୍କୁ ରୌପ୍ୟ, ମହିଳାଙ୍କୁ କାଂସ୍ୟ

ନୂଆଦିଲ୍ଲୀ,୨୭।୯ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତ ଏଥର ଚେସ୍ ଅଲିମ୍ପିଆଡରେ ଟାଇଟଲ ବଜାୟ ରଖିବାରେ ବିଫଳ ହୋଇଛି। ଏହା ସତ୍ତ୍ୱେ ଅର୍ଜୁନ ଏରାଇଗାଇସିଙ୍କ ବୀରତ୍ୱପୂର୍ଣ୍ଣ ପ୍ରଦର୍ଶନ ବଳରେ ଭାରତ ପୁରୁଷ ବିଭାଗରେ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛି। କିନ୍ତୁ ମହିଳା ଦଳକୁ କାଂସ୍ୟ ପଦକ ମିଳିଛି। ସବିତା ଶ୍ରୀ'ଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତୀୟ ମହିଳା ଦଳ ପଦକ ଜିତି କିଛିଟା ସମ୍ମାନ ରକ୍ଷା କରିବାରେ ସଫଳ ହୋଇଛି। ବ୍ୟକ୍ତିଗତ ପୁରୁଷ ଚାମ୍ପିଅନ ଡି ଗୁକେଶ ଓ ମହିଳା ଚାମ୍ପିଅନ ଦିବ୍ୟା ଦେଶମୁଖ ଏହି ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ।

ଭାରତ-ଆଫଗାନିସ୍ତାନ କ୍ୱାର୍ଟରଫାଇନାଲ ଆଜି

ପୁରୁଷ କ୍ରିକେଟ

ନିଶିନ୍, ୨୭।୯ (ଏଜେନ୍ସି): ପୁରୁଷ କ୍ରିକେଟରେ ଆସନ୍ତାକାଲି ଓ ତା'ପରଦିନ ପୁରୁଷକ୍ୱାର୍ଟର ଫାଇନାଲ ଖେଳାଯିବ। ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ପାକିସ୍ତାନ ସହ ହଂକଂର ଓ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ସହ ଆଫଗାନିସ୍ତାନର ମୁକାବିଲା (ପୂର୍ବାହ୍ଣ ୧୦ଟାରେ) ହେବ। ସେହିପରି ଏହାର ପରଦିନ ଅର୍ଥାତ୍ ୨୯ ତାରିଖରେ ଶ୍ରୀଲଙ୍କା ସହ ନେପାଳର ଓ ପରେ ବାଂଲାଦେଶ ସହ ମାଲେସିଆର ମୁକାବିଲା ହେବ। ଏହି ମୁକାବିଲାର ବିଜେତା ଦଳ ମଧ୍ୟରେ ଅକ୍ଟୋବର ୧ରେ ଦୁଇଟିଯାକ ସେମିଫାଇନାଲ ଓ ଅକ୍ଟୋବର ୩ରେ କାଂସ୍ୟ ଓ ସ୍ୱର୍ଣ୍ଣପଦକ ଲାଗି ମୁକାବିଲା ହେବ। ସୂଚନାଯୋଗ୍ୟ ପାକିସ୍ତାନ, ଭାରତ, ଶ୍ରୀଲଙ୍କା ଓ ବାଂଲାଦେଶ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। କ୍ୱାଲିଫାୟର ଟୁର୍ଣ୍ଣାମେଣ୍ଟରୁ ଆଫଗାନିସ୍ତାନ, ନେପାଳ, ହଂକଂ ଚୀନ୍ ଓ ମାଲେସିଆ ଯୋଗ୍ୟତା ଅର୍ଜନ କରି କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ମହିଳା ବିଭାଗରେ ପାକିସ୍ତାନକୁ ଦୟନୀୟ ଭାବେ ହରାଇ ଭାରତ ସ୍ୱର୍ଣ୍ଣପଦକ ଜିତିନେଇଛି।

ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି

କଟକ, କେନ୍ଦୁଝର ବିଜୟୀ

ଭୁବନେଶ୍ୱର,୨୭।୯ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଦ୍ୱାରା ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା ଟି୨୦ ଲିଗ୍ ସିଏମ୍ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ରବିବାର ସନ୍ଧ୍ୟା ସୁଦ୍ଧା ୨ଟି ମ୍ୟାଚ୍ ସମ୍ପନ୍ନ ହୋଇଛି। ଏହି ୨ଟି ମ୍ୟାଚ୍‌ରେ କଟକ ପାନ୍ଥର୍ସ, କେନ୍ଦୁଝର ମାଇନର୍ସ ବିଜୟୀ ହୋଇଛନ୍ତି। ପୂର୍ବରୁ ବର୍ଷା ଯୋଗୁଁ ବାତିଲ ହୋଇଥିବା କଟକ ପାନ୍ଥର୍ସ-ପୁରୀ ଟାଇଟାନ୍ସ ମ୍ୟାଚ୍ ରବିବାର ପୂର୍ବାହ୍ନରେ ଖେଳା ଯାଇଥିଲା ଏବଂ ଏହା ୧୦ ଓଭରର ହୋଇଥିଲା। ଏଥିରେ ପୁରୀ ଟାଇଟାନ୍‌ସକୁ ୯ ୱିକେଟ୍‌ରେ କଟକ ପାନ୍ଥର୍ସ ପରାସ୍ତ କରିଛି। ୩ଟି ମ୍ୟାଚ୍ ହାରିବା ପରେ ଏହା କଟକ ପାନ୍ଥର୍ସର ପ୍ରଥମ ବିଜୟ। ୧୦ ଓଭରର ମ୍ୟାଚ୍‌ରେ ଟସ୍ ଜିତି କଟକ ପାନ୍ଥର୍ସ ଫିଲ୍ଡିଂ କରିଥିଲା। ପୁରୀ ଟାଇଟାନ୍ସ ୧୦ ଓଭରରେ ୭ ୱିକେଟ୍ ହରାଇ ମାତ୍ର ୫୪ ରନ୍ କରି ପାରିଥିଲା। ୫ ଓଭରରେ ୧ ୱିକେଟ୍ ହରାଇ କଟକ ପାନ୍ଥର୍ସ ଜିତି ନେଇଥିଲା। ପୁରୀ ଟାଇଟାନ୍ସ ପାଇଁ ଅଧିନାୟକ ଆଶୀର୍ବାଦ ସ୍ୱାଇଁ ୧୮ ବଲ୍‌ରୁ ସର୍ବାଧିକ ୧୯ ଓ ସର୍ବେଶ୍ୱର ମହାନ୍ତି ୧୦ ବଲ୍‌ରୁ ୧୦ ରନ୍ କରିଥିଲେ। ଅନ୍ୟ କେହି ଦୁଇ ଅଙ୍କ ସ୍କୋର୍ କରି ପାରିନଥିଲେ। ପ୍ରଶାନ୍ତ ରଣା ୩ଟି ଓ ସାହିଲ ପ୍ରସାଦ ୨ଟି ୱିକେଟ୍ ନେଇଥିଲେ। ୫୫ ରନ୍ ଲକ୍ଷ୍ୟକୁ କଟକ ପାନ୍ଥର୍ସ ସହଜରେ ପିଛାକରି ଜିତିଥିଲା। ଏମ୍.ଜି. ଗୋପାଳ ୪ ରନ୍‌କରି ଆଉଟ୍ ହୋଇଥିଲେ। କାର୍ତ୍ତିକ ବିଶ୍ୱାଳ ୧୯ ବଲ୍‌ରୁ ୭ଟି ଚୌକା ସହ ୩୯ ଓ ଅଧିନାୟକ ବିପ୍ଳବ ସାମନ୍ତରାୟ ୮ ବଲ୍‌ରୁ ୧୩ ରନ୍‌କରି ଅପରାଜିତ ଥିଲେ। ପ୍ରଶାନ୍ତ ରଣା ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଅପରାହ୍ଣର ମ୍ୟାଚ୍‌ରେ ରାଉରକେଲା ସୁପରଷ୍ଟାର୍‌ସକୁ ୪୭ ରନ୍‌ରେ କେନ୍ଦୁଝର ମାଇନର୍ସ ପରାସ୍ତ କରିଛି। ଶୁଭ୍ରାଂଶୁ ସେନାପତି ଓ ସ୍ୱାଗତ ମିଶ୍ରଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରି କେନ୍ଦୁଝର ମାଇନର୍ସ ୭ ୱିକେଟ୍‌ରେ ୨୦୨ ରନ୍ କରିଥିଲା। ରାଉରକେଲା ସୁପରଷ୍ଟାର୍‌ସ ୯ ୱିକେଟ୍‌ରେ ୧୫୫ ରନ୍ କରି ପାରିଥିଲା।

ପ୍ରଥମ ଦିନିକିଆରେ ଜଷ୍ଟିନ୍ ଗ୍ରୀଭ୍‌ସଙ୍କ ଶତକ ବ୍ୟର୍ଥ

ଭାରତକୁ ଜିତାଇଲେ କୋହଲି-ଗିଲ୍

ତିରୁଅନନ୍ତପୁରମ,୨୭।୯ (ଏଜେନ୍ସି): ଅଧିନାୟକ ଶୁବମନ ଗିଲ୍(୧୧୦ରନ୍)ଙ୍କ ୧୦ମ ଦିନିକିଆ ଶତକ, ବିରାଟ କୋହଲି(ଅପରାଜିତ ୧୩୯)ଙ୍କ ୫୫ତମ ଶତକ ଓ କୁଲଦୀପ ଯାଦବ (୪/୪୦)ଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ଦିନିକିଆରେ ଆୟୋଜକ ଭାରତ ୮ ୱିକେଟରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଗୌହାଟୀର ବର୍ଷାପଡ଼ାରେ ଖେଳାଯିବ। ଏହି ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଭାରତର ବିରାଟ କୋହଲିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମ୍‌ରେ ଜଷ୍ଟିନ ଗ୍ରୀଭ୍‌ସ ୧୦୧, ଜନ୍ କ୍ୟାମ୍ପବେଲ ୬୨ ଓ ଅମିର ଜାଙ୍ଗୁ ଅପରାଜିତ ୫୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୯୫ ରନ୍ କରିଥିଲା। ଜବାବରେ ୨୯୬ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୪୧.୪ ଓଭରରେ ମାତ୍ର୨ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅଧିନାୟକ ଗିଲ ଓ କୋହଲିଙ୍କ ଦ୍ୱିତୀୟ ୱିକେଟରେ ୧୩୨ବଲ୍‌ରୁ ୧୫୧ରନ୍ ଉଠାଇ ଦଳକୁ ବିଜୟର ନିକଟତର କରାଇଥିଲେ। ଏଠାରେ ୩୧୫ତମ ଦିନିକିଆ ମ୍ୟାଚ୍ ଖେଳି ବିଶ୍ୱର ଦ୍ୱିତୀୟ ଖେଳାଳିଭାବେ ୧୫,୦୦୦ ରନ୍ ପୂରଣ କରିଥିବା କୋହଲି ମାତ୍ର ୮୮ ବଲ୍‌ରୁ ୧୦ ଚୌକା ଓ ୯ଛକା ସହ ୧୩୯ ରନ୍ କରି ଅପରାଜିତ ରହିଥିଲେ। ସେ ଓ ଋତୁରାଜ ଗାଏକ୍ୱାଡ ଅବିଭକ୍ତ ତୃତୀୟ ୱିକେଟରୁ ୭୫ ରନ୍ ଉଠାଇ ଦଳକୁ ଜିତାଇଥିଲେ। ପୂର୍ବରୁ ଗିଲ ଓ ରୋହିତ ଶର୍ମା (୩୨) ପ୍ରଥମ ୱିକେଟରୁ ୭୪ ରନ୍ ଉଠାଇଥିଲେ। ୯୬ତମ ବଲ୍‌ରେ ଦିନିକିଆ କ୍ୟାରିୟରର ୧୦ମ ଟେଷ୍ଟ ଶତକ ହାସଲ କରିଥିବା ଗିଲ୍ ୧୦୮ ବଲ୍‌ରୁ ୧୩ ଚୌକା ଓ ୧ଛକା ସହ ୧୧୦ରନ୍ ଉଠାଇଥିଲେ।

ଚମକ ଦେଖାଇଲେ କୁଲଦୀପ

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍‌ର ଦୁଇ ଓପନର ଗ୍ରୀଭସ ଓ କ୍ୟାମ୍ପବେଲ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରି ଭାରତକୁ ନିରାଶ କରିଥିଲେ। କିନ୍ତୁ କୁଲଦୀପ ଯାଦବ ବୋଲିଂ କରିବାକୁ ଆସି ଏହି ଯୋଡି ଭାଙ୍ଗିବା ପରେ ଦଳ ଆଉ ଦ୍ରୁତଗତିରେ ରନ୍ କରିପାରି ନ ଥିଲା। କ୍ୟାମ୍ପବେଲ ୬୦ବଲ୍‌ରେ ୬୨ ଓ ଗ୍ରୀଭ୍‌ସ ୧୦୮ ବଲ୍‌ରେ ୧୨ଟି ସୁନ୍ଦର ଚୌକା ସହ ୧୦୧ରନ୍‌ରେ ଆଉଟ ହୋଇଥିଲେ। କୁଲଦୀପ ପ୍ରଥମ ୫ଟି ମଧ୍ୟରୁ ୪ଟି ୱିକେଟ ନେବା ଫଳରେ ଦଳର ରନ୍ ହାର କମିଯାଇଥିଲା। ଶେଷ ଭାଗରେ ଜାଙ୍ଗୁ ୪୩ବଲ୍‌ରୁ ୭ ଚୌକା ଓ ୧ ଛକା ସହ ଅପରାଜିତ ୫୮ ରନ୍ ଉଠାଇବା ଫଳରେ ଦଳ ୭/୨୯୫ରନ୍‌ର ଏକ ସମ୍ମାନଜନକ ସ୍କୋର କରିବାରେ ସଫଳ ହୋଇଥିଲା। କୁଲଦୀପଙ୍କ ବ୍ୟତୀତ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୨ଟି ଓ ନୀଶୀଥ ରେଡ୍ଡୀଙ୍କୁ ୨ଟି ୱିକେଟ ମିଳିଥିଲା। ନମନ ଧୀର ଏଠାରେ ଭାରତ ଲାଗି ଡେବ୍ୟୁ କରିଥିଲେ।

ନିର୍ମଳ ପଟ୍ଟନାୟକ ସ୍ମାରକୀ ଚେସ୍: ଆଦିତ୍ୟ ଚାମ୍ପିଅନ

ଭୁବନେଶ୍ୱର,୨୭।୯ (ସମିସ): ୟୁନିଟ୍-୧ ମଦର୍ସ ପବ୍ଲିକ ସ୍କୁଲ୍‌ର ଆଦିତ୍ୟ ଶଙ୍କର ବେହେରା ଏଠାରେ ରବିବାର ଅନୁଷ୍ଠିତ ଦିନିକିଆ ନିର୍ମଳ ପଟ୍ଟନାୟକ ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ସେ ୩.୫ ପଏଣ୍ଟ ପାଇ ପ୍ରଥମ ହୋଇଛନ୍ତି। ତାଙ୍କ ସହ ୟୁନିଟ୍-୯ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶନନ୍ଦ ଗୋସ୍ୱାମୀ ସମାନ ୩.୫ ପଏଣ୍ଟ ରଖି ରନର୍ସଅପ୍, ତାଙ୍କ ଭାଇ ଆତିଶନନ୍ଦ ଗୋସ୍ୱାମୀ ତୃତୀୟ, ମଡେଲ ଇଂଲିଶ ମିଡିୟମ ସ୍କୁଲ୍‌ର ସାତ୍ତ୍ୱିକ ମହାନ୍ତି ଚତୁର୍ଥ ଓ ସେଣ୍ଟ ଯୋଶେଫ ହାଇସ୍କୁଲ୍‌ର ସାଇ ସାର୍ଥକ ବାରିକ ୫ମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ପରିଚାଳନା କରିଥିଲେ।

ସାହାଣୀ କପ୍ ଫୁଟବଲ: କଟକ, ସମ୍ବଲପୁରର ବୃହତ୍ ବିଜୟ

ଭୁବନେଶ୍ୱର,୨୭।୯ (ସମିସ): ରାଜ୍ୟର ୪ଟି ସ୍ଥାନରେ ଖେଳାଯାଉଥିବା ଆନ୍ତଃଜିଲ୍ଲା ସାହାଣୀ କପ୍ ଫୁଟବଲରେ ଆଜି ଅନୁଷ୍ଠିତ ମୁକାବିଲାରେ କଟକ, ସମ୍ବଲପୁର ଓ ଝାରସୁଗୁଡା ବୃହତ୍ ବିଜୟ ହାସଲ କରିଛି। ୪ଟି ଜୋନରେ ଆଜି ଅନୁଷ୍ଠିତ ୮ଟି ମ୍ୟାଚ୍‌ରୁ କେବଳ ନୟାଗଡ଼ ଓ ଗଞ୍ଜାମ ମଧ୍ୟରେ ଖେଳାଯାଇଥିବା ଡ୍ର ମ୍ୟାଚ୍‌କୁ ବାଦ୍ ଦେଇ ଅନ୍ୟ ସବୁ ମ୍ୟାଚ୍‌ର ଫଳାଫଳ ମିଳିଥିଲା। ଏହି ମ୍ୟାଚ୍ ସହ ସୁବର୍ଣ୍ଣପୁର ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ରେ କଟକ ୧୩-୦ ଗୋଲରେ ପୁରୀକୁ ହରାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY